# ଧରିତ୍ରୀ
DHARITRI

ପୃଷ୍ଠା–୧୨+୮

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୬/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Friday, February 16/2024 Page 20 ₹ 7.00

୫୦ଶ ଭାଗ ୮୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 84 ମୂଲ୍ୟ ₹୭/-







KP GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP GROUP
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN. NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: YouTube

DHARITRI
ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୬/୨୦୨୪ | Bhubaneswar, Friday, February 16/2024 | ପୃଷ୍ଠା-୧



## ବ୍ଲେକ୍ ଗୋଭର୍ସଙ୍କ ଡବଲ ଗୋଲ୍

ଭାରତ ବିପକ୍ଷ ଏଫ୍ଆଇଏଚ୍ ପ୍ରୋ ହକି ଲିଗ୍ ବିଜୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ବ୍ଲେକ୍ ଗୋଭର୍ସ ଦୁଇଟି ଗୋଲ୍ ସ୍କୋର କରିଛନ୍ତି।

୧୦

୦୬

## ମୋ ଦ୍ୱାରା ରାଜନୀତି ହେବନାହିଁ: ମିମି

ପଶ୍ଚିମବଙ୍ଗ ଯାଦବପୁର ଏମ୍‌ପି ମିମି ଚକ୍ରବର୍ତ୍ତୀ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଦ୍ୱାରା ରାଜନୀତି ହେବନାହିଁ ବୋଲି ସେ କହିଛନ୍ତି।



# ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନ ସହ ହେବ

**ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି**

ଭୁବନେଶ୍ୱର,୧୫।୨(ଅନିଲ ଦାସ)

ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଉଥିବା ବ୍ୟକ୍ତିଙ୍କ ତ୍ୟାଗ ଓ ସାହସର ସ୍ୱୀକୃତି ସ୍ୱରୂପ ସେମାନଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନର ସହ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏହି ଘୋଷଣା କରିଛନ୍ତି। ଏହା ଦ୍ୱାରା ଅଙ୍ଗଦାନ କ୍ଷେତ୍ରରେ ବ୍ୟାପକ ସଚେତନତା ଆସିବ। ଏଥିସହିତ ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବା ପାଇଁ ଏହା ସମାଜକୁ ପ୍ରେରଣା ଦେବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଅଙ୍ଗଦାନ ଏକ ମହତ୍ ଦାନ। ମସ୍ତିଷ୍କ ମୃତ୍ୟୁ ଘଟୁଥିବା ଲୋକଙ୍କ କ୍ଷେତ୍ରରେ ସେମାନଙ୍କ ଆତ୍ମୀୟମାନେ ସାହସିକ ନିଷ୍ପତ୍ତି ନେଇ ଅଙ୍ଗଦାନ ପାଇଁ ☞ପୃଷ୍ଠା–୭







# ଇଲେକ୍ଟୋରାଲ ବଣ୍ଡ ରଦ୍ଦ

■ ବଣ୍ଡକୁ ଅସାମ୍ବିଧାନିକ କହିଲେ ସୁପ୍ରିମକୋର୍ଟ

■ ଦଳୀୟ ଚାନ୍ଦା ବିବରଣୀ ପ୍ରକାଶ କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୫।୨(ପି.ଟି.)

ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ପାଇଁ ପ୍ରଚଳିତ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ସୁପ୍ରିମକୋର୍ଟ ଗୁରୁବାର ରଦ୍ଦ କରିଦେଇଛନ୍ତି। ଲୋକ ସଭା ନିର୍ବାଚନ ପୂର୍ବରୁ ସର୍ବୋଚ୍ଚ ଅଦାଲତଙ୍କ ଏହି ଐତିହାସିକ ରାୟ ସରକାରଙ୍କ ପାଇଁ ବଡ଼ ଝଟକା ହୋଇଛି। ଚାନ୍ଦା ସଂଗ୍ରହରେ ଇଲେକ୍ଟୋରାଲ ବଣ୍ଡର ପ୍ରଚଳନ ଅସାମ୍ବିଧାନିକ ବୋଲି ଅଦାଲତ କହିବା ସହ ଏହା ମାଧ୍ୟମରେ ଚାନ୍ଦା ଦେଇଥିବା ବ୍ୟକ୍ତି ଓ ଗ୍ରହଣ କରିଥିବା ଦଳଙ୍କ ନାଁ ଓ ଚାନ୍ଦା ପରିମାଣ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୮ର ଏହି ଯୋଜନା ମତବ୍ୟକ୍ତ କରିବାର ସ୍ୱାଧୀନ ଅଧିକାର ଏବଂ ତଥ୍ୟ ଜାଣିବା ଅଧିକାରର ଉଲ୍ଲଂଘନ କରୁଛି ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ କହିଛନ୍ତି। ରାଜନୈତିକ ଚାନ୍ଦା ସଂଗ୍ରହରେ ସ୍ୱଚ୍ଛତା ଆଣିବା ଏବଂ କଳାଧନ ରୋକିବା ପାଇଁ ଇଲେକ୍ଟୋରାଲ ବଣ୍ଡ୍ ପ୍ରଚଳନ କରାଯାଇଥିବା ସରକାର ଯୁକ୍ତି ଦର୍ଶାଇଥିଲେ ହେଁ, ସାମ୍ବିଧାନିକ ପୀଠ ଏଥିରେ ସହମତ ହୋଇ ନ ଥିଲେ। ବେଞ୍ଚର ଅନ୍ୟ ବିଚାରପତି ହେଲେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଓଇ, ଜେ.ବି. ପର୍ଦ୍ଦିୱାଲା ଏବଂ ମନୋଜ ମିଶ୍ର।

ଉକ୍ତ ଯୋଜନାକୁ ତୁରନ୍ତ ବନ୍ଦ କରିବା ସହ ବଣ୍ଡ୍ ବିକ୍ରି କରୁଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)କୁ ମାର୍ଚ୍ଚ ୬ ସୁଦ୍ଧା ସବିଶେଷ ବିବରଣୀ ଦେବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯ ଏପ୍ରିଲ ୧୨ରୁ ଅଦ୍ୟାବଧି କିଣାଯାଇଥିବା ଇଲେକ୍ଟୋରାଲ ବଣ୍ଡ ସମ୍ପର୍କରେ ଏସ୍‌ବିଆଇ ନିର୍ବାଚନ କମିଶନଙ୍କୁ ଜଣାଇବେ। ମାର୍ଚ୍ଚ ୧୩ ସୁଦ୍ଧା ଏହାର ସମସ୍ତ ତଥ୍ୟ କମିଶନଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶ ପାଇବ।

ଗୋପନ ବାଲଟ ବ୍ୟବସ୍ଥା ଭଳି ଚାନ୍ଦା ଦେଉଥିବା ବ୍ୟକ୍ତି ଓ ସଂସ୍ଥାଗୁଡ଼ିକର ନାଁ ଗୋପନ ରଖିବା ପାଇଁ ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ପ୍ରଚଳନ ହୋଇଥିଲା ବୋଲି କେନ୍ଦ୍ର ସରକାର ଦର୍ଶାଇଥିବା ତ୍ରୁଟିପୂର୍ଣ୍ଣ ଯୁକ୍ତିକୁ ଅଦାଲତ ଖଣ୍ଡନ କରିଦେଇଥିଲେ। ଉକ୍ତ ବଣ୍ଡ୍ ଜରିଆରେ ଶାସକ ଦଳଗୁଡ଼ିକ ଜନସାଧାରଣ ଏବଂ ସଂସ୍ଥା ଚାନ୍ଦା ଦେବା ପାଇଁ ବାଧ କରୁଥାଇପାରନ୍ତି। ଇଲେକ୍ଟୋରାଲ ବଣ୍ଡ୍ ଓ ଭୋଟରଙ୍କ ତଥ୍ୟ ଜାଣିବା ଅଧିକାରକୁ ଉଲ୍ଲଂଘନ କରିବା ପାଇଁ ସେଥିରେ ରହିଥିବା ବିବାଦୀୟ ବ୍ୟବସ୍ଥା ସମ୍ବିଧାନର ଅନୁଚ୍ଛେଦ ୧୯(୧)(କ)ରେ ରହିଥିବା ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତାର ଅଧିକାରର ଉଲ୍ଲଂଘନ କରୁଛି ବୋଲି ସାମ୍ବିଧାନିକ ପୀଠ କହିଥିଲେ। ଏଥିସହିତ ଏସ୍‌ବିଆଇ ଉକ୍ତ ବଣ୍ଡରେ ଚାନ୍ଦା ସଂଗ୍ରହ ସମ୍ପର୍କିତ ସବିଶେଷ ବିବରଣୀ ଦେବାକୁ ଅଦାଲତ ସର୍ବସମ୍ମତିକ୍ରମେ ୨୩୨ ପୃଷ୍ଠାର ରାୟ ଶୁଣାଇଥିଲେ।

ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟକୁ ଶାସକ ଭାଜପା ସମେତ ସବୁ ଦଳ ସ୍ୱାଗତ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ଆମେ ସମ୍ମାନ ଦେଉଛୁ। ଏହା ରାଜନୈତିକ ପାଣ୍ଠି ସଂଗ୍ରହରେ ସ୍ୱଚ୍ଛତା ଆଣିବ ବୋଲି ଭାଜପା ନେତା ତଥା ପୂର୍ବତନ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। କଂଗ୍ରେସ ରାୟକୁ ସ୍ୱାଗତ କରିବା ସହ ଏହା ନୋଟ ଉପରେ ଭୋଟ ଶକ୍ତିକୁ ସୁଦୃଢ଼ କରିବ ବୋଲି କହିଛି। ମୋଦି ସରକାର ଭବିଷ୍ୟତରେ ଏଭଳି ବିଚିତ୍ର ଚିନ୍ତାଧାରାର ସହାୟତା ନେବା ବନ୍ଦ କରି ସୁପ୍ରିମକୋର୍ଟଙ୍କ କଥା ଶୁଣିଲେ ଗଣତନ୍ତ୍ର ଓ ସ୍ୱଚ୍ଛତା ବଜାୟ ରହିପାରିବ ବୋଲି କଂଗ୍ରେସ ଆଶାବ୍ୟକ୍ତ କରିଛି। ଇଲେକ୍ଟୋରାଲ ବଣ୍ଡ୍ କାର୍ଯ୍ୟକାରୀ ହେବା ଦିନରୁ କଂଗ୍ରେସ ଏହାକୁ ଅସ୍ୱଚ୍ଛ ଓ ଅଗଣତାନ୍ତ୍ରିକ କହିବା ସହ ବିରୋଧ କରୁଥିଲା ବୋଲି ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ମୋଦି ସରକାରଙ୍କ ଏହି ବିବାଦୀୟ ଯୋଜନା ବନ୍ଦ କରିବା ପାଇଁ ୨୦୧୯ରେ କଂଗ୍ରେସ ଆଣିଥିବା ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା। ସେହିପରି ଇଲେକ୍ଟୋରାଲ ବଣ୍ଡ୍ ରଦ୍ଦ ରାୟକୁ ସିପିଆଇ(ଏମ୍) ସ୍ୱାଗତ କରିଛି। ଶାସକ ଦଳକୁ ସହାୟତା କରିବା ଲାଗି ଏଭଳି ଲଜ୍ଜାକର ଯୋଜନା ପ୍ରସ୍ତୁତ ହୋଇଥିଲା। ଏବେ ରାଜନୈତିକ ଓ ନିର୍ବାଚନୀ ଚାନ୍ଦା ସଂଗ୍ରହରେ ସଂସ୍କାର ଅଣାଯିବା ଜରୁରୀ ବୋଲି ଦଳର ପଲିଟି ବ୍ୟୁରୋ ପକ୍ଷରୁ କୁହାଯାଇଛି।



# ଆଜିଠୁ ଯୁକ୍ତ୨ ପରୀକ୍ଷା

**ପ୍ରଶ୍ନପତ୍ରରେ ଦାଗ ଲାଗିଲେ ଏମ୍‌ପି**

ଭୁବନେଶ୍ୱର, ୧୫।୨ (ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବ। ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷା ପାଇଁ ପରିଷଦ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଛାତ୍ରୀଛାତ୍ର ପରୀକ୍ଷା ଆରମ୍ଭ ହେବାର ଅଧ ଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ ଓ ୧୫ ମିନିଟ ପୂର୍ବରୁ ହଲ୍ ପ୍ରବେଶ କରିବେ। ୧୦ ମିନିଟ୍ ପୂର୍ବରୁ ଖାତା ଓ ୫ ମିନିଟ ପୂର୍ବରୁ ପ୍ରଶ୍ନପତ୍ର ☞ପୃଷ୍ଠା–୭

# ଆଜି ଭାରତ ବନ୍ଦ

ନଏଡା,୧୫।୨(ପି.ଟି.)

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)କୁ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ନେଇ କୃଷକ ସଂଗଠନଗୁଡ଼ିକ ଶୁକ୍ରବାର ଭାରତ ବନ୍ଦ ଡାକରା ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ନଏଡା ପୋଲିସ ପକ୍ଷରୁ ଜିଲାରେ ୧୪୪ ଧାରା ଜାରି ହେବା ସହ ବିନା ଅନୁମତିରେ ଲୋକେ ଏକାଠି ହେବା ଉପରେ କଟକଣା ଲଗାଯାଇଛି। ଦିଲ୍ଲୀକୁ ଯିବା ପାଇଁ କିମ୍ବା ଫେରିବା ପାଇଁ ଥିବା ଲୋକମାନଙ୍କ ନିମନ୍ତେ ଟ୍ରାଫିକ ଆଡଭାଇଜରି ଜାରି ହୋଇଛି। କେତେକ ରୁଟ୍‌ରେ ଯାତାୟାତ ବନ୍ଦ ହୋଇ ଅନ୍ୟ ରୁଟ୍‌ରେ ଯିବା ବ୍ୟବସ୍ଥା ହୋଇଛି। ଲୋକମାନେ ଯଥାସମ୍ଭବ ମେଟ୍ରୋ ରେଳସେବାର ଉପଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ସଂଯୁକ୍ତ କିଷାନ ☞ପୃଷ୍ଠା–୭

**ଆଜିର ସମ୍ପାଦକୀୟ**

## ଭୂରାଜନୈତିକ ବିଭାଜନ ଓ ଆର୍ଥିକ ପରିଣାମ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମତ୍ସ୍ୟ ପ୍ରାଣୀ ସମାବେଶ ଓଡ଼ିଶା–୨୦୨୪ ପକ୍ଷରୁ ୱାକାଥନ୍, ସ୍ଥାନ: କଳିଙ୍ଗ ଷ୍ଟାଡିୟମ୍, ସମୟ: ସକାଳ ୬ଟା।
- ଶ୍ରୀ ତ୍ରିନାଥ ଦେବଙ୍କ ୩୮ତମ ଜନ୍ମ ବାର୍ଷିକ ମହୋତ୍ସବ, ସ୍ଥାନ: ଆଦର୍ଶ ରାମପୁର କଲୋନୀ(ଏ), ମଧୁସୂଦନ ନଗର, ସମୟ: ସକାଳ ୬ଟା।
- ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ ପକ୍ଷରୁ ସାଧୁ ସନ୍ଥ ମହାକୁମ୍ଭ ମେଳା, ସ୍ଥାନ: ଖଣ୍ଡଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଆଦି କବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା ୩୦।
- ଜଗତ୍‌ସିଂହପୁର ଜିଲା ବିକାଶ ପରିଷଦ ଭୁବନେଶ୍ୱରର ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା।
- ମତ୍ସ୍ୟ ପ୍ରାଣୀ ସମାବେଶ ଓଡ଼ିଶା–୨୦୨୪, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୪ଟା।
- ସଂସ୍କାର ପକ୍ଷରୁ କମଳଦେଶ ରାଜକୁମାର କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୪୫।
- 'ଜୟଦେବ ସମାରୋହ–୨୦୨୪', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଆଦିକବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା ୩୦।
- ଜଳେଶ୍ୱର ମହାଦେବଙ୍କ ସପ୍ତବିଂଶ ସାମ୍ବତ୍ସରିକ ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: କଳାରାହାଙ୍ଗ, ସମୟ: ସନ୍ଧ୍ୟା ୭ଟା।
- ଆଜିର ମ୍ୟାଚ୍ (ହକି)
  ନେଦରଲାଣ୍ଡ ବନାମ ଅଷ୍ଟ୍ରେଲିଆ
  ସମୟ: ଅପରାହ୍ନ ୫ଟା୩୦
  ଭାରତ ବନାମ ଆୟର୍ଲାଣ୍ଡ
  ସମୟ: ସନ୍ଧ୍ୟା ୭ଟା ୩୦
  ଭେନ୍ୟୁ: କଳିଙ୍ଗ ଷ୍ଟାଡିୟମ୍।

## ପୁରୀ

- ସିଆଇଟିୟୁ ଓ ଅନ୍ୟାନ୍ୟ ଶ୍ରମିକ ସଂଗଠନ ପକ୍ଷରୁ ରେଳ ରୋକୋ ଓ ଧର୍ମଘଟ, ସ୍ଥାନ: ପୁରୀ ରେଲ୍‌ୱେ ଷ୍ଟେଶନ, ପୂର୍ବାହ୍ନ ୧୦ଟା।
- ବିଭିନ୍ନ ଗଣ ସଂଗଠନ ସମୂହ ପକ୍ଷରୁ ଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ପକ୍ଷରୁ ଅତିବଡ଼ିଙ୍କ ମହାପ୍ରୟାଣ ଦିବସ ପାଳନ, ସ୍ଥାନ: ବଡ଼ ଓଡ଼ିଆ ମଠ, ସମୟ: ସନ୍ଧ୍ୟା ୬ଟା।
- ଲକ୍ଷ୍ମୀ ବସ୍‌ର ଶୁଭ ଉଦ୍‌ଘାଟନ, ସ୍ଥାନ: ପୁରୀ ଇନ୍‌ଡୋର ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା ୩୦।
- ନବମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଅଲ୍ ଓଡ଼ିଶା ସର୍ବଭାରତୀୟ ଆମନ୍ତ୍ରିତ ଫୁଟବଲ ଟୁର୍ନାମେଣ୍ଟର ୨ୟ ସେମି ଫାଇନାଲ ମ୍ୟାଚ୍, ସ୍ଥାନ: ନିମାପଡ଼ାସ୍ଥିତ ବାରବାଟୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ନିମାପଡ଼ା ବ୍ଲକ ଅଧୀନ ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ଧଳେଶ୍ୱର ପଞ୍ଚାୟତ, ଲମ୍ଭିଲୋ ଖାଡମଲି ଠାକୁରାଣୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଗୋବିନ୍ଦପୁର ଆଦର୍ଶ ନୋଡାଲ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲବୀ ପବ୍ଲିକ ସ୍କୁଲର ୬ଷ୍ଠ ବାର୍ଷିକ ସାଂସ୍କୃତିକ ଉତ୍ସବ, ସ୍ଥାନ: ମଠ ସାହି ଛକ, ପିପିଲି, ସମୟ: ଅପରାହ୍ନ ୫ଟା।
- ସତ୍ୟବାଦୀ ବ୍ଲକ ଅଙ୍ଗନୱାଡି କର୍ମୀ ଓ ସହାୟକଙ୍କ ଶାନ୍ତିପୂର୍ଣ୍ଣ ଧାରଣା, ସ୍ଥାନ: ସତ୍ୟବାଦୀ ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## କଟକ

- ବିନୋଦବିହାରୀ ବାଲୁବଜାର ପୂଜା କମିଟି ପକ୍ଷରୁ କଳସ ଶୋଭାଯାତ୍ରା, ସ୍ଥାନ: ବିନୋଦବିହାରୀ ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୪ଟା।
- ଦିବାକର ରାଉତରାୟ ଓ ଇଚ୍ଛାମୟୀ ରାଉତରାୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ରାଉତରାୟ ଭବନ, ଖୁଣ୍ଟୁଣୀ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମଣିନାଗେଶ୍ୱର ପୀଠ,ମହୁଲଡିପ, ତିଗିରିଆ, ସମୟ: ସକାଳ ୭ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ବୁଦ୍ଧଜୟନ୍ତୀପୁର, ବୌଦ୍ଧବିହାର ପରିସର, ଜେମାଦେଇପୁର, ତିଗିରିଆ, ସମୟ: ପୂର୍ବାହ୍ନ ୧୦ଟା।
- ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ଏଟିଏମ୍ ଉଦ୍‌ଘାଟନ ଓ ପାକ୍ସଗୁଡିକୁ ଆର୍ଥିକ ସହାୟତା ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ବଡ଼ମ୍ବା ଶାଖା ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଖୋର୍ଦ୍ଧା ଜିଲାରେ ଲକ୍ଷ୍ମୀ ବସ୍‌ସେବା ଶୁଭାରମ୍ଭ, ସ୍ଥାନ: ହାବେଳି ପଡ଼ିଆ, ଖୋର୍ଦ୍ଧା, ସମୟ: ଅପରାହ୍ନ ୪ଟା ୩୦।
- ବେଗୁନିଆ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବେଗୁନିଆ ମିନି ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨ଟା।
- ସରସ୍ୱତୀ ଶିଶୁ ମନ୍ଦିରର ଚତୁର୍ବିଂଶ ସାମ୍ବତ୍ସରିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବୋଲଗଡ଼, ସମୟ: ଅପରାହ୍ନ ୪ଟା।
- ସାଇବାବାଙ୍କ ଜନ୍ମ ବାର୍ଷିକ ଉତ୍ସବ, ସ୍ଥାନ:ବୋଲଗଡ଼ ବସ୍‌ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ବସନ୍ତ ପଞ୍ଚମୀ ମହୋତ୍ସବ,ସ୍ଥାନ: ମଲ୍ଲିପଦର, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମଚରିତ ମାନସ ପ୍ରବଚନ, ସ୍ଥାନ: ଜଗନ୍ନାଥ ମଣ୍ଡପ,ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଏବିଭିପିର ନଗର ସମ୍ମିଳନୀ, ସ୍ଥାନ: ବାଲେଶ୍ୱର ଗୋପାଳଗାଁସ୍ଥିତ ଆୟୁଷ୍ମାନ କଲ୍ୟାମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।
- ମାଘସପ୍ତମୀ ଉପଲକ୍ଷେ ମା' କାଳୀଙ୍କ ଜନ୍ମୋତ୍ସବ, ସ୍ଥାନ: ଶ୍ରୀ ଗୋପୀନାଥ ସ୍ପିନିଂ ମିଲ୍ ପରିସର, ଦମୋଣିଦା ଛକ, ବାଲିଆପାଳ, ସମୟ: ସକାଳ ୭ଟା।

## ମୟୂରଭଞ୍ଜ

- ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ୱାର୍ଡ ନଂ. ୨୭ ଭିଆର୍‌ପି ସ୍କୁଲ ପଡ଼ିଆ ଏବଂ ୱାର୍ଡ ନଂ. ୨୪ ଜାଗ୍ୟ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- କ୍ରୀଡ଼ା ଓ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ବାରିପଦା କ୍ଷେତ୍ରପାଟଣା ମୁନସୀବନ୍ଧ, ସମୟ: ଅପରାହ୍ନ ୩ଟା।
- କେମ୍ବ୍ରିଜ ସ୍ମାର୍ଟ ସ୍କୁଲର ବାର୍ଷିକ ଉତ୍ସବ,ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା,ସମୟ:ଅପରାହ୍ନ ୩ଟା।
- ଏସ୍‌ଏସ୍‌କେ କ୍ଲବ ପକ୍ଷରୁ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ଶିରିଷବଣି,ସମୟ: ଅପରାହ୍ନ ୩ଟା।
- ବନଦୁର୍ଗା କ୍ଲବର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ଯୋଡିବନ୍ଧ, ସମୟ: ଅପରାହ୍ନ ୩ଟା।
- କ୍ରୀଡ଼ା ପ୍ରତିଯୋଗିତା ଓ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଭୋଲାଗଡ଼ିଆ ମୋହନସାହି, ଖୁଣ୍ଟା, ସମୟ: ଅପରାହ୍ନ ୩ଟା।
- ନୃତ୍ୟ ପ୍ରତିଯୋଗିତା, ସ୍ଥାନ: କରଞ୍ଜିଆ, ପାଇକବସା ଓ ବେହେରାସାହି, ସମୟ: ଅପରାହ୍ନ ୩ଟା।
- ବାର୍ଷିକ କ୍ରୀଡ଼ା, ସ୍ଥାନ: ଶାମାଖୁଣ୍ଟା ବ୍ଲକ ଧନପୁର, ସମୟ: ଅପରାହ୍ନ ୩ଟା।
- ଏକ୍ସଟ୍ରୀମ୍ କ୍ଲବର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖୁଣ୍ଟା ଟିକରପଡ଼ା, ସମୟ:ମଧ୍ୟାହ୍ନ ୧୨ଟା।
- ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ନୁଦୁଡିହା, କପ୍ତିପଦା, ସମୟ: ସକାଳ ୮ଟା।
- ଚନ୍ଦନପୁର ଆଶ୍ରମ ବିଦ୍ୟାଳୟ(ନୂତନ)ର ବାର୍ଷିକୋତ୍ସବ, ସ୍ଥାନ: ବଡ଼ସାହି ବ୍ଲକ ଚନ୍ଦନପୁର, ସମୟ: ଅପରାହ୍ନ ୪ଟା।
- ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ବଡ଼ସାହି ବ୍ଲକ ଉତ୍ତରପାଳ,ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରାବଣ ପୋଡ଼ି ପଡ଼ିଆ, ହଳଦୀପାଳ ଏବଂ ହାଟ ପାଖ ପଡ଼ିଆ, ଦାନ୍ତିଆମୁହାଁ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା୩୦।
- ଭଞ୍ଜସେନାର ଜନ ସମାବେଶ, ସ୍ଥାନ: ଆଦର୍ଶ ବିଦ୍ୟାଳୟ ସମ୍ମୁଖ ପଡ଼ିଆ, ଶୁଳିଆପଦା, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଜିଲାସ୍ତରୀୟ ଲକ୍ଷ୍ମୀ ବସ୍ ଶୁଭାରମ୍ଭ, ସ୍ଥାନ: ରାଣୀତାଲ ମେଡିକାଲ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୪ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଆର୍ଡୁ, ପଡ଼ୁଁଆ ଓ ଜଗନ୍ନାଥପୁର ପଞ୍ଚାୟତ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା (ସହରୀ) ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମୁନିପଦା,ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦।
- ବାର୍ଷିକ ବ୍ରହ୍ମ ଗୋଛନ୍ଦ ମହାଯଜ୍ଞ, ସ୍ଥାନ: ଅବଧୂତଧାମ ଅନନ୍ତବଟ କଣ୍ଟାବଣିଆ, ଜୟନଗର, ଧାମନଗର, ସମୟ: ପ୍ରାତଃ ୪ଟା ୩୦।

## କେନ୍ଦୁଝର

- ଏଆଇଟିୟୁସି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ ଟା।

## ରାୟଗଡ଼ା

- ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ, ସ୍ଥାନ: ଗୁଣପୁର କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଟ୍ରେଡ୍ ୟୁନିୟନ ପକ୍ଷରୁ ବନ୍ଦ ଡାକରା, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୬ଟା।

## ମାଲକାନଗିରି

- ନବ ନିର୍ମାଣ କୃଷକ ସଂଗଠନର ରାଲି, ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।
- ସଂଯୁକ୍ତ କିଷାନ ମୋର୍ଚ୍ଚା ସମ୍ମିଳନୀ, ସ୍ଥାନ : ଶିଖପାଲ୍ଲୀ ପଞ୍ଚାୟତ, ସମୟ: ମଧ୍ୟାହ୍ନ ୧୨ଟା।
- ଯୁବ କଂଗ୍ରେସର ଭାରତ ବନ୍ଦ ଡାକରା, ସ୍ଥାନ: ମାଲକାନଗିରି, ସମୟ :ସକାଳ ୬ଟା।

## କୋରାପୁଟ

- ସୁନାବେଡ଼ା ତାରିଣୀ ମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୬ଟା

## ବଲାଙ୍ଗୀର

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଦେଓଗାଁ ବ୍ଲକ ହାତୀସରା ଓ ସାରସମାଲ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ ବ୍ଲକ ଭାନପୁର ଓ ନାନ୍ଦୁପଲା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସ୍ଥାନ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ଭାରତ ବନ୍ଦ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୬ଟା।
- ଆରୋଗ୍ୟ ମେଳା, ସ୍ଥାନ: ସେକ୍ଟର–୧୩ ମେଲଣ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ,ସ୍ଥାନ: ଗରଗଡ଼ବାହାଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- 
- କୃଷି ଋଣ ଛାଡ଼ ଓ ୪ଟି ଶ୍ରମ କୋର୍ଡ ବାତିଲ ଦାବିରେ ଶୋଭାଯାତ୍ରା ଓ ସାଧାରଣ ସଭା, ସ୍ଥାନ: ଭବାନୀପାଟଣା, ସମୟ: ପୂର୍ବାହ୍ନ୧୦ଟା ।
- ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଧାରଣା, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଟିପିଡବ୍ଲୁଓଡିଏଲ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ଶିବିର, ସ୍ଥାନ: ଧର୍ମଗଡ଼ ବିଭାଗୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ୧୦ଟା।

## ନୂଆପଡ଼ା

- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଖଡ଼ିଆଳ ରାଜାଏଟି ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ।

## ବୌଦ୍ଧ

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ହରଭଙ୍ଗା ବ୍ଲକର ଛତରଙ୍ଗ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ବୌଦ୍ଧ ବ୍ଲକ ଜମଘାଟୀ ଗ୍ରାମ ମଣ୍ଡପ, ସମୟ: ସକାଳ ୬ଟା।

## ଦେବଗଡ଼

- ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଓ ଦେବଗଡ଼ ଜିଲା କୃଷକ ସଂଘ ତରଫରୁ ବାଇକ୍ ରାଲି ଗାଁ କୁ ଚାଲ, ସ୍ଥାନ: ଦେବଗଡ଼, ସମୟ: ଅପରାହ୍ନ ୧୧ଟା।
- ଷୋହଳ ପ୍ରହର ନାମ ଯଜ୍ଞ, ସ୍ଥାନ: ଦନ୍ତରିବାହଲ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ୧୯ତମ ପାତାଳି ମହୋତ୍ସବ ସପ୍ତମ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାତାଳି ଶ୍ରୀକ୍ଷେତ୍ର କୋଟସମଲାଇ, ସମୟ: ଅପରାହ୍ନ ୫ଟା ୩୦ ।
- ସର୍ବଭାରତୀୟ ୧୫ତମ ରାମଧୂନ କପ୍ ଫୁଟବଲ ଟୁର୍ନାମେଣ୍ଟ ପୁଲ–ବି'ର ଦ୍ୱିତୀୟ ମ୍ୟାଚ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ଇଙ୍କ୍‌ଫେଷ୍ଟ ଅବସରରେ ଓଡ଼ିଆ ଲିପି ଓ ସୁବର୍ଣ୍ଣପୁର ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସୋନପୁର ରୟାଲ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ବୀରମହାରାଜପୁର ବ୍ଲକ ଭାଲୁଡୁଙ୍ଗୁରୀ ଖେଳପଡ଼ିଆ, ସମୟ: ଅପରାହ୍ନ ୧ ଟା।
- ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ବୀରମହାରାଜପୁର ବ୍ଲକ ଖଣ୍ଡହତା ୟୁପି ସ୍କୁଲ ପରିସର, ସମୟ : ଅପରାହ୍ନ ୩ ଟା ।
- ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଉଲୁଣ୍ଡା ବ୍ଲକ କୁମରକେଲି ୟୁପି ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ରକ୍ତଦାନ ଶିବିର, ସ୍ଥାନ:ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ପାତାଳୀଶ୍ରୀକ୍ଷେତ୍ର, ସମୟ:ପୂର୍ବାହ୍ନ ୧୦ ଟା ।
- ଫ୍ଲଡ ଲାଇଟ ସର୍କିଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଉଲୁଣ୍ଡା ବ୍ଲକ ଗୁରପଙ୍ଗା ଖେଳପଡ଼ିଆ, ସମୟ: ସନ୍ଧ୍ୟା ୭ ଟା ।
- ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ମୋ ପଞ୍ଚାୟତ ବିକାଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ ଟା ।

## ଅନୁଗୋଳ

- କାୟାକଳ୍ପ ଟିମ୍ ପରିଦର୍ଶନ, ସ୍ଥାନ: ଛେଣ୍ଡିପଦା ଓ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଂଗ୍ରେସ ପକ୍ଷରୁ ଆନ୍ଦୋଳନ, ସ୍ଥାନ:ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନ, ସମୟ:ସକାଳ ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ବନଦୁର୍ଗା ଶକ୍ତିପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଅନନ୍ତ ନାରାୟଣ ନବରାତ୍ର ମହାଯଜ୍ଞ, ସ୍ଥାନ: ଅନୁଗୋଳ ମନ୍ଦରଗିରି, ସମୟ: ଅପରାହ୍ନ ୧ଟା ୩୦।

## ଗଞ୍ଜାମ

- ବିଏମ୍‌ସି କାଉନସିଲ ବୈଠକ, ସ୍ଥାନ: ବ୍ରହ୍ମପୁର ମହାନଗର ନିଗମ ନୂତନ ସମ୍ମିଳନୀ କକ୍ଷ,ସମୟ: ଅପରାହ୍ନ ୫ଟା।
- ଉମଙ୍ଗ ଯୁବ ମହୋତ୍ସବ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୫ଟା।
- ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠାର ବାର୍ଷିକୋତ୍ସବ, ସ୍ଥାନ: କୁମ୍ଭାରପଲୀ, ଶିଳ୍ପାଞ୍ଚଳ, ସମୟ: ସକାଳ ୬ଟା।
- ବିଭିନ୍ନ ସଙ୍ଗଠନର ଧର୍ମଘଟ, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ସକାଳ ୯ଟା।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ, ସ୍ଥାନ: ବୁଗୁଡା ସତ୍‌ସଙ୍ଗ କେନ୍ଦ୍ର, ସମୟ: ସକାଳ ୭ଟା
- ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ସମାରୋହ, ସ୍ଥାନ: ବୁଗୁଡା ବିରଞ୍ଚିନାରାୟଣ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା, ସ୍ଥାନ: ବୁଗୁଡା ଏନ୍‌ଏସି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ବିରଞ୍ଚିନାରାୟଣଙ୍କ ତିଳ ସପ୍ତମୀ ରଥଯାତ୍ରା, ସ୍ଥାନ: ବୁଗୁଡା ବଡଦାଣ୍ଡ, ସମୟ: ସନ୍ଧ୍ୟା୬ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା, ସ୍ଥାନ: ରଙ୍ଗେଇଲୁଣ୍ଡା ବ୍ଲକ ଚାନ୍ଦପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଖଲ୍ଲିକୋଟ ହରହର ଭେଟଯାତ୍ରା, ସ୍ଥାନ: ଚିଲିକା ଗୁପ୍ତେଶ୍ୱର ପୀଠ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା

- ଫକୀରାବାଦସ୍ଥ ଆଜାଦ କ୍ଲବ ପକ୍ଷରୁ ଦିବାରାତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କେନ୍ଦ୍ରାପଡ଼ା ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଧର୍ମଘଟ, ସ୍ଥାନ: ତିନିମୁହାଣୀ ଛକ, ସମୟ: ସକାଳ ୬ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଖରିନାସୀ ଓ ପେଟଛେଲା ପଞ୍ଚାୟତ କାର୍ଯ୍ୟାଳୟ, ମହାକାଳପଡା, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ତଳକୁସୁମା ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଅନ୍ତେଇ ଓ ବେରୁହାଁ ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ବରୀ ବ୍ଲକ୍‌ର ଅଲିପୁର, କିମ୍ବିରିଆପାଳ, ମନ୍ଦାରୀ, ଗୋଳକୁଣ୍ଡ ଓ ବରୀ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ଅଭୟପୁର ପଞ୍ଚାୟତ, ବଡ଼କାଏମା ମଣ୍ଡପ, ଭବାନୀପୁର ପଞ୍ଚାୟତ କାର୍ଯ୍ୟାଳୟ, ଚହଟା ପଞ୍ଚାୟତ କାର୍ଯ୍ୟାଳୟ ଓ ଚୋରମୁହାଁ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ବିକୂଳ ତିଳକ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୬୪ତମ ଜୟନ୍ତୀ ଉତ୍ସବ ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ଅପରାହ୍ନ ୩ଟା ।
- ଲଳିତେଶ୍ୱର ନଗର ମା'ମଙ୍ଗଳା ପୀଠର ବାର୍ଷିକ ଉତ୍ସବ, ସ୍ଥାନ : ଲଳିତେଶ୍ୱର ନଗର, ସମୟ : ସନ୍ଧ୍ୟା ୭ଟା।

## ନୟାଗଡ଼

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ପୌରାଞ୍ଚଳ ୧୧,୧୨, ୧୩ ଓ ୧୪ ନଂ. ୱାର୍ଡ ପାଇଁ ଦେବୋତ୍ତର କଲୋନୀ ନବୀନ ମଣ୍ଡପ, ସମୟ: ଅପରାହ୍ନ ୧ଟା।
- ଭାଗବତ ସପ୍ତାହର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ରାଧାନାଥ କଲୋନୀ, ସମୟ : ସକାଳ ୯ଟା।
- ଶ୍ରୀଶ୍ରୀ ବାବା କପିଳେଶ୍ୱର ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବର ଅଙ୍କୁରାରୋପଣ, ସ୍ଥାନ: ନୟାଗଡ଼ ବ୍ଲକ କଳାହାଣ୍ଡି, ସମୟ : ସକାଳ ୯ଟା।
- ଲକ୍ଷ୍ମୀବସର ଶୁଭାରମ୍ଭ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା୩୦।
- ଅମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ନୟାଗଡ଼ ବ୍ଲକର ଘଡୁଆଳ, ସମୟ:ପୂର୍ବାହ୍ନ ୧୧ଟା୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି, ସମୟ:ମଧ୍ୟାହ୍ନ ୧୨ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧର୍ମର ଜୟ,
ପାପର କ୍ଷୟ।**

ଧର୍ମ ଓ ଭଲ କର୍ମ ପଥରେ କଣ୍ଟାଥାଏ ତଥାପି ତାହା ଆଲୋକିତ। ଧର୍ମ ହିଁ ଜୀବନର ପରମ ବନ୍ଧୁ, ଏହାର ବିଲୋପ ଘଟି ନ ଥାଏ। ଯିଏ ସତ୍ୟନିଷ୍ଠ ରହିଥାଏ, ଧର୍ମ ପଥରେ ଚାଲିଥାଏ ତା'ର ବିଜୟ ସୁନିଶ୍ଚିତ। ସେହିପରି ପାପ ବା କୁକର୍ମ ପଥ ସର୍ବଦା ସଂକୀର୍ଣ୍ଣ ଓ ଅନ୍ଧକାରମୟ। ପାପୀ ବା କୁକର୍ମୀର ପରାଜୟ ଅବଶ୍ୟମ୍ଭାବୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧୋବା ଘରେ ନାହିଁ ବାର ବରତ,
ନିତି କାଚିଲେ ନିତି ଭାତ।**

ଧୋବା ନିଇତି ଲୁଗା ବା କପଡା କାଚି ପଇଠ କଲେ ଗରାଖଙ୍କଠାରୁ ସେ ବାବଦ ଅର୍ଥ ପାଇଥାଏ। ପରିଶ୍ରମ କରି ସେ ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଡିପିସି ଉପରେ ହାଇକୋର୍ଟଙ୍କ ରୋକ

### ଓଡ଼ିଶା ପୋଲିସର ବିଭିନ୍ନ ବାଟାଲିୟନରେ କମାଣ୍ଡାଣ୍ଟ ପଦବୀକୁ ପଦୋନ୍ନତି ମାମଲା

**କଟକ,୧୫।୨ (କାର୍ତ୍ତିକ ସାହୁ):** ଓଡ଼ିଶା ପୋଲିସର ବିଭିନ୍ନ ବାଟାଲିୟନରେ ଥିବା କମାଣ୍ଡାଣ୍ଟ ପଦବୀକୁ ପଦୋନ୍ନତି ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଛି। ଡିପାର୍ଟମେଣ୍ଟାଲ ପ୍ରମୋଶନ କମିଟି(ଡିପିସି) ଉପରେ ହାଇକୋର୍ଟ ରୋକ୍ ଲଗାଇବା ସହ ଅନ୍ୟାଦେଶ ପର୍ଯ୍ୟନ୍ତ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଆସନ୍ତା ୨୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀ ଅନୁସାରେ, ରାଜ୍ୟ ଗୃହ ବିଭାଗ ପକ୍ଷରୁ ଓଡ଼ିଶା ପୋଲିସର ବିଭିନ୍ନ ବାଟାଲିୟନରେ କମାଣ୍ଡାଣ୍ଟ ପଦବୀକୁ ପଦୋନ୍ନତି ନିମନ୍ତେ ୨୦୨୨ ଡିସେମ୍ବର ୨୦ରେ ଚୂଡ଼ାନ୍ତ ଗ୍ରେଡେଶନ ତାଲିକା ପ୍ରକାଶ ପାଇଥିଲା। କମାଣ୍ଡାଣ୍ଟ ପଦବୀକୁ ପଦୋନ୍ନତି ପାଇଁ ଉଭୟ ବାଟାଲିୟନ ଅଫିସର ସୁବେଦାର ଓ ରିଜର୍ଭ ପୋଲିସର ରିଜର୍ଭ ଇନ୍ସପେକ୍ଟରମାନଙ୍କୁ ସୁଯୋଗ ମିଳିଥାଏ। ଉଭୟ ବର୍ଗ ମଧ୍ୟରୁ ବାଟାଲିୟନ ଅଫିସରଙ୍କ ସଂଖ୍ୟା ଅଧିକ ଥିବା କାରଣରୁ ୨:୧ ଅନୁପାତରେ ପଦୋନ୍ନତି ଦେବାକୁ ଆଇନରେ ବ୍ୟବସ୍ଥା ରହିଛି। ତେବେ ଏହି ଚୂଡ଼ାନ୍ତ ତାଲିକା ପ୍ରସ୍ତୁତି ସମୟରେ ବାଟାଲିୟନ ଅଫିସର ସୁବେଦାରମାନଙ୍କ ବରିଷ୍ଠତାକୁ ଅଣଦେଖା କରାଯାଇଛି ବୋଲି ଆବେଦନକାରୀ ଡେପୁଟି କମାଣ୍ଡାଣ୍ଟ ବିଭୂତି ଭୂଷଣ ମହାରଣା ଓ ଅନ୍ୟମାନଙ୍କ ପକ୍ଷରୁ ହାଇକୋର୍ଟରେ ରୁଜୁ ମାମଲାରେ ଅଭିଯୋଗ କରାଯାଇଛି। ଗୁରୁବାର ମାମଲାର ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ବୃହସ୍ପତିଙ୍କ ସହ ଚନ୍ଦ୍ର ରହିଥିବାରୁ ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ ଅବଶ୍ୟମ୍ଭାବୀ। ବୁଧ କର୍ମସ୍ଥାନରେ ଅବସ୍ଥାନ କରିଥିବାରୁ ବନ୍ଧୁବତ୍ସଳ, ବୌଦ୍ଧିକ ବିକାଶ ସହ ସାହାଯ୍ୟ ମନୋବୃତ୍ତି ଜାଗିବ। ଅଟକି ରହିଥିବା କାମ ସକାଶେ ପ୍ରତିକୂଳ ପରିସ୍ଥିତିରେ ଚାପ କମିଯିବ। ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି।

**ବୃଷ** – ଶୁକ୍ର ମଙ୍ଗଳ ଯୋଗ ପ୍ରଭାବରୁ କର୍ମକ୍ଷେତ୍ରରେ ପ୍ରତିଷ୍ଠା, ପାରିବାରିକ ଶାନ୍ତି ସାଙ୍ଗକୁ ଅର୍ଥନୈତିକ ବିକାଶ ଘଟିବ। ମନ ବୁଝିଲାଭଳି କଥା କହି ଆକସ୍ମିକ ସମସ୍ୟାକୁ ନିୟନ୍ତ୍ରଣ କରିପାରିବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କଳା, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, ଚଳଚ୍ଚିତ୍ର, ମନୋରଞ୍ଜନ କ୍ଷେତ୍ରରେ ସୁଫଳ ମିଳିବ।

**ମିଥୁନ** – ରାଶ୍ୟାଧିପ ଅଷ୍ଟମସ୍ଥ ଯୋଗୁ ସ୍ୱାସ୍ଥ୍ୟରେ ଅବନତି ସାଙ୍ଗକୁ ଅର୍ଥସଂକଟ ଦେଖାଦେଇପାରେ। ପ୍ରେସ୍ ପବ୍ଲିକେଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହେବାକୁ ପଡ଼ିପାରେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କର୍କଟ** – ଭାଗ୍ୟାଧିପଯୁକ୍ତ ରାଶ୍ୟାଧିପ ପ୍ରଭାବରେ କର୍ମାରମ୍ଭ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ, ଭ୍ରମଣ ସୁଯୋଗ ପାଇବେ। ସତ୍‌ସଙ୍ଗ, ବନ୍ଧୁଙ୍କ ନିମନ୍ତ୍ରଣ, ଦୂରଯାତ୍ରା ଓ ବନ୍ଧୁମିଳନ ହେତୁ ମନ ଖୁସି ରହିବ। କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବେ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିପାରନ୍ତି।

**ସିଂହ** – ଶନିକ୍ଷେତ୍ରସ୍ଥ ରବିଙ୍କ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ସୁଦ୍ଧା ଟେନ୍ସନ ଲାଗିରହିବ। ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିବା ସହ ହାତଖାଲି ରହିବାରୁ ମନରେ ସରସତା ରହିବ ନାହିଁ। ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ବନ୍ଧୁଙ୍କ ସହ ସାଧାରଣ ବଚସାରୁ ମନୋମାଳିନ୍ୟ ଘଟିପାରେ।

**କନ୍ୟା** – କୋଣଭାବରେ ଭାଗ୍ୟାଧିପ ଥିବା କାରଣରୁ କାର୍ଯ୍ୟସିଦ୍ଧି ଘଟିଲେ ମଧ୍ୟ ମଙ୍ଗଳ ପ୍ରଭାବରେ କଳହର ଆଶଙ୍କା ରହିଛି। ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ଆଲୋଚନାର ନିଷ୍ପତ୍ତି, ବନ୍ଧୁ ସମ୍ପର୍କ ଓ କର୍ମକ୍ଷେତ୍ର ନିରୁପଦ୍ରବ ରହିପାରେ। ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା** – ଶନି ଓ ରବିଙ୍କ ସ୍ଥିତି କାର୍ଯ୍ୟହାନି, ଧନପ୍ରାପ୍ତିରେ ବାଧା ଓ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ପାରିବାରିକ ସମସ୍ୟା ହେତୁ ମନରେ ସରସତା ରହି ନ ପାରେ। ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ତଥାପି ପ୍ରତ୍ୟୁଷ ଯାତ୍ରା, ଭ୍ରମଣ ପାଇଁ ମନ ବଳାଇପାରନ୍ତି।

**ବିଛା** – ଉଚ୍ଚସ୍ଥ ମଙ୍ଗଳ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସିଦ୍ଧିଲାଭ ଘଟିବ। ସ୍ୱାସ୍ଥ୍ୟ ଭଲ ରହିବ କିନ୍ତୁ ପରିବାରରେ ମତାନ୍ତରର ସମ୍ଭାବନା ରହିଛି। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ବ୍ୟବସାୟକୁ ଆଗକୁ ବଢ଼ାଇବାକୁ ପଦକ୍ଷେପ ଗ୍ରହଣ କରିପାରନ୍ତି। ଲେଖାପଢ଼ା, ଶିକ୍ଷା, ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଫଳପ୍ରଦ ହୋଇପାରେ।

**ଧନୁ** – ରାଶ୍ୟାଧିପ ସ୍ୱସ୍ଥାନକୁ ଦୃଷ୍ଟି ଦେଉଥିବାରୁ ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ଆବଶ୍ୟକତା ପୂରଣ ଦିଗରେ ଯତ୍ନଶୀଳ ହେବେ। ସରଳ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଶାରୀରିକ ସୁସ୍ଥତା ଫେରିପାଇବେ କିନ୍ତୁ ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହେବା ଠିକ୍ ହେବନାହିଁ। ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟରୁ ମନୋବଳ କ୍ରମଶଃ ବୃଦ୍ଧି ପାଇବ।

**ମକର** – ଧନସ୍ଥାନରେ ଅଷ୍ଟମାଧିପତିଙ୍କ ସହ ରାଶ୍ୟାଧିପ ପ୍ରଭାବରେ କାର୍ଯ୍ୟସାଧନ, ଅର୍ଥପ୍ରାପ୍ତିରେ ବାଧା ଉପୁଜିବ। ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ନିଜ ଲୋକଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେଇପାରେ।

**କୁମ୍ଭ** – ରାଶିରେ ପାପଗ୍ରହ ବଳବାନ୍ ଥିବାରୁ ପ୍ରତ୍ୟେକ କାର୍ଯ୍ୟରେ ଜୟଯୁକ୍ତ ହେବେ। ସ୍ୱଗୃହରେ ଶନି ସ୍ୱାସ୍ଥ୍ୟକୁ ନିରାମୟ ରଖିବାରେ ସାହାଯ୍ୟ କରିବେ। ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ପାଇଁ ମନ ବଳାଇବେ। ଆତ୍ମୀୟସ୍ୱଜନ,ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ କିମ୍ବା କଳହ ହେତୁ ଚିନ୍ତା କରିପାରନ୍ତି।

**ମୀନ** – ରାହୁ ନିଜ ରାଶିରେ ରହିଥିବାରୁ ମାନସିକ ସ୍ଥିରତା ରହି ନ ପାରେ। ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ କଥା କଟାକଟି ଘଟିପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ଓ ସଭାସମିତିରେ ଯୋଗଦେଲେ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହୋଇପାରନ୍ତି।

ଆଜି ଫେବୃଆରୀ ୧୬ ତାରିଖ, ମାଘ ଶୁକ୍ଳପକ୍ଷର ତିଳ ସପ୍ତମୀ ଶୁକ୍ରବାର। ଚନ୍ଦ୍ରଭାଗା ସ୍ନାନ ଓ ଯାତ୍ରା, ନବଦିନ ବ୍ୟାପୀ ଖଣ୍ଡଗିରିମେଳା ଆରମ୍ଭ, ଅତିବଡ଼ୀ ଜଗନ୍ନାଥ ଦାସ, ଆଦିକବି ଶାରଳା ଦାସ ଏବଂ ବିଦଗ୍ଧକବି ଅଭିମନ୍ୟୁ ସାମାନ୍ତସିଂହାରଙ୍କ ଜୟନ୍ତୀ, ଭୀଷ୍ମତର୍ପଣ ଓ ପିଣ୍ଡଦାନ। ରାଶି ନକ୍ଷତ୍ର– ଦିବା ଘ.୦୮।୪୭ ମି. ପରେ କୃତ୍ତିକା/ମେଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୯ ଗତେ ଘ. ୦୭।୦୪ ମଧ୍ୟେ, ଘ.୦୭।୫୦ ଗତେ ଘ.୦୯।୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୩୫ ଗତେ ଘ.୧୨।୦୦ ମଧ୍ୟେ ରାହୁ କାଳ ।


DSPL-663
#ନୂଆ-ଓ
ସ୍ୱପ୍ନ ଓଡ଼ିଶା ନବୀନ ଓଡ଼ିଶା
ଆମ ଓଡ଼ିଶା
ନବୀନ ଓଡ଼ିଶା
ନବୀନ ସରକାରଙ୍କ ନୂଆ-ଓ ଛାତ୍ରବୃତ୍ତି
ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷାର ସ୍ୱପ୍ନ ହେବ ସାକାର
ନୂଆ-ଓ ଛାତ୍ରବୃତ୍ତିର ବୈଶିଷ୍ଟ୍ୟ
₹୧୦,୦୦୦
ପ୍ରତି ଛାତ୍ରୀଙ୍କୁ ପ୍ରତିବର୍ଷ
₹୯,୦୦୦
ପ୍ରତି ଛାତ୍ରଙ୍କୁ ପ୍ରତିବର୍ଷ
• ଆର୍ଥିକ ଅନଗ୍ରସର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଅନ୍ତର୍ଭୁକ୍ତ
• ଉଚ୍ଚଶିକ୍ଷାରେ ସମାନତାକୁ ପ୍ରୋତ୍ସାହନ
• ସତ ହୋଇଛି ସୁନେଲି ଭବିଷ୍ୟତର ସ୍ୱପ୍ନ
OIPR-15001/13/0355/2324
ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର

ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା

-ମାଘ ସପ୍ତମୀ,
ଚନ୍ଦ୍ରଭାଗା ତୀର୍ଥେ ସ୍ନାନ,
ଭୀଷ୍ମାଷ୍ଟମୀ, ଶ୍ରୀମନ୍ଦିରେ
ମହାପୁରୁଷ ବୁଧନାଥ
ଦାସଙ୍କ ଜନ୍ମୋତ୍ସବ



# ଭୂରାଜନୈତିକ ବିଭାଜନ ଓ ଆର୍ଥିକ ପରିଣାମ




ଟୋବିୟାସ ବୁନ୍ଦେ
ନିର୍ଦ୍ଦେଶକ(ଗବେଷଣା ଓ ନୀତି), ମ୍ୟୁନିକ ସୁରକ୍ଷା ସମ୍ମିଳନୀ

ସୋଫି ଆଇସେଣ୍ଟ୍ରାଉଟ
ଗବେଷଣା ଓ ପ୍ରକାଶନ ମୁଖ୍ୟ, ମ୍ୟୁନିକ ସୁରକ୍ଷା ସମ୍ମିଳନୀ

ଅନ୍ତର୍ଜାତୀୟ ସମୁଦାୟ ଅଧିକ ଶାନ୍ତିପୂର୍ଣ୍ଣ ଏବଂ ଏକ ବିଶ୍ୱସ୍ତରୀୟ ବ୍ୟବସ୍ଥା ଆଡ଼କୁ ଯଦି କେବେ ଅଗ୍ରସର ହୋଇଥଲା, ତେବେ ତାହା ଶୀତଳ ଯୁଦ୍ଧର ପ୍ରାରମ୍ଭ ସମୟରେ ହିଁ ଘଟିଥିଲା। ସେହି ସମୟରେ ବୈଶ୍ୱିକ ଶାସନରେ ତ୍ରୁଟି ଥିଲେ ବି ଏକ ବୃହତ୍ ଶକ୍ତିର ବିପଦ କମ୍ ହୋଇଥିବା ଦେଖାଯାଉଥିଲା ଏବଂ ଦାରିଦ୍ର୍ୟ ହ୍ରାସ ପାଉଥିଲା। ତେବେ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ପରିବେଶର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ସମ୍ମିଳନୀଗୁଡ଼ିକର ପ୍ରାରମ୍ଭିକ ଫଳାଫଳ ମାନବିକତାର ସବୁଠାରୁ କଠିନ ସମସ୍ୟାଗୁଡ଼ିକ ପାଇଁ ମହତ୍ତ୍ୱପୂର୍ଣ୍ଣ ସମାଧାନର ଆଶା ଉଜ୍ଜୀବିତ କରିଥିଲା। କିନ୍ତୁ ଭୂରାଜନୈତିକ ତିକ୍ତତା ଏବଂ ଅର୍ଥନୈତିକ ଅନିଶ୍ଚିତତା ସେହି ଯୁଗର ଆଶାବାଦ ଏବଂ ଅଭିଳାଷକୁ ବହୁ ପୂର୍ବରୁ ସଫଳ ହେବାକୁ ଦେଇ ନାହିଁ। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ କହିଛନ୍ତି ଯେ, ଜରୁରୀ ଆହ୍ୱାନର ମୁକାବିଲା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ପରିବର୍ତ୍ତେ ଅନ୍ତର୍ଜାତୀୟ ସମୁଦାୟ ଏବେ ବୃହତ୍ ବୈଶ୍ୱିକ ଅସହଯୋଗ ବା ନିଷ୍କ୍ରିୟତା ମାନସିକତାରେ ରହିଛି। ସବୁଠାରୁ ଖରାପ ହେଉଛି, ଅନେକ ଦେଶ ଉଦାରବାଦୀ ବିଶ୍ୱ ବ୍ୟବସ୍ଥାର ବ୍ୟାପକ ଲାଭ ବିଷୟରେ ଚିନ୍ତା କରୁନାହାନ୍ତି। ସେମାନେ ନିଜ ଲାଭ କ୍ଷତି ବିଷୟରେ ଅଧିକ ଚିନ୍ତିତ । ଆଟ୍ଲାଣ୍ଟିକ ମହାସାଗରର ଉଭୟ ପାର୍ଶ୍ୱରେ ଥିବା ପ୍ରମୁଖ ଅର୍ଥବ୍ୟବସ୍ଥା, କ୍ଷମତାଶାଳୀ ଏକଛତ୍ରବାଦୀ ଦେଶସବୁ ଏବଂ ତଥାକଥିତ ଗ୍ଲୋବାଲ ସାଉଥ (ନିମ୍ନ ଆୟକାରୀ ଓ ନିମ୍ନ ବିକାଶଶୀଳ ଦେଶ) ସମସ୍ତେ ଅସନ୍ତୁଷ୍ଟ ହୋଇଛନ୍ତି। ବୈଶ୍ୱିକ ସହଯୋଗରୁ ପ୍ରାପ୍ତ ଲାଭର ଏକ ଅସମାନ ବଣ୍ଟନ ହେଉଛି ବୋଲି ସେମାନେ ମନେ କରୁଛନ୍ତି।

ଅନେକ ପାଶ୍ଚାତ୍ୟ ଦେଶର ଅଧିକାଂଶ ଲୋକ ବିଶ୍ୱାସ କରନ୍ତି ଯେ, ପାଇବାକୁ ଥିବା ସେମାନଙ୍କ ଲାଭର ଭାଗ କମିଯାଉଛି। ଘରୋଇ ମାନ୍ଦାବସ୍ଥାର ଧାରା ଯୋଗୁ ଏଭଳି ଘଟୁଛି ବୋଲି ସେମାନେ ବିଚାର କରନ୍ତି। ମ୍ୟୁନିକ ସିକ୍ୟୁରିଟି ଇଣ୍ଡେକ୍ସର ନୂତନ ତଥ୍ୟ ଦର୍ଶାଏ ଯେ, ଆଜି ମଧ୍ୟ ଜି୭ରେ ଖୁବ୍ କମ୍ ଲୋକ ବିଶ୍ୱାସ କରନ୍ତି ଯେ ବର୍ତ୍ତମାନଠାରୁ ଏକ ଦଶନ୍ଧି ମଧ୍ୟରେ ସେମାନଙ୍କ ଦେଶ ଅଧିକ ସୁରକ୍ଷିତ ଏବଂ ଧନୀ ପାଲଟିବ। ତେବେ ଅନେକେ ଆଶା କରନ୍ତି ଯେ, ସେହି ସମୟ ମଧ୍ୟରେ ଚାଇନା ସହିତ ବ୍ରାଜିଲ, ଭାରତ ଏବଂ ଦକ୍ଷିଣ ଆଫ୍ରିକା ଅଧିକ ଶକ୍ତିଶାଳୀ ହେବେ।

ପାଶ୍ଚାତ୍ୟରେ ସାଧାରଣ ଲୋକଙ୍କୁ ନେଇ ଜନପ୍ରିୟତା ହାସଲ କରିବାକୁ ଚାହୁଁଥିବା ରାଜନେତା (ପପୁଲିଷ୍ଟ



ଲିଡର)ମାନେ ଆର୍ଥିକ ଲାଭ ହ୍ରାସ ଭୟରୁ ଶୋଷଣ କରିବାରେ ପାରଙ୍ଗମ। ସେମାନେ ପ୍ରସ୍ତାବ ଦେଉଥିବା ଜାତୀୟତାବାଦୀ ନୀତି ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରେ। ଏପରିକି ଆନ୍ତଃନିର୍ଭରଶୀଳତାର ଅବନତି ସ୍ପଷ୍ଟ ହେଉଥିବା କାରଣରୁ ଅଣ-ପପୁଲିଷ୍ଟ ନେତାମାନେ ଜଗତୀକରଣ ପ୍ରତି ସତର୍କତା ଅବଲମ୍ବନ କରୁଛନ୍ତି। ଏହା ସତ ଯେ, ଚାଇନା ଉଦାରବାଦୀ ଅର୍ଥନୈତିକ ବ୍ୟବସ୍ଥାର ପ୍ରମୁଖ ଲାଭକାରୀ ହୋଇପାରିଛି। ବିଶ୍ୱରେ ବ୍ୟବସାୟ କାର୍ଯ୍ୟକଳାପରୁ ଉପଲବ୍ଧ ଲାଭ କିମ୍ବା ମାର୍କେଟ ଶେୟାର ବଢ଼ାଇବାରେ ସାହାଯ୍ୟ କରିଥିବା ଚାଇନା ନେତାମାନେ ବିଶ୍ୱାସ କରୁଛନ୍ତି ଯେ, ସେମାନଙ୍କ ଦେଶ ଏକ ବଡ଼ ଆର୍ଥିକ ଲାଭାଂଶ ପାଇବାକୁ ଯୋଗ୍ୟ । କିନ୍ତୁ ବାସ୍ତବରେ ଆମେରିକାର ଉଗ୍ର ସୁଧାରବାଦୀ କ୍ଷମତା ଚାଇନାର ଉତ୍ଥାନକୁ ରୋକିବା ପାଇଁ ଏବଂ ବିଶ୍ୱ ସ୍ତରରେ ଏହାର ଭୂମିକାରେ ବାଧା ସୃଷ୍ଟି କରୁଛି।

ଜନସଂଖ୍ୟା ହ୍ରାସ, ସମ୍ପତ୍ତି ସଙ୍କଟ ଏବଂ ଅତ୍ୟଧିକ ସରକାରୀ ଋଣ ସମେତ ଅନେକ ଘରୋଇ ଆହ୍ୱାନର ସମ୍ମୁଖୀନ ହୋଇ ଚାଇନା ଆଗାମୀ ବର୍ଷରେ ଅପେକ୍ଷାକୃତ ଅଧିକ ଲାଭ ଉପରେ ଧ୍ୟାନ ଦେବାର ସମ୍ଭାବନା ଅଛି। ଏହା ସ୍ପଷ୍ଟ ଯେ, ନିକଟ ଅତୀତରେ ଚାଇନାର ନୀତିଗୁଡ଼ିକ ଓ ତା' ଦୀର୍ଘମିଆଦୀ ଲକ୍ଷ୍ୟ ଉପରେ କେତେକେ ଅଧିକ ସନ୍ଦେହ କରନ୍ତି। ଏପରିକି ଏହିସବୁ ନୀତି କେତେକଙ୍କୁ ଦେଶ ସହ ନିଜ ସମ୍ପର୍କକୁ ବିପଦମୁକ୍ତ କରିବା ପାଇଁ ଉତ୍ସାହିତ କରିଛି। ହେଲେ ଆର୍ଥିକ ବଜାର କିମ୍ବା ଲାଭରେ ଭାଗ କମିବାକୁ ନେଇ ଅନ୍ୟମାନେ ଚିନ୍ତିତ ନୁହନ୍ତି। ଦାରିଦ୍ର୍ୟରେ ଥିବା କିମ୍ବା ଦୀର୍ଘ ଦିନ ଧରି ସଂଘର୍ଷ କରିଆସୁଥିବା ପୀଡ଼ିତଙ୍କ ପାଇ ଏହିସବୁ ନୀତି ସିଦ୍ଧାନ୍ତଗତ ନିୟମ-ଆଧାରିତ ବ୍ୟବସ୍ଥାକୁ ରକ୍ଷା କରିବାକୁ ଆହ୍ୱାନ କରେ ।

ଅନେକ ଗରିବ ଓ ନିମ୍ନ ବିକାଶଶୀଳ ଦେଶ ବିଶ୍ୱାସ କରନ୍ତି ଯେ, ସେମାନେ ବଢୁଥିବା ଭୂରାଜନୈତିକ ବିଭାଜନରୁ ଅଧିକ କ୍ଷତିଗ୍ରସ୍ତ ହେବେ। ସେଥିପାଇଁ ସେମାନେ ପକ୍ଷଭୁକ୍ତ ନ ହେବାକୁ ଚେଷ୍ଟା କରନ୍ତି ଏବଂ ଏହା ବଦଳରେ ବହୁପକ୍ଷୀୟ ବୁଝାମଣା ଦାବି କରନ୍ତି, ଯାହା ସେମାନଙ୍କୁ ସେମାନଙ୍କର ସ୍ୱାର୍ଥ ପାଇଁ ଅନୁମତି ଦେବ। କିନ୍ତୁ ଦ୍ୱିପାକ୍ଷିକ ଚୁକ୍ତି ଏବଂ ସ୍ୱଳ୍ପ ମିଆଦୀ ଲାଭ ଉପରେ ଧ୍ୟାନ ଦେଇ ଏହି ଦେଶଗୁଡ଼ିକ ମଧ୍ୟରୁ କେତେକ କାରବାରିକ କୂଟନୀତିକୁ ସମର୍ଥନ କରନ୍ତି। ଏହା କେବଳ ଏକ ନିୟମ-ଆଧାରିତ ବ୍ୟବସ୍ଥା ପ୍ରଦାନ କରିପାରୁଥିବା ଦୀର୍ଘମିଆଦୀ ଆଶା କ୍ଷୁଣ୍ଣ କରିପାରେ। ଅଧିକ ଦେଶ ଅନ୍ୟମାନଙ୍କ ତୁଳନାରେ ସେମାନଙ୍କର ସଫଳତା ନିର୍ଣ୍ଣୟ କରୁଥିବାରୁ ଜଣକର କ୍ଷତି କରି ଅନ୍ୟ ଜଣେ ଲାଭ କରିବା ଧାରଣାର ଏକ ଭୟଙ୍କର ପ୍ରକ୍ରିୟା ଆରମ୍ଭ ହୋଇପାରେ। ଏହା ଭାଗୀଦାରି ସମୃଦ୍ଧିକୁ କ୍ଷତି କରିପାରେ ଏବଂ ଭୂରାଜନୈତିକ ତିକ୍ତତାକୁ ବଢ଼ାଇପାରେ। ବିକଳ୍ପ ରହିଛି କିନ୍ତୁ ସେଥିରୁ ଲାଭ ମିଳିପାରୁ ନ ଥିବା ପରିସ୍ଥିତି ଅନେକ ନୀତି କ୍ଷେତ୍ରରେ ଆଗରୁ ସାମ୍ନାକୁ ଆସିସାରିଛି ଏବଂ ବିଭିନ୍ନ ଅଞ୍ଚଳକୁ ପ୍ରଭାବିତ ବି କରିଛି। ଏପରିକି ଜଳବାୟୁ ନୀତି, ସମ୍ଭବତଃ ବୈଶ୍ୱିକ ସହଯୋଗ କିପରି ସମସ୍ତଙ୍କୁ ଉପକୃତ କରିପାରିବ, ତାହାର ଏକ ସର୍ବୋତ୍ତମ ଉଦାହରଣ।

ଗ୍ରହଣ କରାଯାଇଥିବା ଏହି ନୀତିଗୁଡ଼ିକ ମଧ୍ୟରୁ କେତୋଟି ପଛରେ ବୈଧ କାରଣ ଅଛି। ବିପଦ କିମ୍ବା କ୍ଷତି କମ୍ କରୁଥିବା ଅର୍ଥନୈତିକ ସମ୍ପର୍କ ଅଧିକ ପ୍ରତିଯୋଗିତାମୂଳକ ପରିବେଶ ପାଇଁ ଏକ ଯୁକ୍ତିଯୁକ୍ତ ପ୍ରତିକାର ଏବଂ ଏହା କ୍ଷତି କମ୍ କରିବାରେ ସାହାଯ୍ୟ କରିଥାଏ। କିନ୍ତୁ ବିଶ୍ୱ ଅର୍ଥ ବ୍ୟବସ୍ଥାରେ ବିଭାଜନ ବୃଦ୍ଧି ପାଇ ପ୍ରତିଦ୍ୱନ୍ଦ୍ୱିତାମୂଳକ ଭୂ-ରାଜନୈତିକ ଗୋଷ୍ଠୀ ସୃଷ୍ଟି ହେବା ବିଶେଷକରି ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକରେ ଅଭିବୃଦ୍ଧି ହ୍ରାସ କରିପାରେ। ଅପରପକ୍ଷେ ଅର୍ଥନୈତିକ ଅଭିବୃଦ୍ଧି ହ୍ରାସ ଯୋଗୁ ଜଣକର କ୍ଷତି କରି ଅନ୍ୟ ଜଣେ ଲାଭ ପାଇବା ମାନସିକତାକୁ ପ୍ରୋତ୍ସାହିତ କରିପାରେ। ଭୂରାଜନୈତିକ ଅନିଶ୍ଚିତତାକୁ ଦେଖିଲେ ଏହା ବୁଝାପଡ଼େ ଯେ,ଏକ ଦେଶ ଆବଣ୍ଟିତ ଅର୍ଥିକ କାରବାରରେ ନିଜକୁ ସୁରକ୍ଷା ଦେବାକୁ ଚାହିଁବ। କିନ୍ତୁ ଅନ୍ତର୍ଜାତୀୟ ସମୁଦାୟ ନୀତିଗତ ବିତର୍କରେ ଅସମାନ ପରିଣାମର ଭୟକୁ ଦୂର କରିବା ଉଚିତ। ସର୍ବୋପରି, ବ୍ୟକ୍ତିଗତ ଅଂଶଗୁଡ଼ିକର ସୁରକ୍ଷା ପାଇଁ ବ୍ୟବସାୟିକ କାର୍ଯ୍ୟକଳାପରେ ଉପଲବ୍ଧ ଲାଭ କିମ୍ବା ମାର୍କେଟ ଶେୟାର ବୃଦ୍ଧି କରାଯିବା ଦରକାର। ଏଥିପାଇଁ ପ୍ରୟାସ ସନ୍ତୁଳିତ ହେବା ଜରୁରୀ। ପାରସ୍ପରିକ ଲାଭଦାୟକ ସଂଯୋଗ ଉପରେ ଆଧାରିତ ନୂତନ ଭାଗୀଦାରି ଗଠନ କରାଯିବା ଆବଶ୍ୟକ। ଏହାସହ ନିୟମ ଆଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥାରେ ସଂସ୍କାର ଆଣିବା ଆବଶ୍ୟକ ହେବ, ଯାହା ଲାଭଗୁଡ଼ିକର ସମାଗ୍ରିକ ବଣ୍ଟନକୁ ନିଶ୍ଚିତ କରିବ। ଯଦି ଏହି ପ୍ରୟାସ ବିଫଳ ହୁଏ, ତେବେ ଅତୀତରେ ଯାହା ଘଟିଥିଲା ସେହିଭଳି ଭବିଷ୍ୟତରେ ପ୍ରତ୍ୟେକ ଅର୍ଥ ବ୍ୟବସ୍ଥାରେ ନିଜର ଭାଗ ହ୍ରାସ ହେବ।

# ଘୋଡ଼ା ବେପାରୀଙ୍କ ହାଟ ସଉଦା



ରବିନାରାୟଣ ସାମଲ

ଯେଉଁମାନଙ୍କ ପ୍ରତି ବିପଦର ଆଶଙ୍କା ଥାଏ ସେମାନେ ହୁଏତ ଆତ୍ମଗୋପନ କରିଥାନ୍ତି କିମ୍ବା ମେଳିବାନ୍ଧି ରହିଥାନ୍ତି। ଅନୁରୂପ ଘଟଣା ଦେଖିବାକୁ ମିଳିଛି ଝାଡ଼ଖଣ୍ଡ ଓ ବିହାରରେ। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଇସ୍ତଫା ଦେଲାପରେ ଘୋଡ଼ାବେପାରର ଆଶଙ୍କାକରି ଜେଏମ୍ଏମ୍‌ର ବିଧାୟକମାନେ ହାଇଦ୍ରାବାଦରେ ମେଳିବାନ୍ଧି ରହିଲେ। ଆସ୍ଥା ଭୋଟ ଦିନ ସେମାନେ ରାଞ୍ଚି ଫେରିଥିଲେ। ସେହିପରି ନୀତୀଶ୍ କୁମାର ଆସ୍ଥା ଭୋଟର ପ୍ରମାଣ ଦେବା ପୂର୍ବରୁ ଭାଜପା ତା' ବିଧାୟକମାନଙ୍କୁ ବୋଧଗୟାରେ, ଜେଡିୟୁ ତା'ର ବିଧାୟକମାନଙ୍କୁ ପାଟଣାର ଚାଣକ୍ୟ ହୋଟେଲରେ ଏବଂ ଆରଜେଡି ତା' ବିଧାୟକମାନଙ୍କୁ ତେଜସ୍ୱୀ ଯାଦବଙ୍କ ଘରେ ରଖିଥିଲା। ସମସ୍ତେ ନଜରବନ୍ଦୀ! ଏଠାରେ ଗୋଟିଏ ପ୍ରଶ୍ନ ମନକୁ ଆସେ ଆମ ବିଧାୟକ-ସାଂସଦମାନେ କ'ଣ ଏତେ ଶସ୍ତା ଯେ ତାଙ୍କୁ କେହି ଜଣେ ବି ସଉଦାପତ୍ର ଭଳି କିଣି ନେଇପାରିବ? କିଣି ନେଇଗଲେ ମଧ୍ୟ। ଆର୍‌ଜେଡିର ୩ ବିଧାୟକ ଆସ୍ଥା ଭୋଟ ବେଳେ ଏନ୍‌ଡିଏ ବେଞ୍ଚରେ ବସିଥିବାର ଦେଖାଯାଇଥିଲା।

୨୦୦୦ ମସିହାଠାରୁ ନୀତୀଶ୍ କୁମାର ଆର୍‌ଜେଡି ଓ ଏନ୍‌ଡିଏ ମଧ୍ୟରେ ୯ଥର ଏପଟ ସେପଟ ହୋଇଛନ୍ତି। ୨୦୧୭ରେ ନୀତୀଶ୍ ମହାଗଠବନ୍ଧନ ପରିତ୍ୟାଗ କରିବାରୁ ଲାଲୁ ପ୍ରସାଦ ତାଙ୍କୁ 'ପଲ୍‌ଟୁ ରାମ' ଉପାଧିଟିଏ ଦେଇଥିଲେ। ପୁନର୍ବାର ୨୦୨୨ରେ ଭାଜପା ସହ ମେଣ୍ଟ ଛାଡ଼ି ଆର୍‌ଜେଡି ସହ ହାତ ମିଳାଇବାରୁ ଅମିତ୍ ଶାହା ସେହି 'ପଲ୍‌ଟୁ ରାମ' ଉପାଧିକୁ ଦୋହରାଇଥିଲେ। ଏବେ ଭାଜପା ପାଇଁ ସେ ଆଉ 'ପଲ୍‌ଟୁ ରାମ' ହୋଇ ରହିନାହାନ୍ତି। କ୍ଷମତାର ମୋହ ନୀତୀଶ୍ କୁମାରଙ୍କୁ ନବମ ଥର ଲାଗି ମୁଖ୍ୟମନ୍ତ୍ରୀ କରାଇପାରିଲା।

ଗତମାସରେ ଅନୁଷ୍ଠିତ ଚଣ୍ଡିଗଡ଼ ମେୟର ନିର୍ବାଚନରେ ରିଟର୍ନିଂ ଅଫିସର ଆଠଖଣ୍ଡ ଭୋଟ ହାତସଫେଇ କରିଦେବାରୁ କଂଗ୍ରେସ-ଆପ୍ ପ୍ରାର୍ଥୀ ପରାସ୍ତ ହେଲେ ଏବଂ ଭାଜପା ପ୍ରାର୍ଥୀ ବିଜୟୀ ହେଲେ। ପ୍ରକାଶଥାଉ କି ସମ୍ପୃକ୍ତ ରିଟର୍ନିଂ ଅଫିସର ପୂର୍ବରୁ ଭାଜପାର ସଂଖ୍ୟାଲଘୁ ସଂଗଠନର ସଭାପତି ଥିଲେ। ସୁପ୍ରିମ୍‌କୋର୍ଟ ଏଥିରେ ହସ୍ତକ୍ଷେପ କରି 'ଗଣତନ୍ତ୍ରକୁ ହତ୍ୟା କରିବାକୁ ଦିଆଯିବ ନାହିଁ ' ବୋଲି ଟିପ୍ପଣୀ ଦେଇଥିଲେ। ୨୦୨୨ ଜାନୁଆରୀ ୩୦ରେ ମହାରାଷ୍ଟ୍ରରେ ଏକନାଥ ସିନ୍ଦେଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ପଛରେ ଉଭୟ ରାଜ୍ୟପାଳ ଓ ବାଚସ୍ପତିଙ୍କ ଅସାଧୁ ଉଦ୍ୟମ କାର୍ଯ୍ୟ କରିଥିଲା। ସୁପ୍ରିମ୍‌କୋର୍ଟ ମଧ୍ୟ ଏହି ନିଷ୍ପତ୍ତିକୁ 'ଅବୈଧ' ବୋଲି ଟିପ୍ପଣୀ ଦେଇଥିଲେ। ୨୦୧୯ରେ କର୍ଣ୍ଣାଟକରେ ଜେଡି(ଏସ୍)ର ଅଯୋଗ୍ୟ ଘୋଷିତ ୧୬ ବିଧାୟକ କଂଗ୍ରେସଠାରୁ ସମର୍ଥନ ପ୍ରତ୍ୟାହାର କରି ଭାଜପାକୁ ସମର୍ଥନ ଦେବାରୁ ସରକାରରେ ପରିବର୍ତ୍ତନ ଘଟିଥିଲା। ଏହି ଘଟଣାଟିରେ ଘୋଡ଼ା ବେପାର ହୋଇଥିବାର ନିଶ୍ଚିତ ହୋଇଥିଲା।

ଷାଠିଏ ଦଶକରୁ ଭାରତୀୟ ରାଜନୀତିରେ ଏପରି ଘୋଡ଼ାବେପାର ଚାଲିଆସିଛି। ୧୯୮୫ରେ ଦଳବଦଳ ନିରୋଧ ଆଇନ ପ୍ରଣୟନ ସତ୍ତ୍ୱେ ଅବସ୍ଥାର ସେମିତି କିଛି ଉଲ୍ଲେଖନୀୟ ଉନ୍ନତି ଘଟିନାହିଁ। ଏହା ପଛରେ ଏକ ମଜାଦାର ଘଟଣା ରହିଛି। ହରିୟାଣାର ହସନ୍‌ପୁର ନିର୍ବାଚନମଣ୍ଡଳୀର ଗୟା ଲାଲ୍ ନାମକ ବିଧାୟକ ସ୍ୱାଧୀନ ଭାବେ ଜିତିଥିଲେ। କିଛିଦିନ ପରେ ସେ କଂଗ୍ରେସ ଦଳରେ ସାମିଲ ହେଲେ। କଂଗ୍ରେସରୁ ଜନତା ପାର୍ଟି, ଜନତା ପାର୍ଟିରୁ କଂଗ୍ରେସ- ଗୟା ଲାଲ୍ ୧୫ ଦିନ ଭିତରେ ୩ ଥର ଦଳ ବଦଳ କଲେ। ପୁଣି ଏକ ଘଟଣା କ୍ରମରେ ସେ ମାତ୍ର ୯ ଘଣ୍ଟା ମଧ୍ୟରେ କଂଗ୍ରେସରୁ ଜନତା ପାର୍ଟିକୁ ଯାଇ ପୁଣି କଂଗ୍ରେସକୁ ଫେରିଆସିଲେ। ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ରାଓ ବୀରେନ୍ଦ୍ର ସିଂ ଗୟା ଲାଲ୍‌ଙ୍କୁ ଉପସ୍ଥିତ କରାଇ କହିଲେ-'ଗୟା ରାମ୍ ଅବ୍ ଆୟା ରାମ୍ ଥେ।' ସେବେଠାରୁ 'ଆୟା ରାମ୍, ଗୟା ରାମ୍' ଉକ୍ତିଟି ପ୍ରବାଦରୂପେ ପ୍ରଚଳିତ ହୋଇଆସିଲା।

୧୯୬୭ରେ ହରିୟାଣାରେ ପ୍ରଥମେ 'ଘୋଡ଼ାବେପାର' ବ୍ୟାପକ ଭାବେ ଆରମ୍ଭ ହୋଇଥିଲା। କିଏ କେତେବେଳେ କେଉଁ ଦଳ ପାଖରେ କୋଟି କୋଟି ଟଙ୍କାରେ ମୁଣ୍ଡ ବିକିଲେ ତାହା ଜଣାପଡ଼ିଲା ନାହିଁ। ଉପର ବର୍ଣ୍ଣିତ ଗୟା ଲାଲ୍ ଘଟଣା ଏକ ଦୃଷ୍ଟାନ୍ତମାତ୍ର। ଫଳତଃ ହରିୟାଣା ବିଧାନସଭା ଭାଙ୍ଗିଯାଇ ପୁନର୍ବାର ୧୯୬୮ରେ ନିର୍ବାଚନ ହୋଇଥିଲା।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

ଶ୍ରୀଫଳ ନଡ଼ିଆ ସମସ୍ତଙ୍କର ପ୍ରିୟ। ଏହାର କତାରୁ ଦଉଡ଼ାଠାରୁ ଆରମ୍ଭ କରି ପାପୋଛ କିମ୍ବା ଅନ୍ୟ କିଛି ହସ୍ତକଳା ସାମଗ୍ରୀ ତିଆରି କରାଯାଉଥିବା ଆମେ ଦେଖୁଛୁ। କିନ୍ତୁ ଚେନ୍ନାଇର ଅନିସ ଅହମ୍ମଦ ନଡ଼ିଆ କତାରୁ କୁଣ୍ଡ, ଇଟା, ଗ୍ରୋବ୍ୟାଗ୍ ଓ କୋକୋପିଟ୍(ନଡ଼ିଆକତାରୁ ଗଛ ପାଇଁ ସମସ୍ତ ପ୍ରକାର ପୋଷାକ ଥିବା ଏକ ପ୍ରକାର ମାଟି ବା ଖତ) ପ୍ରସ୍ତୁତ କରୁଛନ୍ତି। ଏହାକୁ ସେ ଭାରତରେ ବିକ୍ରି କରିବା ସହ ବିଭିନ୍ନ ଦେଶକୁ ରପ୍ତାନି କରୁଛନ୍ତି ଏବଂ ବର୍ଷକୁ ଏଥିରୁ ୭୦ କୋଟି ଟଙ୍କା ରୋଜଗାର କରୁଛନ୍ତି। ମୁଖ୍ୟତଃ ୟୁରୋପିଆନ ଦେଶଗୁଡ଼ିକୁ ଅଧିକ କୋକୋପିଟ୍ ରପ୍ତାନି କରାଯାଉଛି। 'ଗ୍ଲୋବାଲ ଗ୍ରୀନ୍ କଏର' ଷ୍ଟାର୍ଟଅପ୍ ମାଧ୍ୟରେ ଅନିସ ଏହି କାର୍ଯ୍ୟ କରୁଛନ୍ତି। ଅନିସ ପ୍ରସ୍ତୁତ କରୁଥିବା କୋକୋପିଟ୍‌ରେ ବିନା ପ୍ରାକୃତିକ ମାଟିରେ ବି ଗଛ ଭଲ ଭାବେ ବଢ଼ିପାରୁଛି। ନଡ଼ିଆ କତାକୁ ଏଣେତେଣେ ଫିଙ୍ଗିଦେବା ଦ୍ୱାରା ପ୍ରଦୂଷଣ ବୃଦ୍ଧି ହେଉଛି। ଏଣୁ ତାଙ୍କ ଷ୍ଟାର୍ଟଅପ୍ ପ୍ରଦୂଷଣ ହ୍ରାସରେ ସହାୟକ ହୋଇପାରୁଛି ବୋଲି କହନ୍ତି ଅନିସ।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ଫେବୃଆରୀ ୧୯୭୫

- ରାଜ୍ୟରୁ ପ୍ରଥମକରି ଆସ୍କା ସମବାୟ ଚିନିକଳରୁ ଉତ୍ପାଦିତ ଚିନି ଇଣ୍ଡୋନେସିଆକୁ ରପ୍ତାନି।
- ଭାରତ ମହାସାଗରସ୍ଥିତ ଡିଏଗୋଗାର୍ସିଆ ଦ୍ୱୀପକୁ ଏକ ଛୋଟ ଇନ୍ଧନ ଗ୍ରହଣ ଘାଟୀରେ ପରିଣତ କରିବା ନେଇ ଯୁକ୍ତରାଷ୍ଟ୍ର ଆମେରିକା ସପ୍ତମ ନୌଖେଳାର କମାଣ୍ଡର ରିଅର ଆଡ୍‌ମିରାଲ ଉଇଲିୟମ ହାରିସ ପ୍ରକାଶ କରିଛନ୍ତି।
- ବାଂଲାଦେଶ ଭାରତକୁ ମାଛ ରପ୍ତାନି କରିବା ନେଇ ଉଭୟ ଦେଶ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 7 | | | | | 1 |
| 8 | | 4 | | | | | 3 | |
| | | | 4 | | | 8 | 5 | |
| 5 | | | | | 2 | | 6 | |
| | | 6 | 9 | | | | | |
| | | | | 3 | | | 4 | |
| | | | | | 8 | | | |
| | 7 | | | | 9 | | | 4 |
| | | | | | 5 | 1 | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 6 | 9 | 8 | 5 | 3 | 4 | 1 |
| 1 | 4 | 8 | 2 | 3 | 6 | 5 | 7 | 9 |
| 9 | 5 | 3 | 7 | 4 | 1 | 2 | 6 | 8 |
| 4 | 3 | 9 | 1 | 2 | 8 | 7 | 5 | 6 |
| 8 | 2 | 1 | 6 | 5 | 7 | 4 | 9 | 3 |
| 7 | 6 | 5 | 4 | 9 | 3 | 1 | 8 | 2 |
| 3 | 9 | 4 | 8 | 7 | 2 | 6 | 1 | 5 |
| 6 | 8 | 2 | 5 | 1 | 4 | 9 | 3 | 7 |
| 5 | 1 | 7 | 3 | 6 | 9 | 8 | 2 | 4 |

ଗତକାଲିର ଉତ୍ତର

# ଶ୍ରୀମନ୍ଦିର ଓ ଶଙ୍କରାଚାର୍ଯ୍ୟ



ହରିଶଙ୍କର ମିଶ୍ର

ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ, ମହିମା, ଅଲୌକିକ ଅନୁଭୂତି ନାମରେ ସ୍ୱକଳ୍ପିତ ତଥ୍ୟ ଓ ଗଳ୍ପ ମାଧ୍ୟମରେ ଆତ୍ମପ୍ରଚାର ପାଇଁ କେତେଜଣ ବ୍ୟକ୍ତି ଓ ସଂସ୍ଥା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଶ୍ରୀମନ୍ଦିର ଓ ଶ୍ରୀଜୀଉମାନଙ୍କ ସମ୍ପର୍କରେ ଅନେକ ତଥ୍ୟ ଏବେ ବି ସର୍ବସମ୍ମତ ହୋଇପାରିନାହିଁ। ସ୍କନ୍ଦ ପୁରାଣରେ ସୂଚିତ ତଥ୍ୟକୁ ଐତିହାସିକମାନେ ଅସ୍ୱୀକାର କରିଛନ୍ତି। ଇତିହାସ ଅନୁଯାୟୀ ଶୋଭନ ଦେବଙ୍କ ଶାସନ କାଳରେ ରକ୍ତବାହୁଙ୍କ ଆକ୍ରମଣ ଯୋଗୁ ଶ୍ରୀମନ୍ଦିର ପ୍ରତି ବିପଦ ଥିବାରୁ ସେବକମାନେ ତତ୍କାଳୀନ ସୋନପୁର ରାଜ୍ୟ ଅନ୍ତର୍ଗତ କୋଟସମଲାଇ ନିକଟରେ ଥିବା ଛେଳିଆ ପାହାଡ଼ରେ ଶ୍ରୀଜୀଉମାନଙ୍କୁ ପାତାଳୀ କରିଥିଲେ। ତାହାର ୧୪୪ବର୍ଷ ପରେ ଶିଷ୍ୟଙ୍କ ଗହଣରେ ଆଦି ଶଙ୍କରାଚାର୍ଯ୍ୟ ସାରା ଭାରତ ଭ୍ରମଣ କରୁଥିବାବେଳେ ୮୧୦ ମସିହାରେ ପୁରୀରେ ପହଞ୍ଚିଥିଲେ। ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ବିଗ୍ରହ ନ ଥିବା ଜାଣି ଧ୍ୟାନ ବଳରେ ଶ୍ରୀଜୀଉମାନଙ୍କ ଉପସ୍ଥିତି ସମ୍ପର୍କରେ ସମ୍ୟକ ସୂଚନା ପାଇ ସେ ସୋନପୁର ଅଭିମୁଖେ ଯାତ୍ରା କରିଥିଲେ। କିନ୍ତୁ ଶ୍ରୀଜୀଉମାନଙ୍କର ଅଙ୍ଗ ସହ ବ୍ରହ୍ମ ମଧ୍ୟ ନଷ୍ଟଭ୍ରଷ୍ଟ ହୋଇଥିବାରୁ ଶଙ୍କରାଚାର୍ଯ୍ୟ ତାଙ୍କ ପ୍ରିୟ ଶିଷ୍ୟ ଭାରତୀ ଆଚାର୍ଯ୍ୟଙ୍କୁ ନେପାଳ ପଠାଇ ଗଣ୍ଡୁକୀ ନଦୀରୁ ଜୀବନ୍ତ ଶାଳଗ୍ରାମ ଆଣିଥିଲେ। ତାହାକୁ ବ୍ରହ୍ମଭାବେ ସ୍ଥାପନକରି ଶ୍ରୀଜୀଉମାନଙ୍କ ବିଗ୍ରହ ନିର୍ମାଣ ଓ ପ୍ରତିଷ୍ଠା କରିଥିଲେ ଏବଂ ନେପାଳ ନରେଶଙ୍କୁ ପାଟ୍ଟମହାନାୟକ ଭାବେ ସମ୍ମାନିତକରି ଶ୍ରୀଜୀଉମାନଙ୍କ ସେବା ପୂଜାର୍ଚ୍ଚନା ଅଧିକାର ଦେଇଥିଲେ। ପରେ କୋଶଳୀ ଡଙ୍ଗାରେ ଶ୍ରୀଜୀଉମାନଙ୍କୁ ପୁରୀ ଅଣାଯାଇଥିଲା। ମତାନ୍ତରେ ପାତାଳୀ ସମୟରେ ଶ୍ରୀଜୀଉମାନଙ୍କ ଅଙ୍ଗ ନଷ୍ଟ ହୋଇଥିଲେ ବି ବ୍ରହ୍ମ ଅକ୍ଷୁଣ୍ଣ ରହିଥିଲା। ଶ୍ରୀଅଙ୍ଗ ସୁରକ୍ଷା ଓ ଶ୍ରୀମୁଖ ଔଜଲ୍ୟ ପାଇଁ କସ୍ତୁରୀ, ନେପାଳରେ ମିଳୁଥିବାରୁ ନେପାଳ ନରେଶଙ୍କୁ କସ୍ତୁରୀ ଯୋଗାଇବା ପାଇଁ ସେବାପୂଜା ଅଧିକାର ଓ ପଦବୀ, ଉତ୍କଳର କୌଣସି ପରବର୍ତ୍ତୀ ନରେଶ ପ୍ରଦାନ କରିଥିଲେ। ଆଦିଗୁରୁ ପୁରୀରେ ଗୋବର୍ଦ୍ଧନ ପୀଠ ସ୍ଥାପନା କରି ତାଙ୍କର ଉତ୍ତରାଧିକାରୀ ଭାବେ ଅନନ୍ତଶ୍ରୀ ପଦ୍ମପାଦଙ୍କୁ ଦାୟିତ୍ୱ ଦେଇ ଓଡ଼ିଶାରୁ ବିଦାୟ ନେଇଥିଲେ। ୧୪୪ ବର୍ଷ ପରେ ଶ୍ରୀଜୀଉମାନଙ୍କ ସେବାପୂଜା ବନ୍ଦଥିବାରୁ ସେଥିପାଇଁ ସେବକ ନିଯୁକ୍ତି ସହ ପରବର୍ତ୍ତୀ ପରିଚାଳନା ଦାୟିତ୍ୱ ଓଡ଼ିଶାର ନରପତିଙ୍କୁ ଦେଇଥିବା ବିଶ୍ୱସନୀୟ।

ମୋଗଲ ଶାସନ ସମୟରେ ଶ୍ରୀମନ୍ଦିର ଉପରେ ବାରମ୍ବାର ଆକ୍ରମଣ ଯୋଗୁ ଶ୍ରୀଜୀଉମାନଙ୍କୁ ଓଡ଼ିଶାର ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାର ଇତିହାସ ରହିଛି। ୧୫୬୮ରେ ଚିଲିକା ମଧ୍ୟରୁ କଳାପାହାଡ଼ ଶ୍ରୀଜୀଉମାନଙ୍କୁ ଚମଡ଼ା ଦଉଡ଼ିରେ ବାନ୍ଧି ହାତୀ ପିଠିରେ ନେବା, ଗଙ୍ଗା ନଦୀକୂଳରେ ଦାହକରିବା ସମୟରେ ବିଶର ମହାନ୍ତି ମୃଦଙ୍ଗ ମଧ୍ୟରେ ବ୍ରହ୍ମକୁ ଆଣିବା ଏବଂ କୁଜଙ୍ଗ ରାଜ ପରିବାର ଦ୍ୱାରା ନବକଳେବର ହୋଇ କିଛି ବର୍ଷ ପରେ ଶ୍ରୀବିଗ୍ରହମାନଙ୍କୁ ପୁରୀ ଆଣିବାର ଇତିହାସ ରହିଛି। କିନ୍ତୁ ଏଠାରେ ପ୍ରଶ୍ନ ଉଠେ ଯେ ୧୭୩୩ ରେ ତକି ଖାଁ ଦ୍ୱାରା ଶ୍ରୀମନ୍ଦିରକୁ ଶେଷ ଆକ୍ରମଣ ପର୍ଯ୍ୟନ୍ତ ଶ୍ରୀବିଗ୍ରହମାନଙ୍କର ସ୍ଥାନାନ୍ତର ସମୟରେ ତାଙ୍କ ସହ ସେବାପୂଜା ପାଇଁ ଯାଇଥିବା ସେବକମାନେ କେତେ ଶତପ୍ରତିଶତ ପୁରୀକୁ ଫେରି ନ ଥିଲେ। ଅପରପକ୍ଷରେ ବହୁଚର୍ଚ୍ଚିତ ଛତିଶା ନିଯୋଗ ସମ୍ପର୍କରେ ସ୍ପଷ୍ଟ



ତଥ୍ୟ ନ ଥିବା ବେଳେ ସେବା ସଂଖ୍ୟା ଶତାଧିକ ରହିଥିଲା। ତନ୍ମଧ୍ୟରୁ ଅନେକ ସେବା ଲୋପ ପାଇସାରିଛି। କିନ୍ତୁ ବଂଶାନୁକ୍ରମିକ ସେବା ଯୋଗୁ ସେବକଙ୍କ ସଂଖ୍ୟା ବହୁ ସଂଖ୍ୟାରେ ବଢ଼ିଯାଇଛି।

ଦେଶ ସ୍ୱାଧୀନ ହେବା ପରେ ୧୯୫୫ରେ ରାଜ୍ୟ ସରକାର ଶ୍ରୀମନ୍ଦିର ପରିଚାଳନା ଭାର ହାତକୁ ନେଲେ। ଗଜପତି ଆଦ୍ୟ ସେବକ ଓ ପରିଚାଳନା କମିଟିର ମୁଖ୍ୟ ମାନ୍ୟତା ପାଇଲେ। ତାଙ୍କ ବଂଶ ପରମ୍ପରା ଅନୁଯାୟୀ ଯେପରି ଜ୍ୟେଷ୍ଠ ପୁଅ ସମସ୍ତ ଅଧିକାର ପାଏ ସେହି ବ୍ୟବସ୍ଥା ଶ୍ରୀମନ୍ଦିର ସେବାପୂଜା ପାଇଁ ପ୍ରଚଳିତ ହୋଇଥିଲେ ଆଜି ସେବକଙ୍କ ସଂଖ୍ୟା ସୀମିତ ରହିଥାନ୍ତା। ଫଳରେ ଶ୍ରୀଜୀଉମାନଙ୍କ ନିତିକ୍ରାନ୍ତି ନିଶ୍ଚିତ ଶୃଙ୍ଖଳିତ ହେଉଥାନ୍ତା। କିନ୍ତୁ ସେବକମାନେ ବଂଶବୃଦ୍ଧି ଯୋଗୁ ନିଜର ସେବାକୁ ପରିବାର ମଧ୍ୟରେ ଆପୋସ ବଣ୍ଟନ କରିଦେଲେ। ଫଳତଃ ଗୋଟିଏ ସେବା ପାଇଁ ଅନେକ ସେବକ ସୃଷ୍ଟି ହେଲେ। ସେବକଙ୍କ ସଂଖ୍ୟା ବୃଦ୍ଧି ସହ ବିଶୃଙ୍ଖଳିତ ଆଚରଣ ଶ୍ରୀମନ୍ଦିର ପରିଚାଳନା ପାଇଁ ବାଧକ ଏବଂ ଅର୍ଥ ପାଇଁ ଭକ୍ତଙ୍କ ଭାବାବେଗ ପ୍ରତି ଦୌରାତ୍ମ୍ୟ ଆଦୌ ଅନୁକୂଳ ନୁହେଁ , ଯାହା କି ପ୍ରତ୍ୟେକ ଦର୍ଶନାର୍ଥୀ ଓ ପ୍ରଶାସନ ବେଶ୍ ଅନୁଭବ କରୁଛନ୍ତି।

ଅପରପକ୍ଷରେ ପୁରୀ ଏକ ଆଧ୍ୟାତ୍ମିକ ସ୍ଥଳୀ ଓ ଭାରତର ଚାରିଧାମ ମଧ୍ୟରୁ ଅନ୍ୟତମ। ଏହା ବିଷ୍ଣୁଙ୍କ ଭୋଜନସ୍ଥଳୀ ଭାବେ ବିବେଚିତ ହୁଏ। ଭାରତରେ ଚାରିଧାମ ଓ ପ୍ରତ୍ୟେକ ଧାମରେ ଶଙ୍କରାଚାର୍ଯ୍ୟଙ୍କ ମଠ ରହିଛି। ସେହି ଧାମର ପରିଚାଳନା ଶଙ୍କରାଚାର୍ଯ୍ୟ ମଠାଧୀଶଙ୍କ ମାର୍ଗଦର୍ଶନରେ ପରିଚାଳିତ ହେଉଛି। ଏଥିପାଇଁ ଶ୍ରୀମନ୍ଦିରର ପରିଚାଳନା ମଧ୍ୟ ଆଧ୍ୟାତ୍ମିକ ଭାବନାରେ ହେବା ବିଧେୟ। ଆମ ଧାର୍ମିକ ନିର୍ଣ୍ଣୟର ସର୍ବୋଚ୍ଚ ପରାମର୍ଶଦାତା ହେଉଛନ୍ତି ଶଙ୍କରାଚାର୍ଯ୍ୟ। ବହୁ ଦଶନ୍ଧି ପୂର୍ବରୁ ତତ୍କାଳୀନ ଶଙ୍କରାଚାର୍ଯ୍ୟ ନିୟମିତ ଶ୍ରୀମନ୍ଦିର ଆସୁଥିବାରୁ ଭୋଗମଣ୍ଡପ ନିକଟରେ ତାଙ୍କର ଆସ୍ଥାନ ରହୁଥିବା ଏବଂ ସେ ରାଜଗୁରୁଙ୍କ ମାଧ୍ୟମରେ ସେବକମାନଙ୍କୁ ଆକଟ କରୁଥିବାର ଐତିହାସିକ ତଥ୍ୟ ରହିଛି।

ବର୍ତ୍ତମାନର ଶଙ୍କରାଚାର୍ଯ୍ୟଙ୍କ ନିର୍ଣ୍ଣୟ ଦ୍ୱାରା ରଥାରୂଢ ଶ୍ରୀବିଗ୍ରହମାନଙ୍କୁ ସ୍ପର୍ଶ ନିଷେଧ ହୋଇଛି। କିନ୍ତୁ ଶ୍ରୀମନ୍ଦିର ସେବାକୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ନେଉନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ଯେ ସର୍ବୋଚ୍ଚ ନ୍ୟାୟାଳୟ ଗୋଟିଏ ଜନସ୍ୱାର୍ଥ ମାମଲା ବିଚାର କରି ଶ୍ରୀମନ୍ଦିର ସମ୍ପର୍କିତ ସମସ୍ତ ଧାର୍ମିକ ନିଷ୍ପତ୍ତି ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶକ୍ରମେ ଚୂଡ଼ାନ୍ତ କରିବାକୁ ଦେଇଥିବା ନିର୍ଦ୍ଦେଶକୁ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଏଡ଼ାଇ ଚାଲିଛନ୍ତି। ଧାର୍ମିକ ନ୍ୟାୟାଳୟ ମାନ୍ୟତାପ୍ରାପ୍ତ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସେ ସ୍ଥାୟୀ ସଭାପତି । କିନ୍ତୁ ମୁକ୍ତିମଣ୍ଡପ ଓ ପରବର୍ତ୍ତୀ ସମୟରେ ଗଠିତ ମୁକ୍ତିମଣ୍ଡପ ପଣ୍ଡିତ ସଭାର ଆଭ୍ୟନ୍ତରୀଣ ବିଶୃଙ୍ଖଳା ସମ୍ପର୍କରେ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଶାସନ ତାହାକୁ ମଧ୍ୟ ଅଣଦେଖା କରିଚାଲିଛି। ରତ୍ନଭଣ୍ଡାର ବା ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ସମ୍ପର୍କରେ କିମ୍ବା ଶ୍ରୀମନ୍ଦିର ଐତିହ୍ୟ କରିଡର ନିର୍ମାଣ ପୂର୍ବରୁ ତାଙ୍କ ସହ କୌଣସି ଆଲୋଚନା ହୋଇ ନ ଥିବା ଶଙ୍କରାଚାର୍ଯ୍ୟଙ୍କୁ ନିଶ୍ଚିତ ବ୍ୟଥିତ କରିଛି।

ଶ୍ରୀଜୀଉମାନଙ୍କ ସେବା ଅନନ୍ୟ ହୋଇଥିବାରୁ ଏଥିପାଇଁ ସମର୍ପିତ ଭାବ ଏକାନ୍ତ ଆବଶ୍ୟକ। ଏବେ ଶ୍ରୀମନ୍ଦିରର ବାହ୍ୟ ପରିବେଶର ସୌନ୍ଦର୍ଯ୍ୟକରଣ ଯେତେ ହେଲେ ବି ଆଧ୍ୟାତ୍ମିକ ପରିବେଶ ପାଇଁ ଆଭ୍ୟନ୍ତରୀଣ ସଂସ୍କାର ଜରୁରୀ ମନେହୁଏ। ସରକାର ଶ୍ରୀମନ୍ଦିରର ଆଧ୍ୟାତ୍ମିକ ପରିବେଶର ଉନ୍ନତି ଏବଂ ସେବାପୂଜା ସୁନିୟନ୍ତ୍ରିତ ପାଇଁ ବଦ୍ଧପରିକର ହୋଇ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ଗଠନ କରିବା ଆବଶ୍ୟକ। ଆବଶ୍ୟକ ହେଲେ ଶ୍ରୀମନ୍ଦିର ସମ୍ପର୍କିତ ଆଇନ ପରିବର୍ତ୍ତନ କରାଯିବା ଜରୁରୀ ମନେହୁଏ।

ଗୁଣ୍ଡିଚା ବିହାର, ପୁରୀ
ମୋ:୭୯୭୮୭୮୫୪୭୮

## ପାଠକ ଶ୍ରେଷ୍ଠ ବିଚାରକ

### ବିଲୁପ୍ତ ହୋଇଗଲେକି ଘରଚଟିଆ

ମହାଶୟ,

ବର୍ତ୍ତମାନ ବିଲୁପ୍ତ ଅବସ୍ଥାରେ ଘରଚଟିଆ ବା ବାୟାଚଢ଼େଇ। ପରିବେଶ ପ୍ରଦୂଷଣ ସାଙ୍ଗକୁ ଶବ୍ଦ ପ୍ରଦୂଷଣ ଏମାନଙ୍କ ବଂଶ ନାଶ କରିଦେଲାଣି। ଗଛ ସଂଖ୍ୟା କମିବା ଯୋଗୁ ଏମାନେ ବଂଶ ବିସ୍ତାର କରିପାରୁନାହାନ୍ତି କି ବସା ବାନ୍ଧିବାରେ ସକ୍ଷମ ହୋଇପାରୁନାହାନ୍ତି। କଳକାରଖାନା ଓ ଯାନବାହନର ପରିମାଣ ବୃଦ୍ଧି ବାୟା ବଂଶକୁ ଲୋପ କରିଦେଲାଣି। ପରିବେଶକୁ ସନ୍ତୁଳିତ ରଖିବା ସହିତ ପ୍ରାକୃତିକ ସଂରଚନାକୁ ସୁଶୋଭିତ କରିବା ଦିଗରେ ଘରଚଟିଆଙ୍କ ଅନେକ ଅବଦାନ ରହିଛି। ସରକାର ଏବେ ଏମାନଙ୍କ ସୁରକ୍ଷା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ପର୍ଯ୍ୟାୟକ୍ରମେ ଏମାନଙ୍କ ବଂଶ ସନ୍ତୁଳିତ ସ୍ତରକୁ ଆସିବ, ଏହି ଭରସା ରହିଛି।

-ସତ୍ୟସିଂହ ଶତପଥୀ, ହାଉସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚଇତନ ଡାକିଥିଲା
ଆଜି ତାର ପାଲାପୂଜା
କିଏ ଯିବ ପାଲା ଦେଖି
ଘରେ ନାହିଁ ଚୁଡାଭଜା !
-(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ







# ଖୋର୍ଦ୍ଧାରେ ଫୁଡ୍‌ପାର୍କ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

■ କାଳିବେଟି ଶିଳ୍ପ ପାର୍କ ଶିଳାନ୍ୟାସ କଲେ
■ ନୂଆ ଶିଳ୍ପାଞ୍ଚଳ ଯୁବଗୋଷ୍ଠୀ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିକରିବ: ନବୀନ
■ ଡେରାସ, କାଳିବେଟି, ଭୁଇନପୁରଠାରେ ହେବ ବୃହତ୍ କର୍ମଜୀବୀ ମହିଳା ହଷ୍ଟେଲ




ଭୁବନେଶ୍ୱର,୧୫।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୋର୍ଦ୍ଧାଠାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଖୋର୍ଦ୍ଧାଠାରେ ଇଡ୍‌କୋ ଦ୍ୱାରା ନିର୍ମାଣ କରାଯାଇଥିବା ନୂତନ ଫୁଡ୍‌ପାର୍କକୁ ମୁଖ୍ୟମନ୍ତ୍ରୀ ଗୁରୁବାର ଉଦ୍‌ଘାଟନ କରିଥିବା ବେଳେ କାଳିବେଟି ନିକଟରେ ନୂତନ ଶିଳ୍ପ ପାର୍କର ଶିଳାନ୍ୟାସ କରିଛନ୍ତି। ଫୁଡ୍‌ପାର୍କରେ ପେପ୍‌ସି, ନେସ୍‌ଲେ, ଇଣ୍ଡୋ ନିସିନ ଶିଳ୍ପ ସହ ସେମାନଙ୍କ ଅନ୍ୟାନ୍ୟ ଆନୁଷଙ୍ଗିକ ଫୁଡ୍ ୟୁନିଟ୍ ନିର୍ମାଣ କରିବେ। କାଳିବେଟିଠାରେ ପୋଷାକ ପ୍ରସ୍ତୁତକାରୀ କମ୍ପାନୀ, ଇପିକ, ମାସ୍ ହୋଲ୍ଡିଂସ, ଇଣ୍ଡିଆନ ଷ୍ଟିଚେସ୍ ଏବଂ ଅନ୍ୟାନ୍ୟ ବଡ଼ ବଡ଼ କମ୍ପାନୀ ସେମାନଙ୍କ ଶିଳ୍ପ ୟୁନିଟ୍ ସ୍ଥାପନ କରିବେ। ଏବେ ସୁଦ୍ଧା ୧୦ଟି ଶିଳ୍ପ ସଂସ୍ଥା ନିଜ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଦ୍ୱାରା କଠିନ ପରିଶ୍ରମର ଫଳସ୍ୱରୂପ ଉକ୍ତ ଶିଳ୍ପ ସଂସ୍ଥା ନିଜର ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଉକ୍ତ କମ୍ପାନୀଗୁଡ଼ିକ ରାଜ୍ୟରେ ହଜାର ହଜାର ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବ। ଏଥିସହିତ ଶିଳ୍ପ ଅଭିବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧାବାସୀଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି। ଏହି ଶିଳ୍ପାଞ୍ଚଳରେ ରାଜ୍ୟ ସରକାର ୩ଟି ବୃହତ୍ କର୍ମଜୀବୀ ମହିଳା ହଷ୍ଟେଲ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ସେହି ହଷ୍ଟେଲଗୁଡ଼ିକ ଡେରାସ, କାଳିବେଟି ଏବଂ ଭୁଇନପୁରଠାରେ ନିର୍ମାଣ କରାଯିବ। ଏହି କାର୍ଯ୍ୟକ୍ରମରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଶିଳ୍ପ ସଂସ୍ଥାଗୁଡ଼ିକର ବରିଷ୍ଠ ବ୍ୟକ୍ତି, ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବୌଦ୍ଧ ଆର୍‌ଟିଓଙ୍କଠୁ ମିଳିଲାଣି ୧୯ କୋଟିର ସମ୍ପତ୍ତି

ବୌଦ୍ଧ, (ଅଜିତ କୁମାର ବାରିକ)/ ଭୁବନେଶ୍ୱର,୧୫।୨ (ସତ୍ୟଜିତ୍ ରାଉତ)

ବଡ଼ ଶପିଂ ମଲ୍‌ରେ କମର୍ସିଆଲ୍ ଆଉଟଲେଟ୍ ଓ ଏକାଧିକ ଆପାର୍ଟମେଣ୍ଟରେ ଦାମୀ ଫ୍ଲାଟ୍। ଏପରିକି ରାଜ୍ୟ ବାହାରେ ଫ୍ଲାଟ୍ କିଣିବାକୁ ଦେଇଛନ୍ତି କୋଟି କୋଟି ଟଙ୍କା। କେବଳ ଏତିକି ନୁହେଁ, ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଜମା ରାଶି ସହ ୧୯ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି। ଗୁରୁବାର ଭିଜିଲାନ୍ସ ଜାଲରେ ଫସିବା ପରେ ବୌଦ୍ଧ ଜିଲା ଆର୍‌ଟିଓ ବସନ୍ତ କୁମାର ମହାପାତ୍ରଙ୍କ ଏଭଳି ଅମାପ ସମ୍ପତ୍ତିର ଗୁମର ପଦାକୁ ଆସିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ପକ୍ଷରୁ ବସନ୍ତଙ୍କ ଘର, ସରକାରୀ କାର୍ଯ୍ୟାଳୟ ସମେତ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର, ବୌଦ୍ଧ ଓ ଗଞ୍ଜାମ ଜିଲାର ୧୦ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇ ଏସବୁ ସମ୍ପତ୍ତି ଠାବ ହୋଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ବସନ୍ତଙ୍କ ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ପୈତୃକ ଘର, ବୌଦ୍ଧ ରଜନପଲ୍ଲୀ ଜଗନ୍ନାଥବିହାରରେ ଥିବା ଭଡାଘର, ବ୍ରହ୍ମପୁର କମାପାଲିସ୍ଥିତ ସମ୍ପର୍କୀୟଙ୍କ ଘର, ବୌଦ୍ଧ ଆର୍‌ଟିଓ ଅଫିସ୍‌ସ୍ଥିତ ଚାମ୍ବର, ଭୁବନେଶ୍ୱର ଶୈଳଶ୍ରୀବିହାରସ୍ଥିତ ୱେଷ୍ଟ୍ ଏଣ୍ଡ୍ ଆପାର୍ଟମେଣ୍ଟସ୍ଥିତ ଏକ ଫ୍ଲାଟ୍ ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଚାଲିଥିବା ଏହି ଯାଞ୍ଚରେ

## ୧୦ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ


ବସନ୍ତ କୁମାର ମହାପାତ୍ର

ଭିଜିଲାନ୍ସ ଟିମ୍‌ଗୁଡିକରେ ଦୁଇଜଣ ଅତିରିକ୍ତ ଏସ୍‌ପି, ୬ ଡିଏସ୍‌ପି, ୬ ଇନ୍ସପେକ୍ଟରଙ୍କ ସହ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ଗୁରୁବାର ସନ୍ଧ୍ୟା ସୁଦ୍ଧା ପାହାଲସ୍ଥିତ ଉତ୍କଳ ସିଗ୍ନେଚରର ତୃତୀୟ ମହଲାରେ ୩ ହଜାର ବର୍ଗଫୁଟ ବିଶିଷ୍ଟ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଏକ ଫ୍ଲାଟ୍ (ନଂ.୩୦୭), କଳ୍ପନା ଛକସ୍ଥିତ ଉତ୍କଳ କନିକା ଗାଲେରିଆରେ ଏଗ୍ରିମେଣ୍ଟ ଅନୁଯାୟୀ ୨ କୋଟି ଟଙ୍କାର ଦୁଇଟି କମର୍ସିଆଲ୍ ଶପିଂ କମ୍ପ୍ଲେକ୍ସ (ନଂ.୪,୫), କଳ୍ପନାଛକ ଉତ୍କଳ ରୟାଲ ରେସିଡେନ୍ସିର ୮ମ ମହଲାରେ ଏକ ୩ ବିଏଚ୍‌କେ ଫ୍ଲାଟ୍ (ନଂ,ବି/୮୩) ଠାବ ହୋଇଛି। ବସନ୍ତ ଭୁବନେଶ୍ୱର କଳାରାହାଙ୍ଗସ୍ଥିତ ଜେଡ୍-୧ ଇଷ୍ଟେଟ୍ ଆଇକନିକ୍ ଟାୱାରର ବ୍ଲକ୍-୪ରେ ଥିବା ୫ ବିଏଚ୍‌କେ ଫ୍ଲାଟ୍ (ନଂ.୨୫୦୪) କିଣିବାକୁ ଅଗ୍ରିମ ୧.୩୫ କୋଟି ଏବଂ ବେଙ୍ଗାଲୁରୁ ସିଟିସ୍ଥିତ ଓଜୋନ୍ ଏଲିଗାଣ୍ଟ ଆପାର୍ଟମେଣ୍ଟରେ ଫ୍ଲାଟ୍ (ନଂ.ଏଫ୍-୧୦୦୨) କିଣିବାକୁ ୮୮ ଲକ୍ଷ ଟଙ୍କା ଦେଇଥିବା ଭିଜିଲାନ୍ସ ଟିମ୍ ପ୍ରମାଣ ପାଇଛି। ୩ କୋଟି ୯୦ ଲକ୍ଷ ୫୯ ହଜାର ଟଙ୍କାର ବ୍ୟାଙ୍କ, ଜୀବନବୀମା ଜମା, ବଣ୍ଡ ଦ୍ୱାରା ନିବେଶ ଓ ମ୍ୟୁଚୁଆଲ୍ ଫଣ୍ଡ ଠାବ ହୋଇଛି। ଏଥିସହ ବସନ୍ତଙ୍କ ଘରୁ ନଗଦ ୧ ଲକ୍ଷ ୧୬ ହଜାର ୭୦୦ ଟଙ୍କା, ୫୯୦ ଗ୍ରାମ ସୁନା ଅଳଙ୍କାର ଓ ୩୧୮ ଗ୍ରାମ୍ ରୁପା ଅଳଙ୍କାର, ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୨ ବାଇକ ଏବଂ ଘରୋଇ ଆସବାବପତ୍ର ମିଳିଛି। ତାଙ୍କୁ ଅଧିକ ପଚରାଉଚରା କରାଯାଉଛି। ତେବେ ଠାବ ହୋଇଥିବା ବସନ୍ତଙ୍କ ସମ୍ପତ୍ତିର ପରିମାଣ ୧୯ କୋଟିରୁ ଊର୍ଦ୍ଧ୍ୱ ହେବ। ବସନ୍ତ ୧୯୯୧ ସେପ୍ଟେମ୍ବର ୯ରେ ମେକାନିକାଲ୍ ଇଞ୍ଜିନିୟର ଭାବେ ରାଜ୍ୟ ସରକାରଙ୍କ ପରିବହନ ବିଭାଗରେ ଚାକିରି ଆରମ୍ଭ କରିଥିଲେ। ସେ ୨୦୧୪ରେ ଜୁନିୟର ଏମ୍‌ଭିଆଇ ଭାବେ ପଦୋନ୍ନତି ପାଇ ବାଲେଶ୍ୱର, କୋରାପୁଟ, ବରଗଡ ଏବଂ ଗଜପତି ଜିଲାରେ କାର୍ଯ୍ୟ କରିଥିଲେ। ତେବେ ୨୦୨୧ ଏପ୍ରିଲ ୮ରେ ସେ ଏମ୍‌ଭିଆଇ ଭାବେ ପଦୋନ୍ନତି ପାଇ ଭୁବନେଶ୍ୱର ଆର୍‌ଟିଓ-୨ରେ କାର୍ଯ୍ୟ କରିଥିଲେ। ୨୦୨୨ ମେ' ୧ରୁ ବୌଦ୍ଧ ଆର୍‌ଟିଓ ଭାବେ କାର୍ଯ୍ୟ କରୁଛନ୍ତି।

# ଶିଳ୍ପ କ୍ଷେତ୍ରରେ ଅନ୍ୟ ରାଜ୍ୟଠୁ ଆଗରେ ଓଡ଼ିଶା: ବିଜେଡି

■ ୭ ବର୍ଷରେ ୧୧.୬୩ ଲକ୍ଷ କୋଟି ଟଙ୍କାର ନିବେଶ ହୋଇଛି

ଭୁବନେଶ୍ୱର,୧୫।୨(ଅନିଲ ଦାସ)

ଶିଳ୍ପାୟନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିଥିବାରୁ ଓଡ଼ିଶାରେ ଗତ ୭ ବର୍ଷ ମଧ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ, ଗ୍ରୀନ୍ ହାଇଡ୍ରୋଜେନ, ଅକ୍ଷୟ ଶକ୍ତି, ଇଭି ଯାନ, ପ୍ଲାଷ୍ଟିକ ଓ କେମିକାଲ, ପର୍ଯ୍ୟଟନ ତଥା ମେଟାଲ ଡାଉନଷ୍ଟ୍ରିମ୍ ଶିଳ୍ପ କ୍ଷେତ୍ରରେ ୧୧.୬୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି। ଏଥିଯୋଗୁ ୭ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ଜାତୀୟ ମୁଖପାତ୍ର ସଂତୃପ୍ତ ମିଶ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆର୍‌ବିଆଇ ରିପୋର୍ଟ ଅନୁଯାୟୀ, ପୁଞ୍ଜି ନିବେଶ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଥିବା ବେଳେ ସିଏମ୍ଆଇ ଓ ସିଆଇଆଇ ରିପୋର୍ଟରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ଗତ ୭ ବର୍ଷ ଭିତରେ ରପ୍ତାନି ପରିମାଣ ପାଖାପାଖି ଦୁଇ ଗୁଣ ହୋଇପାରିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ସିମେଣ୍ଟ ଉତ୍ପାଦନ ୨୨ ଗୁଣା ବୃଦ୍ଧି ହେବା ସହ ଷ୍ଟିଲ୍ ଉତ୍ପାଦନରେ ପ୍ରାୟ ୧୫ ଗୁଣା ବୃଦ୍ଧି ହୋଇପାରିଛି। ଟେକ୍ସଟାଇଲ, କେମିକାଲ, ପ୍ଲାଷ୍ଟିକ, ଗ୍ରୀନ୍ ହାଇଡ୍ରୋଜେନ, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ବୃହତ୍ ପୁଞ୍ଜିନିବେଶକାରୀମାନେ ଓଡ଼ିଶାରେ ପୁଞ୍ଜିନିବେଶ କରୁଛନ୍ତି। ବନ୍ଦର ପରିଚାଳନା କ୍ଷମତା ୨୦ ମେଟ୍ରିକ ଟନ୍‌ରୁ ୧୭୬ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛି। ରାଜ୍ୟ ସରକାର ଯୁବଶକ୍ତିର ଦକ୍ଷତା ବିକାଶକୁ ଗୁରୁତ୍ୱ ଦେବା ଫଳରେ ନୂତନ ପୁଞ୍ଜିନିବେଶକାରୀମାନେ 'ଦକ୍ଷତା ବିକାଶ ବିଭାଗ' ସହିତ ସମନ୍ୱୟ ରକ୍ଷା କରି 'ସ୍କିଲ୍‌ଡ ଇନ୍ ଓଡ଼ିଶା' ମାଧ୍ୟମରେ ଯୁବଶକ୍ତିକୁ ନିଯୁକ୍ତି ମିଳିପାରୁଛି। ରାଜସ୍ୱ ବଳକା ରାଜ୍ୟ ହେବା ସହ ଓଡ଼ିଶା ଆଜି ଆର୍ଥିକ ପରିଚାଳନାରେ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିପାରିଛି। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ସୁଶାସନ ଲାଗି ବହୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ନିବେଶକମାନେ ଓଡ଼ିଶାରେ ପୁଞ୍ଜି ନିବେଶ କରିବାକୁ ଆକୃଷ୍ଟ ହେଉଛନ୍ତି। ବ୍ୟାପକ ଶିଳ୍ପାୟନ ପାଇଁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଲାଗି ଓଡ଼ିଶା ଅର୍ଥନୀତିକୁ ଶିଳ୍ପ କ୍ଷେତ୍ରରୁ ୪୧.୩% ରାଜସ୍ୱ ମିଳିପାରୁଛି, ଯାହାକି ଅନ୍ୟ ରାଜ୍ୟ ଓ ଜାତୀୟ ସ୍ତରରେ ଶିଳ୍ପ କ୍ଷେତ୍ରରୁ ୨୮.୫% ରାଜସ୍ୱ ମିଳୁଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଗେଇ ଚାଲିଛି ବୋଲି ସଂତୃପ୍ତ କହିଛନ୍ତି।

# ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୨ ଯବାନ ଗୁରୁତର

ବଲାଙ୍ଗୀର/ କନ୍ଧମାଳ/ବୌଦ୍ଧ,୧୫।୨ (ବୀରେନ୍ଦ୍ର କୁମାର ଝାଙ୍କର/ ଆଦିତେଶ୍ୱର ମିଶ୍ର/ ଅଜିତ୍ ବାରିକ)

ବୌଦ୍ଧ ଜିଲା କନ୍ଧମାଳ ଥାନା ବଲମତୁମା ଜଙ୍ଗଲରେ ମାଓବାଦୀମାନେ ବିଛାଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଗୁରୁବାର ସକାଳେ ୨ ଏସ୍‌ଓଜି ଯବାନ ରସରାଜ ଶିରୋମଣି ନାଏକ ଓ ଉତ୍କଳ ପଟେଲ ଆହତ ହୋଇଛନ୍ତି। ଉଭୟଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରୁ ଅପରାହ୍ନରେ ବଲାଙ୍ଗୀର ମନୋହରପୁର ରିଜର୍ଭ ପୋଲିସ ପଡ଼ିଆରୁ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଏମ୍ସ୍ ସ୍ଥାନାନ୍ତର କରାଯାଇଛି। ବିସ୍ଫୋରଣରେ କେକେବିଏନ୍ ମାଓବାଦୀଙ୍କ ହାତ ଥିବା ପୋଲିସ ସନ୍ଦେହ କରୁଛି। ଘଟଣାସ୍ଥଳକୁ ଅଧିକ ସୁରକ୍ଷା ବାହିନୀ ପଠାଯାଇଥିବା ଏଡିଜି ଅପରେଶନ ଏସ୍.ଦେବଦତ୍ତ ସିଂ ସୂଚନା ଦେଇଛନ୍ତି। କନ୍ଧମାଳ-ବୌଦ୍ଧ ଜିଲାର ସୀମାନ୍ତବର୍ତ୍ତୀ ବଲମତୁମା ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ନେଇ ସୂଚନା ମିଳିବା ପରେ ଏସ୍‌ଓଜି ଯବାନଙ୍କ ପକ୍ଷରୁ ସକାଳେ ଜଙ୍ଗଲରେ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଥିଲା। ତଲାସୀ ଚାଲିଥିବାବେଳେ ଜଙ୍ଗଲରେ ମାଓବାଦୀ ବିଛାଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା। ଏଥିରେ ରସରାଜ ଓ ଉତ୍କଳ ଗୁରୁତର ହୋଇଛନ୍ତି। ଜଣଙ୍କ ମୁଣ୍ଡ ଓ ଅନ୍ୟ ଜଣକ ଗୋଡ଼ରେ ଗୁରୁତର ଆଘାତ ଲାଗିଛି।

# ପ୍ରାଚୀନ ବୁଦ୍ଧ ମୂର୍ତ୍ତି ଠାବ

ଛତିଆ,୧୫।୨(ସୌମ୍ୟ ରଞ୍ଜନ ସାହୁ)

ଯାଜପୁର ଜିଲା ସୀମାନ୍ତବର୍ତ୍ତୀ ଛତିଆ ନିକଟ ମାଗୁରା ଧାନମଣ୍ଡଳ ପଞ୍ଚାୟତର ଗଣେଶ୍ୱରପୁର ଜାଗୁଲେଇ ଭେଡ଼ି ଅଞ୍ଚଳରୁ ମିଳିଛି ବୁଦ୍ଧଙ୍କ ଏକ ପ୍ରାଚୀନ ମୂର୍ତ୍ତି। ମୁଣ୍ଡ ନ ଥିବା ଏହି ପ୍ରତିମୂର୍ତ୍ତିର ଓସାର ଅଢ଼େଇ ଫୁଟ ଓ ଉଚ୍ଚତା ସାଢ଼େ ୪ଫୁଟ ରହିଛି। ବିରୂପା ନଦୀ କୂଳରେ ଅବସ୍ଥିତ ଏହି ଗାଁର ବିଲ ମଝିରେ ଥିବା ଏକ କୁଦିଆରେ ଏହାକୁ ଠାବ କରାଯାଇଛି। ବୁଦ୍ଧଙ୍କ ଏହି ଭଗ୍ନାବଶେଷ ସହିତ ଅନେକ ପଥର ସେଠାରେ ପୋତି ହୋଇ ରହିଥିବା ଦେଖିବାକୁ ମିଳିଛି। ତେଣୁ ଏଠାରେ ବୁଦ୍ଧଙ୍କ ଏକ ମନ୍ଦିର ଥିବା ଅନୁମାନ କରିଛନ୍ତି ଇନ୍‌ଟାକ୍‌ର ସଦସ୍ୟମାନେ। ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ଏହି ସ୍ଥାନର ସର୍ଭେ କରାଗଲେ ପ୍ରକୃତ ତଥ୍ୟ ମିଳିପାରନ୍ତା ବୋଲି ଇନ୍‌ଟାକ୍‌ର ସଦସ୍ୟ ତଥା ପରିବେଶବିତ୍ ବିଶ୍ୱଜିତ ମହାନ୍ତି କହିଛନ୍ତି। ଅନ୍ୟପକ୍ଷେ କାହିଁ କେଉଁ କାଳରୁ ଏଠାରେ ବୁଦ୍ଧଙ୍କ ଏହି ମୂର୍ତ୍ତି ପଡ଼ି ରହିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।


ଉଦ୍ଧାର ହୋଇଥିବା ବୁଦ୍ଧ ମୂର୍ତ୍ତି।

# ଦନ୍ତାହାତୀର ମୃତଦେହ ଜବତ

ନୟାଗଡ଼/ଗଣିଆ, ୧୫।୨ (ଲୋକନାଥ ମିଶ୍ର /ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଛାମୁଣ୍ଡିଆ ରେଞ୍ଜ ଡିପିସାହି ସେକ୍ସନର କମ୍ପାଟମେଣ୍ଟ-୨ ଶୁଖିଲାବନ୍ଧ ନିକଟରୁ ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ ଏକ ଦନ୍ତାହାତୀର ମୃତଦେହ ଜବତ କରିଛନ୍ତି। ଦନ୍ତାହାତୀର ୪ଦିନ ତଳେ ସ୍ୱାଭାବିକ ଭାବେ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ବିଳମ୍ବରେ ସଫେଇ ଦିଆଯାଇଛି। ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର କର୍ମଚାରୀମାନେ ପହଞ୍ଚି ମୃତଦେହ ଠାବ କରିଥିଲେ। ମୃତ ଦନ୍ତାର ଚାରିପଟେ ୨୨ଟି ହାତୀ ଘେରି ରହିଥିଲେ। ସେଥିପାଇଁ ବନ୍ୟପ୍ରାଣୀ କର୍ମଚାରୀମାନେ ହାତୀର ମୃତଦେହ ଉଦ୍ଧାର କରିବାରେ ବିଳମ୍ବ ହୋଇଥିଲା। ହାତୀପଲ କିଛି ଦୂର ଯିବା ପରେ ବନ୍ୟପ୍ରାଣୀ କର୍ମଚାରୀମାନେ ବ୍ୟବଚ୍ଛେଦ ପରେ ମୃତଦେହକୁ ସେଠାରେ ପୋତି ଦେଇଛନ୍ତି। ଏହାପୂର୍ବରୁ କର୍ମଚାରୀମାନେ ମାଂସ ଲାଗିଥିବା ୨ଟି ଦାନ୍ତ ଜବତ କରିଥିଲେ। ଗୁରୁବାର ଦନ୍ତାହାତୀର ୨ ଦାନ୍ତକୁ ଛାମୁଣ୍ଡିଆ ରେଞ୍ଜ କାର୍ଯ୍ୟାଳୟରେ ତାଲା ପକାଇ ରଖାଯାଇଥିଲା। ଏ ସମ୍ପର୍କରେ କାହାରିକୁ ତଥ୍ୟ ଦିଆଯାଇ ନ ଥିଲା।

**ସ୍ୱାଭାବିକ ମୃତ୍ୟୁ ଦର୍ଶାଇଲା ବନ୍ୟପ୍ରାଣୀ ବିଭାଗ**



# ନିର୍ଣ୍ଣାୟକ ଭୂମିକା ନେଇପାରନ୍ତି ସ୍ୱାଧୀନ ପ୍ରାର୍ଥୀ

## ଚମ୍ପୁଆ ବିଧାନସଭା କ୍ଷେତ୍ର

ଯୋଡ଼ା, ୧୫।୨ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ବିଧାନସଭା କ୍ଷେତ୍ର ୨୦୦୯ଠାରୁ ଚର୍ଚ୍ଚାରେ ରହିଆସିଛି। ଅତୀତରେ କଂଗ୍ରେସର ଗଡ଼ କୁହାଯାଉଥିବା ଏହି ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଜିତୁ ପଟ୍ଟନାୟକ ୨୦୦୯ରେ ଜିତିଥିବା ବେଳେ ୨୦୧୪ରେ ସନାତନ ମହାକୁଡ଼ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟଲାଭ କରି ପତିଆରା ଦେଖାଇଥିଲେ। ୨୦୧୯ରେ ବିଜେଡିରୁ ମୀନାକ୍ଷୀ ମହାନ୍ତ ବିଧାୟକ ହୋଇଥିଲେ। ଖଣି ଅଞ୍ଚଳ ହୋଇଥିବାରୁ ଏହାକୁ ରାଜ୍ୟର ଅନ୍ୟତମ ଧନୀ ବିଧାନସଭା କ୍ଷେତ୍ର ଭାବେ ଅଭିହିତ କରାଯାଇଥାଏ। ବର୍ତ୍ତମାନ ଆସନ ବିଜେଡି ହାତରେ ଥିବା ବେଳେ ଆଗାମୀ ନିର୍ବାଚନ ପାଇଁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସରେ ଆଶାୟୀଙ୍କ ସଂଖ୍ୟା ବଢ଼ିଚାଲିଲାଣି। ରାଜନୈତିକ ବିଶେଷଜ୍ଞଙ୍କ ମତରେ ଏହି ଆଶାୟୀଙ୍କ ମଧ୍ୟରୁ କେତେକେ ଟିକେଟ ନ ପାଇଲେ ହୁଏତ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନକୁ ଆସିପାରନ୍ତି।

ବର୍ତ୍ତମାନର ସ୍ଥିତି ଦେଖିଲେ ଦୁଇ ପ୍ରମୁଖ ଦଳ ବିଜେଡି, ଭାଜପା ରହିଥିବା ବେଳେ ଏଠାରେ କଂଗ୍ରେସର ସେଭଳି ପ୍ରଭାବ ଥିବା ପରିଲକ୍ଷିତ ହେଉନାହିଁ। ପୂର୍ବତନ କଂଗ୍ରେସ ବିଧାୟକ ଧନୁର୍ଜୟ ସିଦ୍ଧୁ କଂଗ୍ରେସ ଛାଡ଼ି ପ୍ରଥମେ ଭାଜପା ଓ ପରେ ବିଜେଡିକୁ ଡିଆଁ ମାରିଥିଲେ। ସେହିପରି ଏବର ବିଜେଡି ଜିଲା ସଭାପତି ତଥା ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର କଂଗ୍ରେସରୁ ଆସି ବିଜେଡିରେ ମିଶିଛନ୍ତି। ଅନେକ ଟାଣୁଆ ନେତା ବିଜେଡି ମୁହାଁ ହୋଇଥିବାରୁ ଦଳରେ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଯଦିଓ ଦଳ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନାହିଁ, ତେଣୁ ଆଶାୟୀ ଯେଝା ବାଟରେ ଭୁବନେଶ୍ୱର ଯାଇ ଟିକେଟ ଲବି କରୁଥିବା ଶୁଣିବାକୁ ମିଳିଛି। ବିଜେଡି ନେତା କୁଶ ଆପଟ, ବିଧାୟିକା ମୀନାକ୍ଷୀ ମହାନ୍ତ, ବଡ଼ବିଲ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ, ଖଣି ତଥା ଶିଳ୍ପ ମାଲିକ ଶ୍ରୀନିବାସ ସାହୁ, ଯୋଡ଼ା ଟ୍ରକ୍ ମାଲିକ ସଂଘ ସମ୍ପାଦକ ସୁଶାନ୍ତ ବାରିକ, ରମଣୀ ନାଏକ ଏବଂ ଚମ୍ପୁଆ ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ପ୍ରମୁଖଙ୍କ ନାମ ଆଶାୟୀ ଭାବେ ରହିଥିବା ଆଲୋଚନା ହେଉଛି। ଏଭଳି ସମୟରେ ଶୁଭଶ୍ରୀ ନାୟକ ନାମ୍ନୀ ଜଣେ ମହିଳା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ପୋଷ୍ଟର ମାରି ଚର୍ଚ୍ଚାକୁ ଆସିଛନ୍ତି। ସେହିପରି ପୂର୍ବତନ ସ୍ୱାଧୀନ ବିଧାୟକ ସନାତନ ମହାକୁଡ଼ ସମ୍ବଲପୁର ଓ କେନ୍ଦୁଝରରେ ହୋଇଥିବା କାର୍ଯ୍ୟକ୍ରମକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ନିକଟତର ହେବାକୁ ଚେଷ୍ଟା କରିଛନ୍ତି। ଏହାକୁ ନେଇ ସନାଙ୍କ ସମର୍ଥକଙ୍କ ମଧ୍ୟରେ ତାଙ୍କ ନେତାଙ୍କ ଟିକେଟ ଆଶା ଉଜ୍ଜୀବିତ କରିଛି। ଆଶାୟୀଙ୍କ ସଂଖ୍ୟା ବଢୁଥିବାରୁ ତାହା ଦଳ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି।



ଗତ ନିର୍ବାଚନରେ ବିଜେଡି ଓ ଭାଜପା ମଧ୍ୟରେ ଭୋଟ ବ୍ୟବଧାନ କମିଥିଲା। ଆସନ୍ତା ନିର୍ବାଚନରେ ଏହି ଦୁଇ ଦଳ ଭିତରେ ଲଢ଼େଇ ହୋଇପାରେ ବୋଲି କୁହାଯାଉଛି। ବିଜେଡି ଭଳି ଭାଜପାରେ ମଧ୍ୟ ଆଶାୟୀ ସଂଖ୍ୟା ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରେ ମୁରଲୀ ଶର୍ମା, ସୁକେଶି ଓରାମ ଓ ଅଗନୁ ଚରଣ ମହାନ୍ତ ପ୍ରମୁଖ ଅଛନ୍ତି। ଅନ୍ୟପକ୍ଷରେ କଂଗ୍ରେସରେ ବିପ୍ଳବ ମିଶ୍ର, ଯଦୁମଣି ବାରିକ, ସରୋଜ ଓରାମ, ଗୁରୁ ବକ୍ସସିଂ ଆହଲୁୱାଲିଆ ପ୍ରମୁଖ ଆଶାୟୀ ଅଛନ୍ତି।

ବିଜୁ ଜନତା ଦଳ ସ୍ୱାସ୍ଥ୍ୟ ବୀମା, ୫-ଟି ଜରିଆରେ ହୋଇଥିବା ବିକାଶକୁ ନେଇ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରୁଥିବା ବେଳେ ଖଣି, ଶିଳ୍ପ ସମୃଦ୍ଧ ଅଞ୍ଚଳରେ ଯୁବତୀଯୁବକଙ୍କ ବେରୋଜଗାର ସମସ୍ୟା, ଅତୀତରେ ଏଠାରେ ଘୋଷଣା କରାଯାଇଥିବା ନୂଆ ବସ୍‌ଷ୍ଟାଣ୍ଡ ଓ ହସ୍ପିଟାଲର ଉନ୍ନତୀକରଣ ଉପରେ ଭୋଟର ପ୍ରଶ୍ନ କରୁଛନ୍ତି। ସେହିପରି ଭାଜପା ପକ୍ଷରୁ ରାମ ମନ୍ଦିର, ମୋଦିଙ୍କ ଗ୍ୟାରେଣ୍ଟି ବିଷୟରେ କୁହାଯାଇ ଭୋଟରଙ୍କୁ ବିଶ୍ୱାସକୁ ଆଣିବା ଲାଗି ଚେଷ୍ଟା କରାଯାଉଥିଲେ ମଧ୍ୟ ଲୋକେ ସ୍ଥାନୀୟ ଅଞ୍ଚଳର ସମସ୍ୟାଗୁଡ଼ିକୁ ନେତାମାନଙ୍କୁ ଦର୍ଶାଉଛନ୍ତି। ଏଥିରେ ମୁଖ୍ୟତଃ ଯାତ୍ରୀବାହୀ ରେଳଗାଡ଼ିର ଅଭାବ ଓ ଅଧାପନ୍ତରିଆ ଜାତୀୟ ରାଜପଥ ଆଦି ରହିଛି।

ଚମ୍ପୁଆ ରାଜନୀତିରେ ସବୁବେଳେ ସ୍ୱାଧୀନ ପ୍ରାର୍ଥୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଆନ୍ତି। ଭତ୍ତା ଦେଇ ଭୋଟରଙ୍କୁ ଆକୃଷ୍ଟ କରିବା ହେଉ ବା ସିନେମା ଜଗତର ନାମୀଦାମୀ କଳାକାରଙ୍କୁ ଆଣି ଏଠାରେ ଭୋଟରଙ୍କୁ ଆକୃଷ୍ଟ କରିବାର ଦୃଶ୍ୟ ଅତୀତରେ ବାରମ୍ବାର ଦେଖିବାକୁ ମିଳିଛି। ଯଦି ୨୦୦୦ ମସିହାରୁ ଦେଖାଯାଏ ଚମ୍ପୁଆ ନିର୍ବାଚନମଣ୍ଡଳୀରେ ଜଣେ ନେତା ଦୁଇ ଥର ଜିତିଥିବାର ନଜିର ନାହିଁ। ତେଣୁ ୨୦୨୪ ସାଧାରଣ ନିର୍ବାଚନରେ କିଏ କେଉଁ ଦଳରୁ ପ୍ରାର୍ଥୀ ହୋଇ ଜିତାପଟ ମାରୁଛନ୍ତି, ତାହାକୁ ଅପେକ୍ଷା।

# ମୋ ଦ୍ୱାରା ରାଜନୀତି ହେବ ନାହିଁ: ମିମି



କୋଲକାତା, ୧୫।୨

ପଶ୍ଚିମବଙ୍ଗରୁ ଲୋକ ସଭା ସଦସ୍ୟ ଥିବା ମିମି ଚକ୍ରବର୍ତ୍ତୀ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫା ପତ୍ର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅଧ୍ୟକ୍ଷ ମମତା ବାନାର୍ଜିଙ୍କୁ ପଠାଇଛନ୍ତି। ଯାଦବପୁର ଲୋକ ସଭା ଆସନରୁ ଏମ୍‌ପି ଥିବା ମିମି ନିଜ ଇସ୍ତଫା ନେଇ ପ୍ରତିକ୍ରିୟା ରଖିଛନ୍ତି। ଗୁରୁବାର ସେ ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କୁ ଭେଟି ନିଜ ଇସ୍ତଫା ନେଇ ଅବଗତ କରାଇବା ସହ ରାଜନୀତି ତାଙ୍କ ଦ୍ୱାରା ହେବ ନାହିଁ ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ତେବେ ଦଳରୁ ମଞ୍ଜୁରୀ ମିଳିବା ପରେ ହିଁ ସେ ତାଙ୍କ ଇସ୍ତଫା ପତ୍ର ଲୋକସଭା ବାଚସ୍ପତିଙ୍କ ନିକଟକୁ ପଠାଇବେ। ଦୀର୍ଘବର୍ଷ ଧରି ବଙ୍ଗାଳୀ ଫିଲ୍ମ ଇଣ୍ଡଷ୍ଟ୍ରୀରେ ନିଜ ଅଭିନୟର ଯାଦୁ ଦେଖାଇ ଆସୁଥିବା ମିମିଙ୍କ ଲୋକପ୍ରିୟତାକୁ ଭିତ୍ତି କରି ୨୦୧୯ ଲୋକ ସଭା ନିର୍ବାଚନରେ ଯାଦବପୁର ଆସନରୁ ତାଙ୍କୁ ଏମ୍‌ପି ଟିକେଟ ଦେଇଥିଲା ଟିଏମ୍‌ସି। ସେ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଅନୁପମ୍ ହାଜରାଙ୍କୁ ୨ ଲକ୍ଷ ୯୫ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ।

# ନାମାଙ୍କନ ଦାଖଲ କଲେ ଅଶ୍ୱିନୀ



ବିଧାନସଭାରେ ରେଳମନ୍ତ୍ରୀ ତଥା ଭାଜପାର ରାଜ୍ୟ ସଭା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବ ରିଟର୍ନିଂ ଅଫିସରଙ୍କୁ ନାମାଙ୍କନ ପତ୍ର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୧୫।୨ (ଅନିଲ ଦାସ)

ରେଳମନ୍ତ୍ରୀ ତଥା ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବ ରାଜ୍ୟ ସଭା ପାଇଁ ଗୁରୁବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ଭାଜପା କାର୍ଯ୍ୟାଳୟରୁ ବାହାରି ସିଧା ବିଧାନସଭାରେ ପହଞ୍ଚିଥିଲେ। ପୂର୍ବାହ୍ନ ୧୧ଟାରେ ସେ ରିଟର୍ନିଂ ଅଫିସର ଅବନୀକାନ୍ତ ପଟ୍ଟନାୟକଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେ ନିଜର ୨ ସେଟ୍ ନାମାଙ୍କନ ପତ୍ର ପ୍ରଦାନ କରିଥିଲେ। ତାଙ୍କ ସହ ଭାଜପାର ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟ ସଚେତକ ମୋହନ ମାଝି, ବିଧାୟକ ନାଉରୀ ନାୟକ, ନବ ମାଝି, ବିଧାୟିକା କୁସୁମ ଟେଟେ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ସଭା ପାଇଁ ଖାଲିପଡ଼ିଥିବା ତିନୋଟି ଆସନରୁ ଦୁଇଟି ସିଟ୍ ପାଇଁ ଫେବୃଆରୀ ୧୩ ତାରିଖରେ ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଅନ୍ୟ କୌଣସି ଦଳରୁ ନାମାଙ୍କନପତ୍ର ଦାଖଲ କରାଯାଇ ନ ଥିବାରୁ ଦେବାଶିଷ, ଶୁଭାଶିଷ ଏବଂ ଅଶ୍ୱିନୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକପ୍ରକାର ସ୍ପଷ୍ଟ ହୋଇଛି।

## ୨୦ରେ ଫଳାଫଳ ଘୋଷଣା

ଶୁକ୍ରବାର ପ୍ରାର୍ଥିପତ୍ର ଯାଞ୍ଚ ହେବାକୁ ଥିବାବେଳେ ୨୦ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ୨୦ ତାରିଖରେ ଯଦି କେହି ପ୍ରାର୍ଥିପତ୍ର ପ୍ରତ୍ୟାହାର ନ କରନ୍ତି ତେବେ ସେହିଦିନ ବିଜେତାଙ୍କ ନାମ ଘୋଷଣା କରି ନିର୍ବାଚନ କମିଶନଙ୍କ ନିକଟକୁ ପଠାଯିବ ବୋଲି ରାଜ୍ୟ ସଭା ରିଟର୍ନିଂ ଅଫିସର କହିଛନ୍ତି।

ନାମାଙ୍କନ ପତ୍ର ଦାଖଲ ପରେ ଗଣମାଧ୍ୟମକୁ ଅଶ୍ୱିନୀ କହିଛନ୍ତି, ରାଜ୍ୟ ସଭା ମାଧ୍ୟମରେ ଓଡ଼ିଶାର ସେବା କରିବା ପାଇଁ ଭାଜପା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସୁଯୋଗ ଦେଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛନ୍ତି। ଓଡ଼ିଶାର ସେବା କରିବା ପାଇଁ ମହାପ୍ରଭୁ ଶକ୍ତି ଦିଅନ୍ତୁ, ସେବା ଭାବନା ଦିଅନ୍ତୁ। ତେବେ ବିଜେଡି ସମର୍ଥନରେ ବିଜୟୀ ହେବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିମ୍ବା ବିଜେଡି ସମ୍ପର୍କରେ ସେ କିଛି କହି ନ ଥିଲେ। ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

ଭାଜପା ପ୍ରାର୍ଥୀ ଅଶ୍ୱିନୀଙ୍କୁ ସମର୍ଥନ ଦେବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ପୂର୍ବରୁ ଘୋଷଣା କରିଛନ୍ତି। ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଅଶ୍ୱିନୀଙ୍କୁ ସମର୍ଥନ କରାଯାଇଥିବା ବିଜେଡି ପକ୍ଷରୁ କୁହାଯାଇଛି। ଓଡ଼ିଶାର ସ୍ୱାର୍ଥ ସହ କୌଣସି ସାଲିସ କରାଯିବନି। ସଂଘୀୟ ବ୍ୟବସ୍ଥାରେ ବିକାଶ ପ୍ରକ୍ରିୟା ଜାରିରହିବ। ଏହି କାରଣରୁ ଅଶ୍ୱିନୀଙ୍କୁ ସମର୍ଥନ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ରେଳ ଓ ଟେଲିକମ୍ ସେବାର ବୃହତ୍ତର ବିକାଶ ପାଇଁ ଦଳ ସମର୍ଥନ ଦେଇଛି। ଅଶ୍ୱିନୀଙ୍କୁ ଜିତିବାକୁ ହେଲେ ମୋଟ ୩୭ ବିଧାୟକଙ୍କ ସମର୍ଥନ ଆବଶ୍ୟକ। ଭାଜପା ନିକଟରେ ଅବଶ୍ୟ ସଂଖ୍ୟା ନାହିଁ। ଭାଜପାରେ ଏବେ ୨୨ ଜଣ ବିଧାୟକ ଅଛନ୍ତି। ଅବଶିଷ୍ଟ ବିଜେଡି ବିଧାୟକଙ୍କ ଭୋଟରେ ଅଶ୍ୱିନୀ ରାଜ୍ୟ ସଭାକୁ ନିର୍ବାଚିତ ହେବେ।

୨୦୧୯ରେ ବିଜେଡି ସମର୍ଥନରେ ସେ ରାଜ୍ୟ ସଭାକୁ ଯାଇଥିଲେ। ୨୦୨୧ ଜୁଲାଇରେ ମୋଦି ସରକାରଙ୍କ କ୍ୟାବିନେଟ ଅଦଳବଦଳରେ ଅଶ୍ୱିନୀ ବୈଷ୍ଣବଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିଲା। ଏଥିସହ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ରେଳ, ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି ଓ ଯୋଗାଯୋଗ ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଛି।

# ୧୭ରେ ସବୁ ସଦର ମହକୁମାରେ ବିକ୍ଷୋଭ କରିବ କଂଗ୍ରେସ

ଭୁବନେଶ୍ୱର, ୧୫।୨ (ସୁନିତ୍ ମିଶ୍ର)

- **ବିଜେଡି-ଭାଜପା ସମ୍ପର୍କ ନେଇ ଲୋକଙ୍କ ପାଖକୁ ଯିବୁ: ଶରତ**
- **ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ**

ଓଡ଼ିଆଙ୍କ ସ୍ୱାର୍ଥ ବର୍ତ୍ତମାନ ଉପେକ୍ଷିତ ହେଉଥିବା ଭଳି ମନେହେଉଛି। ଓଡ଼ିଶା ଜନସାଧାରଣଙ୍କ ଭୋଟ ପାଇ ନିର୍ବାଚିତ ହୋଇଥିବା ବିଜେଡି ଓଡ଼ିଆଙ୍କ ଆତ୍ମସମ୍ମାନ ଓ ସ୍ୱାଭିମାନ କ୍ଷୁଣ୍ଣ କରିଛି। ମୁଖ୍ୟ ବିରୋଧୀ ଦଳ ସହ ହାତ ମିଶାଇ ରାଜ୍ୟ ସଭା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ଖୋଲାଖୋଲି ସମର୍ଥନ କରିବା ରାଜ୍ୟରେ ବିଜେଡି ଓ ଭାଜପାର ପାର୍ଟନରଶିପ୍ ସରକାର ଚାଲିଥିବା ପ୍ରମାଣିତ କରୁଛି ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ରାଜ୍ୟର କୋଣ ଓ ଅନୁକୋଣରେ ପହଞ୍ଚାଇବା ପାଇଁ ରାଜ୍ୟ କଂଗ୍ରେସ ପକ୍ଷରୁ ପ୍ରତ୍ୟେକ ଜିଲାରେ ଆସନ୍ତା ୧୭ରେ ଜିଲା ସଦର ମହକୁମାଠାରେ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଶରତ କହିଛନ୍ତି। ଶତାଧିକ ଦଳୀୟ ନେତା ଓ କର୍ମୀ ଏହାକୁ ବିରୋଧକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି।

ଶରତ କହିଛନ୍ତି, ଯେତେବେଳେ ଶାସକ ଓ ମୁଖ୍ୟ ବିରୋଧୀ ଦଳ ଗୋଟିଏ ମୁଦ୍ରାର ୨ଟି ପାର୍ଶ୍ୱ ହୋଇଯାଆନ୍ତି ସେତେବେଳେ ଗଣତନ୍ତ୍ର ବିପଦର ସାମ୍ନାକରେ। ଉଭୟ ବିଜେଡି ଓ ଭାଜପା ରାଜ୍ୟବାସୀଙ୍କ ଆଖିରେ ଅନ୍ଧପୁତୁଳି ବାନ୍ଧି ଯେଉଁ ମିଛିମିଛିକା ବିରୋଧର ନାଟକ କରୁଥିଲେ ତା'ର ଗୁମର ବର୍ତ୍ତମାନ ପଦାରେ ପଡ଼ିଛି। ଶେଷରେ ଭାଜପାର ରାଜ୍ୟ ସଭା ପ୍ରାର୍ଥୀ ଅଶ୍ୱିନୀଙ୍କୁ ବିନା ସର୍ତ୍ତରେ ବିଜେଡି ସମର୍ଥନ ଦେବା ପ୍ରମାଣିତ କରୁଛି ଉଭୟଙ୍କ ଭିତରେ ଅସାଧୁ ନିବିଡ଼ ସମ୍ପର୍କ ରହିଛି। ସର୍ବୋଚ୍ଚ ନ୍ୟାୟାଳୟ ଇଲେକ୍ଟୋରାଲ ବଣ୍ଡ ଜରିଆରେ ସଂଗୃହୀତ ଅର୍ଥର ସ୍ୱଚ୍ଛତା ଓ ବୈଧତା ନେଇ ପ୍ରଶ୍ନ ଉଠାଇଥିବା ବେଳେ ଉଚ୍ଚତମ ନ୍ୟାୟାଳୟର ରାୟକୁ ସ୍ୱାଗତକରି ଶରତ କହିଛନ୍ତି, କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ଯେପରି ଭାବେ ଇଲୋକ୍‌ଟ୍ରାଲ ବଣ୍ଡ ଜରିଆରେ ଅଧିକ କଳାଟଙ୍କା ସଂଗ୍ରହକରି ନିର୍ବାଚନରେ ତାହାର ଦୁରୁପଯୋଗ କରୁଛନ୍ତି ତାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଏହାର ନିବାରଣ ସହ ନିର୍ବାଚନକୁ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ପାଇଁ ଉଚ୍ଚତମ ନ୍ୟାୟାଳୟ ପରାମର୍ଶ ଦେଇଛନ୍ତି ବୋଲି ଶରତ କହିଛନ୍ତି।

# ବିଜୟ, ଜଗନ୍ନାଥ ଯୁବ ବିଜେଡି ସାଧାରଣ ସମ୍ପାଦକ

ଭୁବନେଶ୍ୱର, ୧୫।୨ (ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତା ନିଯୁକ୍ତ କରାଯାଇଛି। ଏ ନେଇ ବିଜେଡି ପକ୍ଷରୁ ଗୁରୁବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ବିଜୟ କୁମାର ବିଶ୍ୱାଳ ଏବଂ ଜଗନ୍ନାଥ ନାଥଙ୍କୁ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଅଜୟ କୁମାରଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ, ସୌମ୍ୟରଞ୍ଜନ ମହାପାତ୍ରଙ୍କୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପସଭାପତି, ଅନମୋଲ ଦାସଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ, ସନ୍ତୋଷ କୁମାର ବେହେରାଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଏବଂ ପ୍ରକାଶ ଚନ୍ଦ୍ର ଦଳାଇଙ୍କୁ ବିଜୁ ଛାତ୍ର ଜନତା ଦଳର ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

# ବିଜେଡି-ଭାଜପାର ବୁଝାମଣା ଭିତରେ ଇଡି ଚଢ଼ାଉ କରିଛି: କଂଗ୍ରେସ

## ଯଥା ସମୟରେ ବିଧାୟକଙ୍କ ଘରେ ଚଢ଼ାଉ ହୋଇଛି: ମୋହନ

ଭୁବନେଶ୍ୱର, ୧୫।୨ (ସୁନିତ୍ ମିଶ୍ର)

ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଘରେ ଗୁରୁବାର ସକାଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରିଥିବା ଜଣାପଡ଼ିଛି। ଏହି କଥାକୁ କଂଗ୍ରେସ ପାଲଟା ଟାର୍ଗେଟ କରିଛି। ବିଜେଡି-ଭାଜପା ସହଭାଗିତାରେ ଏହି ଚଢ଼ାଉ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଅନ୍ୟପକ୍ଷରେ ଭାଜପା କହିଛି ଦୁର୍ନୀତି ଲାଗି ଏହି ଚଢ଼ାଉ ହୋଇଛି।

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ବିଜେଡି ଭିତରେ ବିଦ୍ରୋହ ଆରମ୍ଭ ହୋଇଗଲାଣି। ତେଣୁ ବିଦ୍ରୋହୀଙ୍କୁ ନିୟନ୍ତ୍ରଣରେ ରଖିବା ଲାଗି ବିଜେଡି-ଭାଜପା ବୁଝାମଣା ଭିତରେ ଏହି ଇଡି ଚଢ଼ାଉ କରାଇଛନ୍ତି। ଗତ ଦୁଇଟି ନିର୍ବାଚନରେ ସେମାନଙ୍କ ଦଳର ନେତାମାନେ ବିଦ୍ରୋହ କରି ନ ଥିଲେ। ଏଥର ନେତାମାନେ ବିଦ୍ରୋହ ଆରମ୍ଭ କରିଛନ୍ତି। ଯେଉଁମାନେ ସେମାନଙ୍କ ଦଳରେ ଏବେ ବିଦ୍ରୋହ କରିବେ ବୋଲି ସେମାନେ ଆଶଙ୍କା କରୁଛନ୍ତି ତାଙ୍କ ବିରୋଧରେ ଇଡି, ସିବିଆଇ ଲଗାଇ ଡରେଇବେ। ଜଣେ ନେତାଙ୍କ ଘରେ ଇଡି ପୂରାଇଦେଲେ ଅନ୍ୟମାନେ ଆଉ ଦଳ ଛାଡ଼ି ଯିବେ ନାହିଁ ବୋଲି ଶରତ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ଭାଜପା ନେତା ମୋହନ ଚରଣ ମାଝି କହିଛନ୍ତି, ଓଡ଼ିଶାରେ ବ୍ୟାପକ ମାତ୍ରାରେ ଦୁର୍ନୀତି ହେଉଛି। ଇଡି ଯଥା ସମୟରେ ତା'ର କାମ କରିବ ବୋଲି କୁହାଯାଇଥିଲା। ଯେଉଁମାନେ ଦୁର୍ନୀତିଗ୍ରସ୍ତ ନେତା, ମନ୍ତ୍ରୀ, ବିଧାୟକ, ଅଫିସର ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇଡି କେତେବେଳେ ପଛାଏ ନାହିଁ ବୋଲି ମୋହନ କହିଛନ୍ତି।

# କୃଷକ ସଙ୍ଗଠନର ବନ୍ଦ ଡାକରାକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର, ୧୫।୨ (ସୁନିତ୍ ମିଶ୍ର)

ସମଗ୍ର ଦେଶରେ ଚାଷୀଙ୍କ ଦୁଃସ୍ଥିତି ଅତ୍ୟନ୍ତ ସଙ୍ଗିନ। ଏହି ସରକାର କୃଷି ଓ କୃଷକର ବିକାଶ ପାଇଁ ଯେତେଗୁଡ଼ିଏ ପ୍ରତିଶ୍ରୁତି ଦେଇଛନ୍ତି, ତାହା ଏବେ ପ୍ରତାରଣାରେ ପରିଣତ ହୋଇଛି। ସରକାର ଚାଷୀଙ୍କ ସମସ୍ୟା ଦୂରକରିବା ପରିବର୍ତ୍ତେ ସେମାନଙ୍କ ସ୍ୱରକୁ ଚପାଇଦେବାକୁ ବହୁ ମସୁଧାକରି ଚାଲିଛନ୍ତି। ଏମ୍‌ଏସ୍‌ପିକୁ ଆଇନ ସମ୍ମତ କରିବା ପାଇଁ ତୁରନ୍ତ କମିଟି ଗଠନ କରାଯିବ ବୋଲି ଚାଷୀଙ୍କୁ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ। ଇତି ମଧ୍ୟରେ ଦୀର୍ଘ ୨ ବର୍ଷ ବିତିଯାଇଥିଲେ ମଧ୍ୟ ଏମ୍‌ଏସ୍‌ପି ବୃଦ୍ଧି ଓ ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ମିଳିଲା ନାହିଁ। ଏହି ଦାବି ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ କୃଷକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଭାରତ ବନ୍ଦ ଡାକରା ଦେଇଛି। ଏହାକୁ କଂଗ୍ରେସ ସମର୍ଥନ କରୁଛି ବୋଲି ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ କହିଛନ୍ତି।

କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅମିୟ କହିଛନ୍ତି, ଏ ସରକାର ଉପରୁ ଚାଷୀ ସଙ୍ଗଠନଗୁଡ଼ିକ ସମ୍ପୂର୍ଣ୍ଣ ଆସ୍ଥା ହରାଇଲା ପରେ ଗତ ଫେବୃଆରୀ ୧୩ରୁ ଦିଲ୍ଲୀ ଚଲୋ ଡାକରା ଅବ୍ୟାହତ ରଖିଛନ୍ତି। ଗତ ୧୨ ତାରିଖରେ ୨ ଜଣ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଓ ଅର୍ଜୁନ ମୁଣ୍ଡା ଚାଷୀ ସଙ୍ଗଠନଗୁଡ଼ିକ ସହିତ ୬ ଘଣ୍ଟା ଧରି ଆଲୋଚନା କରିବା ପରେ ଏହା ଅସଫଳ ହୋଇଛି। ଅନ୍ୟପକ୍ଷରେ ଚାଷୀଙ୍କ ନ୍ୟାୟୋଚିତ ଦାବିକୁ ଏଡ଼ାଇଦେବା ପାଇଁ ଧର୍ମକୁ ଆଖିଠାର ସଦୃଶ ସ୍ୱାମୀନାଥନଙ୍କୁ ଭାରତରତ୍ନ ଉପାଧିରେ ସମ୍ମାନିତ କରିବା ପାଇଁ କେନ୍ଦ୍ର ସରକାର ପ୍ରୟାସ କରିଛନ୍ତି ବୋଲି ସେ କହିଛନ୍ତି।

# କଳାହାଣ୍ଡି ଭାଜପା: ବିଧାୟକ ନୁହେଁ, ଏମ୍‌ପି ହେବାକୁ ମନ

ଭବାନୀପାଟଣା, ୧୫।୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ସାଧାରଣ ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟି (ଭାଜପା) ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଲାଣି। ଚା' ଦୋକାନଠୁ ହାଟବଜାର ସବୁଠି ଚର୍ଚ୍ଚା ଏଥର କିଏ ବିଧାନସଭା ଓ ଲୋକ ସଭା ପାଇଁ ଟିକେଟ ପାଉଛନ୍ତି। ତେବେ ଏଇ କିଛି ଦିନ ହେଲା ଜିଲାର ଭାଜପା ନେତାଙ୍କ ପୋଷ୍ଟର, ୱାଲ୍‌ପେଣ୍ଟିଂ, ବ୍ୟାନରକୁ ଦେଖିଲେ ଭିନ୍ନ ଧରଣର ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଛି। ତୃଣମୂଳସ୍ତରରେ ବିଧାୟକ ପ୍ରାର୍ଥୀ ଭାବେ ଆଶାୟୀ ଥିବା ନେତା ଏବେ ଏମ୍‌ପି ହେବାକୁ ମନ ବଳାଇଲେଣି। ସେଥିପାଇଁ ଭାଜପାରୁ ଏମ୍‌ପି ପ୍ରାର୍ଥୀ ହେବା ଲାଗି ଆଶାୟୀଙ୍କ ଲମ୍ବା ତାଲିକା ଦେଖିବାକୁ ମିଳିଛି। ଏପରିକି ବର୍ତ୍ତମାନ ଏମ୍‌ପି ଥିବା ବସନ୍ତ ପଣ୍ଡାଙ୍କ ସହ ଦିନେ ବିଶ୍ୱସ୍ତ ଥିବା ନେତାମାନେ ମଧ୍ୟ ଏମ୍‌ପି ପ୍ରାର୍ଥୀ ପାଇଁ ଲବି କରୁଥିବା ଶୁଣିବାକୁ ମିଳୁଛି। କାରଣ ବିଧାନସଭା କ୍ଷେତ୍ରରେ ଜିଲାରେ ଶାସକ ବିଜେଡିର ସଙ୍ଗଠନ ମଜଭୁତ ଥିବାବେଳେ ଲୋକ ସଭା ନିର୍ବାଚନମଣ୍ଡଳୀରେ ମୋଦିଙ୍କ ହାୱାରେ ନିର୍ବାଚନ ବୈତରଣୀ ପାର ହୋଇଯିବେ ବୋଲି ଅନେକଙ୍କ ଧାରଣା ଜନ୍ମିଲାଣି। ସେଥିପାଇଁ ବିଧାୟକ ନୁହେଁ, ଏମ୍‌ପି ହେବା ପାଇଁ ଅନେକ ନେତା ମନ ବଳାଉଥିବା ଜଣାପଡ଼ିଛି।



ଅର୍କକେଶରୀ ଦେଓ



ହିମାଂଶୁ ଶେଖର ମେହେର



ସୁନୀତି ମୁଣ୍ଡ



ଦୀପ୍‌ଜ୍ୟୋତି ମୁଣ୍ଡ



ଆର୍ତ୍ତତ୍ରାଣ ମହାପାତ୍ର

କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କୁ ଏଥର ଭାଜପା ଟିକେଟ ନ ଦେଇ ତାଙ୍କ ବଦଳରେ ନୂଆ ନେତାଙ୍କୁ ଛିଡ଼ା କରିପାରେ ବୋଲି ଆଶାୟୀ ପ୍ରାର୍ଥୀମାନେ କହୁଛନ୍ତି। ତେଣୁ ସେମାନେ ଏମ୍‌ପି ପ୍ରାର୍ଥୀ ହେବା ପାଇଁ ରାଜ୍ୟର ବରିଷ୍ଠ ତଥା ଦିଲ୍ଲୀର ଦଳୀୟ ତୁଙ୍ଗ ନେତାଙ୍କୁ ସାକ୍ଷାତ୍‌କରି ଲବି ଆରମ୍ଭ କରିଛନ୍ତି।

ଏମ୍‌ପି ବସନ୍ତ ପଣ୍ଡାଙ୍କ ସହ ଭବାନୀପାଟଣା ବିଧାୟକ ତଥା ଓଡ଼ିଶା ବିଧାନସଭା ବିରୋଧୀ ଦଳର ପୂର୍ବତନ ନେତା ପ୍ରଦୀପ୍ତ ନାଏକ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ଏମ୍‌ପି ଅର୍କକେଶରୀ ଦେଓ ଓ ତାଙ୍କ ପତ୍ନୀ ମାଳବିକା ଦେବୀ, ବର୍ତ୍ତମାନର ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଭୁବନେଶ୍ୱର ମେୟର ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ସୁନୀତି ମୁଣ୍ଡ, ଯୁବ ମୋର୍ଚ୍ଚାର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ଜିଲାର ପୂର୍ବତନ ସଭାପତି ଭବେନ୍ଦ୍ର ପଣ୍ଡା, ବିସିସିବିର ପୂର୍ବତନ ସଭାପତି କାଳିପ୍ରସାଦ ରାୟଗୁରୁ, ବରିଷ୍ଠ ନେତା ଜନାର୍ଦ୍ଦନ ପଣ୍ଡା, ଭାରତ ଭୂଷଣ ଦେଓ ପ୍ରମୁଖ ଦୌଡ଼ରେ ଥିବା ଜଣାପଡ଼ିଛି। ତେବେ ଏମ୍‌ପି ପଣ୍ଡା ରାଜ୍ୟ ସଙ୍ଗଠନର ନିର୍ବାଚନ କୋର୍ କମିଟିରେ ସଦସ୍ୟ ଭାବେ ଏବେ ତାଙ୍କ ନାମ ସ୍ଥାନ ପାଇଥିବାରୁ ଦଳ ତାଙ୍କୁ ପୁଣିଥରେ ଲୋକ ସଭା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା ସକାଶେ ଟିକେଟ ଦେଇପାରେ ବୋଲି ଶୁଣିବାକୁ ମିଳୁଛି।

**ତପ୍ତପାଣି ଘାଟିରେ ଓଲଟିଲା ବସ୍: ୧୫ରୁ ଊର୍ଦ୍ଧ୍ୱ ଆହତ**

ଦିଗପହଣ୍ଡି/ପାଟପୁର, ୧୫।୨ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ): ଗଞ୍ଜାମ-ଗଜପତି ଜିଲା ସୀମାନ୍ତ ତପ୍ତପାଣି ଘାଟି ପାଲୁଖଳା ଗ୍ରାମ ନିକଟରେ ଗୁରୁବାର ସନ୍ଧ୍ୟାରେ ବସ୍ ଦୁର୍ଘଟଣାରେ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। କୋରାପୁଟ ଜିଲା ମନଭାର ଓ ମସ୍ତିପୁଟ ପଞ୍ଚାୟତର ୪୫ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ବସ୍ (ସିଜି ୧୭ କେଡବ୍ଲ୍ୟୁ ୯୩୪୭)ଟି ପୁରୀ ଅଭିମୁଖେ ଯାଉଥିଲା। ତପ୍ତପାଣି ଘାଟିରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡ଼ିଥିଲା। ପୋଲିସ, ମୋହନା ଅଗ୍ନିଶମ ବାହିନୀ, ସାନଖେମୁଣ୍ଡି ଅଗ୍ନିଶମବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ୫ଟି ଆମ୍ବୁଲାନ୍ସ ଓ ୨ଟି ଅଗ୍ନିଶମବାହିନୀ ଗାଡ଼ି ଯୋଗେ ୧୫ରୁ ଊର୍ଦ୍ଧ୍ୱ ଆହତ ଯାତ୍ରୀଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା।



# ଚଢ଼ାଉବେଳେ ପୋଲିସକୁ ମାଡ଼

## ଏସ୍‌ଡିପିଓ, ଥାନାଧିକାରୀ ଆହତ: ୪ ଅଟକ

**ନନ୍ଦପୁର, ୧୫।୨ (ଶଙ୍କର ପୂଜାରୀ)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଟିକରପଡ଼ା ପଞ୍ଚାୟତର ଦେବତାହଞ୍ଜର ଗ୍ରାମରେ ଜୁଆଖେଳ ଓ ମଦ କାରବାର ଚାଲିଥିବା ସୂଚନା ପାଇ ଚଢ଼ାଉ କରିବାକୁ ଯାଇଥିବା ପୋଲିସ ଟିମ୍ ଉପରେ ଆକ୍ରମଣ ହୋଇଛି। ଫଳରେ ଏସ୍‌ଡିପିଓ ସମ୍ବିତ କୁମାର ମାଝି ଓ ଥାନା ଅଧିକାରୀ ଆଶ୍ରିତା ଖାଲ୍‌କୋ ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ମାଝି ସୁସ୍ଥ ଥିବା ବେଳେ ଥାନାଧିକାରୀ ଖାଲ୍‌କୋଙ୍କୁ ଅଧିକ ଚିକିତ୍ସା ଲାଗି କୋରାପୁଟ ସ୍ଥାନାନ୍ତର କରାଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଳଭଦ୍ର ଦୀପ ଘଟଣାର ଯାଞ୍ଚ କରି ନନ୍ଦପୁର ଥାନା ପରିଦର୍ଶନକରି ଫେରିଛନ୍ତି। ଏସ୍‌ଆଇ ଦୀପ୍ତିମୟୀ ଧରୁଆଙ୍କ ଏତଲାକ୍ରମେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏସ୍‌ଆଇ ବେଦବର ସାହୁ ତଦନ୍ତ ଦାୟିତ୍ୱ ଅଛନ୍ତି।

ଖବରରୁ ଜଣାପଡ଼ିଛି, ନନ୍ଦପୁର ଥାନା ଅଧୀନ ଟିକରପଡ଼ା ପଞ୍ଚାୟତ ଦେବତାହଞ୍ଜର ଗ୍ରାମରେ ବୁଧବାର ରାତିରେ ଏକ ବାହାଘର ଭୋଜିର ଆୟୋଜନ ହୋଇଥିଲା। ଗ୍ରାମର ସନୁ ଖିନ୍‌ବୁଡି ବଡପୁଅର ବାହାଘର ଜାକଜମକରେ କରିବାକୁ ଯାଇ ଗ୍ରାମବାସୀଙ୍କ ମନୋରଞ୍ଜନ ପାଇଁ ରାତିରେ ଆଦିବାସୀ ନାଚର ଆୟୋଜନ କରିଥିଲେ। ନାଚ ଦେଖିବାକୁ ପ୍ରବଳ ଜନ ସମାଗମ ହୋଇଥିଲା। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ନାଚସ୍ଥଳରେ ଜୁଆ ଓ ଖୁଡୁଖୁଡ଼ି ପାଲି ପକାଇଥିବା ଏବଂ ନିକଟସ୍ଥ ଦୋକାନରେ ଖୋଲାରେ ଦେଶୀ ବିଦେଶୀ ମଦ ବିକ୍ରି ହେଉଥିବା ସୂଚନା ନନ୍ଦପୁର ପୋଲିସକୁ ମିଳିଥିଲା। ଫଳରେ ରାତି ଗୋଟାଏରେ ପୋଲିସ ଟିମ୍ ଗ୍ରାମରେ ଚଢାଉ କରିଥିଲା। ପୋଲିସକୁ ଦେଖି ଲୋକେ ଛତ୍ରଭଙ୍ଗ ଦେଇଥିଲେ। ମାତ୍ର କେତେଜଣ ନିଶାସକ୍ତ ଓ ଜୁଆଡ଼ି ପୋଲିସ ଉପରକୁ ଆକ୍ରମଣ କରିଥିଲେ। ଫଳରେ ଥାନା ଅଧିକାରୀ ଖାଲ୍‌କୋଙ୍କ ମୁହଁ, ଆଖିରେ ଓ ଏସ୍‌ଡିପିଓ ମାଝିଙ୍କ ହାତରେ ମାଡବାଜି ଉଭୟେ ଆହତ ହୋଇଥିଲେ। ଘଟଣାସ୍ଥଳରୁ ପୋଲିସ ଖୁଡୁଖୁଡି ପାଲି ଜବତ କରିଛି। ୪ଜଣ ଯୁବକଙ୍କୁ ଧରି ଆଣି ସେମାନଙ୍କୁ ପଚରାଉଚରା କରୁଛି। ସେମାନେ ହେଲେ ଟିଁଅଁକଣ୍ଟା ଗ୍ରାମର ଲଛମନ ଖରା, ପଞ୍ଜିଲ ଗ୍ରାମର ନାରାୟଣ ମାଝି, ହାଟଶୁଲ୍କ ଗ୍ରାମର ଚନ୍ଦ୍ର ଖେମୁଣ୍ଡୁ ଓ ଘାସି ଖେମୁଣ୍ଡୁ। ଏନେଇ କେସ୍ ନଂ. ୨୪/୨୫ରେ ମାମଲା ରୁଜୁ ହୋଇଛି।

# ୧୫ ଟେକ୍ନୋଲୋଜି କମ୍ପାନୀ ସହ ଚୁକ୍ତି ଯୁବଶକ୍ତିଙ୍କୁ ଦକ୍ଷ କରିବ: ଧର୍ମେନ୍ଦ୍ର




**ଭୁବନେଶ୍ୱର, ୧୫।୨ (ସୁନିତ୍ ମିଶ୍ର)**

ଗୁଗ୍‌ଲ, ମାଇକ୍ରୋସଫ୍ଟ ଭଳି ୧୫ଟି ଅଗ୍ରଣୀ ଟେକ୍ନୋଲୋଜି କମ୍ପାନୀ, ବୃହତ୍ ଶିଳ୍ପ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ସହ ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସ୍‌ଡିସି)ର ଏମ୍‌ଓୟୁ ଭାରତର ଯୁବଶକ୍ତିଙ୍କୁ ଦକ୍ଷ ଏବଂ ସଶକ୍ତ କରିବ। ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍ ସ୍କିଲିଂ ମନ୍ତ୍ରକୁ ଗ୍ରହଣକରି ଆଗାମୀ ଦିନରେ ଭାରତ ଅନ୍‌ଷ୍ଟପେବୁଲ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗୁରୁବାର ନୂଆଦିଲ୍ଲୀସ୍ଥିତ କୌଶଳ ଭବନରେ ଭାରତର ଯୁବଶକ୍ତିଙ୍କୁ ଦକ୍ଷ କରିବା ଲକ୍ଷ୍ୟରେ ବିଭିନ୍ନ ପଦକ୍ଷେପ ଏବଂ ଶିଳ୍ପ ଓ ଶିକ୍ଷା ଭାଗୀଦାରିତାର ଶୁଭାରମ୍ଭ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ ଦେଶ ବିଦେଶର ୧୫ଟି ଅଗ୍ରଣୀ ଟେକ୍ନୋଲୋଜି ସଂସ୍ଥା ଯଥା ଗୁଗ୍‌ଲ, ମାଇକ୍ରୋସଫ୍ଟ, ଫ୍ଲିପ୍‌କାର୍ଟ, ଟିମ୍ ଲିଜ୍, ଅପ୍‌ଗ୍ରେଡ୍, ଗିଲାଏନ୍ସ ଫାଉଣ୍ଡେଶନ, ହନିୱେଲ, ଇନ୍‌ଫୋସିସ୍ ସହ ଏନ୍‌ଏସ୍‌ଡିସି ସହ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଆଜିର ପଦକ୍ଷେପ ସ୍କିଲ୍ ଇଣ୍ଡିଆ ମିଶନକୁ ଆଗକୁ ନେବ ଏବଂ ଅଧିକ ଦକ୍ଷ ମାନବ ସମ୍ବଳକୁ ନେତୃତ୍ୱ ଦେବାରେ ସହଯୋଗୀ ହେବ। ଏମାନେ ବିଶ୍ୱସ୍ତରୀୟ ସୁଯୋଗ ଗ୍ରହଣ କରିବେ। ଏହି ଅବସରରେ ଦକ୍ଷତା ଇକୋସିଷ୍ଟମରେ ବିଭିନ୍ନ ଡିଜିଟାଲମୂଳକ ପଦକ୍ଷେପ ବିଷୟରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଟେକ୍ନୋଲୋଜି, ସ୍କେଲ୍ ଏବଂ ସଷ୍ଟେନବିଲିଟି ଉପଯୋଗକରି ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଦିଗରେ ଅଗ୍ରସର ହେଉଥିବା ବେଳେ ଭାରତୀୟ ଶ୍ରମଶକ୍ତି କେବଳ ଘରୋଇ ଚାହିଦା ନୁହେଁ ବରଂ ବିଶ୍ୱର ଚାହିଦାକୁ ପୂରଣ କରିବେ ଏବଂ ନୂତନ ମାପଦଣ୍ଡ ସ୍ଥାପନା କରିବେ। ଆଜି ଦେଶର ଅର୍ଥନୀତି ମଜଭୁତ ହେଉଛି। ଭାରତ ବିଶ୍ୱର ୫ମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଥିବା ବେଳେ ଆଗାମୀ କିଛି ବର୍ଷ ମଧ୍ୟରେ ୩ୟ ସ୍ଥାନରେ ପହଞ୍ଚିବ। ଏହାକୁ ଦୃଷ୍ଟିରେ ରଖି ଆମକୁ ସ୍କିଲିଂ ପରିସଂସ୍ଥାନକୁ ମଜଭୁତ କରିବାକୁ ହେବ। ସାମାଜିକ ସହଭାଗିତାରେ ସମସ୍ତ ଯୁବତୀ, ଯୁବକଙ୍କୁ ଦକ୍ଷକରି ସେମାନଙ୍କୁ ନିଯୁକ୍ତିଦାତା କରିବା ପାଇଁ କରିବାକୁ ହେବ। ଏହା ଆମର ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ଧର୍ମେନ୍ଦ୍ର କହିଛନ୍ତି।

**TPCODL**

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଗଙ୍ଗ ନଗର ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।

ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

## ଓଡ଼ିଶାରେ ପହଞ୍ଚିଲେ ସିଇସି

**ଭୁବନେଶ୍ୱର, ୧୫।୨ (ସୁନିତ୍ ମିଶ୍ର)**

ଆଗକୁ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଏହାର ପ୍ରସ୍ତୁତି ସମୀକ୍ଷା କରିବାକୁ ଗୁରୁବାର ଦେଶର ମୁଖ୍ୟ ନିର୍ବାଚନ କମିଶନର(ସିଇସି) ରାଜୀବ କୁମାର ଓଡ଼ିଶାରେ ଆସି ପହଞ୍ଚିଛନ୍ତି। ୩ ଦିନିଆ ଗସ୍ତରେ ସେ ଆସିଥିବା ବେଳେ ତାଙ୍କ ନେତୃତ୍ୱରେ ଏକ ୭ ଜଣିଆ ଟିମ୍ ମଧ୍ୟ ଆସନ୍ତା ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଓଡିଶା ଆସିଥିବା ଜଣାପଡିଛି। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ନେଇ ସେ ପ୍ରସ୍ତୁତି ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିବେ। ଶୁକ୍ରବାର ଏହି ଟିମ୍ ବିଭିନ୍ନ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ ରାଜ୍ୟ ପଦାଧିକାରୀ, ଡିଇଓ, ଏସ୍‌ପି, ସିପି ଏବଂ ଆଇଜିଙ୍କ ସହ ମଧ୍ୟ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଏହାର ପରଦିନ ଅର୍ଥାତ୍ ୧୭ରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ନୋଡାଲ ଅଫିସର, ମୁଖ୍ୟ ଶାସନ ସଚିବ, ପୁଲିସ ଡିଜି ଏବଂ ଏନଫୋର୍ସମେଣ୍ଟ ଏଜେନ୍ସି ସହ ନିର୍ବାଚନ ବାବଦରେ ମୁଖ୍ୟ ନିର୍ବାଚନ କମିଶନର ଓ ତାଙ୍କ ଟିମ୍ ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି।



## ଶିକ୍ଷାବିତ୍ ଅଭୟ ମହାନ୍ତିଙ୍କ ପରଲୋକ

**କଟକ, ୧୫।୨ (କାର୍ତ୍ତିକ ସାହୁ)**



କେନ୍ଦ୍ରାପଡ଼ା କଲେଜର ଅବସରପ୍ରାପ୍ତ ଅଧ୍ୟାପକ, ଶିକ୍ଷାବିତ୍ ତଥା ଏମ୍‌ପି ଅନୁଭବ ମହାନ୍ତିଙ୍କ ବାପା ଅଭୟ ମହାନ୍ତି(୭୪)ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ପୀଡ଼ିତ ଥାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। କିଛିଦିନ ତଳେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମରଶରୀରକୁ ଭୁବନେଶ୍ୱରରୁ କଟକ ନନ୍ଦିସାହିସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଚଳଚ୍ଚିତ୍ର ଜଗତ ସହ ଜଡ଼ିତ ବ୍ୟକ୍ତିବିଶେଷ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବଡ଼ପୁଅ ଅନୁପ୍ରାସ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖାନ୍‌ନଗର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନପୁଅ ଅନୁଭବ ମୁଖାଗ୍ନି ଦେଇଥିଲେ।

**THE ASKA CO-OPERATIVE SUGAR INDUSTRIES LTD.**
P.O.:Nuagam, (Aska)- 761111, Dist-Ganjam, State-Odisha
Email Id: askasugar@yahoo.co.in, GSTIN: 21AAAAT5989L1ZO
Letter No.1878 to 1882/Dt.15.02.2024

**QUOTATION CALL NOTICE**

The Aska Cooperative Sugar Industries Ltd., at Nuagam, Aska in Ganjam District of Odisha State invites sealed Quotation from Manufacturer having GSTIN for supply of 200 ML empty glass bottles, ROPP Cap, Corrugated Boxes, Label, Tape etc. Parties are requested to give their offer with detail terms & conditions. Please visit our website www.askasugar.com for details of the Quotation Call Notice.

Sd./- Managing Director

**DISTRICT EDUCATION OFFICE, NABARANGPUR**
No.717/S&ME (MDM)-06/VI/2024 Dated: 15.02.2024

**TENDER CALL NOTICE**

Sealed tenders are invited in the prescribed form from the inteding Firms / Individuals / Company/ Corporations / Agents having Common Carrier Licence for engagement of Transporting Contractor under Mid-Day Meal Programme for transportation of rice from OSCSC Ltd. Godown points to schools / WSHGs/ SHGs point in individual blocks of Nabarangpur district during the financial year 2024-25. The detail of tender paper & terms & conditions of the tender is available in district website: http//www.nabarangpur.nic.in which can be downloaded. The last date of submission of tender is 29.02.2024 by 05.00 P.M. The tender paper complete in all respect along with required documents in sealed cover superscribed as "TENDER FOR APPOINTMENT OF TRANSPORTING AGENT UNDER MDM PROGRAMME FOR 10 BLOCKS" addressed to the District Education Officer, Nabarangpur, P.O./ P.S./ Dist.: Nabarangpur, Pin- 764059 should be sent by Speed Post / Registered post only so as to reach on or before 29.02.2024 at 05.00 P.M. The tender paper received beyond the stipulated date and time shall not be taken in to consideration.

The undersigned reserves the right to reject or cancel all the tenders or any part of it without assigning any reasons thereof.

Sd./- Collector & District Magistrate, Nabarangpur

## କୁଏଟ୍ ପାର୍ଲାମେଣ୍ଟ ଭଙ୍ଗ

**କୁଏଟ୍ ସିଟି, ୧୫।୨**

କୁଏଟ୍‌ରେ ରାଜନୈତିକ ସଙ୍କଟ ଜାରି ରହିବାରୁ ଗୁରୁବାର ପାର୍ଲାମେଣ୍ଟକୁ ଭଙ୍ଗ କରାଯାଇଛି। ଗତ ଡିସେମ୍ବରରେ ନୂଆ ଅମିରଙ୍କ ପଦଭାର ଗ୍ରହଣ ସତ୍ତ୍ୱେ କ୍ୟାବିନେଟ ମନ୍ତ୍ରୀ ଓ ଆଇନ ପ୍ରଣେତାମାନଙ୍କ ମଧ୍ୟରେ ଦୀର୍ଘଦିନ ହେଲା ବିବାଦ ଲାଗିରହିଥିଲା। ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବ ଏବଂ କ୍ୟାବିନେଟ୍‌ର ଅନୁମୋଦନକ୍ରମେ ଗତ ଜୁନ୍‌ରେ ନିର୍ବାଚିତ ପାର୍ଲାମେଣ୍ଟକୁ ଭଙ୍ଗ କରିବା ପାଇଁ ଅମିର ଶେଖ୍ ମେଶାଲ ଅଲ୍-ଅହମଦ ଅଲ-ସାବାହ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏମ୍‌ପି ଅବଦୁଲ କରିମ ଅଲ୍ କଣ୍ଡାରିଙ୍କ ବକ୍ତବ୍ୟକୁ ବିରୋଧକରି ମନ୍ତ୍ରୀମାନେ ବୁଧବାର ପାର୍ଲାମେଣ୍ଟ ଅଧିବେଶନ ବର୍ଜନ କରିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି।

# ପୁରୀରୁ ଅଯୋଧ୍ୟା ଚାଲିବ ସ୍ୱତନ୍ତ୍ର ଟ୍ରେନ୍

**ପୁରୀ, ୧୫।୨ (ଅଜିତ୍ ମହାନ୍ତି)**

ଶରଧାବାଲିଠାରେ ଗୁରୁବାର ରାଷ୍ଟ୍ରୀୟ ରାଜମାର୍ଗ ପରିଯୋଜନା କାର୍ଯ୍ୟକ୍ରମ ଅନ୍ତର୍ଗତ ୨୮ଟି ଜାତୀୟ ରାଜପଥ ପ୍ରକଳ୍ପର ଶିଳାନ୍ୟାସ ଓ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ କହିଲେ ଯେ, ରେଳ ବିକାଶ ପାଇଁ ଯାହା ସବୁ କାର୍ଯ୍ୟ ହେଉଛି ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗ୍ରହ ରହିଛି। ତେଣୁ ଦ୍ରୁତ ଗତିରେ କାର୍ଯ୍ୟ ଜାରି ରହିଛି। ଏହି ଅବସରରେ ସେ ପୁରୀରୁ କୋଣାର୍କକୁ ରେଳ ଲାଇନ ସଂଯୋଗ କରାଯିବ ଏବଂ ପୁରୀ ଜଗନ୍ନାଥ ଧାମରୁ ଅଯୋଧ୍ୟା ଧାମକୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ ବୋଲି ଘୋଷଣା କରିଥିଲେ। ଆସନ୍ତା ଜୁଲାଇ କିମ୍ବା ଅଗଷ୍ଟ ବେଳକୁ ଏହି ଟ୍ରେନ ଗଡ଼ିବ ବୋଲି ସେ ସୂଚନା ଦେଇଥିଲେ। ସେହିପରି ପୁରୀ ରେଳଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ଏବଂ ଖୁବ୍‌ଶୀଘ୍ର ଶେଷ ହେବ ବୋଲି ବୈଷ୍ଣବ କହିଥିଲେ। ସେ ଆଇଏଏସ୍ ପାଇ ଚାକିରିରେ ପ୍ରୋବେଶନର ଭାବେ ଯୋଗଦେବା ପରେ ପ୍ରଥମେ ୧୯୯୫ ମସିହା ଜୁଲାଇରେ ଅନୁଷ୍ଠିତ ପୁରୀ ରଥଯାତ୍ରାରେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ମହାପ୍ରଭୁଙ୍କ ନିକଟରେ ପ୍ରଥମ ଚାକିରି କରିଥିବାରୁ ସେ ନିଜକୁ ଭାଗ୍ୟବାନ ମନେ କରୁଥିବା ବୈଷ୍ଣବ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିବା ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର କହିଥିଲେ ଯେ, ପୁରୀବାସୀଙ୍କ ବହୁ ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି। ସେଥିପାଇଁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ, ରେଳ ମନ୍ତ୍ରୀ ଏବଂ ଭାଜପା ନେତୃବୃନ୍ଦଙ୍କୁ ଧନ୍ୟବାଦ। ୨୦୧୯ରେ ସେ ନିର୍ବାଚନ ଲଢ଼ିବା ସମୟରେ କୃଷ୍ଣପ୍ରସାଦ ଅଧିବାସୀ ସାତପଡ଼ାରୁ କୃଷ୍ଣପ୍ରସାଦ ମଧ୍ୟରେ ଏକ ବ୍ରିଜ୍ ଏବଂ ପୁରୀବାସୀ ସିଦ୍ଧମହାବୀର ଓଭରବ୍ରିଜ୍ ନିର୍ମାଣ ପାଇଁ ତାଙ୍କୁ କହିଥିଲେ। ଏନେଇ ସେ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଲୋକଙ୍କ ସମସ୍ୟାକୁ ହୃଦୟଙ୍ଗମ କରି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ସାତପଡ଼ାଠାରୁ କୃଷ୍ଣପ୍ରସାଦ ପର୍ଯ୍ୟନ୍ତ ଫ୍ଲାଏଓଭର ବ୍ରିଜ୍ ଏବଂ ପୁରୀରେ ପୁରୀ-ମାଟିଆପଡ଼ା ସିଦ୍ଧମହାବୀର ଓଭରବ୍ରିଜ୍ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ଫଳରେ ଲକ୍ଷ ଲକ୍ଷ ଲୋକ ଉପକୃତ ହେବେ। ଏଥିପାଇଁ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ପ୍ରଥମ ପୃଷ୍ଠାରୁ...

### ଅଙ୍ଗଦାନ କରୁଥିବା...

ସ୍ୱୀକୃତି ପ୍ରଦାନ କରି ଅନ୍ୟମାନଙ୍କ ଜୀବନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ରାଜ୍ୟ ସରକାର ଏହି ଅଙ୍ଗ ପ୍ରତିରୋପଣ ପ୍ରକ୍ରିୟାକୁ ଅଧିକ ସୁଗମ କରିବା ପାଇଁ ୨୦୧୯ରେ ଷ୍ଟେଟ୍ ଅର୍ଗାନ ଆଣ୍ଡ ଟିସ୍ୟୁଜ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ (ଏସ୍‌ଓଟିଟିଓ) ପ୍ରତିଷ୍ଠା କରିଛନ୍ତି। ଅଙ୍ଗଦାନକୁ ଉତ୍ସାହିତ କରିବା ପାଇଁ ଓଡ଼ିଶା ସରକାର ୨୦୨୦ରୁ 'ସୁରଜ' ପୁରସ୍କାର ଆରମ୍ଭ କରିଛନ୍ତି। ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ସୁରଜ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହେବାପରେ ତାଙ୍କ ମସ୍ତିଷ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର ସୁରଜଙ୍କ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡ଼ିକୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ତେଣୁ ତାଙ୍କ ନାମରେ ଏହି ପୁରସ୍କାର ଦିଆଯାଉଛି। ଏହି ଅଙ୍ଗଗୁଡ଼ିକ ୬ ଜଣ ଲୋକଙ୍କ ଜୀବନ ରକ୍ଷାରେ ସହାୟକ ହୋଇଥିଲା। ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଉଛି। ପ୍ରତିବର୍ଷ ବିଶ୍ୱ ଅଙ୍ଗଦାନ ଦିବସ ଅଗଷ୍ଟ ୧୩ରେ ମୁଖ୍ୟମନ୍ତ୍ରୀ ଅଙ୍ଗଦାତାମାନଙ୍କନିକଟତମଆତ୍ମୀୟଙ୍କୁସମ୍ମାନିତକରୁଛନ୍ତି।

### ଆଜିଠୁ ଯୁକ୍ତ୨...

ପାଇବେ। ଉତ୍ତର ଖାତାର ସିରିୟଲ ନମ୍ବର ଏବଂ ପୃଷ୍ଠା ସଂଖ୍ୟା ଭଲଭାବରେ ଦେଖିନେବେ ଏବଂ ତ୍ରୁଟି ଥିଲେ ତୁରନ୍ତ ଜଣାଇବେ। ପ୍ରଶ୍ନପତ୍ରରେ ମଧ୍ୟ ପୃଷ୍ଠା ସଂଖ୍ୟା କିମ୍ବା ଛପାଜନିତ ତ୍ରୁଟି ଥିଲେ ତୁରନ୍ତ ଜଣାଇବେ। ଆଡିଶନାଲ ଶିଟ୍ ଦିଆଯିବ ନାହିଁ। ପ୍ରଶ୍ନପତ୍ରରେ ରୋଲ୍ ନମ୍ବର ଛଡ଼ା କୌଣସି ଦାଗ ଲଗାଇବେ ନାହିଁ। ଅନ୍ୟ କିଛି ଦାଗ ଲଗାଇଲେ ତାହାକୁ ମାଲ୍ ପ୍ରାକ୍ଟିସ୍ (ଏମ୍‌ପି) ବୋଲି ଧରାଯିବ। ଉତ୍ତର ଖାତାରେ ନିଜ ରୋଲ୍ ନମ୍ବର, ରେଜିଷ୍ଟ୍ରେଶନ ନମ୍ବର ଠିକ୍ ଭାବରେ ଠିକ୍ ଜାଗାରେ ଲେଖିବେ। ପ୍ରଶ୍ନପତ୍ରର ସେଟ୍ କୋଡ୍‌କୁ ନିର୍ଭୁଲ ଭାବରେ ଲେଖିବେ। ଉପସ୍ଥାନ ଖାତାରେ ନିଜ ରୋଲ ନମ୍ବର ଦେଖି ଉପସ୍ଥାନ ଦେବେ। ପରୀକ୍ଷା ହଲ୍‌କୁ କଳା ବଲ୍ ପେନ୍ ଏବଂ ଆଡ୍‌ମିଟ କାର୍ଡ୍ ବ୍ୟତୀତ ଅନ୍ୟ ଜିନିଷ ବର୍ଜନୀୟ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ପରୀକ୍ଷା ନିୟନ୍ତ୍ରକ କହିଛନ୍ତି, ପ୍ରଥମଦିନ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ମାତୃଭାଷା ପରୀକ୍ଷା ଦେବେ। ମୋଟ ୧୯ଟି ସିଟିଂରେ ପରୀକ୍ଷା ହେବ। ପ୍ରତ୍ୟେକ ଦିନ ଗୋଟିଏ ବିଷୟରେ ହିଁ ପରୀକ୍ଷା ହେବ। ଏହା ଭିତରେ ମାଟ୍ରିକ ପରୀକ୍ଷା ମଧ୍ୟ ଚାଲିବ। ତେଣୁ ସୂଚୀକୁ ଦେଖି ମାଟ୍ରିକ ପରୀକ୍ଷା ଯେଉଁଦିନ ରହିଛି ସେଦିନ ଯୁକ୍ତ୨ ପରୀକ୍ଷା ରଖାଯାଇ ନାହିଁ। ଏଥିପାଇଁ ସମସ୍ତ ପ୍ରସ୍ତୁତି ରହିଛି। ପ୍ରଥମ ୧୦ଟିବିଷୟ ପରୀକ୍ଷାର ପ୍ରଶ୍ନପତ୍ର ପରୀକ୍ଷା ହବ୍‌ରେ ପହଞ୍ଚି ସାରିଥିବାବେଳେ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ହୋଇଛି। ପ୍ରଶ୍ନପତ୍ର ବିଭ୍ରାଟ ହେବ ନାହିଁ ବୋଲି ସେ ଜଣାଇଛନ୍ତି। ଚଳିତବର୍ଷ ୩ ଲକ୍ଷ ୮୬ ହଜାର ୨୫୦ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେବେ। ରେଗୁଲାର ୩ ଲକ୍ଷ ୬୦ ହଜାର ୧୯୮ ଏବଂ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ୨୬ ହଜାର ୫୨ ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରେ ୧ ଲକ୍ଷ ୯୯ ହଜାର ୩୬୧ ଛାତ୍ରୀ ଓ ୧ ଲକ୍ଷ ୮୬ ହଜାର ୮୮୯ ଛାତ୍ର ଅଛନ୍ତି। କଳାରେ ୨ ଲକ୍ଷ ୩୭ ହଜାର ୭୫୦, ବିଜ୍ଞାନରେ ୧ ଲକ୍ଷ ୧୬ ହଜାର ୬୨୦, ବାଣିଜ୍ୟରେ ୨୬ ହଜାର ୮୯ଜଣ ଏବଂ ଧନ୍ଦାମୂଳକରେ ୫ହଜାର ୭୯୧ଜଣ ପରୀକ୍ଷା ଦେବେ।

### ଆଜି ଭାରତ...

ମୋର୍ଚ୍ଚା (ଏସ୍‌କେଏମ୍) ଏବଂ ଅନ୍ୟ ସଂଗଠନଗୁଡ଼ିକ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା କରାଯିବାକୁ ଥିବାବେଳେ ଭାରତୀୟ କିଷାନ ୟୁନିୟନ (ବିକେୟୁ) ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ନଏଡାର ବିକେପି ସମର୍ଥନ ଜଣାଇଛି।

**ଜିଲ୍ଲା ପରିଷଦ, ନୟାଗଡ଼**
ଜିଲ୍ଲା: ନୟାଗଡ଼, ଦୂରଭାଷ: ୦୬୭୫୩-୨୫୨୦୫୧
E-mail: ori-dnayagarh@nic.in

ପତ୍ର ସଂଖ୍ୟା: ୫୩୪ ତାରିଖ: ୧୩।୦୨।୨୦୨୪

**ବିଜ୍ଞାପନ**

ଏତଦ୍ୱାରା ନୟାଗଡ଼ ଜିଲ୍ଲାର ସମସ୍ତ ଜନସାଧାରଣ ତଥା ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି, ଜବ୍‌କାର୍ଡଧାରୀ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ପ୍ରଧାନମନ୍ତ୍ରୀ ପୋଷଣ, ସମନ୍ୱିତ ଶିଶୁ ବିକାଶ ଓ ମମତାର ହିତାଧିକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ପୋଷଣ, ସମନ୍ୱିତ ଶିଶୁ ବିକାଶ ଓ ମମତା ଆନୁକୂଲ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷ (ଦ୍ୱିତୀୟ ଚକ୍ର) ୦୧ ଏପ୍ରିଲ ୨୦୨୩ ମସିହାଠାରୁ ୩୦ ସେପ୍ଟେମ୍ବର ୨୦୨୩ ମସିହା ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ଏବଂ ୦୧ ଏପ୍ରିଲ ୨୦୨୨ ମସିହାଠାରୁ ୩୧ ମାର୍ଚ୍ଚ ୨୦୨୩ ମସିହା ପର୍ଯ୍ୟନ୍ତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ହୋଇଥିବା ସମସ୍ତ କାର୍ଯ୍ୟ/ବିତରଣ ପଞ୍ଚାୟତ ସମିତିସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଅଛି ଏବଂ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଉକ୍ତ ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେ ଗୁଡ଼ିକ ଉପରେ ବିଚାରବିମର୍ଶ କରାଯିବ।

ଏଣୁ ଉକ୍ତ ବ୍ଲକସ୍ତରୀୟ ଜନଶୁଣାଣିରେ ଆପଣମାନେ ବହୁ ସଂଖ୍ୟାରେ ଯୋଗଦେଇ ଯୋଜନାର ସୁଫଳ କାର୍ଯ୍ୟକାରିତା ନିମନ୍ତେ ଆପଣଙ୍କର ସୁଚିନ୍ତିତ ମତାମତ ଦେବାକୁ ବିନମ୍ର ଅନୁରୋଧ।

| ପଞ୍ଚାୟତର ସମିତି ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ୧୦.୦୦ଟିକା | ସ୍ଥାନ | କେଉଁ ପଦାଧିକାରୀ ଅଧ୍ୟକ୍ଷତା କରିବେ |
|---|---|---|---|
| ଭାପୁର | ୨୩।୦୨।୨୦୨୪ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭାପୁର | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ନୟାଗଡ଼ |
| ଦଶପଲ୍ଲା | ୨୦।୦୨।୨୦୨୪ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦଶପଲ୍ଲା | ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ନୟାଗଡ଼ |
| ଗଣିଆଁ | ୨୨।୦୨।୨୦୨୪ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗଣିଆଁ | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ନୟାଗଡ଼ |
| ଖଣ୍ଡପଡ଼ା | ୨୨।୦୨।୨୦୨୪ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଣ୍ଡପଡ଼ା | ଉପ ଜିଲ୍ଲାପାଳ, ନୟାଗଡ଼ |
| ନୟାଗଡ଼ | ୨୧।୦୨।୨୦୨୪ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନୟାଗଡ଼ | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ନୟାଗଡ଼ |
| ନୂଆଗାଁ | ୨୧।୦୨।୨୦୨୪ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନୂଆଗାଁ | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ନୟାଗଡ଼ |
| ଓଡ଼ଗାଁ | ୨୭।୦୨।୨୦୨୪ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଓଡ଼ଗାଁ | ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ନୟାଗଡ଼ |
| ରଣପୁର | ୨୩।୦୨।୨୦୨୪ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରଣପୁର | ଉପ ଜିଲ୍ଲାପାଳ, ନୟାଗଡ଼ |

ଦେବଦତ୍ତ ପଣ୍ଡା, ଓ.ପ୍ର.ସେ. (ଏସ୍)
ମୁଖ୍ୟ ଉନ୍ନୟନ ଅଧିକାରୀ ତଥା
କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ନୟାଗଡ଼

ସ୍ୱାଦ୍ଧା ଦେବ ସିଂ
ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ

**ADVERTISEMENT**

**UTKAL BALASHRAM**
UNIT-2, AT/ P.O.- MAJHIGUDA, DIST.- NABARANGPUR
(Child Care Institution)

**CONTRACTUAL APPOINTMENT**

Advertisement No. 20/UB/2024 Date: 15.02.2024

Applications are invited for engagement in vacancy posts of Utkal Balashram, Unit-2, At/P.O.- Majhiguda, Block-Nandahandi, Dist.- Nabarangpur on contractual basis under Mission Vatsalya Scheme. Application must be sent to Utkal Balashram, Unit-2, At/P.O.- Majhiguda, Dist.- Nabarangpur, Pin- 764059 through Registered / Speed Post only on or before 25.02.2024 by 5 P.M. The forms and details of posts and other terms & conditions of employment can be viewed in the district official website www.nabarangpur.nic.in.

Sd./- DSWO-cum-Secretary
Utkal Balashram, Unit-2, Majhiguda, Nabarangpur

**ଜିଲ୍ଲା ପରିଷଦ, ସମ୍ବଲପୁର**
ଜିଲ୍ଲା: ସମ୍ବଲପୁର, ଓଡ଼ିଶା - ୭୬୮୦୦୧
Phone: (0663) 2410992, Email: ori-dsambalpur@nic.in

ପତ୍ର ସଂଖ୍ୟା: ୭୫୨/ଜିଲ୍ଲା ପରିଷଦ ତାରିଖ: ୧୩।୦୨।୨୦୨୪

**ପଞ୍ଚାୟତସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ବିଜ୍ଞାପନ**

ଏତଦ୍ୱାରା ସମ୍ବଲପୁର ଜିଲ୍ଲାର ସମସ୍ତ ଜନସାଧାରଣ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି, ଜବ୍‌କାର୍ଡଧାରୀ, ପିଏମ୍-ପୋଷଣ, ମମତା ଯୋଜନା, ସମନ୍ୱିତ ଶିଶୁ ପ୍ରକଳ୍ପ ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ହିତାଧିକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପିଏମ୍-ପୋଷଣ, ମମତା ଯୋଜନା, ସମନ୍ୱିତ ଶିଶୁ ପ୍ରକଳ୍ପ ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଆନୁକୂଲ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତି ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି ଏବଂ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଉକ୍ତ ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାରବିମର୍ଶ କରାଯିବ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ | ସ୍ଥାନ | ଉପସ୍ଥିତ ଅଧିକାରୀ |
|---|---|---|---|
| ବାମରା | ତା୧୬।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, କୁଚିଣ୍ଡା |
| ଧନକଉଡ଼ା | ତା୧୭।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସମ୍ବଲପୁର |
| ଜମନକିରା | ତା୨୦।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ରେଢ଼ାଖୋଲ |
| ଯୁଯୋମୁରା | ତା୨୧।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ସମ୍ବଲପୁର |
| କୁଚିଣ୍ଡା | ତା୨୨।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ସମ୍ବଲପୁର |
| ମାନେଶ୍ୱର | ତା୨୩।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସମ୍ବଲପୁର |
| ନାକଟିଦେଉଳ | ତା୨୭।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ସମ୍ବଲପୁର |
| ରେଢ଼ାଖୋଲ | ତା୨୮।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସମ୍ବଲପୁର |
| ରେଙ୍ଗାଲି | ତା୨୯।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସମ୍ବଲପୁର |

ସ୍ୱା./- ଜିଲ୍ଲାପାଳ-ତଥା-ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ସମ୍ବଲପୁର

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଡୁଡୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ଡୁଡୁଲୁର ଜନ୍ମଦିନ ଶୁଭେଚ୍ଛା**



**ସାଇଶ୍ରୀ ସାହୁ (ଡୁଡୁଲୁ)**
ଗୋପାଳପୁର ପାଟଣା, ସାକ୍ଷୀଗୋପାଳ
ତୋର ନବମ ବାର୍ଷିକ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥ, ଶ୍ରୀସାକ୍ଷୀଗୋପାଳ ଓ ଶ୍ରୀରାଧାରାଣୀଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ; ଜେଜେବାପା, ଜେଜେମା, ଗୁଗୁଲୁ, ବୁବୁଲୁ, ଓ ପରିବାରବର୍ଗ ।
ଧ-୬୬୬୭୪

**26th Marriage Anniversary**



**Mrs. Sanjukta Moharana
with
Mr. Dusmant Kumar Moharana**
Capital Hospital, Bhubaneswar
With best wishes:- Babi, Barsha, Babu, Mama, Bapi, Pupun
ଧ-୨୫୪୩


# କ୍ୟାନ୍ସର ରୋଗୀଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଚିକିତ୍ସା: ନବୀନ

### ବିଏସ୍ଏସ୍‌ସିସିଆର୍‌ଆଇ ଉଦ୍‌ଘାଟିତ

ଭୁବନେଶ୍ୱର,୧୫।୨ (ଅଭୟ ଦାଶ)



ବୈଷୟିକ ଜ୍ଞାନକୌଶଳ ଏବଂ ଅତ୍ୟାଧୁନିକ ଯନ୍ତ୍ରପାତିରେ ସଜ୍ଜିତ ଭୁବନେଶ୍ୱରର ବାଗ୍‌ଚୀ ଶ୍ରୀ ଶଙ୍କରା କ୍ୟାନ୍ସର ସେଣ୍ଟର ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ବିଏସ୍ଏସ୍‌ସିସିଆର୍‌ଆଇ) ବିଶ୍ୱସ୍ତରୀୟ ମାନର ଚିକିତ୍ସା ସୁବିଧା କ୍ୟାନ୍ସର ରୋଗୀଙ୍କୁ ଯୋଗାଇଦେବ ବୋଲି ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ଇନ୍‌ଫୋ ଭ୍ୟାଲି ବଡ ରଘୁନାଥପୁରଠାରେ ବିଏସ୍ଏସ୍‌ସିସିଆର୍‌ଆଇ (ବେଙ୍ଗାଲୁରୁର ଜଣାଶୁଣା ଘରୋଇ ଚିକିତ୍ସାଳୟ ତଥା ଶ୍ରୀ ଶଙ୍କରା କ୍ୟାନ୍ସର ଫାଉଣ୍ଡେଶନର ଏକ ୟୁନିଟ୍)ର ୭୫୦ ଶଯ୍ୟା ବିଶିଷ୍ଟ କର୍କଟ ଚିକିତ୍ସାଳୟକୁ ଗୁରୁବାର ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ସହ ଦେଶବାସୀଙ୍କ ସେବାରେ ଲୋକାର୍ପଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୁବ୍ରତୋ ବାଗ୍‌ଚୀ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ ଆନ୍ତରିକତା ଯୋଗୁ ଆମେ ଏହି ହସ୍ପିଟାଲ ପ୍ରତିଷ୍ଠା କରିବା ପାଇଁ ସକ୍ଷମ ହୋଇଛୁ। ଆମ ରାଜ୍ୟର କ୍ୟାନ୍ସର ରୋଗୀମାନଙ୍କୁ ବିଶ୍ୱମାନର ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାର ୨୨ ଏକର ଜମି ଯୋଗାଇ ଦେଇଛନ୍ତି। ଓଡ଼ିଶାର କ୍ୟାନ୍ସର ରୋଗୀ ଆଉ ରାଜ୍ୟ ବାହାରକୁ ଯିବେ ନାହିଁ। ଏଠାରେ ରହି କ୍ୟାନ୍ସର ଚିକିତ୍ସା କ୍ଷେତ୍ରରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇବେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ହସ୍ପିଟାଲ ଓଡ଼ିଶା ତଥା ପୂର୍ବ ଭାରତରେ କ୍ୟାନ୍ସର ରୋଗୀଙ୍କୁ ଗୁଣାତ୍ମକ ମାନର ଚିକିତ୍ସା ସୁଲଭ ମୂଲ୍ୟରେ ପ୍ରଦାନ କରିବ। ଏପରିକି କ୍ୟାନ୍ସର ଚିକିତ୍ସା କ୍ଷେତ୍ରରେ ଏହା ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ। ଏହି ହସ୍ପିଟାଲ ମାଧ୍ୟମରେ ରାଜ୍ୟର ଏକ ତୃତୀୟାଂଶ କ୍ୟାନ୍ସର ରୋଗୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ। ବିଶେଷକରି ବାଗ୍‌ଚୀ ପରିବାର ଓ ଶ୍ରୀ ଶଙ୍କରା କ୍ୟାନ୍ସର ସେଣ୍ଟରର ଏହି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇବା ସହ କହିଥିଲେ, ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ମୋ ସରକାର ନିରନ୍ତର ଉଦ୍ୟମ କରିଆସୁଛି। ବିଗତ ୨ ଦଶନ୍ଧି ମଧ୍ୟରେ ଓଡ଼ିଶା ପୂର୍ବ ଭାରତରେ ଏକ ଅଗ୍ରଣୀ ସ୍ୱାସ୍ଥ୍ୟସେବା କ୍ଷେତ୍ର ଭାବେ ପରିଗଣିତ ହୋଇଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**OAS HUB**
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
**ADMISSION OPEN NOW**
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
**8926232634**
**9827166018**

**ADMISSION OPEN**
**B.Ed, M.Ed, B.P.Ed.**
Equivalent of Utkal University
Lowest Fees
**Odisha School of Professional Studies**
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
**7008096933**
**9692828174**

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଅଷ୍ଟସିଦ୍ଧି ଜୁଏଲର୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



ଭୁବନେଶ୍ୱର,୧୫।୨

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ବ୍ରାଣ୍ଡର ପ୍ରଥମ ରିଟେଲ ଅଳଙ୍କାର ଶୋ'ରୁମ୍ ଅଷ୍ଟସିଦ୍ଧି ଜୁଏଲର୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ସାମାଜିକ କର୍ମୀ ପରଭିନ୍ ଖାନ୍ନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଷ୍ଟସିଦ୍ଧି ଜୁଏଲର୍ସର ନିର୍ଦ୍ଦେଶିକା ସୁମିଷା ମେହରାଙ୍କ ସମେତ ପ୍ରିମଲ ମେହରା, ମନୋରମା ବାରିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ଅଶୋକ ନଗରଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିବା ଏହି ରିଟେଲ ଶୋ'ରୁମ୍‌ରେ ସୁନା, ରୁପା ଓ ହୀରା ଅଳଙ୍କାରର ବ୍ୟାପକ ସମ୍ଭାର ଉପଲବ୍ଧ। ଏପରିକି ଏଠାରେ ବିଭିନ୍ନ ପ୍ରକାର ସୁନା ଓ ରୁପାରେ ତିଆରି ଠାକୁର ମୂର୍ତ୍ତି ସହିତ ରତ୍ନ ପଥରରେ ଆକର୍ଷଣୀୟ ଭାବେ ଡିଜାଇନ ହୋଇଥିବା ମୁଦି ସୁଲଭ ମୂଲ୍ୟରେ ମିଳିପାରିବ ବୋଲି ଶୋ'ରୁମ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ନିଜ ପରିବାର ସହିତ ଥରେ ଅଷ୍ଟସିଦ୍ଧି ଜୁଏଲର୍ସର ଶୋ'ରୁମ୍‌କୁ ଆସନ୍ତୁ ଏବଂ ନିଜ ପସନ୍ଦର ଅଳଙ୍କାର ସୁଲଭ ମୂଲ୍ୟରେ କିଣନ୍ତୁ ବୋଲି ଶୋ'ରୁମ୍‌ର ନିର୍ଦ୍ଦେଶିକା ସୁମିଷା ମେହରା ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ୨ୟ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୧୫।୨





ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆୟୋଜିତ ୪ ଦିନିଆ ୨ୟ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀ- ୨୦୨୪ ଗୁରୁବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫ୍ୟୁଚରେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀ, ଏମ୍‌ଏସ୍‌ଏମ୍‌ଇର ନିର୍ଦ୍ଦେଶକ ପଓ୍ୱନ ଗୁପ୍ତା, ଏଏମ୍‌ଏନଏସ୍ ଇଣ୍ଡିଆର ହେଡ୍ (ମାଇନିଂ) ଅମିତ ଦୁବେ, ଓସ୍ମିର ଅଧ୍ୟକ୍ଷା ସାଲିନି ଅଗ୍ରଓ୍ୱାଲ, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟସ୍ ଓଡ଼ିଶା ଚାପ୍ଟରର ଚେୟାରମ୍ୟାନ୍ ଆର୍କିଟେକ୍ଟ ସ୍ୱପ୍ନାଦତ୍ତ ମହାନ୍ତି, ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତା ରୋଜାଲିନ୍ ପାଟଶାଣୀ ମିଶ୍ର ଏବଂ ରୋଟାରି ଇଣ୍ଟରନ୍ୟାଶନାଲ-୩୨୬୨ ଡିଷ୍ଟ୍ରିକ୍ଟ ଗଭର୍ନର ରୋଟାରିଆନ ଜୟଶ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨ୟ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀ-୨୦୨୪ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ୪ ଦିବସୀୟ ପ୍ରଦର୍ଶନୀ ୨୦୨୪ ଫେବୃଆରୀ ୧୮ ପର୍ଯ୍ୟନ୍ତ ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆଠାରେ ଦୈନିକ ସକାଳ ୧୧ ଘଣ୍ଟିକାରୁ ରାତ୍ର ୮ ଘଣ୍ଟିକା ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଓଡ଼ିଶା ଆସେମ୍ବ୍ଲି ଅଫ ସ୍ମଲ ଆଣ୍ଡ ମିଡ଼ିୟମ ଏଣ୍ଟରପ୍ରାଇଜ (ଓସ୍ମି), ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏବଂ ଅନ୍ୟାନ୍ୟ ବାଣିଜ୍ୟ ସଂସ୍ଥାଗୁଡ଼ିକର ସହଯୋଗରେ ଏହି ପ୍ରଦର୍ଶନୀ ବିଶ୍ୱର ଖଣି ସମ୍ବନ୍ଧୀୟ ଉତ୍ପାଦ, ସେବା ଏବଂ ଯୋଗାଣରେ ଅତ୍ୟାଧୁନିକ ଉନ୍ନତି ସମ୍ବନ୍ଧରେ ଆଲୋକପାତ କରିବ ।

ଏ ସମ୍ପର୍କରେ ଫ୍ୟୁଚରେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀ କହିଛନ୍ତି, ୨ୟ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀ ଓଡ଼ିଶାର ଖଣି ଏବଂ ଭିତ୍ତିଭୂମି କ୍ଷେତ୍ରର ଅପାର ସମ୍ଭାବନାକୁ ଦର୍ଶାଇବା ପାଇଁ ଏକ ସର୍ବବୃହତ୍ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିବ।


# Classified Everyday

**0674-2580101, 2549949**



**REAL ESTATE**

**SALE**

BDA Yellowzone gharabari plot for sale Khandagiri Amri Hospital back side ready for construction. 7978850450, 9439918431. D-75907

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

**3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347.** D-2493

ଭୁବନେଶ୍ୱର-ପିତାପଲ୍ଲି NH-16 କଡ଼ରେ ବାସୋପଯୋଗୀ ପୋଜେସନ୍ ପ୍ଲଟ୍ 30ft. road, boundary ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9337166296. D-75911

**Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347.** D-2494

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। **(Bank Loan available) Excuse broker. 9437765989.** D-75902

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛତାବର Bypass sqft.-500/-. 9776974912. D-75904

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

DAV Pokhariput 7K.M. କୁହା ମୌଜାରେ ଘରକୁ ଲାଗି 3000sqft. plot ବିକ୍ରିହେବ। 9938016295. D-75910

**Ready to possess 2/3 BHK flats near Badagada Canal Road Mouza:- Meherpalli for sale. Bank finance available. Contact No.- 9861467987 & 9861336178.** D-2487

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**CONSTRUCTION**

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

**ACCOMMODATION**

Required commercial space/showroom 10'x10' at Ashok Nagar, Kharvelnagar, Sahid Nagar, Cuttack road. 9861033004. D-74717





Herbal full body massage by smart/expert therapist. Contact- 9124139069. D-75706

Full body massage in homely atmosphere in all therapy. Mob: 8114881641. D-73449

Refreshments Body massage Therapy with Experience Therapists, Ashirvad Panchakarma Spa, Keshari Mall, Bhubaneswar: 8926173473. D-67128

"Only Ayurvedic body massage & Steam-Bath. 9861550765". D-2495

**LOST**

I Preeti Behera, D/o- Padmalochan Behera, R/o./Vill/P.O.- Tarkera, P.S.- Rajgangpur, Dist.- Sundargarh have passed the UG Degree Examination-2020 from Municipal Degree College, Uditnagar, Dist.- Sundargarh, that my Original CLC and Migration Certificate has been lost from Kutra Weekly Market on dt. 03.01. 2024 and after a long effort, It could not be traced out. D-2538

I, Sazid Khan, S/o- Sabir Khan of Village- Muslim Basti, Athmallik NAC, Angul declare that on dt. 06.02.2024 while I was on the way to my home from Madhapur by Motorcycle the Original Mutation (Patta) No.- 403/429, Mouza Kaintragarh, Tahasil/ SRO- Athmallik, Dist.- Angul has been lost somewhere. I could not find the said Mutation (Patta) after a thorough search. D-2540

**AFFIDAVIT**

I, Prasanta Kumar, Son of Keshab Chandra Sahu, resident of Ward No.-32, Professarapada, P.O.- College Square, P.S.- Mangalabag, Dist.- Cuttack-753003, Odisha declare by this affidavit No.-116 dtd.15.02.2024 that now onwards I shall be known as **PRASANT KUMAR** for all future purposes. D-2536

By virtue of an affidavit Sworn in the Court of Executive Magistrate, Bhadrak. Affidavit No. 2310, dated 13.02.2024. I have an LIC Policy bearing No- 584917058. I the deponent further declare that Ritarani Behera and Chandrabati Behera, W/o- Suresh Chandra Behera, Suresh Kumar Behera, Suresh Behera is same and one person. D-2539

By an affidavit before the Notary Public, Kendrapara I Swornarekha Swain, W/o- Prasan Kumar Mohanty, At/P.O.- Talasanga, Marshaghai, Kendrapara as Aadhaa xxxxxxx4272, but in Postal A/c No.- 3344890511 wrongly mentioned Swornarekha Mohanty. Therefore I shall be known as Swornarekha Swain for all purposes. D-2519

Sworn before P.K.Nayak, Notary Public, Kantabanji on 13.2.2024 bearing V.R.No. 368,Vol.I, I declare that in my Aadhaar Card my name spells as Pradeep Sahoo which is correct but in Bank of Baroda, Kantabanji S.B. Account my name spells as Pradip Sahu. Pradeep Sahoo and Pradip Sahu is one and same and I signed as Pradeep Sahoo in all purposes. D-2542

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରସନ୍ନା ଧଳ**
ସ୍ୱାମୀ: ସଂଗ୍ରାମ କେଶରୀ ଧଳ
ପ୍ଲଟ ନଂ-୨୦୮୮, ଚିନ୍ତାମଣିଶ୍ୱର ଲେନ୍-୧, ଭୁବନେଶ୍ୱର

| ଆବିର୍ଭାବ: | ତିରୋଧାନ: |
|---|---|
| ୧୫/୦୩/୧୯୫୫ | ୧୧/୦୨/୨୦୨୪ |

ଆପଣ ଆମକୁ ଛାଡ଼ି ଚାଲି ଯାଇଛନ୍ତି ସତ, କିନ୍ତୁ ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ଆପଣଙ୍କ ଅନୁପସ୍ଥିତି ଅନୁଭବ କରୁଛୁ । ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମର ପାଥେୟ ହେଉ । ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।

ଶୋକସନ୍ତପ୍ତ : ପରିବାରବର୍ଗ
ଧ-୭୫୩୧୪


# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୫।୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୫୮୮ (୫୮୭.୫୪) ପଏଣ୍ଟ ବଢ଼ି ୭୨,୦୫୦(୭୨,୦୫୦.୩୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୭୦(୭୦.୨୫) ପଏଣ୍ଟ ବୃଦ୍ଧି ଘଟି ୨୧,୯୧୧ (୨୧,୯୧୦.୭୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ସିଆର୍‌ଏମ୍‌ଏଫ୍‌ର ନ୍ୟୁ ଫଣ୍ଡ ଉନ୍ମୋଚିତ

ନୂଆଦିଲ୍ଲୀ,୧୫।୨

କାନାରା ରୋବେକୋ ମ୍ୟୁଚୁଆଲ୍ ଫଣ୍ଡ (ସିଆର୍‌ଏମ୍‌ଏଫ୍) ର ନ୍ୟୁ ଫଣ୍ଡ 'କାନାରା ରୋବେକୋ ଉତ୍ପାଦନ ପାଣ୍ଠି'ର ସର୍ବଭାରତୀୟ ଉନ୍ମୋଚନ (ଶୁଭାରମ୍ଭ) ନିକଟରେ ହୋଇଯାଇଛି। ବିଶେଷକରି ଭାରତର ପରବର୍ତ୍ତୀ ଉତ୍ପାଦନ ହବ୍ ହେବାର ସମ୍ଭାବନାକୁ ସାକାର କରିବା ପାଇଁ କାନାରା ରୋବେକୋ ଉତ୍ପାଦନ ପାଣ୍ଠି ଯୋଗାଣ ଆରମ୍ଭ କରିବାକୁ ଘୋଷଣା କରିଛି। ଏହି ପାଣ୍ଠି ହେଉଛି ଏକ ଖୋଲା ସମାପ୍ତ ଇକ୍ୱିଟି ସ୍କିମ୍, ଯାହା ଭାରତର ଉତ୍ପାଦନ ଥିମ୍‌କୁ ପ୍ରତିନିଧିତ୍ୱ କରେ ଏବଂ ଏସ୍‌ଆଣ୍ଡପି ବିଏସ୍ଇ ଇଣ୍ଡିଆ ଉତ୍ପାଦନ ଟ୍ରାଇ ପାଇଁ ମାନଦଣ୍ଡ ହେବ। ଏହାର ଏନ୍‌ଏଫ୍‌ଓ ୨୦୨୪ ଫେବୃଆରୀ ୧୬ରେ ଖୋଲିବାକୁ ଯାଉଥିବାବେଳେ ଉତ୍ପାଦନ କ୍ଷେତ୍ରକୁ ଏହା ଏକ ଉତ୍ସର୍ଗୀକୃତ ଆବଣ୍ଟନ ଯୋଗାଇବା ପାଇଁ ମାଧ୍ୟମ ପ୍ରଦାନ କରିବା ସହିତ ଚଳିତ ବର୍ଷ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଖୋଲା ରହିବ।

ଏ ସମ୍ପର୍କରେ ସିଆର୍‌ଏମ୍‌ଏଫ୍‌ର ସିଇଓ ରଜନୀଶ ନରୁଲା କହିଛନ୍ତି, କାନାରା ରୋବେକୋ ଉତ୍ପାଦନ ପାଣ୍ଠି ଏକ ପ୍ରମୁଖ ମୁହୂର୍ତ୍ତରେ ବଜାରକୁ ପ୍ରବେଶ କରିଛି, ଯେତେବେଳେ ଭାରତରେ ମଧ୍ୟବିତ୍ତ ବର୍ଗର ବୃଦ୍ଧି ଏବଂ ଶ୍ରମିକଙ୍କ ସଂଖ୍ୟାରେ ଅଭିବୃଦ୍ଧି ଜାରି ରହିଛି। ଏପରିକି ଘରୋଇ ଚାହିଦା, ଅନୁକୂଳ ନୀତିସଂସ୍କାର, ଦୃଢ ତଥା ବିସ୍ତୃତ କର୍ପୋରେଟ୍ ବାଲାନ୍ସ ଶିଟ୍ ଏବଂ ଏକ ସ୍ଥିର ରାଜନୈତିକ ପରିବେଶ ହେତୁ ଏହି ପାଣ୍ଠି ପ୍ରତିଷ୍ଠିତ ନିବେଶକମାନଙ୍କ ପାଇଁ ଉପଯୁକ୍ତ ହେବ।

# ଏକାଧିକ କ୍ରୀଡ଼ାରେ ନିପୁଣ ଲିପ୍ସା

**କରାଟେ, ବକ୍ସିଂ, କିକ୍ ବକ୍ସିଂ, ଉଷୁ, ପେନ୍‌ଚାକ୍ ସିଲାଟ ଆଦି ଏକାଧିକ କ୍ରୀଡ଼ାରେ ନିପୁଣ ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଯୋଗୀମାଲ ଗ୍ରାମର ଲିପ୍ସା ଷଡ଼ଙ୍ଗୀ। ବ୍ୟକ୍ତିଗତଭାବେ ଖେଳ ଜାରି ରଖିବା ସହ ସେ ଏବେ ପିଲାମାନଙ୍କୁ ତାଲିମ ଦେଉଛନ୍ତି...**






କ୍ରୀଡ଼ା କ୍ଷେତ୍ରରେ ସୁନ୍ଦରଗଡ଼ର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ମାଟିକୁ ହକିର ଗଡ଼ ମଧ୍ୟ କୁହାଯାଏ। ହକି ପରେ ଫୁଟବଲ, କବାଡି, ଖୋଖୋ ଆଦି ଖେଳ ସହିତ ଅନ୍ୟାନ୍ୟ କ୍ରୀଡ଼ାରେ ମଧ୍ୟ ଏହି ଜିଲାର କ୍ରୀଡାବି୍‌ତମାନେ ନିଜର ଦକ୍ଷତା ଓ କଠିନ ଅଭ୍ୟାସ ବଳରେ ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣିଛନ୍ତି। ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଯୋଗୀମାଲ ଗ୍ରାମର ଲିପ୍ସା ଷଡ଼ଙ୍ଗୀ ଏଭଳି ଜଣେ କ୍ରୀଡ଼ା ପ୍ରତିଭା, ଯିଏ ଆତ୍ମବିଶ୍ୱାସ ସହ ସାଧନା ଜାରି ରଖିଛନ୍ତି।

ମା' ପାର୍ବତୀ ଓ ବାପା ସୁଶାନ୍ତ ଷଡ଼ଙ୍ଗୀଙ୍କ ଝିଅ ଲିପ୍ସା। ଷଷ୍ଠ ଶ୍ରେଣୀରେ ପଢୁଥିବା ସମୟରେ ଅର୍ଜୁନ ସଙ୍ଗୀତ ଏକାଡେମୀ ଦର୍ଲିପାଲିରେ ୫ ବର୍ଷ ପର୍ଯ୍ୟନ୍ତ ପେଣ୍ଟିଂ ତାଲିମ ନେଇଥିଲେ। ତା'ସହିତ ଝାରସୁଗୁଡ଼ାର କରାଟେ କୋଚ୍ ଦୀପକ ପଟେଲଙ୍କ ତତ୍ତ୍ୱାବଧାନରେ ବ୍ଲୁ ବେଲ୍‌ଟ ପର୍ଯ୍ୟନ୍ତ କରାଟେ ତାଲିମ ପାଇଥିଲେ। ଯୋଗୀମାଲ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀ ପଢୁଥିବା ସମୟରେ ତାଙ୍କ ବାପାଙ୍କ ସହିତ ପୂର୍ବତନ ଜିଲା ଶାରୀରିକ କ୍ରୀଡ଼ା ନିରୀକ୍ଷକ ବିଦ୍ୟାଧର ପ୍ରଧାନ ଏବଂ ଯୁବ ବକ୍ସିଂ କୋଚ୍ ରୂପକ କୁମାର ପ୍ରସାଦଙ୍କ ଭେଟ ହେବା ପରେ ସେମାନଙ୍କ କଥାରେ ଅନୁପ୍ରାଣିତ ହୋଇ ବକ୍ସିଂ ଖେଳ ପ୍ରତି ମନ ବଳାଇଥିଲେ। ଠିକ୍ ସେହି ବର୍ଷ ୨୦୧୭ରେ ବିଦ୍ୟାଳୟ ସମୂହ ଜିଲା ସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇଥିଲେ। ତା'ପରେ ପ୍ରତ୍ୟେକ ଦିନ ଗାଁରୁ ଯା ଆସ କରି ସୁନ୍ଦରଗଡ଼ରେ ତାଲିମ ନେଲେ। ୨୦୧୮ରେ ଉଷୁ ଖେଳର କୋଚ୍ ରାଉରକେଲାର ଶରତ କୁମାର ଦାଶଙ୍କ ସହିତ ଯୋଗାଯୋଗ କରି ତାଲିମ ନେଇଥିଲେ। ସେହି ବର୍ଷ ରାଉରକେଲାରେ ଅନୁଷ୍ଠିତ ହୋଇଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ହୋଇ ବେଲପାହାଡ଼ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୨୦୧୮ ଡିସେମ୍ବର ୧ରୁ ୬ ପର୍ଯ୍ୟନ୍ତ ତାମିଲନାଡୁରେ ଅନୁଷ୍ଠିତ ୧୭ଶ ଜାତୀୟ ଜୁନିୟର ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିଥିଲେ। ୨୦୧୮ରେ ଦଶମ ଶ୍ରେଣୀ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ସୁନ୍ଦରଗଡ଼ ଗୁରୁକୁଳ ଆବାସିକ ସାଇନ୍ସ କଲେଜରେ ପାଠ ପଢ଼ିଲେ। ସେଠାରେ ପଢୁଥିବା ସମୟରେ କାଉନସିଲ ତରଫରୁ ଜାତୀୟସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତା ଛତିଶଗଡ଼ ରାୟପୁରରେ ଖେଳିବାର ସୁଯୋଗ ପାଇଥିଲେ। ୨୦୨୦ରେ ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଯଶୋଦା ବିଷ୍ଣୁ ମହାବିଦ୍ୟାଳୟ ଶରଧାପାଲିରେ ନାମ ଲେଖାଇଲେ। କରୋନା ସମୟରେ ବାହାରକୁ ଯାଇ ତାଲିମ ନେବାରେ ଅସୁବିଧା ହେବାରୁ ଘରେ ପ୍ରତ୍ୟେକ ଦିନ ସକାଳେ ଓ ସନ୍ଧ୍ୟାରେ ଦୁଇ ଘଣ୍ଟା ଲେଖାଏ ନିଜେ ଅଭ୍ୟାସ କଲେ। ୨୦୨୧ରେ ଯାଜପୁରରେ ରାଜ୍ୟସ୍ତରୀୟ କିକ୍ ବକ୍ସିଂ ରେଫରି ସେମିନାରରେ ଅଂଶଗ୍ରହଣ କରି ସଫଳ ହୋଇଥିଲେ। ୨୦୨୨ରେ ତାମିଲନାଡୁରେ ଆୟୋଜିତ ଜାତୀୟସ୍ତରୀୟ କିକ୍‌ବକ୍ସିଂ ପ୍ରତିଯୋଗିତାରେ ଭାଗ ନେଇଥିଲେ। ରାଜ୍ୟସ୍ତରୀୟ ପେନ୍‌ଚାକ୍ ସିଲାଟ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବ୍ରୋଞ୍ଜ୍ ପଦକ ପାଇଥିଲେ। ପୁଣି ୨୦୨୨ରେ ଖେଲୋ ଇଣ୍ଡିଆ ଉଷୁ ଲିଗ୍‌ରେ ଭାଗ ନେଇଥିଲେ। ୨୦୨୩ ଜୁନ୍‌ରେ ପୁଣେରେ ଅନୁଷ୍ଠିତ ୩୨ତମ ଜାତୀୟ ସିନିୟର ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେହି ବର୍ଷ ଜୁନ୍‌ରେ ଯୁକ୍ତ ୩ରେ କେମିଷ୍ଟ୍ରି ଅନର୍ସରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏବେ ସେ ପିଜି କରୁଛନ୍ତି।

ବ୍ୟକ୍ତିଗତଭାବେ ଖେଳିବା ଏବଂ ପଢ଼ା ସହ ୨୦୨୨ରୁ ଜିଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତି ଯୋଗୀମାଲରେ ସାଧାରଣ ସମ୍ପାଦକ ପଦରେ ରହି ସଫଳ ଭାବରେ ଦାୟିତ୍ୱ ତୁଲାଉଛନ୍ତି। ସେଇ ଅନୁଷ୍ଠାନ ତରଫରୁ ବକ୍ସିଂ, ଉଷୁ, ସିପକଟାକ୍ର, ପେନ୍‌ଚାକ୍ ସିଲାଟ୍, କରାଟେ, କିକ୍‌ବକ୍ସିଂ ଆଦି ଖେଳରେ ସୁଦକ୍ଷ କୋଚମାନଙ୍କ ଦ୍ୱାରା ତାଲିମ ଦିଆଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ୧୨୦୦ ଖେଳାଳି ଜିଲାସ୍ତରୀୟ, ୩୫୦ ଖେଳାଳି ରାଜ୍ୟସ୍ତରୀୟ, ୧୫୦ରୁ ଅଧିକ ଖେଳାଳି ଜାତୀୟସ୍ତରୀୟ ଓ ୩୦ ଜଣ ଖେଳାଳି ଜାତୀୟସ୍ତରରେ ବିଭିନ୍ନ ପଦକ ହାସଲ କରିଛନ୍ତି। ସେ ନିଜେ ତାଲିମ ନେବା ସହିତ ଖେଳାଳିମାନଙ୍କୁ ତାଲିମ ଦେବା ଜାରି ରଖିଛନ୍ତି। ସରକାରଙ୍କ ତରଫରୁ ଖେଳସାମଗ୍ରୀ ଏବଂ ତାଲିମ ସକାଶେ ବାହାର ରାଜ୍ୟକୁ ଯିବାକୁ ସୁଯୋଗ ମିଳିଲେ ଅନୁଷ୍ଠାନର ଅନେକ ଖେଳାଳି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରି ଜିଲା, ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣି ପାରିବେ ବୋଲି ଲିପ୍ସା କହିଛନ୍ତି।

*-ଜୟ ନାରାୟଣ ମେଣ୍ଡୁଲି, ସୁନ୍ଦରଗଡ଼*

# ଚାପରୁ ମୁକୁଳିପାରିଲାନି ଯୁବବାହିନୀ


ନିର୍ମଳ କୁମାର ମିଶ୍ର




**ଆଇସିସି ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍‌ରେ ଭାରତୀୟ ଦଳ ଗ୍ରୁପ୍, ସୁପର ସିକ୍ସ ଏବଂ ସେମିଫାଇନାଲରେ ଚମତ୍କାର ପ୍ରଦର୍ଶନ କରି ଅପରାଜେୟ ରହିଥିଲା। ମାତ୍ର ଫାଇନାଲର ଚାପରୁ ମୁକୁଳିପାରିଲାନି। ଫଳ ସ୍ୱରୂପ ଅଷ୍ଟ୍ରେଲିଆ ନିକଟରୁ ହାରି ରନରଅପ୍‌ରେ ସନ୍ତୁଷ୍ଟ ରହିଲା ଯୁବବାହିନୀ...**

ଆଇସିସି ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ୧୫ଶ ସଂସ୍କରଣ ନିକଟରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହୋଇଯାଇଛି। ୧୬ ଦଳ ୪୧ ମ୍ୟାଚବିଶିଷ୍ଟ ଏହି ପ୍ରତିଯୋଗିତାର ଫାଇନାଲରେ ଗତଥରର ଚାମ୍ପିୟନ ଭାରତକୁ ହରାଇ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଛି। ଏଥରକୁ ମିଶାଇ ଭାରତ ୯ମ ଥର ପାଇଁ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଗ୍ରୁପ୍ ପର୍ଯ୍ୟାୟ, ସୁପର ସିକ୍ସ ଏବଂ ନକ୍‌ଆଉଟରେ ଚମତ୍କାର ପ୍ରଦର୍ଶନ କରି ଭାରତୀୟ ଦଳ ଫାଇନାଲରେ ପ୍ରବେଶ କରିଥିଲା। ୧୯୮୮ରୁ ଆରମ୍ଭ ହୋଇଥିବା ଏହି ମେଗା ପ୍ରତିଯୋଗିତାରେ ଭାରତ ସର୍ବାଧିକ ୫ ଥର (୨୦୦୦, ୨୦୦୮, ୨୦୧୨, ୨୦୧୮, ୨୦୨୨) ଟ୍ରଫି ଥିବାରୁ ଏଥର ମଧ୍ୟ ଟାଇଟଲ ପାଇଁ ହଟ୍ ଫେଭରାଇଟ ଥିଲା। ମାତ୍ର ଫାଇନାଲ ହର୍ଡଲ୍ସ ଅତିକ୍ରମ କରିବାରେ ବିଫଳ ହୋଇଥିବା ଭାରତୀୟ ଯୁବବାହିନୀ। ଅଷ୍ଟ୍ରେଲିଆ ୭୯ ରନ୍‌ରେ ବିଜୟୀ ହୋଇ ୪ର୍ଥ ଥରପାଇଁ ଚାମ୍ପିୟନ ହୋଇଥିଲା।

ଯୁବ ଅଧିନାୟକ ଉଦୟ ସହରନଙ୍କ ଟିମ୍ ଗ୍ରୁପ ପର୍ଯ୍ୟାୟରେ ବାଂଲାଦେଶକୁ ୮୪, ଆୟର୍ଲାଣ୍ଡକୁ ୨୦୧ଏବଂ ୟୁଏସ୍‌ଏକୁ ୨୦୧ରନ୍ ଏବଂ ସୁପର ସିକ୍ସରେ ନ୍ୟୁଜିଲାଣ୍ଡକୁ ୨୧୪ ଓ ନେପାଳକୁ ୧୩୨ରନରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିରେ ଆୟୋଜକ ଦକ୍ଷିଣ ଆଫ୍ରିକାକୁ ୨ଉଇକେଟରେ ହରାଇ ଅପରାଜେୟ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟ ପକ୍ଷରେ ଅଷ୍ଟ୍ରେଲିଆ ଦଳ ଗ୍ରୁପ୍ ପର୍ଯ୍ୟାୟରେ ଶ୍ରୀଲଙ୍କା, ଜିମ୍ବାୱେ, ଓ ନାମିବ୍ୟାକୁ ହରାଇଥିବାବେଳେ ସୁପର ସିକ୍ସରେ ଇଂଲଣ୍ଡକୁ ୧୧୦ରନ୍ ଏବଂ ବର୍ଷା ଯୋଗୁ ବାତିଲ ହୋଇଥିବା ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ପଛରେ ପକାଇ ସେମିଫାଇନାଲରେ ପହଞ୍ଚିଥିଲା। ସେମିରେ ପାକିସ୍ତାନ ବିପକ୍ଷରେ ୧ ଉଇକେଟରେ ରୋମାଞ୍ଚକ ବିଜୟ ସହ ଫାଇନାଲରେ ପ୍ରବେଶ କରିଥିଲା। ଅଷ୍ଟ୍ରେଲିଆ ଅପେକ୍ଷା ଭାରତୀୟ ଦଳ ଲିଗ୍ ଏବଂ ସୁପର ସିକ୍ସ ପର୍ଯ୍ୟାୟରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ଟାଇଟଲ ଦାବିଦାର ହୋଇ ଯାଇଥିଲା। ମାତ୍ର ଚାପ ସ୍ଥିତିରେ ବିଫଳତା ଯୋଗୁ ଦଳ ପରାଜୟ ସ୍ୱାଦ ଚାଖିଥିଲା। ପୂରା ଟୁର୍ନାମେଣ୍ଟର ପ୍ରଦର୍ଶନ ଦେଖିଲେ ଭାରତୀୟ ବ୍ୟାଟର ଓ ବୋଲରମାନେ ବହୁତ ଭଲ ପ୍ରଦର୍ଶନ କରିଥିଲେ। ମାତ୍ର ନିର୍ଣ୍ଣାୟକ ମ୍ୟାଚରେ ଅଷ୍ଟ୍ରେଲିଆ ଅପେକ୍ଷାକୃତ ଭଲ ଖେଳି ଚାମ୍ପିୟନ ହୋଇଥିଲା।

କେବଳ ଜୁନିୟର ବିଶ୍ୱକପ ନୁହେଁ ସିନିୟର ସ୍ତରରେ ମଧ୍ୟ ଦେଖିଲେ ଚାପ ସ୍ଥିତିରେ ଭାରତର ପ୍ରଦର୍ଶନ ଆଶାନୁରୂପ ରହୁ ନ ଥିବା ନଜରକୁ ଆସେ। ଇଂଲଣ୍ଡରେ ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଓ ଆଇସିସି ଦିନିକିଆ ବିଶ୍ୱକପରେ ମଧ୍ୟ ପରାଜୟର ସାମନା କରିଥିଲା ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ। ଗ୍ରୁପ ପର୍ଯ୍ୟାୟରେ ଅପରାଜେୟ ରହିଥିବା ଭାରତ ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇଥିବା ବେଳେ ଅଷ୍ଟ୍ରେଲିଆ ସିନିୟର ଦଳ ଅତି ସହଜରେ ୬ ଉଇକେଟରେ ହରାଇ ଚାମ୍ପିୟନ ହୋଇଥିଲା। ଭାରତୀୟ ଦଳ ୨୦୧୩ ପରଠାରୁ ଫାଇନାଲରେ ଖରାପ ପ୍ରଦର୍ଶନ କରିଆସୁଛି। ଏଥର ଭାରତୀୟ ଯୁବଦଳ ମଧ୍ୟ ସମାନ ଫଳ ପାଇଛି।

ଭାରତୀୟ ବ୍ୟାଟର ଉଦୟ ସହରନ, ଅଲରାଉଣ୍ଡର ମୁଶିର ଖାଁ, ସଚିନ ଧସ, ରାଜ ଲିମ୍ବାନୀ ଓ ସୋମି ପାଣ୍ଡେ, ନମନ ତିୱାରୀ ଟୁର୍ନାମେଣ୍ଟରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ବୋଲିଂରେ ସୋମି ପାଣ୍ଡେ ଭାରତ ପକ୍ଷରୁ ୧୮ଟି ଉଇକେଟ ନେଇଥିଲେ, ଯାହାକି ରବି ବିଷ୍ଣୋଇଙ୍କଠାରୁ ଗୋଟିଏ ଅଧିକ। ଷ୍ଟାର ବ୍ୟାଟର ଉଦୟ ସହରନ ଟୁର୍ନାମେଣ୍ଟରେ ସର୍ବାଧିକ ୩୯୭ରନ୍ କରିଥିଲେ। ଯେଉଁଥିରେ ୪ଟି ଅର୍ଦ୍ଧଶତକ ଏବଂ ନେପାଳ ବିପକ୍ଷରେ ଶତକ ରହିଥିଲା। ଅନ୍ୟ ପକ୍ଷରେ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ଡେବ୍ୟୁ କରିଥିବା ସର୍ଫରାଜ ଖାଁଙ୍କ ସାନ ଭାଇ ମୁଶିର ୩୬୦ ରନ ସ୍କୋର କରିଥିଲେ। ଏହା ମଧ୍ୟରେ ୨ଟି ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ସାମିଲ ରହିଥିଲା। ବାମହାତୀ ସ୍ପିନର ସୋମି ପାଣ୍ଡେଙ୍କୁ ଭାରତୟ କ୍ରିକେଟ ଦଳର ଭବିଷ୍ୟତଭାବେ ବିବେଚନା କରାଯାଉଛି। ୨୦୦୦ରେ ମହମ୍ମଦ କେଫ୍, ୨୦୦୮ରେ ବିରାଟ କୋହଲି, ୨୦୧୨ରେ ଉନ୍ମୁକ୍ତ ଚାନ୍ଦ, ୨୦୧୮ରେ ପୃଥ୍ୱୀ ଶ' ଏବଂ ୨୦୨୨ରେ ଯଶ ଧୁଲ ଭାରତୀୟ ଦଳକୁ ସଫଳତା ପ୍ରଦାନ କରିଥିଲେ। ଯୁବ ବିଶ୍ୱକପରେ ପ୍ରଭାବୀ ପ୍ରଦର୍ଶନ ପରେ ରୋହିତ ଶର୍ମା, ବିରାଟ କୋହଲି, ରବୀନ୍ଦ୍ର ଜାଡେଜା, ଶିଖର ଧାୱନ, ଲୋକେଶ ରାହୁଲ, ରିଷଭ ପନ୍ତ, ଶିବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ ଏବଂ ପୂର୍ବତନ ଖେଳାଳି ଯୁବରାଜ ସିଂ, ସୁରେଶ ରାଇନା, ମହମ୍ମଦ କୈଫ ପ୍ରମୁଖ ଭାରତ ଖେଳିବାରେ ସକ୍ଷମ ହୋଇଛନ୍ତି।

୧୯ ବର୍ଷରୁ କମ୍ ବିଶ୍ୱକପରେ ଭାରତ ଏହା ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିବା ସମସ୍ତ ୬ଟି ମ୍ୟାଚରେ ବିଜୟୀ ଥିଲା। ଏଥରର ପରାଜୟ ପରେ ମାନସ ମନ୍ଥନ ଆରମ୍ଭ ହୋଇଛି। ଫାନାଲରେ ଅଷ୍ଟ୍ରେଲିଆ ଦଳ ୨୫୩ ରନର ଏକ ଚ୍ୟାଲେଞ୍ଜିଂ ସ୍କୋର କରିଥିଲା। ବଲ୍ ବାଉନ୍ସ କରିବା ସହିତ ପିଚ୍ ପେସ୍ ବୋଲରମାନଙ୍କୁ ସୁହାଉଥିଲା। ଏଥିପାଇଁ ଅଷ୍ଟ୍ରେଲିଆ ଟିମ୍ ମ୍ୟାନେଜମେଣ୍ଟ ୪ଜଣ ପେସ୍ ବୋଲର ଚାର୍ଲି ଆଣ୍ଡରସନ, ରାଫ୍ ମାକମିଲନ, ଟମ୍ ଷ୍ଟ୍ରାକର, ଓ କଲୁମ ଭିଡଲରଙ୍କୁ ଖେଳାଇଥିଲା। ଏମାନେ ଚମତ୍କାର ବୋଲିଂ କରିବା ଦ୍ୱାରା ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରିକି ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ଚମତ୍କାର ଖେଳିଥିବା ଭାରତୀୟ ବ୍ୟାଟର ଫାଇନାଲରେ ସ୍କୋର ନ କରିବା ପରାଜୟର ଅନ୍ୟତମ କାରଣ ହୋଇଥିଲା। ଭାରତୀୟ ଦଳ ଫାଇନାଲ ମୁକାବିଲାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖରାପ ପ୍ରଦର୍ଶନ କରୁଥିବାରୁ ଭାରତୀୟ କ୍ରିକେଟ ପ୍ରେମୀମାନେ ନିରାଶ ହୋଇଛନ୍ତି। ବିସିସିଆଇ ଏହାର କାରଣ ଖୋଜିବା ସହିତ ଖେଳାଳିଙ୍କ ମନରୁ କିପରି ମାନସିକ ଚାପ ଦୂର କରାଯାଇ ପାରିବ ସେଥିପାଇଁ ସ୍ୱତନ୍ତ୍ର ଗେମ୍‌ପ୍ଲାନ ପ୍ରସ୍ତୁତ କରିବା ଆବଶ୍ୟକ।




## କେୟାର ଲେସ୍

ଅଗରତାଲା–ଦିଲ୍ଲୀ
ଇଣ୍ଡିଗୋ ଫ୍ଲାଇଟରେ
ମୟଙ୍କ ଅଗ୍ରୱାଲ
ଜର୍ନି ବେଳେ ସିଟ୍ ଫ୍ରଣ୍ଟ ପାଣି ପିଇ
ପାଟିରେ ଘା' ଫୁଲି ଗାଲ
ହେଲା ବଡ କଲବଲ
କେୟାରଫୁଲ୍ ହେଲେ
ସେଭ୍ ହୁଏ ଲାଇଫ୍
କେୟାର ଲେସ୍ ହେଲେ ମଲ।(୧)
ପ୍ୟାରିସ୍ ଅଲିମ୍ପିକ୍ସ
ସମାରୋହ ପାଇଁ
ଫ୍ୟାନ୍ କମାଇଲା ଫ୍ରାନ୍ସ
ଛଅ ଲକ୍ଷରୁ ହ୍ରାସ କରି ତିନି ଲକ୍ଷ
ହବ ବୋଲି କହେ ଦେଶ।
ସିନ ନଦୀ ଦୁଇ ପାର୍ଶ୍ୱ


ମୟଙ୍କ ଅଗ୍ରୱାଲ

ଭରପୂର ଦର୍ଶକ ଉତ୍ସବ ଦେଖିବେ
ହବ ନୂଆ ଇତିହାସ।(୨)
ଲସ ଏଞ୍ଜେଲସର ସାତ ବରଷର
ଟିକି ଝିଅ କାଇନଲି
ଜିମ୍ ଯାଇ ୱେଟ୍ ଟ୍ରେନିଂ କରି ବଡି
ପଥର, ଶରୀର ନାଲି।
କେୟାର ଲେସ୍ ପାଇଁ ମିଳି
କଙ୍କି ବଡି ଯୁଥ୍ ଖାଇ ଫାଷ୍ଟଫୁଡ୍
ପିଇ ହ୍ୱିସ୍କି ରମ୍ ଡେଲୀ।(୩)

—ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୬/୨୦୨୪ Bhubaneswar, Friday, February 16/ 2024

# ଅଷ୍ଟ୍ରେଲିଆଠାରୁ ହାରିଲା ଭାରତ


ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

### ପୁରୁଷ ପ୍ରୋ ଲିଗ୍ ହକି
### ବ୍ଲେକ୍ ଗୋଭର୍ସଙ୍କ ଡବଲ୍

ଭୁବନେଶ୍ୱର,୧୫।୨ (ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ପ୍ରୋ ଲିଗ୍ ହକିରେ ଅଷ୍ଟ୍ରେଲିଆ ନିକଟରୁ ସଂଘର୍ଷପୂର୍ଣ୍ଣ ୬-୪ ଗୋଲରେ ପରାଜିତ ହୋଇଛି ଭାରତ। ଅଷ୍ଟ୍ରେଲିଆ ପକ୍ଷରୁ ବ୍ଲେକ ଗୋଭର୍ସ (୨ ଓ ୨) ମିନିଟରେ ଡବଲ୍ ଗୋଲ ଦେଇଥିବା ବେଳେ ଆରନ ଜେଲସ୍କି(୪୦), ଶାର୍ପ ଲାଚଲାନ(୫୨), ଆଣ୍ଡରସନ୍ ଜାକବ୍(୫୫) ଓ ୱେଲ୍ଟ ଜ୍ୟାକ୍(୫୮) ମିନିଟରେ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ଭାରତ ପାଇଁ ହରମନ୍‌ପ୍ରୀତ୍ ସିଂ(୧୨ ଓ ୨୦) ମିନିଟରେ ଦୁଇଟି ଗୋଲ ଦେଇଥିବା ବେଳେ ସୁଖଜିତ ସିଂ(୧୮) ଓ ମନଦୀପ ସିଂ(୨୯) ମିନିଟରେ ସ୍କୋର କରିଥିଲେ। ଚଳିତ ଲିଗ୍‌ରେ ଭାରତର ଏହା ପ୍ରଥମ ପରାଜୟ।

ଅଷ୍ଟ୍ରେଲିଆ ଆକ୍ରମଣାତ୍ମକ ଆରମ୍ଭ କରିଥିଲା। ପ୍ରଥମ ଦୁଇ ମିନିଟରେ ବ୍ଲେକ୍ ଗୋଭର୍ସ ଦୁଇଟି ଗୋଲ ଦେଇ ଭାରତକୁ ଚାପରେ ରଖିଥିଲେ। ୧୨ ତମ ମିନିଟରେ ଭାରତକୁ ପେନାଲ୍ଟି କର୍ନର ମିଳିଥିବା ବେଳେ ହରମନ୍‌ପ୍ରୀତ ଏଥିରୁ ସ୍କୋର କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ୩ ଗୋଲ ସ୍କୋର କରିବା ସହ ୪-୨ରେ ଆଗୁଆ ରହିଥିଲା।

ତେବେ ତୃତୀୟ କ୍ୱାର୍ଟରରେ ଜେଲୱାସ୍କି ଆରନ ଅଷ୍ଟ୍ରେଲିଆ ପକ୍ଷରୁ ଆଉ ଏକ ଗୋଲ ଦେଇଥିଲେ। ଅନ୍ତିମ କ୍ୱାର୍ଟରରେ ଭାରତ ରକ୍ଷାତ୍ମକ ଖେଳିଥିବା ବେଳେ ଅଷ୍ଟ୍ରେଲିଆ ଆକ୍ରମଣ କରିଥିଲା। ଏହି କ୍ୱାର୍ଟରରେ ୩ ଗୋଲ ଦେବା ସହ ମ୍ୟାଚକୁ ୬-୪ରେ ଜିତି ନେଇଥିଲା ଅଷ୍ଟ୍ରେଲିଆ। ଶାର୍ପ ଲାଚଲାନ ୫୨ମିନିଟରେ ଗୋଲ ଦେଇ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଏହାର ୩ ମିନିଟ ମଧ୍ୟ ଆଣ୍ଡରସନ୍ ଜାକବ ଅଷ୍ଟ୍ରେଲିଆ ପାଇଁ ପଞ୍ଚମ ଗୋଲ ଦେଇଥିଲେ। ୱେଲ୍ଟ ଜ୍ୟାକ ୫୮ ମିନିଟରେ ଗୋଲ ଦେବା ସହ ଅଷ୍ଟ୍ରେଲିଆ ୬-୪ରେ ଜିତି ନେଇଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶୁକ୍ରବାର ଆୟର୍ଲାଣ୍ଡ ବିପକ୍ଷରେ ଖେଳିବ।


ସ୍ପେନ୍ ଓ ଆୟର୍ଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଗୋଞ୍ଜାଲେଜଙ୍କ ଡବଲ୍‌ରେ ସ୍ପେନ୍ ବିଜୟୀ

ଭୁବନେଶ୍ୱର,୧୫।୨ (ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ପ୍ରୋ ଲିଗ୍ ହକିରେ ଆୟର୍ଲାଣ୍ଡକୁ ୪-୨ ଗୋଲରେ ପରାସ୍ତ କରିଛି ସ୍ପେନ୍। ଏନରିକ୍ ଗୋଞ୍ଜାଲେଜ୍(୧୩ ଓ ୫୭ ମିନିଟ) ଡବଲ୍ ଗୋଲ କରିଥିବା ବେଳେ ମାର୍କ ମିରାଲେସ୍(୧୮) ଓ ମାର୍କ ରେନ୍(୪୧) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଆୟର୍ଲାଣ୍ଡ ପକ୍ଷରୁ ନେଲସନ୍ ମାଥ୍ୟୁ(୨୪) ଓ କୋଲ୍ ଲି(୫୨) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ପ୍ରଥମ କ୍ୱାର୍ଟରର ୧୩ ତମ ମିନିଟରେ ଗୋଞ୍ଜାଲେଜ୍ ଏକମାତ୍ର ଫିଲ୍ଡ ଗୋଲ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରର ୧୮ ତମ ମିନିଟରେ ମିରାଲେସଙ୍କ ଗୋଲରେ ସ୍ପେନ୍ ୨-୦ରେ ଆଗୁଆ ହୋଇଥିଲା। ତେବେ ଏହାର ୬ ମିନିଟ ମଧ୍ୟରେ ନେଲସନ୍ ମାଥ୍ୟୁ ଆୟର୍ଲାଣ୍ଡ ପକ୍ଷରୁ ପ୍ରଥମ ଗୋଲ ପରିଶୋଧ କରିଥିଲେ। ତୃତୀୟ କ୍ୱାର୍ଟରରେ ମାର୍କ ରେନ୍ ଏକ ଗୋଲ୍ ଦେଇ ସ୍ପେନ୍‌କୁ ୩-୧ରେ ଆଗୁଆ କରିଥିଲେ। ଚତୁର୍ଥ କ୍ୱାର୍ଟରର ୫୨ ତମ ମିନିଟରେ ଆୟର୍ଲାଣ୍ଡକୁ ଏକ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। କୋଲ୍ ଲି ଏହାକୁ ଗୋଲରେ ପରିଣତ କରି ମ୍ୟାଚ୍‌କୁ ୩-୨ ସ୍ଥିତିକୁ ଆଣିଥିଲେ। ୫୭ ତମ ମିନିଟରେ ଏନରିକ୍ ଗୋଞ୍ଜାଲେଜ୍ ଆଉ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ୪-୨ରେ ବିଜୟୀ କରିଥିଲେ।

## ଭାରତୀୟ ଦଳରୁ ରିଲିଜ ହେଲେ ମୁକେଶ କୁମାର

ରାଜକୋଟ, ୧୫।୨ (ପି.ଟି.)

ଏଠାରେ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ପୂର୍ବରୁ ପେସ୍ ବୋଲର ମୁକେଶ କୁମାରଙ୍କୁ ଭାରତୀୟ କ୍ରିକେଟ ଦଳରୁ ରିଲିଜ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଏକ ପ୍ରେସ୍ ଇସ୍ତାହାରରେ ଏ ବିଷୟରେ ସୂଚନା ଦିଆଯାଇଛି। ଶୁକ୍ରବାର ସେ ବେଙ୍ଗଲ ତରଫରୁ ବିହାର ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ ଖେଳିବା ଲାଗି ତାଙ୍କୁ ଅନୁମତି ଦିଆଯାଇଛି। ଏହି ଡାହାଣହାତୀ ଖେଳାଳି ବିଶାଖାପାଟଣାରେ ଦ୍ୱିତୀୟ ଟେଷ୍ଟ ଖେଳିଥିଲେ। ଫେବୃୟାରୀ ୨୩ରେ ରାଞ୍ଚିରେ ଖେଳାଯିବାକୁଥିବା ଚତୁର୍ଥ ଟେଷ୍ଟ ମ୍ୟାଚ ପାଇଁ ସେ କିନ୍ତୁ ଭାରତୀୟ ଦଳରେ ଯୋଗଦେବେ। ଗୁରୁବାର ଆରମ୍ଭ ହୋଇଥିବା ତୃତୀୟ ଟେଷ୍ଟରେ ମୁକେଶଙ୍କ ସ୍ଥାନରେ ମହମ୍ମଦ ସିରାଜଙ୍କୁ ବଦଳ ଖେଳାଳି ଭାବେ ଚୂଡ଼ାନ୍ତ ଏକାଦଶରେ ନିଆଯାଇଛି। ବିଶାଖାପାଟଣାରେ ୩୦ ବର୍ଷୀୟ ମୁକେଶ କୁମାରଙ୍କ ପ୍ରଦର୍ଶନ ପ୍ରଭାବୀ ନ ଥିଲା। ପ୍ରଥମ ଇନିଂସରେ ସେ ତାଙ୍କ ୭ ଓଭର ବୋଲିଂରେ ୪୪ ରନ ଦେଇଥିଲେ ହେଁ ଗୋଟିଏ ହେଲେ ଉଇକେଟ ନେବାରେ ସଫଳ ହୋଇ ନ ଥିଲେ। ଦ୍ୱିତୀୟ ଇନିଂସରେ ସେ ୫ ଓଭର ବୋଲିଂ କରି ୨୬ରନରେ ଏକମାତ୍ର ଉଇକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡର ୧୦ ନମ୍ବର ବ୍ୟାଟର ଶୋଏବ ବଶିରଙ୍କୁ ସେ ଆଉଟ କରିଥିଲେ। ବେଙ୍ଗଲ-ବିହାର ରଣଜୀ ମ୍ୟାଚ ଇଡେନ ଗାର୍ଡେନ୍ସଠାରେ ଖେଳାଯିବ।



## ଓଡ଼ିଶା ମିନି ଗଲ୍ଫ ଟିମ୍‌ରେ ସୋଆ’ର ୬ ଛାତ୍ରୀଛାତ୍ର


ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ମନୋରଞ୍ଜନ ନାୟକଙ୍କ ସହ ମନୋନୀତ ଖେଳାଳି।

### ନ୍ୟାଶନାଲ ମିନି ଗଲ୍ଫ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୫।୨ (ବିଜୟ ରଣା)

ନାଗପୁରରେ ମାର୍ଚ୍ଚ ୩ରୁ ୬ ପର୍ଯ୍ୟନ୍ତ ହେବାକୁଥିବା ନ୍ୟାଶନାଲ ମିନି ଗଲ୍ଫ ଚାମ୍ପିୟନଶିପ୍(ଉଭୟ ପୁରୁଷ ଓ ମହିଳା) ଲାଗି ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ଶିକ୍ଷା ‘ଓ’ ଅନୁସନ୍ଧାନ(ସୋଆ)ରୁ ୬ ଛାତ୍ରୀଛାତ୍ର ଓ ଜଣେ ଫାକଲ୍ଟି ମେମ୍ବର ମନୋନୀତ ହୋଇଛନ୍ତି। ମନୋନୀତ ଖେଳାଳିମାନେ ହେଲେ ପୁରୁଷ ଦଳରେ ଭିନିତ ଦାସ, ଆଦିତ୍ୟ ରାଜ ଦୋରା ଓ ବାଦଲ ସାମଲ ଏବଂ ମହିଳା ଦଳରେ ଆଦ୍ୟାଶା ମିଶ୍ର, ଅମ୍ରିତା ଦାସ ଓ ଲିପ୍‌ସା ମହାନ୍ତି। ଓଡ଼ିଶା ମିନି ଗଲ୍ଫ ଆସୋସିଏଶନ ସୂତ୍ରରୁ ଏହା ଜଣାଯାଇଛି। ମହିଳା ଦଳର ସଦସ୍ୟା ଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ସ୍ମୃତିରେଖା ପଟ୍ଟନାୟକ ରହିଛନ୍ତି। ଏହି ଉପଲକ୍ଷେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ମନୋରଞ୍ଜନ ନାୟକ ମନୋନୀତ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଥିଲେ।

## ଚାଇନା ନିକଟରୁ ହାରିଲା ଭାରତ

ଶାହ ଆଲମ,୧୫।୨(ପି.ଟି.)

ବ୍ୟାଡମିଣ୍ଟନ ଏସିଆ ଚାମ୍ପିୟନଶିପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଭାରତୀୟ ପୁରୁଷ ଦଳ। ଗୁରୁବାର ଚାଇନା ନିକଟରୁ ଦଳ ୨-୩ରେ ପରାଜିତ ହୋଇଥିଲେ ହେଁ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏଚ୍ ଏସ୍ ପ୍ରଣୟ ଓ ଲକ୍ଷ୍ୟ ସେନ୍ ସିଙ୍ଗଲ୍ସ ମ୍ୟାଚ୍ ଜିତି ଭାରତକୁ ୨-୦ରେ ଆଗୁଆ କରିଥିଲେ। ତେବେ ପରବର୍ତ୍ତୀ ୨ ମ୍ୟାଚ୍ ଜିତି ଚାଇନା ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ଅନ୍ତିମ ମ୍ୟାଚରେ ଜାତୀୟ ଚାମ୍ପିୟନ ଚିରାଗ ସେନ ପରାଜିତ ହେବା ଫଳରେ ଭାରତ ୩-୨ରେ ପରାସ୍ତ ହୋଇଥିଲା। ପୂର୍ବରୁ ବୁଧବାର ହଂକଂକୁ ୪-୧ରେ ହରାଇଥିବା ଭାରତ ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

## ରିଜୱାନ ୧୭ବର୍ଷ ବାସନ୍ଦ

ଦୁବାଇ, ୧୫।୨ (ପି.ଟି.): ୟୁନାଇଟେଡ କିଙ୍ଗଡମ୍ (ୟୁକେ) ଭିତ୍ତିକ କ୍ଲବ କ୍ରିକେଟର ରିଜୱାନ ଜାଭେଦ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଦ୍ୱାରା ଖେଳର ସମସ୍ତ ଫର୍ମାଟରୁ ୧୭ ବର୍ଷ ୬ମାସ ବାସନ୍ଦ ହୋଇଛନ୍ତି। ୨୦୨୧ ଆବୁଧାବି ଟି୧୦ ଲିଗ୍ ବେଳେ ସେ ମ୍ୟାଚ୍ ଫିକ୍ସ କରିବା ଲାଗି ବିଭିନ୍ନ ଉପାୟରେ ଉଦ୍ୟମ କରିଥିଲେ ବୋଲି ଆଇସିସି ଜେନେରାଲ ମ୍ୟାନେଜର ଇଣ୍ଟିଗ୍ରିଟି, ଆଲେକ୍ସ ମାର୍ଶାଲ ପ୍ରକାଶ କରିଛନ୍ତି। ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଦ୍ୱାରା ଦୁର୍ନୀତି କିମ୍ବା କ୍ରିକେଟର ଭାବମୂର୍ତ୍ତିରେ ଆଞ୍ଚ ଆସିବା ଭଳି କୌଣସି କାର୍ଯ୍ୟ କରିବାକୁ ଦୁଃସାହସ କରିବେ ନାହିଁ ବୋଲି ସେ କହିଛନ୍ତି। ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ଦ୍ୱାରା ସ୍ୱୀକୃତିପ୍ରାପ୍ତ ଆବୁଧାବି ଟି୧୦ ଟୁର୍ନାମେଣ୍ଟ ୨୦୧୭ରୁ ଖେଳାଯାଇ ଆସୁଅଛି। ଗତବର୍ଷ ସେପ୍ଟେମ୍ବରରେ ଯେଉଁ ୮ଜଣ ଖେଳାଳି ଓ ଅଫିସିଆଲଙ୍କ ବିରୋଧରେ ଇସିବି ତରଫରୁ ଆଇସିସି ନିକଟରେ ଅଭିଯୋଗ କରାଯାଇଥିଲା, ସେମାନଙ୍କ ମଧ୍ୟରେ ରିଜୱାନ ଅନ୍ୟତମ ଥିଲେ। ଏହି ତାଲିକାରେ ବାଂଲାଦେଶ ଅଲରାଉଣ୍ଡର ନାସିର ହୋସେନଙ୍କ ନାମ ମଧ୍ୟ ସ୍ଥାନ ପାଇଥିଲା। ବର୍ତ୍ତମାନ ସେ ଦୁଇବର୍ଷ ବାସନ୍ଦ ଦଣ୍ଡ ଭୋଗୁଛନ୍ତି। ରିଜୱାନଙ୍କ ବିରୋଧରେ ବାସନ୍ଦ ଦଣ୍ଡ ପିଛିଲା ୨୦୨୩ ସେପ୍ଟେମ୍ବର ୧୯ରୁ ଲାଗୁ ହେବ।

## ଡବ୍ଲ୍ୟୁଏଫ୍‌ଆଇକୁ ବାସନ୍ଦ କର: ବଜରଙ୍ଗ

ରାଜକୋଟ,୧୫।୨(ପି.ଟି.)

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଉପରେ ବାସନ୍ଦାଦେଶ ଆଉ ଥରେ ଜାରି କରିବା ପାଇଁ ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂ(ୟୁଡବ୍ଲ୍ୟୁଡବ୍ଲ୍ୟୁ)କୁ ଅନୁରୋଧ କରିଛନ୍ତି ବଜରଙ୍ଗ ପୁନିଆ। ଡବ୍ଲ୍ୟୁଏଫ୍‌ଆଇ ସଭାପତି ସଞ୍ଜୟ ସିଂ ଖେଳାଳିମାନଙ୍କୁ ଭୟଭୀତ କରିବା ସହ ନିର୍ଯାତନା ଦେଉଥିବା ନେଇ ବଜରଙ୍ଗ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଡବ୍ଲ୍ୟୁଏଫ୍‌ଆଇ ଉପରୁ ନିଲମ୍ବନ ଆଦେଶକୁ ହଟାଇ ଦେଇଥିଲା ୟୁଡବ୍ଲ୍ୟୁଡବ୍ଲ୍ୟୁ। ପୂର୍ବରୁ ବୁଧବାର ଉଭୟ ସାକ୍ଷୀ ମଲିକ ଓ ବଜରଙ୍ଗ ପୁନିଆ ଏହାକୁ ବିରୋଧ କରିବା ସହ ଆଉଥରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଧମକ ଦେଇଥିଲେ। ୟୁଡବ୍ଲ୍ୟୁଡବ୍ଲ୍ୟୁର ଏହି ନିଷ୍ପତ୍ତି ଭାରତୀୟ ରେସ୍‌ଲରଙ୍କୁ ବିପଦରେ ପକାଇଛି ଓ ଡବ୍ଲ୍ୟୁଏଫ୍‌ଆଇ ଅଧିକାରୀଙ୍କ ପାଖରେ ନିର୍ଯାତନା ଦେବାର ସୁଯୋଗ ସୃଷ୍ଟି କରିଛି ବୋଲି ‘ଏକ୍ସ’ରେ ଲେଖିଥିଲେ ବଜରଙ୍ଗ।

ରେସ୍‌ଲର ଭାବେ ଆମେ ଏହି ନିଷ୍ପତ୍ତିକୁ ବିରୋଧ କରୁଛୁ ଓ ୟୁଡବ୍ଲ୍ୟୁଡବ୍ଲ୍ୟୁ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆମେ ଅନୁରୋଧ କରୁଛୁ ବୋଲି ବଜରଙ୍ଗ କହିଛନ୍ତି। ଭାରତୀୟ କୁସ୍ତିରେ ସ୍ୱଚ୍ଛତା ଆଣିବା ପାଇଁ ୟୁଡବ୍ଲ୍ୟୁଡବ୍ଲ୍ୟୁ ବିଚାର କରିବ ବୋଲି ଆମେ ଆଶା କରୁଛୁ। ଏକ ପତ୍ର ଲେଖି ସେ ଏଭଳି ଅନୁରୋଧ କରିଥିବା ବେଳେ ଏହାର ନକଲ କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ମଧ୍ୟ ପଠାଇଛନ୍ତି।


ବଜରଙ୍ଗ ପୁନିଆ

## ନ୍ୟୁଜିଲାଣ୍ଡ ସମ୍ମୁଖରେ ବିଜୟ ଲକ୍ଷ୍ୟ ୨୬୭


ଡେଭିଡ୍ ବେଡିଙ୍ଗହାମ୍

ହାମିଲଟନ, ୧୫।୨(ଏପି)

ଡେଭିଡ୍ ବେଡିଙ୍ଗହାମ୍‌ଙ୍କ ପ୍ରଥମ ଟେଷ୍ଟ ଶତକ ସହାୟତାରେ ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ୨୬୭ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ଏହାର ଦ୍ୱିତୀୟ ଇନିଂସରେ ୧ ଉଇକେଟ ବିନିମୟରେ ୪୦ ରନ ସଂଗ୍ରହ କରିଛି। ଆଉ ୨ ଦିନ ଖେଳ ବାକି ରହିଥିବା ବେଳେ ନ୍ୟୁଜିଲାଣ୍ଡ ଆହୁରି ୨୨୬ ରନ ପଛରେ ରହିଛି। କନୱେ ୧୪ତମ ଓଭରରେ ଅଫ୍-ସ୍ପିନର ଡେନ୍ ପିଡିଟ୍‌ଙ୍କ ୫ମ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଟମ୍ ଲଥାମ ୨୧ରନ କରି ଅପରାଜିତ ରହିଛନ୍ତି। ପୂର୍ବରୁ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ ଟପ୍ ସ୍କୋରର ବେଡିଙ୍ଗହାମ୍ ତାଙ୍କ ପ୍ରଥମ ଟେଷ୍ଟ ଶତକ ହାସଲ କରିବା ସହ କ୍ୟାରିୟର ଶ୍ରେଷ୍ଠ ୧୧୦ରନ ସଂଗ୍ରହ କରିଥିଲେ। କିଗାନ ପିଟରସନ (୪୩ରନ)ଙ୍କ ସହ ତାଙ୍କର ୯୮ ରନର ପାର୍ଟନରଶିପ୍ ଯୋଗୁ ନ୍ୟୁଜିଲାଣ୍ଡ ପାଇଁ ଦକ୍ଷିଣ ଆଫ୍ରିକା ଏକ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିପାରିଥିଲା। ଦକ୍ଷିଣ ଆଫ୍ରିକା ଏହାର ଶେଷ ୬ ଉଇକେଟ ମାତ୍ର ୩୩ ରନରେ ହରାଇ ବସିଥିଲା। ଏହା ପଛରେ ନ୍ୟୁଜିଲାଣ୍ଡର ଡେଙ୍ଗା ବୋଲର ୱିଲ୍ ଓ’ରୁର୍କିଙ୍କ ବିଶେଷ ଭୂମିକା ରହିଥିଲା। ସେ ମାତ୍ର ୩୪ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ଟେଷ୍ଟ ପଦାର୍ପଣରେ ଜଣେ ନ୍ୟୁଜିଲାଣ୍ଡ ବୋଲର ହିସାବରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଦକ୍ଷିଣ ଆଫ୍ରିକା ଇନିଂସରେ ଗ୍ଲେନ ଫିଲିପ୍ସ ୨ଟି ଉଇକେଟ ସହ ଦୁଇ କ୍ୟାଚ ନେଇ ଦକ୍ଷିଣ ଆଫ୍ରିକା ଇନିଂସର ବିପର୍ଯ୍ୟୟ ଘଟାଇଥିଲେ। ଓ’ରୁର୍କି ମ୍ୟାଚର ଦୁଇଟି ଇନିଂସରେ ମୋଟ ୯୩ ରନ ଦେଇ ୯ଉଇକେଟ ଅକ୍ତିଆର କରିଛନ୍ତି, ଯାହା ଜଣେ ନ୍ୟୁଜିଲାଣ୍ଡ ଖେଳାଳି ହିସାବରେ ଟେଷ୍ଟ ପଦାର୍ପଣରେ ଏହା ହେଉଛି ଶ୍ରେଷ୍ଠ ପ୍ରଦର୍ଶନ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୨୪୨। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୨୧୧। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୩୫ (ବେଡିଙ୍ଗହାମ୍-୧୧୦, କିଗାନ ପିଟରସନ-୪୩, ନିଲ୍ ବ୍ରାଣ୍ଡ-୩୪ ; ୱିଲିୟମ ରୁର୍କି-୫/୩୪, ଗ୍ଲେନ ଫିଲିପ୍ସ-୨/୫୦)। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୪୦/୧।

## ମହିଳା ପ୍ରୋ ଲିଗ୍ ହକି: ଅଷ୍ଟ୍ରେଲିଆର ବୃହତ୍ ବିଜୟ

ରାଉରକେଲା,୧୫।୨ (ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ମହିଳା ହକି ପ୍ରୋ ଲିଗ୍‌ର ୧୩ତମ ମ୍ୟାଚ୍ ଗୁରୁବାର ଆମେରିକାକୁ ୪-୦ ଗୋଲରେ ହରାଇ ବୃହତ୍ ବିଜୟ ହାସଲ କରିଛି ଅଷ୍ଟ୍ରେଲିଆ। ଏନ୍‌ଆଇଟି ନିର୍ଦ୍ଦେଶକ କେ. ଉମା ମହେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଷ୍ଟ୍ରେଲିଆ ଦଳ ଖେଳ ଆରମ୍ଭରେ ୟୁଏସ୍‌ଏ ବିପକ୍ଷରେ ଆକ୍ରମକ ଖେଳ ପ୍ରଦର୍ଶନ କରି ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରର ସପ୍ତମ ମିନିଟ୍‌ରେ ଫରୱାର୍ଡ ଖେଳାଳି ଏଲିସି ଆରନଟ୍ ପ୍ରଥମ ଗୋଲ ମାରି ଦଳକୁ ୧-୦ ଗୋଲରେ ଆଗୁଆ ରଖିଥିଲେ। ଅଷ୍ଟ୍ରେଲିଆ ଦଳ ଏହି ମ୍ୟାଚ୍‌ରେ ବାରମ୍ବାର ୟୁଏସ୍‌ଏ ଉପରେ ଚାପ ପକାଇ ଦ୍ୱିତୀୟ କାର୍ଟରର ୨୧ ମିନିଟ୍‌ରେ ପେନାଲ୍ଟି ସୁଯୋଗ ପାଇଥିବାବେଳେ ଫରୱାର୍ଡ ଖେଳାଳି ମାଡିସନ୍ ବ୍ରୁକ୍ସ ଦ୍ୱିତୀୟ ଗୋଲ ୟୁଏସ୍‌ଏ ବିପକ୍ଷରେ ଦେଇଥିଲେ। ସେହିପରି ଖେଳର ଦ୍ୱିତୀୟ କ୍ୱାର୍ଟରର ୩୦ ମିନିଟ୍‌ରେ ରେବେକା ଗ୍ରୀନର ତୃତୀୟ ଗୋଲ ଓ ତୃତୀୟ କ୍ୱାର୍ଟରର ୪୪ ମିନିଟ୍‌ରେ କ୍ଲେରି କଲଉୟିଲ ୪ର୍ଥ ଗୋଲ ମାରି ଦଳକୁ ବିଜୟୀ କରାଇଥିଲେ। ଅଷ୍ଟ୍ରେଲିଆର ରେବେକା ଗ୍ରୀନରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।


ଅଷ୍ଟ୍ରେଲିଆ ଓ ଆମେରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ନେଦରଲାଣ୍ଡ୍ସ ଅପରାଜେୟ

ରାଉରକେଲା,୧୫।୨ (ଦିନେଶ ମିଶ୍ର)

ଗୁରୁବାର ମହିଳା ହକି ପ୍ରୋ ଲିଗ୍ ମ୍ୟାଚର ୧୪ତମ ମ୍ୟାଚ୍‌ରେ ଚାଇନାକୁ ୪-୨ ଗୋଲରେ ହରାଇ ଅପରାଜେୟ ଧାରା ବଜାୟ ରଖିଛି ନେଦରଲାଣ୍ଡ୍ସ। ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଓ ଲାଜରୁସ ବାର୍ଲା ଅତିଥି ଭାବେ ଯୋଗ ଦେଇଥିଲେ। ନେଦରଲାଣ୍ଡ୍ସ ଦଳ ପ୍ରଥମରୁ ଆକ୍ରମକ ଖେଳ ପ୍ରଦର୍ଶନ କରି ମ୍ୟାଚର ପ୍ରଥମ କ୍ୱାର୍ଟରର ୨ଟି ଗୋଲ ଦେଇଥିଲା। ପ୍ରଥମ ଗୋଲ ମ୍ୟାଚ୍‌ର ୮ ମିନିଟ୍‌ରେ ଜୋସଜେ ବର୍ଗ ଓ ୧୨ ମିନିଟ୍‌ରେ ଭାନ୍ ଡର ଏଲଷ୍ଟ ଫେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୧୫ ମିନିଟ୍‌ରେ ଚାଇନା ଦଳର ଅନହୁଇ ଇହୁ ଗୋଟିଏ ଗୋଲ ପରିଶୋଧ କରିଥିଲେ। ନେଦରଲାଣ୍ଡ୍ସର ୟିବି ଜାନ୍‌ସେନ୍ ମ୍ୟାଚର ତୃତୀୟ କ୍ୱାର୍ଟରର ୩୪ ମିନିଟ୍‌ରେ ପୁଣି ଗୋଟିଏ ଗୋଲ ମାରିଥିବାବେଳେ ୩୯ ମିନିଟ୍‌ରେ ଫେଲସି ଅଲବର୍ସ ଗୋଟିଏ ଗୋଲ ଦେଇ ଦଳକୁ ଆଗୁଆ ରଖିଥିଲେ। ମ୍ୟାଚ୍ ଶେଷ ହେବାକୁ ୧ ମିନିଟ ଥିବା ବେଳେ ବିଙ୍ଗ୍‌ଫେଙ୍ଗ ଗୁ ଗୋଟିଏ ଗୋଲ ମାରିଥିଲେ। ଲିସା ପୋଷ୍ଟଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ମହିଳା ହକି ପ୍ରୋ ଲିଗ୍ ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ୧୧ଟି ମ୍ୟାଚ ଖେଳି ସମସ୍ତ ମ୍ୟାଚ୍ ଜିତି ଏକ ନମ୍ବର ସ୍ଥାନ ବଜାୟ ରଖିଛି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ପୃଷ୍ଠା-୧୨+୮

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୬/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Friday, February 16/2024 Page 20 ₹ 7.00




## ସଂକ୍ଷେପରେ

### ରାଜଭବନ ସମ୍ମୁଖରେ କାର୍ ଦୁର୍ଘଟଣା, ୩ ଆହତ

ଭୁବନେଶ୍ୱର,୧୫।୨(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ରାଜଭବନ ସମ୍ମୁଖରେ ଏକ କାର ଦୁର୍ଘଟଣା ଘଟିଛି। ଗାଡିଟି ରାଜଭବନ ସମ୍ମୁଖ ଫାଉଣ୍ଟେନ ଉଦ୍ୟାନ ବ୍ୟାରିକେଡକୁ ଭାଙ୍ଗି ଭିତରକୁ ପଶି ଯାଇଥିଲା। ଫଳରେ ଉକ୍ତ କାର୍‌ରେ ଫସି ରହିଥିବା ୩ଜଣ ଆହତଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ବୁଧବାର ବିଳମ୍ବିତ ରାତିରେ ପାୱାରହାଉସ ଆଡୁ ଉକ୍ତ କାର୍‌ଟି ଦ୍ରୁତ ଗତିରେ ରାଜଭବନ ଆଡକୁ ଆସି ଗୋଲେଇ ଡିଭାଇଡରରେ ଧକ୍କା ହୋଇ ଫାଉଣ୍ଟେନ ପାର୍କ ଭିତରକୁ ପଶି ଆସିଥିଲା। ଦୁର୍ଘଟଣାରେ କାର ସମ୍ମୁଖ ଭାଗ ସଂପୂର୍ଣ୍ଣ ଭାଙ୍ଗିଯାଇଛି। କ୍ୟାପିଟାଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ସହ ତଦନ୍ତ ଚଳାଇଛି।

### ୫ଜଣଙ୍କୁ ସୃଜନୀ ପ୍ରତିଭା ସମ୍ମାନ

ଭୁବନେଶ୍ୱର,୧୫।୨( ଶର୍ମିଷ୍ଠା ପାଣିଗ୍ରାହୀ)

ସୃଜନୀ ଅନୁଷ୍ଠାନ ପକ୍ଷରୁ ସୃଜନୀ ପ୍ରତିଭା ସମ୍ମାନ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଧାୟକ ଭୂପିନ୍ଦର ସିଂହ, ବିଧାୟକ ଅନନ୍ତ ନାରାୟଣ ଜେନା, ସଂସ୍କୃତି ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସୃଜନୀର ସଭାପତି ଶରତ ରାଉତ ଓ ସମ୍ପାଦକ ଚିତ୍ତରଞ୍ଜନ ରାୟ ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ନାଟ୍ୟକାର ଧୀରେନ୍ଦ୍ରନାଥ ମଲ୍ଲିକ, ନାଟ୍ୟ ନିର୍ଦ୍ଦେଶକ ହରେନ ସାହୁ, ପ୍ରସନ୍ନ ମିଶ୍ର ଏବଂ ନୃତ୍ୟଗୁରୁ ନିରଞ୍ଜନ ରାଉତଙ୍କୁ 'ସୃଜନୀ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ଲିଖିତ ପୁସ୍ତକ ନୂଆ ସକାଳ, ଶକ୍ତିତୀର୍ଥ ଓ ବନ୍ଧୁ ଜଗବନ୍ଧୁ ଉନ୍ମୋଚିତ ହୋଇଥିଲା। ସୃଜନୀର ଉପସଭାପତି ପ୍ରସନ୍ନ ରଥ, ମାନସ ରଞ୍ଜନ ରାୟମହାପାତ୍ର, ଶଶିପ୍ରଭା ଦାସ, ଅନିଲ ପଣ୍ଡା, ଅବିନାଶ ମହାରଣା, ବଳରାମ ପ୍ରମୁଖ ଯୋଗ ଦେଇଥିଲେ।

### ମଧରାତିରେ କିନ୍ନର-ଯୁବକଙ୍କ ମଧରେ ସଂଘର୍ଷ, ୯ ଗିରଫ

ଭୁବନେଶ୍ୱର,୧୫।୨(ସୂର୍ଯ୍ୟକାନ୍ତ ବେହେରା)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପେଟ୍ରୋଲ ପମ୍ପ ନିକଟରେ ବୁଧବାର ରାତିରେ କିଛି ଯୁବକ ଓ କିନ୍ନରଙ୍କ ମଧ୍ୟରେ ସଂଘର୍ଷ ଘଟଣାରେ ସ୍ଥାନୀୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଉଭୟ ପକ୍ଷର ଅଭିଯୋଗକୁ ଆଧାର କରି ପୋଲିସ ପୃଥକ ମାମଲା ରୁଜୁ କରି ୯ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଅପରାଧରେ ବ୍ୟବହୃତ ମାରଣାସ୍ତ୍ର ଜବତ କରିଛି।

ପ୍ରଥମ ଅଭିଯୋଗକାରୀ ଅଜିତେଶ ଦାସ ବୁଧବାର ମଧ୍ୟରାତ୍ରିରେ କେତେଜଣ ବନ୍ଧୁଙ୍କ ସହ କ୍ଲବରୁ ରାତ୍ର ଭୋଜନ ସାରି ବଦ୍ରିଗାର୍ଡେନସ୍ଥିତ ନିଜ ଫ୍ଲାଟକୁ ଚାଲିଚାଲି ଫେରୁଥିବାବେଳେ ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟସ୍ଥ ଟ୍ରାଫିକ ଟ୍ରେନିଂ ପଡିଆ ପାଖରେ ୧୫ରୁ ୨୦ ଜଣିଆ କିନ୍ନର ଦଳଙ୍କ ସହିତ ମୁହାଁମୁହିଁ ହୋଇଥିଲେ। ବାଉଁଶ, ଲୁହାଛଡ଼ ଓ ପଥରରେ ପରସ୍ପରକୁ ମରଣାନ୍ତକ ଆକ୍ରମଣ କରିବାରୁ ବହୁ ଆହତ ହୋଇଥିଲେ।

# ଆଜିଠାରୁ ଖଣ୍ଡଗିରି କୁମ୍ଭମେଳା





ଭୁବନେଶ୍ୱର, ୧୫।୨ (ବନ୍ଦନା ସେଠୀ)

ବର୍ଷକର ଅପେକ୍ଷା ପରେ ପୁଣି ଫେରିଛି ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିବାବେଳେ ପ୍ରାୟ ଦୁଇଦିନ ଆଗରୁ ଖଣ୍ଡଗିରି ପାହାଡ଼ରେ ସାଧୁସନ୍ଥଙ୍କ ଭିଡ଼ ଜମିଛି। ଜପତପ, ଯଜ୍ଞ ଆଦି କରିବା ପାଇଁ ନିଜନିଜ ଆସ୍ଥାନ ମଧ ଜମାଇ ସାରିଲେଣି। କେବଳ ଶୁକ୍ରବାର ସକାଳକୁ ଅପେକ୍ଷା। ପ୍ରାତଃ ସମୟରେ ମା' ବାରଭୁଜାଙ୍କ ଆଳତି ପରେ ସକାଳ ୬ଟାରେ ଖଣ୍ଡଖିରି ଭୋଗ ହେବ। ମା'ଙ୍କ ପାଖରେ କଳସ ସ୍ଥାପନ ହେବା ପରେ ସାଧୁସନ୍ଥମାନେ ନିଜ ହୋମକୁଣ୍ଡ ପାଖରେ କଳସ ବସାଇବେ। ଏହାପରେ ଜପତପ, ପୂଜାପାଠ ଯଜ୍ଞରେ ପ୍ରକମ୍ପିତ ହେବ ପରିବେଶ। ପରେ ମା'ଙ୍କ ପାଖରେ ଲାଗି ହୋଇଥିବା ଖଣ୍ଡଖିରିକୁ ସାଧାରଣ ଲୋକଙ୍କୁ ବଣ୍ଟାଯିବ। ଖଣ୍ଡଗିରି ପଞ୍ଚତୀର୍ଥରେ ସାଧୁମାନେ ବୁଡ଼ ପକାଇବେ। ମେଳାରେ ଯୋଗଦେବାକୁ ହରିଦ୍ୱାର, କାଶି, ବନାରସ, ଗୁଜରାଟ, ନାସିକ ଆଦି ବିଭିନ୍ନ ପ୍ରାନ୍ତରୁ ବହୁ ସାଧୁ ଆସି ପହଞ୍ଚିଛନ୍ତି। ଓଡ଼ିଶାର ବିଭିନ୍ନ ଆଶ୍ରମ ସମେତ ଜୁନା ଆଖଡ଼ା, ନାଗା ଆଖଡ଼ା, ଭାରତୀ ଆଖଡ଼ା, ଉତ୍କଳ ପଞ୍ଚସଖା ଭଗବତୀ ଆଖଡ଼ାରୁ ସାଧୁସନ୍ଥଙ୍କ ସମାଗମ ହେବା ସହିତ ବିଶ୍ୱଶାନ୍ତି ପାଇଁ ଅଖଣ୍ଡ ଧୁନି ଜଳିବ। ସନ୍ଧ୍ୟା ୬ଟାରେ ପ୍ରଭୁ ଅନନ୍ତ କେଶରୀ ଶୋଭାଯାତ୍ରାରେ ଜାଗମରା ନାଗାମଠରୁ ବାହାରିବେ। ବାଜା, ବାଣ, ସଂକୀର୍ତ୍ତନ ସହ ପାରମ୍ପରିକ ବାଦ୍ୟରେ ଅନନ୍ତକେଶୀଙ୍କୁ ସୁସଜ୍ଜିତ ବିମାନରେ ଗାଁ ପରିକ୍ରମା କରାଯିବ। ଏହାପରେ ଉଦୟଗିରି ପାହାଡ଼ରେ ଥିବା ରାଣୀହଂସପୁରକୁ ବିଜେ କରିବେ ଠାକୁର। ସେଠାରେ ପୂଜାର୍ଚ୍ଚନା ସହିତ ଭୋଗଲାଗି ହେବା ପରେ ପୁଣିଥରେ ରାତି ପ୍ରାୟ ୧୧ଟା ବେଳକୁ ନାଗାମଠକୁ ଫେରିବେ। ମାଘ ସପ୍ତମୀରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ପ୍ରତ୍ୟହ ବେଦପାଠ, ଯୋଗ, ଈଶ୍ୱର ସ୍ତୁତି ଓ ଉପାସନା କାର୍ଯ୍ୟକ୍ରମ ଆୟୋଜିତ ହେବ। ସେହିପରି ପୂର୍ବାହ୍ନ ୧୦ଟା ପରଠାରୁ ଯଜ୍ଞ ଏବଂ ଅପରାହ୍ନ ୪ଟା ପରଠାରୁ ଗବେଷକ, ପ୍ରବଚକଙ୍କ ଦ୍ୱାରା ଧର୍ମ ଆଲୋଚନା, ପ୍ରବଚନ ଆଦି କରାଯିବ।

### ୧୭ରୁ ଖଣ୍ଡଗିରି-ଉଦୟଗିରି ମହୋତ୍ସବ

୧୭ ତାରିଖ ଶନିବାରଠାରୁ ଆରମ୍ଭ ହେବ ଖଣ୍ଡଗିରି-ଉଦୟଗିରି ମହୋତ୍ସବ। ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଓ ସ୍ୱେଚ୍ଛାସେବୀ ସଙ୍ଗଠନ କଲ୍ୟାଣ ପକ୍ଷରୁ ଏହି ମହୋତ୍ସବ ଅନୁଷ୍ଠିତ ହେବ। ମହୋତ୍ସବର ଅଧ୍ୟକ୍ଷ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ପ୍ରଥମ ସନ୍ଧ୍ୟାରେ ଦର୍ଶକମାନେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ନାରଣଙ୍କ କଣ୍ଠରୁ ସଙ୍ଗୀତ ଶୁଣିବାକୁ ପାଇବେ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଆଶୁତୋଷ ମହାନ୍ତି, ପ୍ରଜ୍ଞା ହୋତା ଏବଂ ତୃତୀୟ ସନ୍ଧ୍ୟାରେ ସତ୍ୟଜିତ ପ୍ରଧାନ ଓ ଭାଗ୍ୟଶ୍ରୀ ମହାନ୍ତିଙ୍କ ପ୍ରଦର୍ଶନ ଦେଖିବାକୁ ମିଳିବ। ଏଥିସହିତ ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶୀ ଓ ମର୍ଦ୍ଦନ ଡ୍ୟାନ୍ସ ପରିବେଷଣ ହେବ ବୋଲି ସୂଚନା ଦିଆଯାଇଛି।

### ୧୨ ଯାତ୍ରା ପାର୍ଟି: ଡାଏଲଗ୍, ମେଲୋଡିରେ କମ୍ପିବ



ମେଳା ସହିତ ୧୮ରୁ ୨୯ପର୍ଯ୍ୟନ୍ତ ଯାତ୍ରା ମହାସମରରେ ବିଭିନ୍ନ ଯାତ୍ରାପାର୍ଟି ପକ୍ଷରୁ ଲୋକଙ୍କ ମନୋରଞ୍ଜନ କରାଯିବ। ଏଥିପାଇଁ ପାହାଡ଼ ପାଦଦେଶରେ ଟେଣ୍ଟକାମ ଜୋର୍‌ଦାର ଚାଲିଛି। ଦର୍ଶକଙ୍କୁ ଆକର୍ଷିତ କରିବାକୁ ଭଳିକି ଭଳି ପୋଷ୍ଟରରେ ଅଞ୍ଚଳ ଛାଇ ହୋଇଯାଇଛି। ଦମଦାର ଡ଼ାଏଲଗ୍, ମନଛୁଆଁ କାହାଣୀ, ମେଲୋଡିରେ ପୂରା ଅଞ୍ଚଳ କମ୍ପିବ। ଆଇଗଣିଆ ଗ୍ରାମ ପକ୍ଷରୁ ମହତାବ ପେଣ୍ଡାଲରେ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ସାଇ ସମ୍ରାଟ୍, ୨୧ରୁ ଅଶୋକ ସମ୍ରାଟ୍, ୨୫ରୁ ୨୯ ପର୍ଯ୍ୟନ୍ତ ତୁଳସୀ ଗଣନାଟ୍ୟ ପଡ଼ିବ। ଘାଟିକିଆ ଗ୍ରାମ ପକ୍ଷରୁ ସନାତନ ମଣ୍ଡପରେ ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ କୋଣାର୍କ ଗଣନାଟ୍ୟ ଓ ୨୪ରୁ ୨୯ ପର୍ଯ୍ୟନ୍ତ ଅପେରା ସୂର୍ଯ୍ୟମନ୍ଦିର ଚାଲିବ। ଜାଗମରା ଗ୍ରାମ ପକ୍ଷରୁ ଇନ୍ଦିରା ସାଂସ୍କୃତିକ ମଣ୍ଡପରେ ୧୮ରୁ୨୨ ପର୍ଯ୍ୟନ୍ତ କଳିଙ୍ଗ ଗଣନାଟ୍ୟ ଓ ୨୩ରୁ ୨୯ ଶିବାନୀ ଗଣନାଟ୍ୟ ନାଟକ ପରିବେଷଣ କରିବ। କେସିସି ପଡ଼ିଆ ମା' ମଙ୍ଗଳା ମଣ୍ଡପରେ ୧୮ରୁ ୨୩ ପର୍ଯ୍ୟନ୍ତ ଦୁର୍ଗା ମନ୍ଦିର ଏବଂ ୨୪ରୁ ୨୯ ପର୍ଯ୍ୟନ୍ତ ସ୍ୱର୍ଣ୍ଣ ମହଲ ଚାଲିବ। ଜୟଦୁର୍ଗା ମଣ୍ଡପରେ ୧୮ରୁ ୨୩ ପର୍ଯ୍ୟନ୍ତ ଗୌରୀ ଗଣନାଟ୍ୟ ଏବଂ ୨୪ରୁ ୨୯ ପର୍ଯ୍ୟନ୍ତ ସ୍ୱପ୍ନ ମହଲ ଚାଲିବ। ସାଇ ନୀଳାଦ୍ରି ଯାତ୍ରା କମିଟି ପକ୍ଷରୁ ୨୪ରୁ ୨୯ ପର୍ଯ୍ୟନ୍ତ ରଙ୍ଗମହଲ ଯାତ୍ରା ପରିବେଷଣ କରିବ।




ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଅନୁଷ୍ଠିତ ସୃଜନୀ ପ୍ରତିଭା ସମ୍ମାନ ପ୍ରଦାନ ଓ ପୁସ୍ତକ ଉନ୍ମୋଚନ ଉତ୍ସବରେ ନାଟ୍ୟକାର ଧୀରେନ୍ଦ୍ରନାଥ ମଲ୍ଲିକଙ୍କୁ ସମ୍ମାନ ପ୍ରଦାନ କରାଯାଉଛି।

### 'ସାତକଡ଼ି ହୋତା ବ୍ୟକ୍ତି ନୁହନ୍ତି, ଅନୁଷ୍ଠାନ'

ଭୁବନେଶ୍ୱର, ୧୫।୨ (ବନ୍ଦନା ସେଠୀ)



ଭାରତୀୟ ବିଦ୍ୟା ଭବନ ଓ ମୁକ୍ତ ଚିନ୍ତନ ମଞ୍ଚ ଆନୁକୂଲ୍ୟରେ ମୁକ୍ତ ଚିନ୍ତନ ମଞ୍ଚର ପ୍ରତିଷ୍ଠାତା ସଭାପତି ସାତକଡ଼ି ହୋତାଙ୍କ ବିୟୋଗରେ ଗୁରୁବାର 'ସ୍ମୃତିରେ ସ୍ମୃତିରେ ସାତକଡ଼ି ହୋତା' ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଲେଖିକା ସଂସଦର ସମ୍ପାଦିକା ଶକୁନ୍ତଳା ବଳିଆରସିଂହ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ଅଶ୍ୱିନୀ କୁମାର ମିଶ୍ର, ବୈଜ୍ଞାନିକ ଅଶୋକ କୁମାର ରଥ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସାତକଡ଼ି ହୋତା ଜଣେ ବ୍ୟକ୍ତି ନୁହନ୍ତି, ଜଣେ ଅନୁଷ୍ଠାନ। ସେ ଓଡ଼ିଶାର ବହୁ ସଂସ୍ଥାର ସଭାପତି ରୂପେ କାର୍ଯ୍ୟକରି ଦକ୍ଷତା ପ୍ରତିପାଦନ କରିପାରିଥିଲେ। ଜଣେ ସାହିତ୍ୟିକ ସ୍ରଷ୍ଟା ରୂପେ ପ୍ରାୟ ୭୦ଟି ପୁସ୍ତକ ରଚନା କରି ବହୁ ସମ୍ମାନର ଅଧିକାରୀ ଥିଲେ। ସାମ୍ବାଦିକତା କ୍ଷେତ୍ରରେ ମଧ ତାଙ୍କର ଅବଦାନ ଅବିସ୍ମରଣୀୟ। ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପାଇଁ ତାଙ୍କର ପ୍ରଥମ ପ୍ରଚେଷ୍ଟା ରହିଥିଲା। ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆଙ୍କ ଉନ୍ନତି ପାଇଁ ସେ ବହୁ କାର୍ଯ୍ୟ କରିଥିଲେ। ଓଡ଼ିଶା ସାହତ୍ୟ ଏକାଡେମୀ ସଭାପତି ଥିବା ସମୟରେ ସାରଳା ଦାସଙ୍କ ମହାଭାରତକୁ ହିନ୍ଦୀ ଭାଷାରେ ଅନୁବାଦ କରିବାକୁ ପ୍ରଥମ ପ୍ରଚେଷ୍ଟା କରିଥିଲେ। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ପରିବହନ ସଚିବ ଭାବେ ୫ବର୍ଷ କାର୍ଯ୍ୟକରି ବହୁ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଶିକ୍ଷାକ୍ଷେତ୍ରରେ ସେ ଜଟଣୀ ଡିଗ୍ରୀ କଲେଜ, ଜଟଣୀ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରାଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ତଥା ନ୍ୟାଶନାଲ ବୁକ୍ ଟ୍ରଷ୍ଟର ସଦସ୍ୟ ଭାବେ ଓଡ଼ିଆ ସାହିତ୍ୟ ପାଇଁ ବହୁ ସୃଜନାତ୍ମକ କାର୍ଯ୍ୟ କରିଯାଇଛନ୍ତି ବୋଲି ଅତିଥିମାନେ ମତ ଦେଇଥିଲେ। ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଟ୍ରାକ୍‌ରେ ବାଇକ ଚଲାଉଥିବାବେଳେ ଟ୍ରେନ୍ ଧକ୍କାରେ ଅଜଣା ଯୁବକ ମୃତ

ଭୁବନେଶ୍ୱର,୧୫।୨ (ସୂର୍ଯ୍ୟକାନ୍ତ ବେହେରା)

ବାଣୀବିହାର ଷ୍ଟେଶନ ରେଳ ଧାରଣାରୁ ଗୁରୁବାର ସକାଳେ ଜଣେ ଅଜଣା ଯୁବକଙ୍କ ମୃତଦେହ ଜିଆର୍‌ପି ଜବତ କରିଛି। ମୃତକଙ୍କ ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ ହେବ। ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଏଥିସହ ଯୁବକ ଜଣକ ବ୍ୟବହାର କରୁଥିବା ବାଇକ୍‌ଟି ମଧ ଭାଙ୍ଗିଚୂର୍‌ମାର ହୋଇଯାଇଛି। ତେବେ ଉକ୍ତ ଗାଡିଟି ଚୋରା ବୋଲି ଜିଆର୍‌ପି ପ୍ରାଥମିକ ତଦନ୍ତରୁ ସୂଚନା ପାଇଛି। ଏନେଇ ଜିଆର୍‌ପି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଗାଡିର ନମ୍ବର ପ୍ଲେଟ୍‌ରୁ ତଦନ୍ତ ଆରମ୍ଭ କରିବା ସହ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି। ଅପରପକ୍ଷେ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାମୁତାବକ, ଯୁବକ ଜଣକ ଶୁକ୍ରବାର ବିଳମ୍ବିତ ରାତିରେ ରେଳ ଧାରଣାରେ ବାଇକ୍ ଚଲାଉଥିଲେ। ଯେତେ ମନା କଲେ ମଧ ସେ କିଛି ଶୁଣି ନ ଥିଲେ। ପ୍ରଚୁର ମଦ୍ୟପାନ କରିଥିବା ଭଳି ଲାଗୁଥିଲେ। ଏହି ସମୟରେ ଉକ୍ତ ରେଳ ଧାରଣାରେ ଆସୁଥିବା ଏକ ଟ୍ରେନ ତାଙ୍କୁ ଧକ୍କା ଦେଇ କିଛି ବାଟ ଘୋଷାରି ନେଇଥିଲା। ଫଳରେ ଯୁବକଙ୍କ ଶରୀର ଖଣ୍ଡବିଖଣ୍ଡିତ ହେବା ସହ ବାଇକଟି ଭାଙ୍ଗି ଗୁଣ୍ଡ ହୋଇଯାଇଥିଲା।

### ୫୭ ନମ୍ବର ୱାର୍ଡରେ ୱାର୍ଡ ଅଫିସ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଭୁବନେଶ୍ୱର, ୧୫।୨ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୱାର୍ଡ ନଂ.୫୭ ଅନ୍ତର୍ଗତ ବଡ଼ଗଡ଼ ବ୍ରିଟ୍ କଲୋନୀଠାରେ ୱାର୍ଡ ଅଫିସ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, କୋଠାବାଡ଼ି ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର, ଡେପୁଟି ମେୟର ମଞ୍ଜୁଲତା କହଁର, ସ୍ଥାନୀୟ କର୍ପୋରେଟର ସନ୍ତୋଷ କୁମାର ସିଂହ, କର୍ପୋରେଟର ଅଜିତ୍ ବେହେରା, ଜୋନାଲ ଡେପୁଟି କମିଶନର ରାଜଲକ୍ଷ୍ମୀ ନାୟକ, ୱାର୍ଡର ସାନିଟାରି ଇନ୍ସପେକ୍ଟର ପ୍ରଶାନ୍ତ କୁମାର ବେହେରା, ୱାର୍ଡ ଅଫିସର ନେତ୍ରାନନ୍ଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପୃକ୍ତ ୱାର୍ଡରେ ୱାର୍ଡ ଅଫିସ ପାଇଁ ବିଭିନ୍ନ ସାମାଜିକ ସଂଗଠନ, ୱାର୍ଡବାସୀ, ସ୍ୱୟଂସହାୟକ ଗୋଷ୍ଠୀ ଓ କର୍ପୋରେଟର ଦାବି କରିଥିଲେ। ଦାବି ପୂରଣ ହୋଇଥିବାରୁ ୱାର୍ଡବାସୀ ଖୁସି ବ୍ୟକ୍ତ କରିବା ସହ ଧନ୍ୟବାଦ ଦେଇଛନ୍ତି।

### ସାଲିଆସାହିରେ ଅବକାରୀ ଚଢ଼ାଉ

**ବିପୁଳ ମଦ ଜବତ, ୧୫ ଗିରଫ**

ଭୁବନେଶ୍ୱର,୧୫।୨(ସୂର୍ଯ୍ୟକାନ୍ତ ବେହେରା)

ବାରମ୍ବାର ଚଢାଉ ସତ୍ତ୍ୱେ ଭୁବନେଶ୍ୱର ସାଲିଆ ସାହିରେ ବେଆଇନ ଭାବେ ଚୋରା ମଦ ତିଆରି ଚାଲିଛି। ଏଠାରୁ ରାଜଧାନୀ ସମେତ ବିଭିନ୍ନ ଜିଲାକୁ ଚାଲାଣ ହେଉଛି। ପୋଲିସ ନିରବ ରହୁଥିବାବେଳେ ଅବକାରୀ ବିଭାଗ ବାରମ୍ବାର ଚଢ଼ାଉ କରୁଥିଲେ ମଧ କିଛି ସୁଫଳ ମିଳୁନି। ଗୁରୁବାର ଅବକାରୀ ଟିମ ପୁଣି ଚଢାଉ କରି ବିପୁଳ ପରିମାଣର ରନ୍ଧା ମଦ ନଷ୍ଟ କରିବା ସହ ୧୪ ହଜାର ଲିଟର ପୋଚ ଓ ୯୮୦ ଲିଟର ଦେଶୀମଦ, ମଦ ତିଆରି ସାମଗ୍ରୀ ଜବତ କରିଛି। ଏହାସହ ବେଆଇନ ମଦ ପ୍ରସ୍ତୁତ ଅଭିଯୋଗରେ ମହିଳାଙ୍କ ସମେତ ୧୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ତେବେ ଖଣ୍ଡଗିରି ମେଳା ପାଇଁ ଏହି ମଦ ପ୍ରସ୍ତୁତ ହେଉଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଜେଇଇ ମେନ୍‌ରେ ଫିଜିକ୍ସ ୱାଲାର ରେକର୍ଡ ସଫଳତା

ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ନିକଟରେ ଜେଇଇ ମେନ୍ ୨୦୨୪ ସେସନ-୧ର ଫଳ ପ୍ରକାଶ ପାଇଛି। ଏଥିରେ ଭୁବନେଶ୍ୱରସ୍ଥିତ ଫିଜିକ୍ସ ୱାଲାର (ପିଡବ୍ଲୁ) ଅଫ୍‌ଲାଇନ୍ ବିଦ୍ୟାପୀଠ ସେଣ୍ଟର୍‌ର ଛାତ୍ର ରିତେଶ ସାହୁ ୯୯.୧୧% ପର୍ସେଣ୍ଟାଇଲ୍ ରଖିଥିବାବେଳେ ଓମ୍ ପ୍ରଧାନ (୯୮.୬୭%), ମନିଷ ବିଶ୍ୱାଳ (୯୮.୦୬%), ଆଶୁତୋଷ କର (୯୮.୦୪%)ଙ୍କ ସହ ଅନ୍ୟ କେତେଜଣ ଭଲ ମାର୍କ ରଖିଛନ୍ତି। ଦେଶର ଅଗ୍ରଣୀ ଏଡ୍-ଟେକ୍ ପ୍ଲାଟ୍‌ଫର୍ମ ଫିଜିକ୍ସ ୱାଲା ପକ୍ଷରୁ ମିଳିଥିବା ସୂଚନାନୁସାରେ, ସାରା ଦେଶରୁ ଅନୁଷ୍ଠାନର ୨୯୦୦ରୁ ଅଧିକ ଛାତ୍ରୀଛାତ୍ର ୯୮%ରୁ ଅଧିକ ପର୍ସେଣ୍ଟାଇଲ୍ ରଖିଛନ୍ତି। ସେହିପରି ଏହାର ୫୦୭ଜଣ ଛାତ୍ରୀଛାତ୍ର ୯୯.୫% ଓ ୧୧୯୪ରୁ ଅଧିକ ଛାତ୍ରୀଛାତ୍ର ୯୯% ପର୍ସେଣ୍ଟାଇଲ୍ ରଖି ରେକର୍ଡ କରିଛନ୍ତି। ଏହି ଫଳାଫଳ ସମ୍ପର୍କରେ ପିଡବ୍ଲୁ(ଅଫ୍‌ଲାଇନ) ସିଇଓ ଅଙ୍କିତ ଗୁପ୍ତା କହିଛନ୍ତି, କଠିନ ପରିଶ୍ରମ ପିଲାଙ୍କୁ ସଫଳତା ଦେଇଛି। କ୍ୱାଲିଫାଏ କରି ନ ଥିବା ଛାତ୍ରୀଛାତ୍ର ପ୍ରୟାସ ଜାରି ରଖିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଫିଜିକ୍ସ ୱାଲାର ବର୍ତ୍ତମାନ ଭାରତର ୪୯ଟି ସହରରେ ୭୫ଟି ବିଦ୍ୟାପୀଠ ରହିଛି। ୧.୫ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଏଠାରେ ଶିକ୍ଷାଲାଭ କରୁଛନ୍ତି।




ଜେଇଇ ମେନ୍ ସେସନ-୧ରେ ସଫଳତା ହାସଲ କରିଥିବା ଭୁବନେଶ୍ୱରସ୍ଥିତ ଫିଜିକ୍ସ ୱାଲାର (ପିଡବ୍ଲୁ) ଅଫ୍‌ଲାଇନ୍ ବିଦ୍ୟାପୀଠ ସେଣ୍ଟର୍‌ର ଛାତ୍ରୀଛାତ୍ର।

# ଉତ୍କଳରେ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଆରମ୍ଭ




ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଏବଂ ଉଚ୍ଚ ଶିକ୍ଷା ପରିଷଦର ଆର୍ଥିକ ଅନୁଦାନରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ୨୦୨୩-୨୪ ଉଦ୍‌ଘାଟିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ମା' ତାଳପଦେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା ପରେ ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ାଙ୍ଗନରେ କ୍ରୀଡ଼ା ମଶାଲ ପହଞ୍ଚିଥିଲା। ପିଜି କାଉନ୍‌ସିଲ ଅଧକ୍ଷ ପ୍ରଫେସର ନବନୀତା ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଆରମ୍ଭ ନେଇ ଘୋଷଣା କରିଥିଲେ। କୁଳପତି କହିଲେ, ଏହି ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ମନରେ ପ୍ରତିଯୋଗିତା ମନୋଭାବ ବୃଦ୍ଧି କରିବ। ଲକ୍ଷ୍ୟ ସ୍ଥିର କରି କାର୍ଯ୍ୟ କଲେ ସଫଳତା ନିଶ୍ଚୟ ମିଳିବ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଯୋଗଦେଇ କହିଲେ, ପାଠପଢ଼ା ସହିତ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ କିଭଳି ବିକାଶ ହୋଇପାରିବ, ସେଥିପାଇଁ ଜାତୀୟ ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯାଇଛି। ସମ୍ମାନିତ ଅତିଥି ଭାବେ ଅଲିମ୍ପିକ କ୍ରୀଡ଼ାବିତ୍ ଅନୁରାଧା ବିଶ୍ୱାଳ ଯୋଗଦେଇ କହିଲେ, କ୍ରୀଡ଼ାରେ ହାରିବା ଓ ଜିତିବା ଏକ ଅଂଶ । କଠିନ ପରିଶ୍ରମ ଓ ଅଭ୍ୟାସ ଜାରି ରଖିଲେ ସଫଳତା ମିଳିପାରିବ। କୁଳସଚିବ ଡ. କାହ୍ନୁଚରଣ ଧୀର ମଞ୍ଚାସୀନ ଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଡ. ବିଜୟ କୁମାର ସୁନ୍ଦରରାୟ ବିବରଣୀ ପାଠ କରିଥିବାବେଳେ ଡ. କୀର୍ତ୍ତିରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ପ୍ରଥମ ଦିନରେ ଜାଭେଲିନ ଥ୍ରୋ ଏବଂ ଶଟ୍‌ପୁଟ୍ ଥ୍ରୋ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

### ମଶାଲ ସ୍ଥାପନବେଳେ ନିଆଁ ଲାଗିଗଲା

ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ବଡ଼ ଦୁର୍ଘଟଣା ଟଳିଯାଇଛି। ପୂର୍ବାହ୍ନରେ ବାଣୀବିହାର ପରିସର ମା' ତାଳପଦେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା ପରେ ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ାଙ୍ଗନକୁ ମଶାଲ ଆସିଥିଲା। ମାତ୍ର ଅସାବଧାନତାବଶତଃ ସାଜସଜା ପାଇଁ ବ୍ୟବହୃତ କପଡ଼ାରେ ହଠାତ୍ ମଶାଲରୁ ଅଗ୍ନି ସଂଯୋଗ ହୋଇଯାଇଥିଲା। ନିଆଁର ବ୍ୟାପିବା ପୂର୍ବରୁ ଉପସ୍ଥିତ ସ୍ୱେଚ୍ଛାସେବୀ ପାଣିଢ଼ାଳି ନିଆଁକୁ ଆୟତ୍ତ କରିନେଇଥିଲେ। ତେବେ ଜଳିଯାଇଥିବା କପଡ଼ା ତଳେ ଏକ ଏଲପିଜି ସିଲିଣ୍ଡର ଦେଖିବାକୁ ମିଳିଥିଲା। ଏହାକୁ ନେଇ ଉପସ୍ଥିତ କ୍ରୀଡ଼ାବିତ୍, ଅତିଥି ଓ ଅନ୍ୟମାନଙ୍କ ମଧ୍ୟରେ କିଛି ସମୟ ପାଇଁ ଭୟର ବାତାବରଣ ସୃଷ୍ଟି ହୋଇଥିଲା।





## ସଂକ୍ଷେପରେ

### ୩ ଚୋରି ବାଇକ୍ ଜବତ, ଜଣେ ଗିରଫ



କୃଷ୍ଣପ୍ରସାଦ,୧୫।୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ଥାନା ପୋଲିସ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ଟି ଚୋରା ବାଇକ ଜବତ କରିବା ସହ ଏଥିରେ ସମ୍ପୃକ୍ତି ନେଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କୃଷ୍ଣପ୍ରସାଦ ଗ୍ରାମ ପାଇକସାହିର ବିକାଶ କୁମାର ପଟ୍ଟନାୟକ(୨୮)। କିଛିଦିନ ହେବ ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି ହେଉଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। କୃଷ୍ଣପ୍ରସାଦ ଆଇଆଇସି ବସନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏକ ପୋଲିସ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବାଇକଗୁଡ଼ିକ ଜବତ କରିଥିଲା। ତେବେ ଏହି ବାଇକ ଚୋରି ଘଟଣାରେ ଏକ ରାକେଟ କାର୍ଯ୍ୟ କରୁଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

### ଶତାକ୍ଷୀର ବାର୍ଷିକ ଉତ୍ସବ

ଝାଁଲା,୧୫।୨ (ବୁଲା ବାରିକ)

ରାଜଧାନୀ ଭୁବନେଶ୍ୱର ଉପକଣ୍ଠ କଳିଙ୍ଗ ନଗର-୪ ସ୍ଥିତ ଶତାକ୍ଷୀ ମହିଳା ସଙ୍ଗଠନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଶ୍ରୀମୟୀ ମିଶ୍ର, ସ୍ଥାନୀୟ କର୍ପୋରେଟର କିରଣବାଳା ମାଝି, ପୂର୍ବତନ କର୍ପୋରେଟର ଦିଲ୍ଲୀପ ମାଝି ଅତିଥିଭାବେ ଯୋଗଦେଇଥିଲେ। ଶତାକ୍ଷୀର ସମ୍ପାଦିକା ମମତା ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ରଙ୍ଗୋଲି, ହୁଳହୁଳି, ଏକକ ଅଭିନୟ,୧୦୦ ମିଟର ମାର୍ବଲ ସ୍ପୁନ ରେସ ତଥା ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମହିଳାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମୀରା ରଥ ଓ ପ୍ରଣତି ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାନେତ୍ରୀ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଦେଇଥିଲେ।

### ମାଗଣା ସ୍ୱାସ୍ଥ୍ୟସେବା ଶିବିର

ଟାଙ୍ଗୀ,୧୫।୨ (ରଘୁନାଥ ସାହୁ)

ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ମାଗଣା ସ୍ୱାସ୍ଥ୍ୟ ସେବା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ରୋଗର ପରୀକ୍ଷା କରାଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଡା.ମଧୁସୂଦନ ସେନାପତି ସମସ୍ତ ରୋଗୀଙ୍କୁ ପରୀକ୍ଷା କରିବା ସହ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ମେଡିସିନ ରିପ୍ରେଜେଣ୍ଟେଟିଭ ଅମିତ ପଣ୍ଡା, ଦିଲୀପ ବିଶ୍ୱାଳ, ତୋଫାନ ସାହୁ, ମାନସ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିରରେ ୪୩ଜଣ ଯୋଗଦେଇଥିଲେ। କର୍ମଚାରୀ ସଂଘ ପୂର୍ବତନ ସମ୍ପାଦକ ଅରୁଣ ରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଅଧ୍ୟକ୍ଷ ଦେବଦତ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତଦନ୍ତ ଆରମ୍ଭ, କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

## ସରସ୍ୱତୀ ପୂଜା କରିବାରୁ ଛାତ୍ରୀଛାତ୍ର ବଞ୍ଚିତ ହେବା ଘଟଣା

ଜଟଣୀ,୧୫।୨ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅଧୀନ ୧୩ ନମ୍ବର ୱାର୍ଡର ବାଛରା ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସରସ୍ୱତୀ ପୂଜା ପାଳନ କରିବାରୁ ଛାତ୍ରୀଛାତ୍ରମାନେ ବଞ୍ଚିତ ହୋଇଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ପରେ ଗୁରୁବାର ପୂର୍ବାହ୍ନରେ ଉକ୍ତ ଘଟଣାର ଜଟଣୀ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ବେଳେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ଅପେକ୍ଷା ରହିଛି।

ସୂଚନାଥାଉ କି, ପିଲାମାନଙ୍କୁ ପୂଜା ପାଇଁ ସକାଳ ୯ଟାରେ ଆସିବାକୁ କୁହାଯାଇଥିଲା। ଅଭିଭାବକମାନେ ନିଜ ପିଲାଙ୍କୁ ସାଙ୍ଗରେ ଆଣି ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟ ନିକଟରେ ପହଞ୍ଚିଥିଲେ। ପିଲାମାନେ ପୂଜା କରିବା ପାଇଁ ଉପବାସ ରହି ବିଦ୍ୟାଳୟ ସମ୍ମୁଖରେ ଦୀର୍ଘ ୨ଘଣ୍ଟାରୁ ଅଧିକ ସମୟ ଅପେକ୍ଷା



ସ୍କୁଲରେ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

କରିରହିଥିଲେ। ହେଲେ ବିଦ୍ୟାଳୟ ଫାଟକରେ ତାଲା ଝୁଲିଥିଲା ଏବଂ ଶିକ୍ଷୟିତ୍ରୀ ଶିକ୍ଷକ କିମ୍ବା କର୍ମଚାରୀଙ୍କ ଦେଖା ନ ଥିଲା। ଶିକ୍ଷୟିତ୍ରୀ, ଶିକ୍ଷକ ନ ଆସିବାରୁ ଛାତ୍ରୀଛାତ୍ରମାନେ ପୂଜା ନ କରିପାରି ନିରାଶରେ ଫେରିଯାଇଥିଲେ। ଏନେଇ ସ୍ଥାନୀୟ କାଉନସିଲର ରଞ୍ଜିତା ବେହେରା ଜଟଣୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ। ଗୁରୁବାର ସକାଳେ ବାଛରାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଟଣୀ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନଗୋବିନ୍ଦ ସାହୁ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କୁ ପ୍ରଦାନ କରାଯିବ। ସରସ୍ୱତୀ ପୂଜା ଦିନର ଅବ୍ୟବସ୍ଥା ପାଇଁ ଯିଏ ଦାୟୀ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା କହିଛନ୍ତି। ଅନ୍ୟପଟେ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଗ୍ରାମବାସୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ବେହେରା କହିଛନ୍ତି, ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ପୂଜା ପାଇଁ ପୂର୍ବାହ୍ନ ୧୧ଟାରେ ଆସିବାକୁ କୁହାଯାଇଥିଲା। ସରସ୍ୱତୀ ପୂଜାରେ ପିଲାଙ୍କ ଭୋଜି ପାଇଁ ୫ ହଜାର ଟଙ୍କା ସ୍କୁଲ କମିଟିକୁ ଦେଇ ଭୋଜି କରିବାକୁ କହିଥିଲି। କିନ୍ତୁ କମିଟି ଅଧିକ ଟଙ୍କା ଦାବି କରିବାରୁ ମୁଁ ଅରାଜି ହେବାରୁ ଉଦ୍ଦେଶ୍ୟମୂଳକ ଏଭଳି ଘଟଣା ଘଟାଇଛନ୍ତି ବୋଲି ସେ କହିଛନ୍ତି।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



ଅତିଥିମାନେ ପଞ୍ଚାୟତର ବିକାଶ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ବୋଲଗଡ଼,୧୫।୨ (ଦେବବ୍ରତ ହୋତା)

ରାଜ୍ୟ ସରକାରଙ୍କର ଗ୍ରାମାଭିମୁଖୀ ମହତ୍ତ୍ୱାକାଂକ୍ଷୀ ଯୋଜନା 'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ଗଠନର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଆରମ୍ଭ ହୋଇଥିବା ଅଭିଯାନ ବୋଲଗଡ ବ୍ଲକର ସମସ୍ତ ପଞ୍ଚାୟତରେ ଅନୁଷ୍ଠିତ ହେଉଛି। ଏହିକ୍ରମରେ ଗୁରୁବାର ଖଙ୍ଗୁରିଆ ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ଜଳଧର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ଡ.ରତିକାନ୍ତ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି, ଏପିଓ ରୁବି ଡାକୁଆ, ବିପିସି ସୁରୁଚି ସୁପ୍ରିତି ସାହୁ, ବିଏଲସି ଈଶ୍ୱର ଚନ୍ଦ୍ର ପରିଡା, ସମିତିସଭ୍ୟା ବିନୋଦିନୀ ଦତ୍ତ, ବ ଗୋପୀନାଥ ପରିଡ଼ା, ମିଶନ ଶକ୍ତି ସଭାନେତ୍ରୀ ଶୈଳବାଳା ବାହିନୀପତି ଓ ସମ୍ପାଦିକା ଗୀତାଞ୍ଜଳି ମହାନ୍ତି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଧୀରେନ୍ଦ୍ର ବେହେରା, ଅଶୋକ କୁମାର ସାହୁ, ଯୋଗାଣ ସହାୟକ ଭଜମନ ଲେଙ୍କା ପ୍ରମୁଖଙ୍କ ସମେତ ଏମବିକେ, ସିଆରପି,ବ୍ୟାଙ୍କମିତ୍ର ଅଙ୍ଗନୱାଡି ଓ ଆଶାକର୍ମୀ ଯୋଗଦେଇ ଖଙ୍ଗୁରିଆ ପଞ୍ଚାୟତ ଅଞ୍ଚଳରେ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ଜନହିତକର କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆମ ପଞ୍ଚାୟତର ବିକାଶ ପୁସ୍ତିକା ଉନ୍ମୋଚିତ ହୋଇ ବଣ୍ଟନ କରାଯାଇଥିଲା। ବହୁ ମହିଳା ଗୋଷ୍ଠୀ ଓ ଜନସାଧାରଣ ଯୋଗଦେଇ ସରକାରଙ୍କର ବିଭିନ୍ନ ଜନହିତକର ଯୋଜନାଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ଅବଗତ ହୋଇଥିଲେ। ୫ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୃତ୍ୟଗୀତ ପରିବେଷଣ କରିଥିଲେ।

# ମହୋତ୍ସବ ଲୁକ୍କାୟିତ ପ୍ରତିଭା ବିକଶିତ କରେ



ବସନ୍ତ ପଞ୍ଚମୀ ମହୋତ୍ସବ ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥିମାନେ।

## ବସନ୍ତ ପଞ୍ଚମୀ ମହୋତ୍ସବ ଆରମ୍ଭ

ଖୋର୍ଦ୍ଧା,୧୫।୨ (ପ୍ରଭାତ ପାଣିଗ୍ରାହୀ)

ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ସହ ଅଞ୍ଚଳର କଳା ସଂସ୍କୃତିର ପ୍ରସାର ଉଦ୍ଦେଶ୍ୟରେ ୨୦୧୯ ମସିହାରେ ଆରମ୍ଭ ହୋଇଥିଲା ବସନ୍ତ ପଞ୍ଚମୀ ମହୋତ୍ସବ। ଗୁରୁବାର ବେଗୁନିଆ ବ୍ଲକ ମଳିପଦର ବାସୁଦେବପୁର ଗ୍ରାମବାସୀଙ୍କ ସହଯୋଗରେ ଏହି ମହୋତ୍ସବ ଆରମ୍ଭ ହୋଇଛି। ମହୋତ୍ସବ ଅନୁଷ୍ଠାନର ସଭାପତି କୁଞ୍ଜ ବିହାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବେଗୁନିଆ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ କଳା ସଂସ୍କୃତିକୁ ବଞ୍ଚାଇ ରଖିବାରେ ମହୋତ୍ସବର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ସେହିପରି ଗ୍ରାମାଞ୍ଚଳର କୁନିକୁନି ପ୍ରତିଭାମାନେ ଏହିଭଳି ମଞ୍ଚରୁ ଯାଇ ରାଜ୍ୟ ତଥା ଦେଶ ବାହାରେ ଆମ କଳାର ପ୍ରଚାର ଭବିଷ୍ୟତରେ କରିବେ। ସମ୍ମାନିତ ଅତିଥିଭାବେ ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସମାଜସେବୀ ନବ କିଶୋର ଖୁଣ୍ଟିଆ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର କାମନା କରିଥିଲେ। ମହୋତ୍ସବ କମିଟି ଉପଦେଷ୍ଟା ଭଗବାନ ଦାଶ, ସମ୍ପାଦକ ଦିବାକର ପଣ୍ଡା ପ୍ରମୁଖ ଯୋଗଦେଇ ମହୋତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁରୀ, ଗୋଟିପୁଅ, ପାଇକ ଆଖଡା ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ସେହିପରି ଶିଳ୍ପୀକା ଭୁବନେଶ୍ୱରର କଳାକାରମାନେ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲେ। କାର୍ଯ୍ୟକ୍ରମରେ ସିରିଏଲ ରାଜଯୋଗର ନାୟକ ନାୟିକା ଯୋଗଦେଇ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଦଣ୍ଡୁ ତ୍ରିପାଠୀ, ସାମ୍ବାଦିକ ଚନ୍ଦନ କୁମାର ସୁନ୍ଦରାୟ, ସ୍ୱାସ୍ଥ୍ୟ କର୍ମଚାରୀ ରବୀନ୍ଦ୍ର କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

କୃଷ୍ଣପ୍ରସାଦ,୧୫।୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କୃଷ୍ଣପ୍ରସାଦ ପଞ୍ଚାୟତ ପାରିକୁଦ ସରସ୍ୱତୀ ଶିଶୁ ମନ୍ଦିରର ଏକବିଂଶତମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହ ଉଦ୍‌ଘାଟନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତି ସଭାନେତ୍ରୀ ବବିତା ସିଂହଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା। ମୁଖ୍ୟ ଅତିଥିଭାବେ କନ୍ଦାଖାଇ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପଣ୍ଡିତ ନୀଳକଣ୍ଠ ତ୍ରିପାଠୀ, ମୁଖ୍ୟ ବକ୍ତା ସୁସାହିତ୍ୟିକ ରବୀନ୍ଦ୍ର କୁମାର ବାରିକ, ସମ୍ମାନିତ ଅତିଥି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲା ସମ୍ପର୍କ ପ୍ରମୁଖ ତପନ କୁମାର ସାମଲ, ଜିଲା ବୌଦ୍ଧିକ ପ୍ରମୁଖ ପ୍ରେମାନନ୍ଦ ଦଳବେହେରା, ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ସମାଜସେବୀ ଅଶୋକ କୁମାର ପଣ୍ଡା, ଶିଶୁ ମନ୍ଦିର ଉପଦେଷ୍ଟା ଲକ୍ଷ୍ମଣ ଚନ୍ଦ୍ର ପ୍ରଧାନ, ପାରିକୁଦ ବନପାଳ ନାରାୟଣ ଆଲତିଆ, ପରିଚାଳନା ସମିତି ସମ୍ପାଦକ ଝୁକୁନୁ ଦଣ୍ଡସେନା, ରୀତାଞ୍ଜଳି ସିଂହ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରାଜ କିଶୋର ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ସହକାରୀ ସୁକାନ୍ତ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ୨୦୨୩/୨୪ ବର୍ଷରେ ଖେଳକୁଦ ଏବଂ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା ସମିତିର ସଭ୍ୟ, ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସମେତ ସମସ୍ତ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ବିଦେଶୀ ମଦ ଜବତ, ୨ ଗିରଫ

ଖୋର୍ଦ୍ଧା,୧୫।୨ (ପ୍ରଭାତ ପାଣିଗ୍ରାହୀ)

ବେଆଇନ ମଦ ବିକ୍ରି ଅଭିଯୋଗରେ ଗୁରୁବାର ଆଦର୍ଶ ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରିବା ସହ ୩୪ଲିଟର ବିଦେଶୀ ମଦ ଜବତ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାସେଲିସାହିର ଆକାଶ ସିଂ(୨୭) ଏବଂ ତଳସାହିର ଅକ୍ଷୟ ବେହେରା(୨୩)। ପୋଲିସ ଏକ ମାମଲା(ନଂ.୭୦/୨୪) ରୁଜୁକରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ପରିବେଶ ସୁରକ୍ଷା, ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିଲେ



ଖୋର୍ଦ୍ଧା,୧୫।୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ନିଜିଗଡ ଟାପଙ୍ଗ କବିରାଜ ଚିନ୍ତାମଣି ବିଦ୍ୟାପୀଠର ୨ହଜାର ମସିହା ମାଟ୍ରିକ ବ୍ୟାଚ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ମା' ବଘେଇ ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଚିନ୍ମୟୀ ଦାଶ, ପ୍ରଧାନଶିକ୍ଷକ ସଞ୍ଜୁକ୍ତା ପ୍ରହରାଜ ଅତିଥିଭାବେ ଯୋଗଦେଇଥିଲେ। କେକ୍ କାଟି ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହ ଭାବର ଆଦାନପ୍ରଦାନ କରିଥିଲେ। ସ୍କୁଲ ସମୟର କ୍ଲାସରୁମ ପାଠପଢା, ବଗିଚା କାମ, ଖେଳକୁଦ, ଏକାଠି ହୋଇ ଖାଇବା ଆଦି ସ୍ମୃତି ମନେପକାଇଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ଦେବା ସହ ମନ୍ଦିର ପରିସର ସଫା କରି ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ। ଏଥିରେ ଶ୍ରବଣ କୁମାର ସାହୁ, ସନ୍ତୋଷ ସାହୁ, ଜୟନ୍ତ ଦାସ, ପ୍ରଶାନ୍ତ ମହାପାତ୍ର, ନିରଞ୍ଜନ ମହାପାତ୍ର, ରବୀନ୍ଦ୍ର ସେଠୀ, ଅକ୍ଷୟ ରାୟ, ସ୍ୱୟଂପ୍ରଜ୍ଞା ମାନ୍ଧାତା, ଇତି ଦାସ, ଶୁଭଶ୍ରୀ ସିଂହ ପ୍ରମୁଖ ଯୋଗଦେଇଥିଲେ।

# ୨୪ ଦଫା ଦାବିରେ ଆମରଣ ଅନଶନ

ନିରାକାରପୁର,୧୫।୨ (ମାନସ ଚନ୍ଦ୍ର ପଟ୍ଟନାୟକ)

୨୪ ଦଫା ଦାବିରେ ଟାଙ୍ଗୀ ବ୍ଲକର ନିର୍ବାଚିତ ପ୍ରତିନିଧି, ବରିଷ୍ଠ ନାଗରିକ, ବିଭିନ୍ନ ମହିଳା ମଞ୍ଚ ଓ ଯୁବଛାତ୍ରଙ୍କ ପକ୍ଷରୁ ଗୁରୁବାର ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଆମରଣ ଅନଶନ କରାଯାଇଛି। ନରେନ୍ଦ୍ରପୁର ସାହିକୁ ରାଜସ୍ୱ ଗ୍ରାମ୍ୟ ମାନ୍ୟତା, ନିରାକାରପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା, ଦମକଳ କେନ୍ଦ୍ର ପ୍ରତିଷ୍ଠା, ଭୂମିହୀନଙ୍କୁ ସ୍ଥାୟୀ ଜମି ପଟା ପ୍ରଦାନ, ପୋଖରୀର ପୁନରୁଦ୍ଧାର, କପିଳେଶ୍ୱର ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା, ହାତୀ ଉପଦ୍ରବକୁ ରୋକିବା ନିମିତ୍ତ ସୋଲାର ବାଡ଼ର ବ୍ୟବସ୍ଥା, ଚାଷୀଙ୍କ ଉନ୍ନତି ନିମନ୍ତେ ଏଲଆଇ ପଏଣ୍ଟର ସୁବିଧା, ତହସିଲ କାର୍ଯ୍ୟାଳୟରେ ଦୀର୍ଘବର୍ଷ ଧରି ପଡି ରହିଥିବା ସହାୟତା, ସୋଲାର ବୋରିଂର ସବ୍ୟବସ୍ଥା ଆଦି ଦାବି ରହିଛି। ଯୁବସଙ୍ଗଠକ ଶୁଭମ ଦାଶଙ୍କ



ଅନଶନରେ ବସିଥିବା ଜନପ୍ରତିନିଧି ଓ ଅନ୍ୟମାନେ।

ନେତୃତ୍ୱରେ ଅନଶନକାରୀମାନେ ସ୍ଥାନୀୟ ଅଞ୍ଚଳର ଇଷ୍ଟଦେବ ନୀଳକଣ୍ଠେଶର ଦେବଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଆମର ଦାବି ପୂରଣ ହେଉ ନାରାଦେଇ ବଜାର ପରିକ୍ରମା କରି ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ପରେ ଅନଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନାଏବ ସରପଞ୍ଚ ସ୍ୱପ୍ନେଶ୍ୱର ରାଉତରାୟ, ୱାର୍ଡସଭ୍ୟ ଉଗ୍ରସେନ ରାଉତରାୟ, ସନ୍ତୋଷ ସାହୁ, ପାର୍ଥସାରଥି ଛୋଟରାୟ, ପାଣ୍ଡ ମହାରଣା, ନବକିଶୋର ମହାରଣା, ୱାର୍ଡ ସଭ୍ୟା ବିନୋଦିନୀ ପ୍ରଧାନ, ଟିକିନା ପାଇକରାୟ, ସୁକାନ୍ତି ବେହେରା, ମୋନାଲିସା ରାଉତରାୟ, ପ୍ରୀତିପଦ୍ମା ପଣ୍ଡିତରାୟଙ୍କ ସମେତ ବିଜୁ ଛାତ୍ର ଜନତା ଦଳର ଆବାହକ କାର୍ତ୍ତିକ ସାମନ୍ତରାୟ, ବିଜୁ ଛାତ୍ର ଜନତା ଦଳର ଉପ ସଭାପତି ଚିତ୍ତ ରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଅନଶନ ଚାଲୁ ରହିବ ବୋଲି ଯୁବ ସଙ୍ଗଠକ ଶୁଭମ ଦାଶ କହିଛନ୍ତି।

# 'ରାଜ୍ୟର ପ୍ରଗତି ପାଇଁ କଂଗ୍ରେସ ହିଁ ବିକଳ୍ପ'



ବୋଲଗଡ଼,୧୫।୨ (ଦେବବ୍ରତ ହୋତା)

କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମରେ କଂଗ୍ରେସ ପକ୍ଷରୁ ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମର ପଦଯାତ୍ରା ହୋଇଯାଇଛି। କୋଡ଼ପଡା, ଖଲିକୋଟ, ହରିକେଶର, ହାଟବସ୍ତ ଓ ମାଣିକପୁର ଗ୍ରାମର ଘର ଘର ବୁଲି ଦେଶ ତଥା ରାଜ୍ୟର ପ୍ରଗତି ପାଇଁ କଂଗ୍ରେସ ହିଁ ବିକଳ୍ପ ବୋଲି ଲୋକମାନଙ୍କୁ ସଚେତନ କରାଇବା ସହିତ ଆଗାମୀ ଦିନରେ କଂଗ୍ରେସରେ ସାମିଲ ହୋଇ ଦଳକୁ ମଜବୁତ କରିବା ପାଇଁ ଦଳୀୟ ନେତା ପୃଥ୍ୱୀବଲ୍ଲଭଙ୍କ ସମେତ କର୍ମୀମାନେ ଆହ୍ୱାନ ଦେଇଥିଲେ। ଏଥିରେ ବୋଲଗଡ଼ ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ ସୁବୁଦ୍ଧି, ବ୍ଲକ କଂଗ୍ରେସ କମିଟି ସମ୍ପାଦକ ରଘୁନାଥ ସାହୁ, ବୁଦ୍ଧିବାମନ ପରିଡା, ନଟବର ପାଣ୍ଡେ, ଜୟକୃଷ୍ଣ ପ୍ରହରାଜ, ନବକିଶୋର ପଣ୍ଡା, ଦିବାକର ରାଉତ, ଚିରଞ୍ଜିବୀ ସୁନ୍ଦରାୟ, ପ୍ରମୋଦ ବଳିୟାରସିଂହ, ବନମାଳି ସେନାପତି, ଭୀମସେନ ସାହୁ, ଗଙ୍ଗାଧର ଚମ୍ପତି, ସନ୍ତୋଷ ସାମନ୍ତରାୟ, କୃଷ୍ଣ ପଟଯୋଶୀ, ସନ୍ତୋଷ ପୃଷ୍ଟି, କୁଳମଣି ପ୍ରଧାନ, ଅକ୍ଷୟ ମାଝୀ, କବି ମାଝୀ, ଜଗବନ୍ଧୁ ସାହୁ, ଅଜୟ ବେହେରା, ସୁଶାନ୍ତ ମହାରଣା, ଗଣେଶ୍ୱର ସୁବୁଦ୍ଧି, ସୀମାଞ୍ଚଳ ଖଣ୍ଡାଇଙ୍କ ସମେତ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ବେଗୁନିଆ କ୍ରିକେଟ୍ ଟୁର୍ନାମେଣ୍ଟ: ସେମିରେ ପତନିବର

ବେଗୁନିଆ,୧୫।୨ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମରେ ଚାଲିଥିବା ବେଗୁନିଆ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ଦୁଇଟି ଲିଗ୍ ମ୍ୟାଚ୍ ହୋଇଥିଲା। ସନରାଇଜ ସ୍ପୋର୍ଟ୍ସ ଆସୋସିଏଶନ ଏବଂ ବେଗୁନିଆ କ୍ରିକେଟ ଆସୋସିଏଶନ ସହଭାଗିତାରେ ଆୟୋଜିତ ଏହି ଟୁର୍ନାମେଣ୍ଟର ପ୍ରଥମ ଲିଗ ମ୍ୟାଚରେ କୁଶପଲ୍ଲା କ୍ଲବ ୮ ଉଇକେଟରେ ଚକାପଦା କ୍ଲବକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ଲିଗ୍ ମ୍ୟାଚ ପତନିବର କ୍ରିକେଟ କ୍ଲବ ଓ ଛଣିଆ କ୍ଲବ ମଧ୍ୟରେ ହୋଇଥିଲା। ୩ ରନ ବ୍ୟବଧାନରେ ବିଜୟୀ ହୋଇ ପତନିବର କ୍ଲବ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲା। ପରେ କୁଶପଲ୍ଲା କ୍ଲବ ଏବଂ ପତନିବର କ୍ଲବ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ହୋଇଥିଲା। ଟସ୍ ଜିତି ପତନିବର କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୬ ଉଇକେଟ ବିନିମୟରେ ୬୩ ରନ ସଂଗ୍ରହ କରିଥିଲା। ଜବାବରେ କୁଶପଲ୍ଲା କ୍ଲବ ୫ ଓଭରରେ ୩ ଉଇକେଟ ବିନିମୟରେ ୫୩ ରନ ସଂଗ୍ରହ କରିଥିଲା। ଫଳରେ ପତନିବର କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପିଙ୍କନ ପାତ୍ର ଏବଂ ସୋମେଶ ଚନ୍ଦ୍ର ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। ସାମାଜିକ କର୍ମୀ ଶିଶିର ରଞ୍ଜନ ଛୁଆଁଳସିଂହ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ସଦସ୍ୟ ପ୍ରଭୁ କଲ୍ୟାଣ ତ୍ରିପାଠୀ, ବିଭୁ ରଞ୍ଜନ ବଳିୟାରସିଂହ, ସତ୍ୟଜିତ ସାହୁ, ବିଶ୍ୱଜିତ ବଳିୟାରସିଂହ, ସ୍ୱପ୍ନେଶ୍ୱର ମହାପାତ୍ର, ଓମ୍ ପ୍ରକାଶ ସାହୁ, ଆଦିତ୍ୟ ଦାସ, ଅଭିଜିତ ବଳିୟାରସିଂହ ମ୍ୟାଚରେ ସହଯୋଗ କରିଥିବା ବେଳେ ହରିଶ ହୃଦାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।



# ସାମ୍ବାଦିକ ସୁରକ୍ଷା ଆଇନ କାର୍ଯ୍ୟକାରୀ ହେଉ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା,୧୫।୨ (ପ୍ରଭାତ ପାଣିଗ୍ରାହୀ)

ଗଣତନ୍ତ୍ରରେ ଗଣମାଧ୍ୟମକୁ ୪ର୍ଥ ସ୍ତମ୍ଭର ମାନ୍ୟତା ରହିଛି। ତେବେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ବାରମ୍ବାର ଆକ୍ରମଣ ବଢ଼ିଚାଲିଛି। ବାରମ୍ବାର ସାମ୍ବାଦିକଙ୍କ ଉପରେ ଆକ୍ରମଣ ହେଉଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ସାମ୍ବାଦିକଙ୍କ ଜୀବନ ସୁରକ୍ଷିତ ନୁହଁ। ନୀରବଚ୍ଛିନ୍ନଭାବେ ଖବର ପରିବେଷଣ କରୁଥିବା ସାମ୍ବାଦିକଙ୍କ ସୁରକ୍ଷା ପ୍ରତି ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ସାମାଜିକ ଅନୁଷ୍ଠାନ ନିୟୁ ଥିଙ୍କିଙ୍ଗ୍ ଫୋରମ ଦାବି କରିଛି। ସାମ୍ବାଦିକଙ୍କ ସୁରକ୍ଷା ଆଇନ କାର୍ଯ୍ୟକାରୀ ହେଉ ବୋଲି ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର




ନିୟୁ ଥିଙ୍କିଙ୍ଗ୍ ଫୋରମ ପକ୍ଷରୁ ବାହାରିଥିବା ପଦଯାତ୍ରା।

ପ୍ରଦାନ କରାଯାଇଛି। ଗତ ୧୦ତାରିଖି ରାତିରେ ଭୁବନେଶ୍ୱରରେ ଯୁବ ସାମ୍ବାଦିକ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କୁ ୪ଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ। ଏହା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ଯେଉଁଠି କୌଣସି ଜନବିରୋଧି କାର୍ଯ୍ୟ ଉପରେ ସାମ୍ବାଦିକମାନେ ବିରୋଧ କରୁଛନ୍ତି, ସେଠି ସେମାନଙ୍କୁ ଆକ୍ରୋଶମୂଳକଭାବେ ଆକ୍ରମଣ କରାଯାଉଛି। ଯେଉଁଠି ସାମ୍ବାଦିକ ସୁରକ୍ଷିତ ନୁହଁନ୍ତି, ସେଠି ସାଧାରଣ ନାଗରିକ କେତେ ସୁରକ୍ଷିତ ବୋଲି ପ୍ରଶ୍ନ କରିଛନ୍ତି ଅନୁଷ୍ଠାନର ସଦସ୍ୟ। ଭୁବନେଶ୍ୱର ସମେତ ପୁରୀ, ଖୋର୍ଦ୍ଧା, ଗଞ୍ଜାମ, କେନ୍ଦ୍ରପଡା, କଟକ ଆଦି ବିଭିନ୍ନ ଅଞ୍ଚଳରେ ସାମ୍ବାଦିକଙ୍କୁ ଆକ୍ରମଣ ହୋଇଥିବା ନଜିର ରହିଛି। ଜନମଙ୍ଗଳ ରାଷ୍ଟ୍ରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୁରକ୍ଷା ଯୋଗାଇଦେବା ସରକାର ଏବଂ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ପ୍ରମୁଖ କର୍ତ୍ତବ୍ୟ। ସମାଜର ଜାଗ୍ରତ ପ୍ରହରୀଭାବେ କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସୁରକ୍ଷା ଆଇନକୁ କାର୍ଯ୍ୟକାରୀ କରାଯିବାକୁ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି। ଅନୁଷ୍ଠାନର ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ସମେତ ବାଲାଜୀ ପାତ୍ର, ଖବରଦାତା ପ୍ରଭାତ ମିଶ୍ର, ଆଇନଜୀବୀ ଡ.ବୃନ୍ଦାବନ ପଣ୍ଡା, ବିକ୍ରମ ଚମ୍ପତି, ଗିରିଶ ପଟ୍ଟନାୟକ, ଜବାହରଲାଲ୍ ସୁବୁଦ୍ଧି, ପ୍ରକାଶ ପରିଡ଼ା, ସାଧୁ ଚରଣ ରଣବିଜୁଳି, ଗାୟତ୍ରୀ ବୋଷ, ଶର୍ମିଷ୍ଠା ପଟ୍ଟନାୟକ, ରୀତା ପଟ୍ଟନାୟକ, କେଦାର ସାହୁ, ସରୋଜ ମୁଦୁଲିଙ୍କ ସମେତ ଏକାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବ୍ଲକ୍ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ାଉ

- ୧୫ରୁ ଊର୍ଦ୍ଧ୍ୱ ଫାଇଲ ଜବତ କଲା ଟିମ୍
- ସରକାରୀ କର୍ମଚାରୀଙ୍କ ନାମରେ ଲକ୍ଷାଧିକ ଟଙ୍କା
- ଅଗ୍ରିମ ଟଙ୍କାର ହିସାବ ମିଳୁନି

**ଗୋପ,୧୫।୨(ଭାରତୀ ଭୂଷଣ ଉପାଧ୍ୟାୟ):** ଭୁବନେଶ୍ୱର ଭିଜିଲାନ୍ସ ବିଭାଗର ଡିଏସ୍‌ପି ସୁରେନ୍ଦ୍ର ବଳଙ୍କ ସହିତ ଏକ ଟିମ୍ ଗୋପ ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ଚଢ଼ାଉ କରିଛି। ସମସ୍ତ ଅଗ୍ରିମ ଟଙ୍କା ଉପରେ ଫାଇଲ ପତ୍ର ତନଖି କରିବା ସହ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଫାଇଲ ଟିମ୍ ଜବତ କରିଛି। କେତେକ ସରକାରୀ ଯୋଜନା ଉପରେ ଲକ୍ଷ ଲକ୍ଷ ଟଙ୍କା ଅଗ୍ରିମ ଟଙ୍କା ନିଆଯାଇଥିବା ଜଣାପଡ଼ିଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ୨୦୧୪/୧୫ ଆର୍ଥିକ ବର୍ଷଠାରୁ ଏ ପର୍ଯ୍ୟନ୍ତ ତଦନ୍ତ ଆରମ୍ଭ କରାଯାଉଛି। ଏହା ମଧ୍ୟରେ କେତେକ ବ୍ଲକ କର୍ମଚାରୀ ଓ ଅଧିକାରୀ ବଦଳି ହେବା ସହିତ ଆଉ କେତେକ ଅଧିକାରୀ, କର୍ମଚାରୀ ଅବସର ମଧ୍ୟ ନେଇ ଯାଇଥିବା ଜଣାପଡ଼ିଛି। ଏପରି ଅଭିଯୋଗ ସମ୍ପର୍କରେ ଭିଜିଲାନ୍ସ ବିଭାଗର ଡିଏସ୍‌ପି ବଳଙ୍କୁ ପଚାରିବାରେ, କେବଳ ତଦନ୍ତ ହେଉଛି କହିଥିବାବେଳେ ଆଉ କୌଣସି ଉତ୍ତର ଦେଇ ନ ଥିଲେ। ଦୀର୍ଘ ବର୍ଷ ଧରି ଗୋପ ବ୍ଲକର ବିଭିନ୍ନ ବିଭାଗ ଉପରେ ବ୍ଲକ କର୍ମଚାରୀ ଲକ୍ଷ ଲକ୍ଷ ଟଙ୍କା ଅଗ୍ରିମ ଭାବେ ନେଇ ନ ଫେରାଇବା କି ଖର୍ଚ୍ଚ ଟଙ୍କାର ହିସାବ ନ ଦେବା ଭଳି ଅଭିଯୋଗ ହେଉଥିଲା। ଏହିସବୁ ଅଭିଯୋଗ ଉପରେ ପୂର୍ବରୁ ଅଗ୍ରିମ ଟଙ୍କା ନେଇଥିବା ବ୍ଲକ କର୍ମଚାରୀ ଓ ଅଧିକାରୀଙ୍କୁ ଜିଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ବାରମ୍ବାର ନୋଟିସ ଜାରି କରାଯାଇଥିଲେ ମଧ୍ୟ ସମ୍ପୃକ୍ତ ଅଧିକାରୀଙ୍କ ସହିତ କର୍ମଚାରୀ ଟଙ୍କା ପଇଠ କରି ନ ଥିଲେ। ଏନେଇ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ ହେବା ପରେ ବିଭାଗ ଏହାର ପଦକ୍ଷେପ ନେଇଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୨।୨୦୨୪

| | |
|---|---|
| ୫,୬୮,୨୪୮ ଟଙ୍କା | |
| ସୁନା | ୨୦୦ ମିଲିଗ୍ରାମ୍ |
| ରୁପା | ୧୬.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ଶ୍ରୀମନ୍ଦିର ଭିତରବେଢ଼ାରେ ପଡ଼ି ଭକ୍ତ ଆହତ

**ପୁରୀ,୧୫।୨(ଅଜିତ୍ ମହାନ୍ତି)** ଶ୍ରୀମନ୍ଦିର ଭିତରବେଢ଼ାରେ ଜଣେ ବୃଦ୍ଧା ପଡ଼ି ଆହତ ହୋଇଛନ୍ତି। ବୃଦ୍ଧା ଜଣଙ୍କ ହେଉଛନ୍ତି ଗଞ୍ଜାମ ଜିଲା ବ୍ରହ୍ମପୁରର ସୁରେଖା ପଣ୍ଡା(୮୫)। ସୁରେଖା ତାଙ୍କ ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଗୁରୁବାର ଶ୍ରୀମନ୍ଦିରକୁ ଯାଇଥିଲେ। ଏହି ସମୟରେ ପ୍ରବଳ ଭିଡ଼ ଥିବାରୁ ସୁରେଖା ପଡ଼ିଯାଇ ଆହତ ହୋଇଥିଲେ। ତାଙ୍କ ଗୋଡ଼ରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

### ହଜରତ ସୟଦ ସୁଲତାନ ଶାହାଙ୍କ ବାର୍ଷିକୋତ୍ସବ

**ବଳଙ୍ଗା,୧୫।୨(କେଦାରେଶ୍ୱର ନନ୍ଦ):** ବଳଙ୍ଗା ଶମ୍ଭୁଭାରତୀ ପାଟଣା ଗ୍ରାମ ପାଖରେ ଥିବା ଗୋପାଳପୁର ମୌଜାରେ ହଜରତ ସୟଦ୍ ସୁଲତାନ ଶାହାଙ୍କ ୨୭ତମ ବାର୍ଷିକୋତ୍ସବ, ପୀରବାବାଙ୍କ ପୀଠରେ ଗୁରୁବାର ସାଲାନା ଜଲସା ଉତ୍ସବ ତଥା ଚଦରଲାଗି ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ନୂଆଗୋପାଳପୁର ବସ୍ତିରୁ ଶହ ଶହ ସଂଖ୍ୟାରେ ମୁସଲମାନ ସମ୍ପ୍ରଦାୟର ମହିଳା ପୁରୁଷ ଏକ ବିରାଟ ପଟୁଆରରେ ଆସି ପୀରବାବାଙ୍କ ଉପରେ ଚଦର ଲାଗି କରିଥିଲେ। ବିଶ୍ୱାସ ଅନୁସାରେ ଯେଉଁମାନଙ୍କ ସନ୍ତାନ ସନ୍ତତି ହେଉ ନ ଥାଏ, ସେମାନେ ପୀରବାବାଙ୍କ ନିକଟରେ ଚଦର ଲାଗି କଲେ ସନ୍ତାନ ପ୍ରାପ୍ତି ହୋଇଥାଏ।

### ୩ ପଞ୍ଚାୟତରେ ନୂଆ-ଓ କାର୍ଯ୍ୟକ୍ରମ

**ସାକ୍ଷୀଗୋପାଳ,୧୫।୨(ଭରତ ରାଉତ):** ସତ୍ୟବାଦୀ ବ୍ଲକ ଅଧୀନ ବଳପୁର, କେତକିପାଟଣା, ପରଜାପଡ଼ା ପଞ୍ଚାୟତରେ ନୂଆ-ଓ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଗତ ବର୍ଷଗୁଡ଼ିକରେ ପଞ୍ଚାୟତରେ କ'ଣ ସବୁ ବିକାଶମୂଳକ କାର୍ଯ୍ୟ ହୋଇଛି, ସେ ନେଇ ଲୋକଙ୍କୁ ସଚେତନ କରାଯାଇଛି। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ବିଡିଓ ଲିପ୍ସା ରାୟ, ବିଜେଡି ଯୁବ ସଭାପତି ଶରତ ରାଉତରାୟ, ସୁବାଷ ପ୍ରଧାନ, ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ, ଜିଆର୍‌ଏସ୍, କାର୍ଯ୍ୟ ନିର୍ବାହୀ ଅଧିକାରୀ, ୱାର୍ଡ ମେମ୍ବର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ, ଏମ୍‌ବିକେ, ସିଆର୍‌ପି, ସମେତ ଶତାଧିକ ମହିଳା ଓ ପୁରୁଷମାନେ ଅଂଶଗ୍ରହଣ କରିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା, କାଳିଆ ଯୋଜନା, ମଧୁବାବୁ ପେନସନ୍, ବିଜୁ ପକ୍କା ଘର, ମିଶନ ଶକ୍ତି ଯୋଜନା, କଳାକାର ଭତ୍ତା, ମମତା ଯୋଜନା, ହରିଶ୍ଚନ୍ଦ୍ର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା।

### ୧୮ରେ ମାଗଣା ବ୍ରତୋପନୟନ

**ପୁରୀ, ୧୫।୨(ଅଜିତ୍ ମହାନ୍ତି)–** ଶ୍ରୀରାମଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଫେବୃଆରୀ ୧୮ରେ ବୈଦିକ ରୀତିନୀତିରେ ସାମୂହିକ ମାଗଣା ବ୍ରତୋପନୟନ କାର୍ଯ୍ୟକ୍ରମ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ଲୋକନାଥ ମନ୍ଦିର ନିକଟ ଥାନପତି ଆଶ୍ରମର ବାଲାଜୀ ମନ୍ଦିର ପରିସରରେ ଜୀୟର ସ୍ୱାମୀ ମଠ ମହନ୍ତ ଇନ୍ଦିରା ରମଣ ରାମାନୁଜ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ବ୍ରତଧାରୀ ଓ ସମ୍ପର୍କୀୟଙ୍କ ରହିବା, ଖାଇବା ସହିତ ସମଗ୍ର ସାମଗ୍ରୀ ଯୋଗାଇ ଦିଆଯିବ। ଏଣୁ ଆଗ୍ରହୀ ବ୍ରାହ୍ମଣ ପରିବାର ଜୀୟର ସ୍ୱାମୀ ମଠ ମୋବାଇଲ ନଂ. ୯୮୬୧୦୩୩୩୯୭, ୯୪୩୭୫୦୦୭୪୫ରେ ଯୋଗାଯୋଗ କରି ସୁବିଧା ନେବା ପାଇଁ ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଛି।

# ମା'ଙ୍କ ମୃତ୍ୟୁର ୧୪ ଦିନ ପରେ ୨ ଝିଅ ନିଖୋଜ

**ଡେଲାଙ୍ଗ,୧୫।୨(ରଶ୍ମିରଞ୍ଜନ ପ୍ରଧାନ):** ଡେଲାଙ୍ଗ ଥାନା ଅଧୀନ ଜେନାପୁର ପଞ୍ଚାୟତରେ ଜଣେ ମହିଳାଙ୍କ ମୃତ୍ୟୁର ୧୪ ଦିନ ପରେ ତାଙ୍କ ୨ ନାବାଳିକା ନିଖୋଜ ହୋଇଯାଇଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପିଲା ଦୁହିଁଙ୍କୁ ଖୋଜି ଆଣିବାକୁ ତାଙ୍କ ବାପା ଥାନାରେ ନିବେଦନ କରିଛନ୍ତି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତନ୍ତ ଚଳାଇଛି। ସୂଚନା ମୁତାବକ, ନାବାଳିକାଙ୍କ ବାପା ଘରେ ନ ଥିବାବେଳେ ଯୁକ୍ତ୨ରେ ପଢୁଥିବା ୧୭ ବର୍ଷୀୟା ବଡ଼ ଝିଅ ଓ ୯ମ ଶ୍ରେଣୀର ୧୩ ବର୍ଷୀୟା ମଝିଆଁ ଝିଅ ଗତ ୮ ତାରିଖରେ କେଉଁ ଆଡେ ଚାଲିଯାଇଥିଲେ। ବନ୍ଧୁବାନ୍ଧବ ସାଙ୍ଗସାଥୀଙ୍କ ଘର ଖୋଜାଖୋଜି ପରେ ଦୁହିଁଙ୍କୁ ନ ପାଇବାରୁ ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ୨ ନାବାଳିକାଙ୍କ ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଛାଡ଼ିବା ସହ ସେମାନଙ୍କ ସନ୍ଧାନ ପାଇଲେ ତାଙ୍କୁ ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ ବାପା ଅନୁରୋଧ କରିଛନ୍ତି। ହେଲେ ଅଦ୍ୟାବଧି ପୋଲିସକୁ ନାବାଳିକା ମାନଙ୍କର କୌଣସି ସନ୍ଧାନ ମିଳି ପାରିନାହିଁ। ଅନ୍ୟପଟେ ଝିଅଙ୍କ ପିତା ଓ ଜେନାପୁର ସରପଞ୍ଚ ବିଶ୍ୱନାଥ ପଟ୍ଟନାୟକ ଗୁରୁବାର ପୁରୀ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଡେଲାଙ୍ଗ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ ଜରିଆରେ ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି। ଏନେଇ ଥାନା ଅଧିକାରୀ ଦେବାଶିଷ ମହାନ୍ତିଙ୍କୁ ପଚାରିବାରେ, ଅନୁସନ୍ଧାନ ଜାରି ରହିଥିବା ସେ କହିଛନ୍ତି।

# ଲୋକକଳାର ପ୍ରଚାରପ୍ରସାର ଉପରେ ଗୁରୁତ୍ୱ




ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଳାକରଙ୍କ ନୃତ୍ୟ ପରିବେଷଣ ।

## ଲୋକକଳା ମହୋତ୍ସବ

**କୋଣାର୍କ, ୧୫।୨(ଜ୍ୟୋତିରାଜ ମହାନ୍ତି):** କୋଣାର୍କସ୍ଥିତ ରାଜାରାମ ମଠ ପରିସରରେ ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପ ଆନୁକୂଲ୍ୟରେ ଆୟୋଜିତ ଲୋକକଳା ମହୋତ୍ସବର ଦ୍ୱିତୀୟ ଦିବସରେ ଗୁରୁବାର ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଉପାଧ୍ୟକ୍ଷ ମନ୍ମଥ ଶତପଥୀ ଓ କୋଣାର୍କ ଏନ୍‌ଏସି ଚେୟାରମ୍ୟାନ୍ ସଂଯୁକ୍ତା ତ୍ରିପାଠୀ ଯୋଗଦେଇଥିଲେ। ସାମ୍ପ୍ରତିକ ସମାଜରେ ବିଲୁପ୍ତ ଲୋକକଳାକୁ ଜନମାନସର ଚିତ୍ରପଟରେ ଉଜ୍ଜୀବିତ ରଖିବା ପାଇଁ ଆୟୋଜକଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ଅତିଥିମାନେ କହିଥିଲେ, ଶାସ୍ତ୍ରୀୟ ନୃତ୍ୟର ଜନନୀ ହେଉଛି ଲୋକକଳା। ଏହାର ପ୍ରଚାର ପ୍ରସାର ଦିଗରେ ସାମୂହିକ ପ୍ରଚେଷ୍ଟା ହେବା ଉଚିତ। ଦ୍ୱିତୀୟ ସନ୍ଧ୍ୟାର ପ୍ରଥମାର୍ଦ୍ଧରେ ସୁନ୍ଦରଗଡ଼ ଓ ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱର ନୃତ୍ୟଶିଳ୍ପୀମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନାଟ୍ୟଦୀପ ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁ ଓ ସହନିର୍ଦ୍ଦେଶକ ନିତ୍ୟାନନ୍ଦ ମହାରଣା ପରିଚାଳନା କରିଥିବାବେଳେ ଶିକ୍ଷକ ପ୍ରତାପ ରାଉତ ସଂଯୋଜନା କରିଥିଲେ।

# ବିଜୁ ପ୍ରେମୀ, ନବୀନ ପ୍ରେମୀଙ୍କ ବନ୍ଧୁମିଳନ

**କଣାସ,୧୫।୨(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ ସିରେଇ ପଞ୍ଚାୟତ ସିରେଇ ଗ୍ରାମର ମା' ଚଣ୍ଡୀଙ୍କ ମେଳଣ ପଡ଼ିଆରେ ଗୁରୁବାର ବିଜୁ ପ୍ରେମୀ ଓ ନବୀନ ପ୍ରେମୀଙ୍କର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରିବାକୁ ନବୀନବାବୁଙ୍କ ନେତୃତ୍ୱରେ ଯେଉଁ ଜନହିତକର କାର୍ଯ୍ୟକୁ କରିବାକୁ ଯୁବକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହାର ନେତୃତ୍ୱ ନେଇଥିବା ନୂଆ-ଓର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଯୁବକମାନେ ସାଧୁବାଦ ଜଣାଇଥିଲେ। ଏଥିସହ ଆଗାମୀ ନିର୍ବାଚନରେ ନୂଆ-ଓ କାର୍ଯ୍ୟକ୍ରମ କିପରି ଅଧିକ କ୍ରିୟାଶୀଳ ହେବ ସେଥିପାଇଁ ଆଲୋଚନା ହୋଇଥିଲା। ବୈଠକରେ ବିଶ୍ୱରଞ୍ଜନ ପାଳସିଂହ, ପ୍ରମୋଦ ପାତ୍ର, ସୁମନ୍ତ ସାମନ୍ତରାୟ, ମଙ୍ଗୁଳି ସ୍ୱାଇଁ, ହରି ଭୋଳ, ସିଦ୍ଧାର୍ଥ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ସାଧୁସନ୍ଥଙ୍କୁ ପୂଜାର୍ଚ୍ଚନା, ଯଜ୍ଞସ୍ଥଳକୁ କଳସ ଯାତ୍ରା

**କଣାସ,୧୫।୨(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବଡ଼ ମଠଠାରେ ଅନୁଷ୍ଠିତ ହେଉଥିବା ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ୨ଶହରୁ ଊର୍ଦ୍ଧ୍ୱ ସାଧୁସନ୍ଥଙ୍କୁ ଗୁରୁବାର ପୂଜାର୍ଚ୍ଚନା କରାଯାଇଛି। ବଡ଼ାସ ଗ୍ରାମର ଆରାଧ୍ୟ ଠାକୁର ବାବା ବୈଦ୍ୟନାଥ ପୀଠରେ ବଡ଼ାସ ଗ୍ରାମ୍ୟ କମିଟି ଏବଂ ଗ୍ରାମବାସୀ ସାଧୁସନ୍ଥଙ୍କ ପଦ ଧୌତ କରିବା ପରେ ପୁଷ୍ପମାଲ୍ୟ, ଚନ୍ଦନ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ ମିଷ୍ଟାନ୍ନ ଭୋଜନ କରାଇଥିଲେ। ସେଠାରୁ ସେମାନେ ମନ୍ତ୍ର ଧ୍ୱନି କରି ଏକ ଶୋଭାଯାତ୍ରାରେ କଣାସ ବଡ଼ ମଠର ଯଜ୍ଞସ୍ଥଳକୁ ଆସିଥିଲେ। ସେହିପରି କଣାସ ଗ୍ରାମର ମା'ମାନେ ଦୟା ନଦୀର ଦୋକନ୍ଧା ନିକଟ ନୀଳକଣ୍ଠେଶ୍ୱରଙ୍କ ଘାଟରୁ କୁମ୍ଭ ବୁଡ଼ାଇ ପୂଜାପାଠ କରିଥିଲେ। କଳସ ଧରି କଣାସ, ଗୋଲାବଜାର, ବସ୍‌ଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ବଜାର, କଣାସ ଗ୍ରାମ ଦେଇ ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ। ବମ୍ବେ, କାଶୀ, ମଥୁରା, ବୃନ୍ଦାବନ, ଅଯୋଧ୍ୟା, ଦ୍ୱାରିକା, ରିଷିକେଶ, ହରିଦ୍ୱାର, ପୁରୀ ଓ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥ ଏଥିରେ ଯୋଗ ଦେଇଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**କାକଟପୁର,୧୫।୨(ଶୁଭଦର୍ଶନ ମିଶ୍ର):** କାକଟପୁର ବ୍ଲକ ଜଳେଶ୍ୱରପଡ଼ା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହେଇଯାଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ ଏଥିରେ ସଭାପତିତ୍ୱ କରିଥଇଲେ। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମକୁ ପଞ୍ଚାୟତସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ କରାଯାଉଛି। ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳଗୁଡ଼ିକର ରୂପାନ୍ତରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ୍, ଭିତ୍ତିଭୂମିର ବିକାଶ, ପ୍ରାଥମିକ ବିଦ୍ୟାଳୟର ଉନ୍ନତୀକରଣ ଉପରେ ମୁଖ୍ୟ ଅତିଥି ଗୃହ ରାଷ୍ଟ୍ରମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ପଞ୍ଚାୟତବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଥମେ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ୭ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ଦୀକ୍ଷିତ, ପଞ୍ଚାୟତ ମହିଳା ସଭାନେତ୍ରୀ ତୁଳସୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ମହିଳା ମହସଂଘ, ସମ୍ପାଦିକା ଅପରାଜିତା ଛାଟୋଇ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସରସ୍ୱତୀ ସେନାପତି, ସିଆର୍‌ପି କୁନିଲତା ସାହୁ, ଅଞ୍ଜଳି ନାଥ, ପ୍ରିୟତମା ସାହୁ, ଉଷାମଣି ମହାନ୍ତି, କାବେରୀ କାଣ୍ଡି, ଇସି ସଭ୍ୟା ପ୍ରଜ୍ଞା ପରମିତା ମଲ୍ଲ, ସିଏଚ୍‌ଓ ପ୍ରିତିମୟୀ ପାତ୍ର ପ୍ରମୁଖଙ୍କ ସମେତ ସମସ୍ତ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ।

# ୩ କେନ୍ଦ୍ରରେ ୧୨୭ ପରୀକ୍ଷାର୍ଥୀ

**ଅସ୍ତରଙ୍ଗ,୧୫।୨(ପ୍ରଦୀପ୍ତ ଦୀକ୍ଷିତ):** ଯୁକ୍ତ ୨ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେଉଛି। ଏହା ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ଅସ୍ତରଙ୍ଗ ବ୍ଲକର ୩ଟି ପରୀକ୍ଷା କେନ୍ଦ୍ରରେ ବିଜ୍ଞାନରେ ୩୧୪, ବାଣିଜ୍ୟରେ ୬୬, କଳାରେ ୫୨୭ଜଣ ପରୀକ୍ଷା ଦେବେ। ସେଥିମଧ୍ୟରୁ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୬୮, ବାଣିଜ୍ୟରେ ୩୦, କଳାରେ ୧୪୪ ପରୀକ୍ଷାର୍ଥୀ ଅଛନ୍ତି। ରତନପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୧୮୭, ବାଣିଜ୍ୟରେ ୩୬, କଳାରେ ୨୭୭ ପରୀକ୍ଷାର୍ଥୀ ଥିବାବେଳେ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୫୯, କଳାରେ ୧୦୬ଜଣ ପରୀକ୍ଷା ଦେବେ। ଏନେଇ ୩ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର ସାମଲ, ଚିତ୍ତରଞ୍ଜନ ପରିଡ଼ା ଓ ପ୍ରଶାନ୍ତ ନାୟକ ସୂଚନା ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲା ନୀଳାଚଳ ଭତ୍ତା ହିତାଧିକାରୀ ମହାସଭା

**ପୁରୀ,୧୫।୨(ଅଜିତ୍ ମହାନ୍ତି)** ମଧୁବାବୁ ପେନସନ୍ ଯୋଜନାରେ ଭତ୍ତା ଅର୍ଥ ବୃଦ୍ଧି କରାଯାଇଥିବାରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଏବଂ ୫ଟି-ଅଧ୍ୟକ୍ଷଙ୍କୁ ଓଡ଼ିଶା ରାଜ୍ୟ ନୀଳାଚଳ ଭତ୍ତା ହିତାଧିକାରୀ ମହାସଭା ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ମହାସଭା ଆବାହକ ମାନସ କୁମାର ପ୍ରଧାନ କହିଛନ୍ତି, ଭତ୍ତା ଟଙ୍କା ବୃଦ୍ଧି କରାଯିବା ପାଇଁ ୨୦୧୮ ଡିସେମ୍ବର ୨୪ରୁ ଦାବି ଜଣାଇ ମହାସଭା ଆନ୍ଦୋଳନ ଜାରି ରଖିଥିଲା। ୨୦୨୦ରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପୁରୀ ଆସିଥିବାବେଳେ ତାଙ୍କୁ ଜିଲାପାଳଙ୍କ ମାଧ୍ୟମରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସେହିପରି ୧୩.୨.୨୦୨୦ ଏବଂ ୩୦.୧୨.୨୦୨୧ରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ଗତବର୍ଷ ନଭେମ୍ବର ୨୩ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ରାଜ୍ୟପାଳଙ୍କୁ ମଧ୍ୟ ସ୍ମାରକପତ୍ର ଦିଆଯାଇଥିଲା। ଗତ ଜାନୁୟାରୀ ୧୧ରେ ରାଜ୍ୟପାଳ ଏବଂ ୫-ଟି ଅଧ୍ୟକ୍ଷଙ୍କୁ ଦାବିପତ୍ର ଦିଆଯାଇଥିଲା। ଦାବି ପୂରଣ ନହେବାରୁ ଗତବର୍ଷ ମାର୍ଚ୍ଚ ୨୭ରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ପରେ ଗତ ୧୨ତାରିଖରେ ଗଣ ଆନ୍ଦୋଳନ କରାଯାଇଥିଲା। ଗତ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭତ୍ତା ଟଙ୍କା ବୃଦ୍ଧି କରିଛନ୍ତି। ଫଳରେ ଅନେକ ବୟସ୍କ ବ୍ୟକ୍ତି ବିଶେଷ ଉପକୃତ ହେବେ। ଏହାକୁ ମହାସଭା ସ୍ୱାଗତ କରିଛି।

# କୋର୍ଟ ଆଦେଶ କାର୍ଯ୍ୟକାରୀ ପାଇଁ ଦାବି

## ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ପୁରୀ,୧୫।୨(ଅଜିତ୍ ମହାନ୍ତି)** ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି (୨୨ ମୌଜା) ପକ୍ଷରୁ ଏକ ଜରୁରୀ ବୈଠକ ବେଲଦଳଠାରେ ସଭାପତି ଦାମୋଦର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ପୁରୀ ଜିଲାପାଳଙ୍କ ପକ୍ଷରୁ ଯେଉଁ ଜମି ଅଧିଗ୍ରହଣ କରାଯାଇଥିଲା, ତାହାକୁ ସର୍ବୋଚ୍ଚ ନ୍ୟାୟାଳୟ ବେଆଇନ ବୋଲି କହିବା ସହ ଚାଷଜମିକୁ ଜମି ମାଲିକମାନଙ୍କୁ ଫେରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଧିଗ୍ରହଣ ପ୍ରକ୍ରିୟାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଜମି ରହିଛି। କିନ୍ତୁ ଜିଲାପାଳଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ କାର୍ଯ୍ୟକାରୀ କରିବାରେ ବିଳମ୍ବ ଘଟୁଛି। ତୁରନ୍ତ ନ୍ୟାୟାଳୟଙ୍କ ଆଦେଶ କାର୍ଯ୍ୟକାରୀ କରାଇବା ପାଇଁ ଏକ ପତ୍ର ବୈଠକ ପରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଂପୃକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ ଡାକରା ଦିଆଯାଇଥିବା ଆନ୍ଦୋଳନରେ ସଂଘର୍ଷ ସମିତି ପକ୍ଷରୁ ଚାଷୀପ୍ରତିନିଧିମାନେ ଦିଲ୍ଲୀ ଯାଇ ଯୋଗଦେବେ ବୋଲି ନିଷ୍ପତ୍ତି ହୋଇଛି। ଚାଷୀଙ୍କୁ ପ୍ରତିବାଦ କରିବା ରାସ୍ତାରେ ବ୍ୟାରିକେଡ୍, କଣ୍ଟା ବିଛାଇ ସେମାନଙ୍କୁ ଅଟକାଯାଉଛି ଯାହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ଚାଷୀଙ୍କ ସଭାରେ ହରିୟାଣା ପୋଲିସ ଲାଠିଚାର୍ଜ କରିବା ସହ ଗୁଳି ଚଳାଇଛି। ଏହାକୁ ସଭା ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଗତ ବିଧାନସଭା ଅଧିବେଶନରେ କଂଗ୍ରେସ ବିଧାୟକ ନରସିଂହ ମିଶ୍ର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ କଥାକୁ ସରକାରଙ୍କୁ ସ୍ମରଣ କରାଇ ତୁରନ୍ତ ଚାଷୀଙ୍କୁ ବେଦାନ୍ତ ନାମରେ ଥିବା ଜମି ଫେରାଇବାକୁ ଦାବି କରି ଧାରଣା ଦେଇଥିଲେ, ସେଥିପାଇଁ ସଂଘର୍ଷ ସମିତି ପକ୍ଷରୁ ତାଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଆଗାମୀ ଦିନରେ ଜିଲାପାଳଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ପୂର୍ବତନ ବିଧାୟକ ତଥା ସଂଘର୍ଷ ସମିତି ଆବାହକ ଉମାବଲ୍ଲଭ ରଥ, ବିଷ୍ଣୁ ପ୍ରସାଦ ମିଶ୍ର, ବାବନ ଜେନା, ଲକ୍ଷ୍ମଣ ପ୍ରଧାନ, ଦାମୋଦର ମହାପାତ୍ର, କୈଳାସଚନ୍ଦ୍ର ସ୍ୱାଇଁ, ଦାମୋଦର ନାୟକ, ପର୍ଶୁରାମ ପ୍ରଧାନ, ହରପ୍ରସାଦ ଜେନା, ବ୍ରଜ ବେହେରା, କୈଳାସ ଜେନା, ଆର୍ତ୍ତତ୍ରାଣ ଜେନା, ଅଭିମନ୍ୟୁ ବାରିକ୍, ଅପର୍ତ୍ତି ପ୍ରଧାନ, ରାଜକିଶୋର ଜେନା, ଅରକ୍ଷିତ ବାରିକ, କପିଳ ସ୍ୱାଇଁ, ଚିତ୍ରସେନ ପ୍ରଧାନ, ଗଦାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାରେ ମିଶିଲେ ୫୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ



**ନିମାପଡ଼ା,୧୫।୨(ରଞ୍ଜନ ପଟ୍ଟନାୟକ):** ନିମାପଡ଼ା ଡିହବାରୀ ରୋଡ୍‌ସ୍ଥିତ ଭାଜପା ମଣ୍ଡଳ କାର୍ଯ୍ୟାଳୟରେ ଗୁରୁବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଅଲଣ୍ଡା ପଞ୍ଚାୟତର ଅଶୋକ ସେଠୀ ଏବଂ ପଦ୍ମଚରଣ ମହାପାତ୍ରଙ୍କ ନେତୃତ୍ୱରେ ଏହି ପର୍ବ ଆୟୋଜିତ ହୋଇଥିଲା। ଏଥିରେ କବୀନ୍ଦ୍ର ସେଠୀ, ସୁବାସ ଚନ୍ଦ୍ର ବେହେରା, ଶିବ ବେହେରା, ଅମୂଲ୍ୟ ଦାଶ, ସନ୍ତୋଷ ସେଠୀ, ଶିବରାଜ ସାହୁ, ମିଟୁ ପରିଡ଼ା, ଶିବ ବାରିକ, କାଳୁ ମାଝୀ, ବାଳକୃଷ୍ଣ ପଣ୍ଡାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଶୈଳୀରେ ପ୍ରଭାବିତ ଏବଂ ଯୁବ ନେତୃତ୍ୱ ଦିଲୀପ ନାୟକଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ ପ୍ରକଟ କରି ଦଳରେ ମିଶିଥିବା ନୂତନ କର୍ମୀ କହିଥିଲେ। ନୂତନ ଭାବେ ଦଳରେ ଯୋଗ ଦେଇଥିବା କର୍ମୀଙ୍କୁ ଯୁବ ନେତୃତ୍ୱ ଦିଲ୍ଲୀପ ନାୟକ ଦଳୀୟ ଟୋପି ଏବଂ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହା ଦ୍ୱାରା ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଦଳର ସଂଗଠନ ଅଧିକ କ୍ରିୟାଶୀଳ ହେବ ବୋଲି ନାୟକ ପ୍ରକାଶ କରିଛନ୍ତି।

# 'ମହିଳା କର୍ମଚାରୀ ଅସଦାଚରଣର ଶିକାର ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ'

## ସଚେତନତା କର୍ମଶାଳା

**ପୁରୀ,୧୫।୨(ଅଜିତ୍ ମହାନ୍ତି)** କର୍ମକ୍ଷେତ୍ରରେ ମହିଳା କର୍ମଚାରୀ ଯଦି ଅସଦାଚରଣର ଶିକାର ହେଉଛନ୍ତି, ତେବେ ତାହା ଯଥାଶୀଘ୍ର ପ୍ରତିରୋଧ କମିଟିକୁ ଅବଗତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ପୁରୀ ଜିଲା ପ୍ରଶାସନ ସମାଜ କଲ୍ୟାଣ ବିଭାଗ ପକ୍ଷରୁ ମହିଳାମାନଙ୍କ ପ୍ରତି କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଥିଲେ, ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ମହିଳା ଓ ପୁରୁଷ ସମାଜର ଦୁଇ ଅଙ୍ଗ। ସେମାନଙ୍କ ପ୍ରତି ସମାନ ଭାବନା ଓ ଅଧିକାର ସମ୍ବିଧାନ ପ୍ରଦାନ କରିଛି। ତେଣୁ କର୍ମକ୍ଷେତ୍ରରେ ମହିଳା କର୍ମଚାରୀ ନିର୍ଭୟରେ କାମ କରିବା ଆବଶ୍ୟକ। ଯଦି କୌଣସିଠାରେ ଏହାର ବ୍ୟତିକ୍ରମ ହେଉଛି ଓ ମହିଳା କର୍ମଚାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ସେମାନଙ୍କ ପାଇଁ ଗଠିତ କମିଟି, ଯେଉଁଥିରେ ମହିଳା ହିଁ ଅଧ୍ୟକ୍ଷ ରହିଥାନ୍ତି ସେଠାରେ ଅଭିଯୋଗ କରି ଉପଯୁକ୍ତ ନ୍ୟାୟ ପାଇବା ପାଇଁ ସେ ଅନୁରୋଧ କରିଥିଲେ। ଆଇନଜୀବୀ ମୋହନ ଜେନା, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଜିତ ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ମହିଳା କର୍ମଚାରୀମାନେ ସେମାନଙ୍କ ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, କମିଟି ସଦସ୍ୟ, ଏନଜିଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପ୍ରୋଗ୍ରାମ ଅଧିକାରୀ ଶର୍ମିଷ୍ଠା ହୋତା ଧନ୍ୟବାଦ ଦେଇଥିଲେ।

# ଜଗବନ୍ଧୁ ସିଂହଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା

- ଡ. ତୁଳସୀ ଓଝାଙ୍କୁ ଜଗବନ୍ଧୁ ସିଂହ ସ୍ମୃତି ସମ୍ମାନ
- ଜ୍ଞାନୀ ଦେବାଶିଷ ମିଶ୍ରଙ୍କୁ ଯୁବ ଗବେଷକ ସମ୍ମାନ




କାର୍ଯ୍ୟକ୍ରମରେ ଅତିଥିମାନେ ସାହିତ୍ୟିକ ଜଗବନ୍ଧୁ ସିଂହଙ୍କ ଜୀବନୀ ପୁସ୍ତକ ଲୋକାର୍ପଣ କରୁଛନ୍ତି ।

**ପୁରୀ, ୧୫।୨(ଅଜିତ୍ ମହାନ୍ତି)** ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଜଗବନ୍ଧୁ ସିଂହ ମେମୋରିଆଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଗୁରୁବାର ସାରସ୍ୱତ ସାଧକ ଜଗବନ୍ଧୁ ସିଂହଙ୍କ ୧୪୮ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କ ଦ୍ୱାରା ଲିଖିତ ଜଗବନ୍ଧୁ ସିଂହଙ୍କ ଜୀବନୀ 'କର୍ମଯୋଗୀ ଜଗବନ୍ଧୁ'ର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଟ୍ରଷ୍ଟ ପକ୍ଷରୁ ଡ. ତୁଳସୀ ଓଝାଙ୍କୁ ଜଗବନ୍ଧୁ ସିଂହ ସ୍ମୃତି ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ତାଙ୍କୁ ପୁରସ୍କାର ବାବଦ ସ୍ମୃତିଫଳକ, ଶାଲ, ମାନପତ୍ର ଓ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ଜ୍ଞାନୀ ଦେବାଶିଷ ମିଶ୍ରଙ୍କୁ ଜଗବନ୍ଧୁ ସିଂହ ଯୁବ ଗବେଷକ ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ତାଙ୍କୁ ଏହି ପୁରସ୍କାର ବାବଦ ସ୍ମୃତିଫଳକ, ମାନପତ୍ର, ଶାଲ ସହିତ ୫ହଜାର ଟଙ୍କା ଦିଆଯାଇଥିଲା। ପୁରୀ ଯୁଥ୍ ହଷ୍ଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଶୈଳଜା ରବି, ସମ୍ମାନିତ ଅତିଥି ଭାବେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଏବଂ ଡ. ବିକାଶ ଦାସ ଯୋଗଦେଇ ଜଗବନ୍ଧୁଙ୍କ ଜୀବନୀ ଓ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିଥଲେ। ଟ୍ରଷ୍ଟ ଅଧ୍ୟକ୍ଷା ସୁଜାତା ସିଂହ ସ୍ୱାଗତ ଭାଷଣ ଓ କୋଷାଧ୍ୟକ୍ଷ ଦେବୀପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ। ଶ୍ୟାମପ୍ରକାଶ ସେନାପତି ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ପଦଯାତ୍ରାରେ ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ସିଏମ୍‌ସିର ୱାର୍ଡ ନଂ-୧୨ର ମଙ୍ଗଳାବାଗ, ଅଲିଶା ବଜାର, ଭୁଟିଆ ସାହି, ତଗରପଡା, ଷ୍ଟେସନ ରୋଡ ଆଦି ଅଞ୍ଚଳ ଗୁରୁବାର ପରିଦର୍ଶନ କରିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ୱାର୍ଡ ଅଞ୍ଚଳରେ ବିଧାୟକ ପାଣ୍ଠିରୁ ଚାଲୁଥିବା ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ କିଶୋର ମହାନ୍ତି, ସୁବାସ ସ୍ୱାଇଁ, ଉଜ୍ଜ୍ୱଳ ସିଂ, ଦୀପକ ସିଂ, ମହମ୍ମଦ ଅଲିମ, କୌଶିକ୍ ମହାନ୍ତି, ପଦ୍ମପାଣି ଆଚାର୍ଯ୍ୟ, ଅଲେଖ ବେହେରା, ବିନୟ ସାହୁ, ବିକ୍ରମ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ପାରାବିଲ ଶ୍ମଶାନରୁ ଜବରଦଖଲ ଉଚ୍ଛେଦ



କଟକ ସଦର, ୧୫।୨ (ପ୍ରଶାନ୍ତ କୁମାର ଜେନା)

କିଶନନଗର ତହସିଲ ଅନ୍ତର୍ଗତ ପାରାବିଲ ମୌଜାର ଶ୍ମଶାନରୁ ଗୁରୁବାର ଜବରଦଖଲ ଉଚ୍ଛେଦ କରାଯାଇଛି। ସ୍ଥାନୀୟ ତହସିଲଦାର ମଧୁସୂଦନ ନାୟକ ଘଟଣାସ୍ଥଳରେ ପହଞ୍ଚି ସଶସ୍ତ୍ର ପୋଲିସ ସହ ସକାଳେ ମାପଚୁପ କରିଥିଲେ। ପାଖ ଜନବସତିର କେତେଜଣ ଲୋକଙ୍କର ଶ୍ମଶାନରେ ଥିବା ସ୍ଥାୟୀ ନିର୍ମାଣକୁ ମେଶିନ୍ ଦ୍ୱାରା ଭଙ୍ଗାଯାଇଥିଲା। ପାରାବିଲ ମୌଜାର ଖାତା ନଂ. ୪୦୩, ପ୍ଲଟ୍ ନଂ.୧୦୯୦କୁ କେତେଜଣ ଲୋକ ଜବରଦଖଲରେ ରଖିଥିଲେ। ଫଳରେ ସେଠାରେ ଧରିଣା ପଞ୍ଚାୟତ ପକ୍ଷରୁ ମୃତଦେହ ସତ୍କାର ପାଇଁ ପିଣ୍ଡି ନିର୍ମାଣ କରାଯାଇପାରୁ ନ ଥିଲା। ଉଚ୍ଛେଦ ସମୟରେ ସରପଞ୍ଚ ରତ୍ନାକର ରାଉତ, ଅତିରିକ୍ତ ତହସିଲଦାର ସମୀକ୍ଷା ପାଣିଙ୍କ ସମେତ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ।

# ପ୍ରକଳ୍ପର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ

କଟକ, ୧୫।୨ (ଶିକ୍ଷା ପ୍ରିୟଦର୍ଶିନୀ)

ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଗୁରୁବାର କଟକରେ ପହଞ୍ଚି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ସେ ସିଡିଏସ୍ଥିତ ପେଟାନାଳ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ ସିଡିଏ ସେକ୍ଟର-୧୦ସ୍ଥିତ ବିଜୁ ପଟ୍ଟନାୟକ ଉଦ୍ୟାନର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, କଟକ ଚଣ୍ଡୀମନ୍ଦିରର ସମ୍ପ୍ରସାରଣ, ଦରଘା ବଜାରସ୍ଥିତ ନେତାଜୀ ସୁଭାଷ ଅଡିଟୋରିୟମ କାର୍ଯ୍ୟ, ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟ, ଜୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟର ଉନ୍ନତୀକରଣ କାର୍ଯ୍ୟ ତଦାରଖ କରିଥିଲେ। ଏହାପରେ ତାଳଦଣ୍ଡା କେନାଲ ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିବା ସହ ନିର୍ମାଣାଧୀନ ପ୍ରକଳ୍ପର ଅଗ୍ରଗତି ଓ ପରବର୍ତ୍ତୀ ସମୟରେ ଏହାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟ



ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସିଡିଏଠାରେ ପେଟାନାଳ କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି।

**ଉନ୍ନୟନ କାର୍ଯ୍ୟର ସମୀକ୍ଷାକଲେ ମୁଖ୍ୟ ଶାସନ ସଚିବ**

ଶାସନ ସଚିବଙ୍କ ଏହି ଗସ୍ତ ସମୟରେ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ଜିଲାପାଳ ବିନୀତ ଭରଦ୍ୱାଜ, କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଡ୍ରେନେଜ୍ ବିଭାଗର ରାଜ୍ୟ ମୁଖ୍ୟଯନ୍ତ୍ରୀ ବିଜୟ କୁମାର ସାମଲ, ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର, ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ରଙ୍କ ସମେତ ଓବିସିସିର ପରିଚାଳନା ନିର୍ଦ୍ଦେଶକ, ଅଧୀକ୍ଷଣ ଯନ୍ତ୍ରୀ, ପୂର୍ତ୍ତ, ଜଳ ସମ୍ପଦ, ମହାନଗର ନିଗମର ଯନ୍ତ୍ରୀ, ସିଡିଏ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।




କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ଖ୍ରୀଷ୍ଟିଆନ୍ ସାହି ପଡିଆରେ ଅନୁଷ୍ଠିତ ଖଦି ମହୋତ୍ସବର ଗୁରୁବାର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିବୃନ୍ଦ।

## ସେଲ୍ ଡିଡ୍ ଉପରେ ରହିତାଦେଶ ପାଇଁ ଆବେଦନ

କଟକ, ୧୫।୨ (କାର୍ତ୍ତିକ ସାହୁ)

**ଜମି ବିକ୍ରିରେ ଜାଲିଆତି**



ରାଜଧାନୀ ଭୁବନେଶ୍ୱରରେ ଜମି ବିକ୍ରିରେ ଜାଲିଆତି ହୋଇଥିବା ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ଜଣଙ୍କୁ ଜମି ବିକ୍ରି କରିବା ଲାଗି ଟଙ୍କା ନେଇ ଚୁକ୍ତି ହେଲା ପରେ ଅନ୍ୟ ଜଣଙ୍କ ନାମରେ ସେଲ୍ ଡିଡ୍ କରାଗଲା। ଚୁକ୍ତି କରିଥିବା ବ୍ୟକ୍ତି ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ବିବାଦୀୟ ଜମିର ସେଲ୍ ଡିଡ୍ ଉପରେ ରହିତାଦେଶ ଜାରି କରିବା ଲାଗି ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

ସୂଚନା ଅନୁସାରେ, ମାମଲାର ଆବେଦନକାରୀ ବିଭୂତି ଭୂଷଣ ମହାପାତ୍ର ଭୁବନେଶ୍ୱରର ଗୁରୁଚରଣ ନରେନ୍ଦ୍ରଙ୍କଠାରୁ ଚନ୍ଦକା ଅଞ୍ଚଳରେ କିଛି ଜମି କିଣିବାକୁ କଥା ହୋଇଥିଲେ। ଉକ୍ତ ଜମି ପାଇଁ ପ୍ରଥମେ ୬୩ ଲକ୍ଷ ଟଙ୍କା ଦେବାକୁ ସ୍ଥିର ହୋଇଥିଲା। ଆବେଦନକାରୀ ୬୩ ଲକ୍ଷ ଟଙ୍କା ଦେବା ପରେ ଗୁରୁଚରଣ ପୁଣି ଅର୍ଥ ଦାବି କରିଥିଲେ। ଦାବି ମୁତାବକ ଉଭୟଙ୍କ ମଧ୍ୟରେ ୭୧ ଲକ୍ଷ ୭୫ ହଜାର ଯାଏ ଜମିର ମୂଲ୍ୟ ଦେବାକୁ କଥା ଛିଡ଼ିଥିଲା। ଦାବି ମୁତାବକ ସମସ୍ତ ଅର୍ଥ ମଧ୍ୟ ଆବେଦନକାରୀ ଅପରପକ୍ଷଙ୍କୁ ପ୍ରଦାନ କରିଥିଲେ। ଉଭୟଙ୍କ ମଧ୍ୟରେ ଏନେଇ ଚୁକ୍ତିନାମା ମଧ୍ୟ ହୋଇଥିଲା। ସମସ୍ତ ଟଙ୍କା ନେବା ପରେ ବି ଗୁରୁଚରଣ ଉକ୍ତ ଜମିକୁ ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ସ୍ତ୍ରୀ ନମ୍ରତା ତ୍ରିପାଠୀଙ୍କ ନାମରେ ରେଜିଷ୍ଟ୍ରି କରି ଦେଇଥିଲେ। ଏ ନେଇ ଆବେଦନକାରୀ ଭୁବନେଶ୍ୱର ସବ୍-ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏଥିସହ ସ୍ଥାନୀୟ ଥାନାରେ ମଧ୍ୟ ସେ ଅଭିଯୋଗ କରିଥିଲେ। ପୋଲିସ ଗୁରୁଚରଣଙ୍କୁ ଗିରଫ କରିଥିଲା। ଏତେସବୁ ଘଟିବା ପରେ ବି ଆଉ ଅଧିକ କିଛି ନ ଘଟିବା ନିମନ୍ତେ ଆବେଦନକାରୀ ଉକ୍ତ ଜମିର ସେଲ୍ ଡିଡ୍ ଉପରେ ରହିତାଦେଶ କରିବା ଲାଗି ନିବେଦନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅରୁଣ କୁମାର ବୁଦ୍ଧିଆ ମାମଲା ରୁଜୁ କରିଛନ୍ତି।

# ‘ସେବା ମାଧ୍ୟମରେ ବ୍ୟକ୍ତିତ୍ୱର ବିକାଶ ହୁଏ’



ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ଜାତୀୟ ସେବା ଶିବିରରେ ଅତିଥି ଓ ଅନ୍ୟମାନେ।

କଟକ, ୧୫।୨ (କାର୍ତ୍ତିକ ସାହୁ)

କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ଡ. ସାଗରିକା ମହାନ୍ତି ପୌରୋହିତ୍ୟ କରି ସମାଜ ସେବା ମାଧ୍ୟମରେ ବ୍ୟକ୍ତିତ୍ୱର ବିକାଶ ହୁଏ ବୋଲି କହିଛନ୍ତି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡା. ରବି ରଞ୍ଜନ ସାହୁ ଯୋଗଦେଇ ନିଜ ପାରିବାରିକ ତଥା ପାରିପାର୍ଶ୍ୱିକ ବିକାଶ ସହ ରାଷ୍ଟ୍ରୀୟ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଡ. ଛନ୍ଦା ପଲାଇ କାର୍ଯ୍ୟକ୍ରମ ପରିଚାଳନା ଓ ସହକାରୀ ପ୍ରୋଗ୍ରାମ ଅଫିସର ଡ. ପ୍ରଜ୍ଞାଶ୍ରୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ‘ରାମକୃଷ୍ଣଙ୍କ ଲେଖନୀରେ ଥିଲା ସମାଜ ସଂସ୍କାର ବାର୍ତ୍ତା’

କଣ୍ଟାପଡା, ୧୫।୨ (ସୁରନାରାୟଣ ସାହୁ)

ଶିଶୁ ସାହିତ୍ୟିକ ସ୍ୱର୍ଗତ ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ ପକ୍ଷରୁ ବାଇରୋଇସ୍ଥିତ ସୌଦାମିନୀ ପାଠାଗାର ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରିଷଦର ସଭାପତି ପ୍ରଦ୍ୟୁମ୍ନ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଯୋଗଦେଇ କହିଛନ୍ତି, ରାମକୃଷ୍ଣଙ୍କ ଲେଖନୀରେ ଶିଶୁଙ୍କ ପାଇଁ ଅମୂଲ୍ୟ ଉପଦେଶ ସହିତ ସମାଜ ସଂସ୍କାରର ବାର୍ତ୍ତା ଭରି ରହିଥିଲା। ଏଥିରେ ଖବରଦାତା ସମରେନ୍ଦ୍ର ବଳିଆରସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପରିଷଦର ମୁଖପତ୍ର ‘ସୌଦାମିନୀ’ର ଚତୁର୍ଥ ସଂସ୍କରଣ ସମେତ ବାରିଦପ୍ରଭା ମହାନ୍ତିଙ୍କ ରଚିତ ‘ଶିଉଳି’, ସଦାନନ୍ଦ ରାଉତରାୟଙ୍କ ‘ବିରହ ଗାଥା’ ଓ ପ୍ରକାଶ ନନ୍ଦଙ୍କ ରଚିତ ଦୁଇଟି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ କୃତୀ ଛାତ୍ରୀ ସ୍ମୃତିରେଖା ସାହୁ, ଜରିନ ବେଗମ୍, ସାଇସ୍ମିତା ପ୍ରଧାନ, ଅନୁଶ୍ରୀ ପଟ୍ଟନାୟକ ଓ ସୋନମ ପରୱିନ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ବେହେରାଙ୍କୁ ଚଳିତବର୍ଷର ରାମକୃଷ୍ଣ ନନ୍ଦ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଚିନ୍ମୟ ଦାସ, ପ୍ରିୟ ରାଉତରାୟ ଓ ସନ୍ତୋଷ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଷଦର ସମ୍ପାଦକ ପ୍ରକାଶ ନନ୍ଦ ଧନ୍ୟବାଦ ଦେଇଥିଲେ।

## ନୂତନ ଶିଳ୍ପ ପ୍ରତିଷ୍ଠା ସମ୍ପର୍କିତ ଶ୍ୱେତପତ୍ର ସାର୍ବଜନୀନ କରାଯାଉ

ଚୌଦ୍ୱାର, ୧୫।୨ (ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ଓଟିଏମ୍ ଭିତ୍ତିଭୂମି ଉପରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଆସନ୍ତା ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିବେ। ହେଲେ ଏଭଳି କାର୍ଯ୍ୟକ୍ରମକୁ ନେଇ ଭାଜପା ସମାଲୋଚନା କରିବା ସହ ଶିଳ୍ପ ପ୍ରତିଷ୍ଠା ସମ୍ପର୍କିତ ଶ୍ୱେତପତ୍ର ସାର୍ବଜନୀନ କରିବା ପାଇଁ ଦାବି କରିଛି। ଏ ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ନେତା ନୟନ କିଶୋର ମହାନ୍ତି କହିଛନ୍ତି, ରାଜ୍ୟ ସରକାର ଯେଉଁ କମ୍ପାନୀ ପାଇଁ ଶିଳାନ୍ୟାସ କରିବେ ତାହା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରାଯାଉ। ଏଥିସହ ଓଟିଏମ୍‌ର ୫୨୨ ଏକର ଜମିରୁ କେଉଁ କମ୍ପାନୀକୁ କେତେ ଜମି ଦିଆଯାଇଛି, ଓଟିଏମ୍‌ରେ ଦୀର୍ଘଦିନ କାର୍ଯ୍ୟ କରିଥିବା ଶ୍ରମିକମାନଙ୍କୁ ଥଇଥାନ, ନୂତନ ଶିଳ୍ପସଂସ୍ଥାରେ ସ୍ଥାନୀୟ କେତେଜଣ ଯୁବତୀ ଓ ଯୁବକ ନିଯୁକ୍ତି ପାଇବେ ତାହାର ତଥ୍ୟ ପ୍ରଦାନ, ଏକ କମ୍ପୋଜିଟ୍ ମିଲ୍ ଥିବା ଓଟିଏମ୍ ଭଳି ନୂତନ ଶିଳ୍ପ ହେବ ନା ବାହାରୁ କପଡ଼ା ଆଣି ସେଥିରୁ ଗାର୍ମେଣ୍ଟ ପ୍ରସ୍ତୁତ ହେବ, କେତେଦିନ ମଧ୍ୟରେ ନୂତନ ଶିଳ୍ପ କାର୍ଯ୍ୟକାରୀ ହେବ ସେ ସମ୍ପର୍କରେ ମହାନ୍ତି ସରକାରଙ୍କୁ ତଥ୍ୟ ମାଗିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଦଳର ଜିଲା ଉପ ସଭାପତି ପ୍ରଶାନ୍ତ କୁମାର ହୋତା, ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ମଣ୍ଡଳ ସଭାପତି ସନ୍ତୋଷ ସାହୁ, ଚିରଞ୍ଜୀବୀ ଖଣ୍ଡାୟତରାୟ, ଅଜିତ୍ କୁମାର ସୁବୁଦ୍ଧିରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରାକ୍ଟର ଚଢ଼ାଇ ଯୁବକଙ୍କୁ ହତ୍ୟା ଘଟଣା, ୪ ଅଟକ

ଖୁଣ୍ଟୁଣୀ, ୧୫।୨ (ସଚ୍ଚିଦାନନ୍ଦ ପଣ୍ଡା)

- ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର
- ତଦନ୍ତ କଲେ ଗ୍ରାମାଞ୍ଚଳ ଏସ୍‌ପି

ଖୁଣ୍ଟୁଣୀ ଥାନା ଅଧୀନ ରାଧାକୃଷ୍ଣପୁର ଗ୍ରାମରେ ବୁଧବାର ସନ୍ଧ୍ୟାରେ ସୁଶାନ୍ତ କୁମାର ରଣା ନାମକ ଯୁବକଙ୍କୁ ଟ୍ରାକ୍ଟର ଚଢ଼ାଇ ହତ୍ୟା କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ଏଥିସହ ଅନ୍ୟମାନଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ଖୁଣ୍ଟୁଣୀ ଥାନା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି। ସୁଶାନ୍ତଙ୍କ ପୁଅ ରଞ୍ଜନ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ରାଧାକୃଷ୍ଣପୁର ଗ୍ରାମର ନିରାକାର ସ୍ୱାଇଁଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ଏକ ହତ୍ୟା ମାମଲା (ନଂ.୩୭/୨୪) ରୁଜୁ ହୋଇଛି। ଅପରପକ୍ଷରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗୁରୁବାର ଭୋର ସାଢେ ୫ଟାରେ କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ରାଧାକୃଷ୍ଣପୁର ଗ୍ରାମରେ ମୃତଦେହ ପହଞ୍ଚିବା ପରେ ଉତ୍ତେଜନା ସୃଷ୍ଟି ହେବା ଆଶଙ୍କା କରି ଆଉ ଅଧିକ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସମସ୍ତ ଆକ୍ରମଣକାରୀଙ୍କ ଘର ପୁରୁଷଶୂନ୍ୟ ହୋଇପଡ଼ିଛି।

ସୂଚନାଯୋଗ୍ୟ, ରାଧାକୃଷ୍ଣପୁର ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ବୁଧବାର ସନ୍ଧ୍ୟାରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ସୁଶାନ୍ତ ଘରକୁ ଯାଉଥିବା ବେଳେ ଝଗଡା ଦେଖି ସେ ସେମାନଙ୍କୁ ବୁଝାଇବାକୁ ଉଦ୍ୟମ କରିଥିଲେ। ହେଲେ ଗୋଟିଏ ଗୋଷ୍ଠୀର ପ୍ରାୟ ୧୫ ଜଣ ଯୁବକ ହଠାତ୍ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସେ ତଳେ ପଡିଯିବାରୁ ନିରାକାର ତାଙ୍କ ଉପରେ ଟ୍ରାକ୍ଟର ଚଢାଇ ଦେଇଥିଲେ। ଘଟଣାସ୍ଥଳରେ ଗ୍ରାମବାସୀ ପହଞ୍ଚିବାରୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ସୁଶାନ୍ତଙ୍କୁ ଢେଙ୍କାନାଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଉତ୍ତ୍ୟକ୍ତ ଲୋକମାନେ ଫେରାର ଅଭିଯୁକ୍ତମାନଙ୍କର ୫ଟି ଗାଡ଼ି ଜାଳି ଦେଇଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି ଗ୍ରାମରେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ମୁକ୍ତାକାଶ ବ୍ୟାୟାମଶାଳା ଉଦ୍‌ଘାଟିତ



ମୁକ୍ତାକାଶ ବ୍ୟାୟାମଶାଳା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ ଓ ଅନ୍ୟମାନେ।

ଚୌଦ୍ୱାର, ୧୫।୨ (ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକାର ୧୭ ନମ୍ବର ୱାର୍ଡ଼ କଳିଙ୍ଗନଗରସ୍ଥିତ ହନୁମାନ ମନ୍ଦିର ନିକଟରେ ମୁକ୍ତାକାଶ ବ୍ୟାୟାମଶାଳା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। କାଉନସିଲର ଆଶୁତୋଷ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରେମଚାନ୍ଦ ନାୟକ, ନଗର ସଭାପତି ବିଷ୍ଣୁ ଚରଣ ପରିଡା, ବିଜେଡି ନଗର କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ମହିଳା ମୋର୍ଚ୍ଚା ସଭାନେତ୍ରୀ କବିତାରାଣୀ ଲେଙ୍କା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ସୁବାସ ଚନ୍ଦ୍ର ବାରିକ, ଅଜୟ ଶର୍ମା, ସୁଜାତା ରଥ, ସ୍ନିଗ୍ଧା ଶର୍ମା, ରଶ୍ମିରଞ୍ଜନ ଦାସ, ବିଭୁ କଲ୍ୟାଣ ମହାନ୍ତି, ଆକାଶ ସାହୁ, ଆକାଶ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜେଡିର ସାଙ୍ଗଠନିକ ବୈଠକ

ଖୁଣ୍ଟୁଣୀ, ୧୫।୨ (ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଅଧୀନ ଓରନ୍ଦା ପଞ୍ଚାୟତର ଶ୍ରୀଜଗନ୍ନାଥ ନିମ୍ନ ବାଳିକା ପାହାଡ଼ଠାରେ ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ଜ୍ଞାନରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ସରକାରଙ୍କ ଜନହିତକର ଯୋଜନା ଯେଭଳି ଲୋକଙ୍କ ନିକଟରେ ପହଞ୍ଚିବ ସେଥିପ୍ରତି କର୍ମୀମାନେ ଦୃଷ୍ଟି ଦେବାକୁ କହିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଦଳର ସମସ୍ତ କର୍ମୀ ନିଜ ମଧ୍ୟରେ ଭେଦଭାବ ଭୁଲି ଏକଜୁଟ୍ ହୋଇ ରଣନୀତି ପ୍ରସ୍ତୁତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏନେଇ ଏକ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବେ ଜ୍ଞାନରଞ୍ଜନ ପଟ୍ଟନାୟକ, ସଂଯୋଜକ ଗତିକୃଷ୍ଣ ବେଉରା, ଯୁବ ବିଜେଡି ପକ୍ଷରୁ ପ୍ରଶାନ୍ତ ରାଉତ, ରଞ୍ଜିତ ପ୍ରଧାନ, ସରୋଜ ପ୍ରଧାନ, ଛାତ୍ର କମିଟି ପକ୍ଷରୁ ଗିରିଜା ପ୍ରସାଦ ପରିଜା, ପଞ୍ଚାୟତ କମିଟି ପକ୍ଷରୁ ରାଜୀବ ଲୋଚନ ଦାସ, ଶ୍ରୀନିବାସ ଦଳେଇ, ସୁଶାନ୍ତ ବିଶ୍ୱାଳ, ବିକୁନା ବିଶ୍ୱାଳ, ଅରୁଣୀ ସାମଲ, ଶିଶିର ମହାନ୍ତି ଓ ସୁନୀଲ ପ୍ରଧାନ ପ୍ରମୁଖ ମନୋନୀତ ହୋଇଛନ୍ତି।

## ମନ୍ଦିର ମୁଖଶାଳା ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

କଟକ, ୧୫।୨ (ଶିକ୍ଷା ପ୍ରିୟଦର୍ଶିନୀ)

ସିଡିଏ ସେକ୍ଟର-୯ସ୍ଥିତ ମା’ ମଙ୍ଗଳା ମନ୍ଦିର ମୁଖଶାଳା ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଗୁରୁବାର ହୋଇଛି। ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ଅବସରରେ ଅଞ୍ଚଳର ମୁରବିମାନେ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଗିରିବାଳା ବେହେରା, ତପନ କୁମାର ପତି, ବିକାଶ କୁମାର ପାତ୍ର, ଅଶ୍ୱିନୀ କୁମାର ବାରିକ, ସଞ୍ଜୟ କୁମାର ଦାସ, ଧନଞ୍ଜୟ ବେହେରା, ଗୌତମ କୁମାର ପଣ୍ଡା, ଆଲୋକ ପ୍ରିୟଦର୍ଶନ, ଜ୍ୟୋତ୍ସ୍ନା ମହାପାତ୍ର, ଅଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।




ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟକ ମହମ୍ମଦ ମୋକିମଙ୍କ ସମେତ ଅନ୍ୟମାନେ।

# ‘ଆଇନ ବୃତ୍ତିରେ ପକ୍ୱତା ହାସଲ କରିଥିଲେ ବିବୁଧେନ୍ଦ୍ର’

କଟକ, ୧୫।୨ (କାର୍ତ୍ତିକ ସାହୁ)

ବିବୁଧେନ୍ଦ୍ର ମିଶ୍ର ଛାତ୍ର ଜୀବନରୁ ବିପ୍ଳବୀ ଥିଲେ। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ରାଜନୀତି ସବୁଠି ସେ ପାରଦର୍ଶୀ ଥିଲେ। ଆଇନ ବୃତ୍ତିରେ ସେ ପକ୍ୱତା ହାସଲ କରିଥିଲେ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ କହିଛନ୍ତି। ହାଇକୋର୍ଟ ବାର୍ ଆସୋସିଏଶନ ଓ ବିବୁଧେନ୍ଦ୍ର ମିଶ୍ର ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ବାର୍ ସମ୍ମିଳନୀ କକ୍ଷରେ ଆଇନଜ୍ଞ ବିବୁଧେନ୍ଦ୍ର ମିଶ୍ରଙ୍କ ସ୍ମୃତି ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ମୁଖ୍ୟ ବିଚାରପତି ସିଂ କହିଛନ୍ତି, ଓଡ଼ିଶା ହାଇକୋର୍ଟର ଏହି ବାର୍‌ରେ ଉତ୍କଳ ଗୌରବ ମଧୁସୂଦନ ଦାସ, ବିବୁଧେନ୍ଦ୍ର ମିଶ୍ରଙ୍କ ପରି ମନୀଷୀ ଓ ଆଇନ ବିଶାରଦମାନେ ଆଇନ ଅଭ୍ୟାସ କରୁଥିଲେ। ଏହା ଆମ ପାଇଁ ଗର୍ବର ବିଷୟ। ମୁଖ୍ୟବକ୍ତା ଭାବେ ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, ବିବୁଧେନ୍ଦ୍ର ମିଶ୍ର ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ଅନେକ ଘାତ ପ୍ରତିଘାତର ସାମ୍ନା କରିଥିଲେ। ସେ ଆଇନ ବୃତ୍ତିକୁ ଆପଣେଇବା ପରେ ସବୁବେଳେ ବାର୍‌ର ସଦସ୍ୟମାନଙ୍କୁ ନିଜ ପରିବାର ଭଳି ଭାବୁଥିଲେ। ଅସହାୟଙ୍କ ପାଇଁ ତାଙ୍କର ଦରଦୀ ହୃଦୟ ଥିଲା। ସମ୍ମାନିତ ଅତିଥି ଆଡ୍‌ଭୋକେଟ ଜେନେରାଲ ଅଶୋକ କୁମାର ପରିଜା କହିଛନ୍ତି, ବିବୁଧେନ୍ଦ୍ର ମିଶ୍ରଙ୍କ ଜୀବନଶୈଳୀ ଭିନ୍ନ ଥିଲା। ଆଇନ ପେସାରେ ତାଙ୍କର ସ୍ୱତନ୍ତ୍ର ଉପଲବ୍ଧି ରହିଥିଲା। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକ ଅଧ୍ୟକ୍ଷତା କରି କହିଛନ୍ତି, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଦର୍ଶରେ ବିବୁଧେନ୍ଦ୍ର ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ। ଆଇନ ପେସାକୁ ଆସିବା ପରେ ବାର୍‌ରେ କୁନି ଭାଇନା ଭାବେ ସମସ୍ତଙ୍କ ନିକଟରେ ପରିଚିତ ଥିଲେ। ସ୍ମୃତି ସଂସଦର ଆବାହକ ତଥା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ।

ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ଅନ୍ତେବାସୀ ରମୟୀ ଟୁଡୁ, ପୂର୍ଣ୍ଣଚନ୍ଦ୍ର ସୋରେନ, ମନୋଜ କୁମାର ଟୁଡୁ, କୁନାଲ ଚାପର, ସ୍ମୃତି ଦାସ, ଚନ୍ଦ୍ରା ହେମ୍ବ୍ରମଙ୍କୁ ପୁରସ୍କୃତ କରାଯାଇଥିଲା। ବିବୁଧେନ୍ଦ୍ରଙ୍କ ଭାଇ ପୂର୍ଣ୍ଣେନ୍ଦୁ ମିଶ୍ର ଓ ପୁତ୍ର ମାନବେନ୍ଦୁ ମିଶ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବାର୍ ଆସୋସିଏଶନ୍ ଉପସଭାପତି ବିଦ୍ୟାଧର ପ୍ରଧାନ ଅତିଥି ପରିଚୟ, ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ହାଇକୋର୍ଟ ବିଚାରପତି ଭି. ନରସିଂହ, ବିଚାରପତି ସାବିତ୍ରୀ ରଥ, ବିଚାରପତି ମୁରାହରି ଶ୍ରୀ ରମଣ, ବିଚାରପତି ସଞ୍ଜୟ କୁମାର ମିଶ୍ର, ବିଚାରପତି ଶିବଶଙ୍କର ମିଶ୍ରଙ୍କ ସମେତ ଅନ୍ୟ ବିଚାରପତି, ବିଚାର ବିଭାଗୀୟ ଅଧିକାରୀ ଓ ବରିଷ୍ଠ ଆଇନଜୀବୀମାନେ ଉପସ୍ଥିତ ଥିଲେ।




ଆଇନଜ୍ଞ ବିବୁଧେନ୍ଦ୍ର ମିଶ୍ରଙ୍କ ସ୍ମୃତି ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

**ଆଇନଜ୍ଞ ବିବୁଧେନ୍ଦ୍ର ମିଶ୍ରଙ୍କ ସ୍ମୃତି ସମାରୋହ**

ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୬/୨୦୨୪ Bhubaneswar, Friday, February 16/2024



**ଅର୍ଥନୀତିରେ ୪ର୍ଥ ସ୍ଥାନକୁ ଖସିଲା ଜାପାନ**

ବିଶ୍ୱର ତୃତୀୟ ବଡ଼ ଅର୍ଥ ବ୍ୟବସ୍ଥାରୁ ଖସି ଚତୁର୍ଥ ସ୍ଥାନରେ ପହଞ୍ଚିଛି ଜାପାନ। ଜର୍ମାନୀ ୩ୟ ସ୍ଥାନ ଦଖଲ କରିଛି। ଜାପାନରେ ଅର୍ଥନୈତିକ ମାନ୍ଦାବସ୍ଥା ଲାଗି ରହିବା ହେତୁ ଏପରି ଘଟିଥିବା ବିଶେଷଜ୍ଞ ମତ ଦେଇଛନ୍ତି। ଜନ୍ମହାର ବହୁତ କମ ଥିବା ହେତୁ ଏଠାରେ ଯୁବପିଢ଼ିଙ୍କ ସଂଖ୍ୟା କମୁଛି। ଏହା ମଧ୍ୟ ମାନ୍ଦାବସ୍ଥାର ଅନ୍ୟ ଏକ କାରଣ। ଚଳିତ ଆର୍ଥିକ ବର୍ଷର ଗତ ୨ଟି କ୍ୱାର୍ଟରରେ ଜାପାନରେ ଜିଡିପି ହ୍ରାସ ପାଇଥିଲା।

# ୧୬,୫୧୮ କୋଟିର ଇଲେକ୍ଟୋରାଲ ବଣ୍ଡ ବିକ୍ରି

## ଭାଜପାକୁ ମିଳିଥିଲା ୬,୫୦୦ କୋଟିରୁ ଅଧିକ ଚାନ୍ଦା

**ନୂଆଦିଲ୍ଲୀ,୧୫।୨(ପି.ଟି.)**

ବିବାଦୀୟ ଇଲେକ୍ଟୋରାଲ ବଣ୍ଡ ଯୋଜନା କାର୍ଯ୍ୟକାରୀ ହେବାଠାରୁ ଅଦ୍ୟାବଧି ରାଜନୈତିକ ଦଳଗୁଡ଼ିକୁ ଏହାର ବିକ୍ରିରୁ ୧୬,୦୦୦ କୋଟି ଟଙ୍କାରୁ ଅଧିକ ଚାନ୍ଦା ମିଳିଛି। ଏଥିରୁ ଏକ ସିଂହଭାଗ ଶାସକ ଦଳ ଭାଜପାକୁ ମିଳିଥିଲା। ସୁପ୍ରିମକୋର୍ଟ ଉକ୍ତ ଯୋଜନାକୁ ରଦ୍ଦ କରିଦେବା ଭାଜପା ପାଇଁ ବଡ଼ ଝଟକା। ନିର୍ବାଚନ କମିଶନ ଏବଂ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପାଖରେ ଥିବା ତଥ୍ୟ ଅନୁଯାୟୀ ଗତ ଆର୍ଥିକ ବର୍ଷ ସୁଦ୍ଧା ସବୁ ରାଜନୈତିକ ଦଳ ଇଲେକ୍ଟୋରାଲ ବଣ୍ଡ ଯୋଜନାରେ ୧୨,୦୦୦ କୋଟି ଟଙ୍କାରୁ ଅଧିକ ପାଇଥିବାବେଳେ ସେଥିରୁ ଶାସକ ଭାଜପାର ଭାଗ ଥିଲା ୫୫ ପ୍ରତିଶତ ବା ୬,୫୬୫ କୋଟି ଟଙ୍କା। ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ ତଥ୍ୟ ଅନୁଯାୟୀ ୨୦୧୮ ମାର୍ଚ୍ଚରୁ ଗତ ଜାନୁଆରୀ ସୁଦ୍ଧା ରାଜନୈତିକ ଦଳଗୁଡ଼ିକୁ ସମୁଦାୟ ୧୬,୫୧୮.୧୧ କୋଟି ଟଙ୍କା ଇଲେକ୍ଟୋରାଲ ବଣ୍ଡରୁ ମିଳିଛି। ବିଭିନ୍ନ ରାଜ୍ୟରେ କ୍ଷମତାରେ ଥିବା ଆଞ୍ଚଳିକ ଦଳଗୁଡ଼ିକ ମୋଟ ଚାନ୍ଦାର ୯୦ ପ୍ରତିଶତରୁ ଅଧିକ ଉକ୍ତ ବଣ୍ଡରୁ ପାଇଛନ୍ତି। ତେବେ ମୋଟାମୋଟି ଦେଖିଲେ ଇଲେକ୍ଟୋରାଲ ବଣ୍ଡରୁ ରାଜନୈତିକ ଦଳଗୁଡ଼ିକୁ ମିଳୁଥିବା ଚାନ୍ଦା ମୋଟ ଆୟର ଅଧାରୁ ଅଧିକ।

ଉପା ସରକାରର ଶେଷ ବର୍ଷ ପର୍ଯ୍ୟନ୍ତ କଂଗ୍ରେସ ସବୁଠୁ ଧନୀ ଦଳ ଥିଲା। ୨୦୧୩-୧୪ ଆର୍ଥିକ ବର୍ଷରେ ଚାନ୍ଦା ସଂଗ୍ରହରେ ଭାଜପା କଂଗ୍ରେସକୁ ଟପିଥିଲା। ସେହିବର୍ଷ ଭାଜପା ୬୭୩.୮ କୋଟି ଆୟ କରିଥିବାବେଳେ କଂଗ୍ରେସର ଆୟ ଥିଲା ୫୯୮ କୋଟି ଟଙ୍କା। ଇଲେକ୍ଟୋରାଲ ବଣ୍ଡ ପ୍ରଚଳନର ପ୍ରଥମ ଆର୍ଥିକ ବର୍ଷ ୨୦୧୮-୧୯ରେ ଭାଜପାର ଆୟ ୧,୦୨୭ କୋଟିରୁ ବଢ଼ି ୨,୪୧୦ କୋଟି ଟଙ୍କା ହୋଇଥିବାବେଳେ କଂଗ୍ରେସର ଆୟ ମଧ୍ୟ ୧୯୯ କୋଟିରୁ ବଢ଼ି ୯୧୮ କୋଟି ଟଙ୍କା ହୋଇଥିଲା। ୨୦୨୨-୨୩ ବର୍ଷରେ ଭାଜପାର ମୋଟ ଆୟ ୨,୩୬୦ କୋଟି ହୋଇଥିବାବେଳେ ସେଥିରୁ ଇଲେକ୍ଟୋରାଲ ବଣ୍ଡ ଜରିଆରେ ଆୟ ପାଖାପାଖି ୧,୩୦୦ କୋଟି ଟଙ୍କା ରହିଛି। ଅନ୍ୟପକ୍ଷରେ ସେହିବର୍ଷ କଂଗ୍ରେସର ମୋଟ ଆୟ ୪୫୨ କୋଟି ଟଙ୍କାକୁ ହ୍ରାସ ପାଇଥିବାବେଳେ ସେଥିରୁ ଇଲେକ୍ଟୋରାଲ ବଣ୍ଡରୁ ଆୟ ୧୭୧ କୋଟି ଟଙ୍କା ରହିଥିଲା। ଏହା ପୂର୍ବବର୍ଷ ଭାଜପା ଇଲେକ୍ଟୋରାଲ ବଣ୍ଡରୁ ୧,୦୩୩ କୋଟି ଏବଂ କଂଗ୍ରେସ ୨୩୬ କୋଟି ଟଙ୍କା ପାଇଥିଲା। ଅନ୍ୟ ଦଳ ମଧ୍ୟରୁ ଟିଏମ୍‌ସି ବଣ୍ଡରୁ ଗତବର୍ଷ ୩୨୫ କୋଟି ପାଇଥିବାବେଳେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ୫୨୯ କୋଟି, ଡିଏମ୍‌କେ ୧୮୫ କୋଟି, ବିଜେଡି ୧୫୨ କୋଟି ଏବଂ ଟିଡିପି ୩୪ କୋଟି ଟଙ୍କା ପାଇଥିଲା। ଅନ୍ୟପକ୍ଷରେ ବଣ୍ଡରୁ ସମାଜବାଦୀ ପାର୍ଟି ଏବଂ ଶିରୋମଣି ଅକାଳୀ ଦଳ ଆଦୌ ଚାନ୍ଦା ପାଇ ନ ଥିଲେ। ଇଲେକ୍ଟୋରାଲ ବଣ୍ଡ ଜରିଆରେ ପାଖାପାଖି ଅଧା ପାଣ୍ଠି କର୍ପୋରେଟ୍‌ଗୁଡ଼ିକୁ ମିଳୁଥିବାବେଳେ ଅନ୍ୟାନ୍ୟ ସୂତ୍ରରୁ ଅବଶିଷ୍ଟ ଆୟ ହେଉଥିଲା।


भारतीय स्टेट बैंक STATE BANK OF INDIA

इलेक्टोरल बॉण्ड/ELECTORAL BOND

IN THE FORM OF PROMISSORY NOTE

DATE OF ISSUE: 10 APR 2018

VALID UPTO 15 DAYS FROM THE DATE OF ISSUE

VALUE OF THE INSTRUMENT: ₹ 1,000/- (Rupees One Thousand only)

For value received, the Bank hereby promises to pay on demand to the eligible Payee which is holding this instrument, upon surrender of the original instrument in the Designated Account of the eligible Political Party with the Bank, the sum representing the value of this instrument of ₹ 1,000/- (Rupees One Thousand only) in accordance with the Scheme called 'The Electoral Bond Scheme, 2018', notified by the Central Government vide Gazette Notification No. 20 dated the 2nd January, 2018.

On payment of the said amount, the liability of the Bank hereunder shall stand fully extinguished.

स्थान / Place: NEW DELHI

SAMPLE

Authorized Signatory

### ଇଲେକ୍ଟୋରାଲ ବଣ୍ଡ କ'ଣ

ରାଜନୈତିକ ଦଳଗୁଡ଼ିକର ଚାନ୍ଦା ସଂଗ୍ରହ ପାଇଁ ଇଲେକ୍ଟୋରାଲ ବଣ୍ଡ ଏକ ଆର୍ଥିକ ସାଧନ। ଏଥିରେ କ୍ରେତା ଏବଂ ପ୍ରାପକଙ୍କ ନାଁ ରହୁ ନ ଥିବାରୁ ଏହା ଏକ ବିଅରିଂ ସାଧନ ଭାବେ କାର୍ଯ୍ୟ କରିଥାଏ ଏବଂ ଦାତାଙ୍କୁ ଗୋପନ ରଖିଥାଏ। ୨୦୧୭-୧୮ କେନ୍ଦ୍ର ବଜେଟରେ ଅର୍ଥମନ୍ତ୍ରୀ ପ୍ରଥମେ ଇଲେକ୍ଟୋରାଲ ବଣ୍ଡ ଘୋଷଣା କରିଥିଲେ। ଭାରତର ନାଗରିକ ଏବଂ ଘରୋଇ କମ୍ପାନୀଗୁଡ଼ିକ ଏହା ଜରିଆରେ ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେଇପାରିବେ। ଜଣେ କ୍ରେତା କେତେ ବଣ୍ଡ କିଣିବେ, ତାହାର କୌଣସି ସୀମା ଧାର୍ଯ୍ୟ ହୋଇ ନ ଥିଲା। ୧ ହଜାରରୁ ଆରମ୍ଭ କରି ୧୦ ହଜାର, ୧ ଲକ୍ଷ, ୧୦ ଲକ୍ଷ ଏବଂ ୧ କୋଟି ଟଙ୍କା ମୂଲ୍ୟର ବଣ୍ଡ ଉପଲବ୍ଧ ରହିଥିବାବେଳେ ୧ କୋଟି ମୂଲ୍ୟର ବଣ୍ଡ ସର୍ବାଧିକ ବିକ୍ରି ହୋଇଥାଏ। କେବଳ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କେତେକ ନିର୍ଦ୍ଦିଷ୍ଟ ଶାଖା ଜରିଆରେ ଏହି ବଣ୍ଡ ବିକ୍ରି ହୋଇଥାଏ। ୧୫ ଦିନ ମଧ୍ୟରେ ରାଜନୈତିକ ଦଳଗୁଡ଼ିକ ଏହାକୁ ନ ମୁକୁଳାଇଲେ, ତାହା ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିକୁ ଚାଲିଯାଇଥାଏ।

### ଇଲେକ୍ଟୋରାଲ ବଣ୍ଡ ମାମଲାର ଘଟଣାକ୍ରମ

ଇଲେକ୍ଟୋରାଲ ବଣ୍ଡ ଯୋଜନାର ବୈଧତା ସମ୍ପର୍କିତ ମାମଲାର ଘଟଣାକ୍ରମ ନିମ୍ନରେ ଦିଆଗଲା।

- **୨୦୧୭:** ଅର୍ଥ ବିଲ୍‌ରେ ଇଲେକ୍ଟୋରାଲ ବଣ୍ଡ ଯୋଜନା ଅଣାଯାଇଥିଲା।
- **୨୦୧୭ ସେପ୍ଟେମ୍ବର ୧୪:** ଉକ୍ତ ଯୋଜନାକୁ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ ନାମକ ଏନ୍‌ଜିଓ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା।
- **୨୦୧୭ ଅକ୍ଟୋବର ୩:** ଏନ୍‌ଜିଓର ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଉପରେ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନଙ୍କୁ ସର୍ବୋଚ୍ଚ ଅଦାଲତ ନୋଟିସ ଜାରି କରିଥିଲେ।
- **୨୦୧୮ ଜାନୁଆରୀ ୨:** ଇଲେକ୍ଟୋରାଲ ବଣ୍ଡ ଯୋଜନା ଉପରେ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ।
- **୨୦୨୨ ନଭେମ୍ବର ୭:** ଯୋଜନାରେ ସଂଶୋଧନ କରାଯାଇ ଇଲେକ୍ଟୋରାଲ ବଣ୍ଡ ବିକ୍ରି ସମୟକୁ ବର୍ଷକରେ ୭୦ ଦିନରୁ ୮୫ ଦିନକୁ ବଢ଼ାଯାଇଥିଲା।
- **୨୦୨୩ ଅକ୍ଟୋବର ୧୬:** ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଉକ୍ତ ମାମଲାକୁ ୫ ଜଣିଆ ସାମ୍ବିଧାନିକ ପୀଠକୁ ପଠାଇଥିଲେ।
- **୨୦୨୩ ଅକ୍ଟୋବର ୩୧:** ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ଜନସ୍ୱାର୍ଥ ମାମଲାର ଶୁଣାଣି ଆରମ୍ଭ କରିଥିଲେ।
- **୨୦୨୩ ନଭେମ୍ବର ୨:** ସର୍ବୋଚ୍ଚ ଅଦାଲତ ରାୟ ସଂରକ୍ଷିତ ରଖିଥିଲେ।
- **୨୦୨୪ ଫେବୃଆରୀ ୧୫:** ମତବ୍ୟକ୍ତ ଓ ତଥ୍ୟ ଜାଣିବା ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ କରୁଥିବା ଦର୍ଶାଇ ସୁପ୍ରିମକୋର୍ଟ ଇଲେକ୍ଟୋରାଲ ବଣ୍ଡ ଯୋଜନାକୁ ରଦ୍ଦ କଲେ।

## ଗଣତନ୍ତ୍ର ପାଇଁ ବରଦାନ: ପୂର୍ବତନ ସିଇସି

ଇଲେକ୍ଟୋରାଲ ବଣ୍ଡ ଯୋଜନାକୁ ରଦ୍ଦ କରିବା ପାଇଁ ସୁପ୍ରିମକୋର୍ଟଙ୍କ ରାୟ ଗଣତନ୍ତ୍ର ପାଇଁ ଏକ ବଡ଼ ବରଦାନ ବୋଲି ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏସ୍.ୱାଇ. କୁରେଶୀ କହିଛନ୍ତି। ଏହା ଗଣତନ୍ତ୍ର ଉପରେ ଲୋକମାନଙ୍କ ଆସ୍ଥାକୁ ପୁନଃସ୍ଥାପିତ କରିବ ବୋଲି ସେ ମତ ଦେଇଛନ୍ତି। ଗତ ୫-୭ ବର୍ଷ ମଧ୍ୟରେ ସୁପ୍ରିମକୋର୍ଟଙ୍କର ଏହା ସବୁଠୁ ଐତିହାସିକ ରାୟ ବୋଲି ସେ କହିଛନ୍ତି। ବହୁ ବର୍ଷ ହେଲା ଗଣତନ୍ତ୍ରକୁ ନେଇ ଆମେ ସମସ୍ତେ ଚିନ୍ତାରେ ଥିଲୁ। ଯେଉଁମାନେ



ଏସ୍.ୱାଇ. କୁରେଶୀ ଏନ୍. ଗୋପାଳସ୍ୱାମୀ

ଗଣତନ୍ତ୍ରକୁ ଭଲପାଆନ୍ତି, ସେମାନେ ଇଲେକ୍ଟୋରାଲ ବଣ୍ଡ ବ୍ୟବସ୍ଥାକୁ ବିରୋଧ କରୁଥିଲେ। କୁରେଶୀ ୨୦୧୦ ଜୁନ୍‌ରୁ ୨୦୧୨ ଜୁନ୍ ପର୍ଯ୍ୟନ୍ତ ସିଇସି ରହିଥିଲେ। ସେ ବହୁ ସମୟରେ ଏହା ଉପରେ ଲେଖିବା ସହ ଗଣମାଧ୍ୟମରେ ଅସନ୍ତୋଷ ପ୍ରକାଶ କରୁଥିଲେ ବୋଲି କହିଛନ୍ତି।

ସେହିପରି ଇଲେକ୍ଟୋରାଲ ଚାନ୍ଦା ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାକୁ ହେଲେ ଆହୁରି ବହୁ ବାଟ ଯିବାକୁ ଅଛି ବୋଲି ଅନ୍ୟତମ ପୂର୍ବତନ ସିଇସି ଏନ୍. ଗୋପାଳସ୍ୱାମୀ କହିଛନ୍ତି। କାରଣ ଗୋଟିଏ ବ୍ୟବସ୍ଥା ଗଲେ ଅନ୍ୟଟି ଆସିବ। ଏହାକୁ କ୍ୟାଶ୍‌ରେ ବଦଳାଯିବ ଏବଂ ପୂର୍ବାପେକ୍ଷା ଅଧିକ ପ୍ରଚଳିତ ହେବ ବୋଲି ସେ କହିଛନ୍ତି। ୨୦୦୬ ଜୁନ୍‌ରୁ ୨୦୦୯ ଏପ୍ରିଲ ପର୍ଯ୍ୟନ୍ତ ଗୋପାଳସ୍ୱାମୀ ସିଇସି ରହିଥିଲେ।

## ଅଜିତ ଗୋଷ୍ଠୀ ବିଧାୟକଙ୍କ ସଦସ୍ୟତା ରଦ୍ଦ ହେବନି

### ଆବେଦନ ଖାରଜ କଲେ ବାଚସ୍ପତି

**ମୁମ୍ବାଇ,୧୫।୨:** ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ବିଧାୟକମାନଙ୍କ ସଦସ୍ୟତା ରଦ୍ଦ କରିବା ପାଇଁ ଶରଦ ପାୱାର ଗୋଷ୍ଠୀ ପକ୍ଷରୁ କରାଯାଇଥିବା ଆବେଦନକୁ ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ରାହୁଲ ନରୱେକର ଗୁରୁବାର ଖାରଜ କରିଦେଇଛନ୍ତି। ଅଜିତ୍‌ଙ୍କ ନେତୃତ୍ୱରେ ଉକ୍ତ ବିଧାୟକମାନେ ଗତବର୍ଷ ଜୁନ୍‌ରେ ଅଲଗା ହୋଇଯାଇ ଭାଜପା-ଶିବସେନା ସରକାରରେ ସାମିଲ ହୋଇଥିଲେ। ଏହା ଦଳର ଇଚ୍ଛା ବୋଲି ଦର୍ଶାଇ ସେମାନେ ଶରଦ ପାୱାରଙ୍କ ବିରୋଧରେ ବିଦ୍ରୋହ କରିଥିଲେ। ତେଣୁ ସେମାନଙ୍କ ସଦସ୍ୟତାକୁ ରଦ୍ଦ କରାଯାଇପାରିବ ନାହିଁ ବୋଲି ନରୱେକର କହିଛନ୍ତି। ଗତ ସପ୍ତାହରେ ନିର୍ବାଚନ କମିଶନ ମଧ୍ୟ ଅଜିତ ପାୱାର ଗୋଷ୍ଠୀକୁ ଅସଲି ଏନ୍‌ସିପି ଭାବେ ସ୍ୱୀକୃତି ଦେବା ସହ ଦଳୀୟ ଚିହ୍ନ ପ୍ରଦାନ କରିଥିଲେ। ପରେ ଶରଦ ପାୱାରଙ୍କ ଗୋଷ୍ଠୀକୁ 'ନ୍ୟାଶନାଲ କଂଗ୍ରେସ ପାର୍ଟି ଶରଦଚନ୍ଦ୍ର ପାୱାର' ଭାବେ ନାମିତ କରାଯାଇଥିଲା।

## ଏକାକୀ ଲଢ଼ିବ ଏନ୍‌ସି: ଫାରୁକ ଅବଦୁଲ୍ଲା

**ଶ୍ରୀନଗର, ୧୫।୨**

ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଇଣ୍ଡିଆ ମେଣ୍ଟକୁ ଆଉ ଏକ ବଡ଼ ଝଟ୍‌କା ଲାଗିଛି। ଜମ୍ମୁ କାଶ୍ମୀରରେ ଏକାକୀ ଲଢ଼ିବା ନେଇ ନ୍ୟାଶନାଲ କନ୍‌ଫରେନ୍ସ(ଏନ୍‌ସି)ର ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା ଘୋଷଣା କରିଛନ୍ତି। ସେହିପରି ଜମ୍ମୁ କଶ୍ମୀରରେ ଲୋକ ସଭା ସହ ବିଧାନସଭା ନିର୍ବାଚନକୁ ମିଳିତ ଭାବେ କରିବାକୁ ସେ ଦାବି କରିଛନ୍ତି। ତେବେ ଫାରୁଖଙ୍କ ବୟାନକୁ ନେଇ ସ୍ପଷ୍ଟୀକରଣ ରଖିଛନ୍ତି ତାଙ୍କ ପୁଅ ତଥା ଜମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା। ଏବେ ମଧ୍ୟ ଏନ୍‌ସି ଇଣ୍ଡିଆ ମେଣ୍ଟରେ ରହିଥିବା ସେ କହିଛନ୍ତି। କଂଗ୍ରେସ ସହ ଆସନ ବୁଝାମଣା ନେଇ ବିଳମ୍ବ ହୋଇଥିବା ସ୍ୱୀକାର କରିବା ସହ ଏନେଇ ଏବେ ମଧ୍ୟ ଆଲୋଚନା ଜାରି ରହିଥିବା ସେ ସୂଚନା ଦେଇଛନ୍ତି। ଜମ୍ମୁ କଶ୍ମୀର ଓ ଲଦାଖର ୬ ଆସନ ମଧ୍ୟରୁ ଇଣ୍ଡିଆ ମେଣ୍ଟରେ ୩ଟି ଆସନରେ ଲଢ଼ିବା ନେଇ ଦାବି କରି ଆସୁଛି ଏନ୍‌ସି। ସୂଚନାଯୋଗ୍ୟ, ପୂର୍ବରୁ ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଓ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏକାକୀ ଲଢ଼ିବାକୁ ନିଷ୍ପତ୍ତି ନେଇ ଇଣ୍ଡିଆ ମେଣ୍ଟକୁ ଝଟ୍‌କା ଦେଇଥିଲେ।

## ରଙ୍ଗ କାରଖାନାରେ ନିଆଁ: ୭ ମୃତ

**ନୂଆଦିଲ୍ଲୀ, ୧୫।୨:** ଦିଲ୍ଲୀର ଅଲିପୁରସ୍ଥିତ ଏକ ରଙ୍ଗ କାରଖାନାରେ ଗୁରୁବାର ସନ୍ଧ୍ୟାରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୭ ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ତେବେ ଏହି ଅଗ୍ନିକାଣ୍ଡରେ ୩ ଜଣ ଆହତ ହୋଇଥିବାବେଳେ ସେମାନଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଦମକଳ ବାହିନୀର ୨୨ଟି ଟିମ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଛନ୍ତି। କାରଖାନାରେ ଲାଗିଥିବା ଏହି ଅଗ୍ନିକାଣ୍ଡ ଭୟଙ୍କର ହୋଇଥିବା କହି ଏହା ମଧ୍ୟରେ କାର୍ଯ୍ୟ କରୁଥିବା କିଛି କର୍ମଚାରୀ ବାହାରକୁ ଆସିବାକୁ ସୁଯୋଗ ପାଇ ନ ଥିବା ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଥିଲେ। ତେବେ ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କର ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିପାରିନାହିଁ। ରଙ୍ଗ କାରଖାନାର ଆଖପାଖରେ ଥିବା ଦୋକାନଗୁଡ଼ିକୁ ମଧ୍ୟ ନିଆଁ ବ୍ୟାପି କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିଛି।


ହରିୟାଣା ପୋଲିସର କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ପଞ୍ଜାବର ରାଜପୁରାଠାରେ ଚାଷୀମାନେ ଗୁରୁବାର ରେଳ ଧାରଣା ଉପରେ ବସି ରେଳରୋକୋ କରୁଛନ୍ତି।

## କୃଷକ ନେତାଙ୍କ ସହ ସରକାରଙ୍କ ଆଲୋଚନା ଜାରି

**ଚଣ୍ଡିଗଡ଼,୧୫।୨(ପି.ଟି.)**

କେନ୍ଦ୍ର ସରକାରଙ୍କ ତରଫରୁ ୩ କେନ୍ଦ୍ରମନ୍ତ୍ରୀ ଗୁରୁବାର ସନ୍ଧ୍ୟାରେ ଆନ୍ଦୋଳନକାରୀ କୃଷକ ସଂଗଠନଗୁଡ଼ିକର ନେତାମାନଙ୍କ ସହ ଆଲୋଚନା କରିଛନ୍ତି। ପଞ୍ଜାବ-ହରିୟାଣା ସୀମାର ଦୁଇଟି ସ୍ଥାନରେ ଆନ୍ଦୋଳନକାରୀ ଚାଷୀ ଏବଂ ସୁରକ୍ଷା ବଳ ମଧ୍ୟରେ ମୁହାଁମୁହିଁ ଅବସ୍ଥା ସୃଷ୍ଟି ହୋଇଥିବାବେଳେ ଚାଷୀଙ୍କୁ ଶାନ୍ତ କରାଇବା ପାଇଁ ତୃତୀୟ ପର୍ଯ୍ୟାୟ କଥାବାର୍ତ୍ତା ଚାଲିଛି। ପୂର୍ବରୁ ଗତ ୮ ଏବଂ ୧୨ ତାରିଖରେ ଆଲୋଚନା ବିଫଳ ହୋଇଥିଲା।

ଚଣ୍ଡିଗଡ଼ର ସେକ୍ଟର ୨୬ସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଆଡମିନିଷ୍ଟ୍ରେଶନଠାରେ ଚାଲିଥିବା ଏହି ଆଲୋଚନାରେ କେନ୍ଦ୍ର ପକ୍ଷରୁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡା, ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଭାଗ ନେଇଥିବାବେଳେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ସାମିଲ ହୋଇଛନ୍ତି। କୃଷକ ନେତାମାନଙ୍କ ମଧ୍ୟରେ ଅଛନ୍ତି ଏସ୍‌ଏମ୍‌କେ (ଅଣରାଜନୈତିକ) ନେତା ଜଗଜିତ ସିଂ ଦଲେୱାଲ, କିଷାନ ମଜଦୁର ସଂଘର୍ଷ କମିଟି ସାଧାରଣ ସମ୍ପାଦକ ସରୱନ ସିଂ ପାନ୍ଧେର ଆଲୋଚନାରେ ଭାଗ ନେଇଛନ୍ତି। ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ନେଇ କୃଷକ ସଂଗଠନଗୁଡ଼ିକର ୧୩ ତାରିଖରୁ ଦିଲ୍ଲୀ ଚଲୋ ଅଭିଯାନ ଆରମ୍ଭ ହୋଇଥିଲା। ହରିୟାଣାର ଶମ୍ଭୁ ଏବଂ ଖନୌରୀ ସୀମାରେ ସୁରକ୍ଷା ବଳ ସେମାନଙ୍କୁ ଅଟକାଇବା ପରେ ସେମାନେ ସେଠାରେ ଡେରାପକାଇ ରହିଛନ୍ତି।

## ପଞ୍ଜାବରେ ଚାଷୀଙ୍କ ରେଳରୋକୋ

**ଲୁଧିଆନା,୧୫।୨(ପି.ଟି.)**

କୃଷକମାନଙ୍କ ଦିଲ୍ଲୀ ଚଲୋ ଆନ୍ଦୋଳନବେଳେ ହରିୟାଣା ପୋଲିସ କାର୍ଯ୍ୟାନୁଷ୍ଠାନ ବିରୋଧରେ ପଞ୍ଜାବର ଚାଷୀମାନେ ଗୁରୁବାର ବିଭିନ୍ନ ସ୍ଥାନରେ ରେଳଧାରଣାରେ ବସିରହିବାରୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦିଲ୍ଲୀ-ଅମୃତସର ରୁଟ୍‌ରେ ଚଳାଚଳ କରୁଥିବା କେତେକ ଟ୍ରେନ୍‌କୁ ଅନ୍ୟ ରୁଟ୍‌ରେ ଚଳାଯାଇଛି। ଦିଲ୍ଲୀରୁ ଆସୁଥିବା ଶତାବ୍ଦୀ ଏବଂ ଶାନ୍-ଇ-ପଞ୍ଜାବ ଏକ୍ସପ୍ରେସ୍ ଟ୍ରେନ୍ ଲୁଧିଆନାଠାରେ ଅଟକି ରହିଥିଲା। ଚାଷୀମାନେ କେତେକ ଟୋଲ୍ ପ୍ଲାଜାରେ ଧାରଣା ଦେବାରୁ ଟୋଲ ସଂଗ୍ରହ ବାଧାପ୍ରାପ୍ତ ହୋଇଛି। ଭାରତୀୟ କିଷାନ ୟୁନିଅନ (ଏକତା ଉଗ୍ରହନ) ଏବଂ ବିକେୟୁ ଡାକୁନ୍ଦା ପକ୍ଷରୁ ପଞ୍ଜାବର ବିଭିନ୍ନ ସ୍ଥାନରେ ୪ ଘଣ୍ଟା ରେଳରୋକୋ ଡାକରା ଦିଆଯାଇଥିଲା। ମଧ୍ୟାହ୍ନ ୧୨ଟାରୁ ଚାଷୀମାନେ ରେଳଧାରଣାରେ ବସିରହିଥିଲେ।

## ୮ ଭାରତୀୟଙ୍କ ମୁକ୍ତି ପାଇଁ କାତାର ଅମିରଙ୍କୁ ଧନ୍ୟବାଦ ଦେଲେ ମୋଦି

**ଦୋହା,୧୫।୨(ପି.ଟି.):** ଗୁପ୍ତଚରଗିରି ଅଭିଯୋଗରେ ୨୦୨୨ ଅଗଷ୍ଟରୁ ଗିରଫ ହୋଇ କାତାରରେ ବନ୍ଦୀ ଥିବା ଭାରତର ୮ ପୂର୍ବତନ ନୌସେନା ଅଧିକାରୀଙ୍କୁ ମୁକ୍ତ କରିଦିଆଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କାତାର ଅମିର ଶେଖ ତମିମ ବିନ୍ ହମାଦ ଅଲ୍‌ଥାନିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅମିରଙ୍କ ସହ ଆଲୋଚନା ବେଳେ ମୋଦି ବାଣିଜ୍ୟ, ଶକ୍ତି, ପୁଞ୍ଜିନିବେଶ ଓ ନୂତନ ପ୍ରଯୁକ୍ତି ଆଦି କ୍ଷେତ୍ରରେ ଭାରତ-କାତାର ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଉପସାଗରୀୟ ରାଷ୍ଟ୍ରରେ ଭାରତୀୟମାନଙ୍କ କଲ୍ୟାଣ ପାଇଁ ଅମିରଙ୍କ ସହଯୋଗକୁ ମୋଦି ଧନ୍ୟବାଦ ଜଣାଇଥିଲେ।

**ଫୁର୍‌ସତ**

## ରେକର୍ଡ ଭାଙ୍ଗିଲା ଭାଲେଣ୍ଟାଇନ୍ ୱିକ୍

**ନୂଆଦିଲ୍ଲୀ**




୭ ଫେବୃଆରୀରୁ ଆରମ୍ଭ ହେଉଥିବା ଭାଲେଣ୍ଟାଇନ ସପ୍ତାହକୁ ନେଇ ଦେଶର ଯୁବପିଢ଼ିଙ୍କ ମନରେ ଅନେକ ଉତ୍କଣ୍ଠା ଲାଗି ରହିଥାଏ। ଏହି ଭାଲେଣ୍ଟାଇନ ୱିକ୍‌ରେ ପରସ୍ପରକୁ ଉପହାର ଦେବାକୁ ପସନ୍ଦ କରିଥାନ୍ତି ପ୍ରେମୀଯୁଗଳ। ତେବେ ଚଳିତବର୍ଷ ଭାଲେଣ୍ଟାଇନ୍ ସପ୍ତାହରେ ପ୍ରେମୀଯୁଗଳ ପରସ୍ପରକୁ ନିଜର ପ୍ରେମ ପ୍ରକାଶ କରିବାର କୌଣସି ମଧ୍ୟ ସୁଯୋଗ ହାତଛଡ଼ା କରିନାହାନ୍ତି। ଏହି କାରଣରୁ ଚଳିତବର୍ଷ ଭାଲେଣ୍ଟାଇନ୍ ସପ୍ତାହରେ ବିଭିନ୍ନ ଉପହାର ସମେତ ରେକର୍ଡ ସଂଖ୍ୟକ ଗୋଲାପ ଫୁଲ ଏବଂ ଚକୋଲେଟ୍ ବିକ୍ରି ହୋଇପାରିଛି। ପ୍ରେମୀଯୁଗଳ ବିଭିନ୍ନ ଇ-କମର୍ସ ପ୍ଲାଟଫର୍ମ ମାଧ୍ୟମରେ ଏନେଇ ରେକର୍ଡ ସଂଖ୍ୟକ ଅର୍ଡର ଗ୍ରହଣ କରିଥିଲେ। ଭାଲେଣ୍ଟାଇନ୍ ସପ୍ତାହରେ, ପ୍ରତି ମିନିଟରେ ୩୫୦ଟି ଗୋଲାପ ଫୁଲ ସହ ୪୦୬ଟି ଚକୋଲେଟ୍ କିଣାଯାଉଥିବା ବିଭିନ୍ନ ଇ-କମର୍ସ ପ୍ଲାଟଫର୍ମ ନିକଟରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ସେହିପରି ୯ ଫେବୃଆରୀରେ ଚକୋଲେଟ୍ ଡେ ଅବସରରେ ପ୍ରତି ମିନିଟରେ ହାରାହାରି ୪୦୬ଟି ଚକୋଲେଟ୍ ଅର୍ଡର ମିଳିଥିଲା। ଏନେଇ ଖାଦ୍ୟ ବିତରଣ ପ୍ଲାଟଫର୍ମ ଜୋମାଟୋ ଦ୍ୱାରା ସୂଚନା ଦିଆଯାଇଛି। ସେହିପରି ଭାଲେଣ୍ଟାଇନ ୱିକରେ ପ୍ରତି ମିନିଟରେ ହାରାହାରି ୩୫୦ ଗୋଲାପର ଅର୍ଡର ଆସୁଥିବା ସୂଚନା ଦେଇଛି ଗିଫ୍ଟ ପ୍ଲାଟଫର୍ମ ଏଫ୍‌ଏନ୍‌ପି ଇ-ରିଟେଲ। କେବଳ ଏତିକି ନୁହେଁ, ଭାଲେଣ୍ଟାଇନ ୱିକ ଉପଲକ୍ଷେ ଚଳିତବର୍ଷ ପ୍ରତି ମିନିଟରେ ଅନଲାଇନ୍ କେକ୍ ଅର୍ଡର ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଥିବା କହିଛନ୍ତି ଖାଦ୍ୟ ବିତରଣ ପ୍ଲାଟଫର୍ମ ସ୍ୱିଗିର ସିଇଓ ରୋହିତ କପୁର। ଚଳିତବର୍ଷ ଭାଲେଣ୍ଟେଇନ ୱିକରେ ସର୍ବାଧିକ କେକ୍ ଅର୍ଡର ହୋଇଥିବା ସେ ସୂଚନା ଦେଇଛନ୍ତି।

## ଶକ୍ତିମାନ୍ ଭୂମିକାରେ ନଜର ଆସିବେ ରଣବୀର

**ମୁମ୍ବାଇ:** ନବେ ଦଶକର ସୁପରହିଟ୍ ଶୋ 'ଶକ୍ତିମାନ୍' ଖୁବ୍‌ଶୀଘ୍ର ବଡ଼ ପରଦାରେ ଦେଖିବାକୁ ମିଳିବ। ମୁକେଶ ଖାନ୍ନାଙ୍କ ଦ୍ୱାରା ଅଭିନୀତ ଏହି ଶୋ' ଏକଦା ଭାରତୀୟ ଦର୍ଶକଙ୍କ ମଧ୍ୟରେ ରାଜୁତି କରିଥିଲା। ତେଣୁ ଏହି ସୁପରହିଟ୍ ଶୋ'କୁ ବଡ଼ ପରଦାକୁ ଆଣିବା ପାଇଁ ଦୀର୍ଘ ସମୟ ଧରି ଆଲୋଚନା ହୋଇଆସୁଛି। ତେବେ 'ଶକ୍ତିମାନ୍' ଭୂମିକାରେ କିଏ ଅଭିନୟ କରିବେ ସେନେଇ ପ୍ରଶ୍ନ ଲାଗି ରହିଥିଲା। ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଏହି ଭୂମିକାରେ ବଲିଉଡ ଷ୍ଟାର ରଣବୀର ସିଂ ଅଭିନୟ କରିବେ। ରିପୋର୍ଟ ଅନୁଯାୟୀ 'ଶକ୍ତିମାନ୍' ଟିଭି ଶୋ' ଉପରେ ଆଧାର କରି ଏକ ଫିଲ୍ମ ନିର୍ମାଣ କରାଯିବ, ଯାହା ମୁଖ୍ୟତଃ ତିନି ଭାଗରେ ପ୍ରସ୍ତୁତ ହେବ। ଏହି ଚଳଚ୍ଚିତ୍ରରେ ରଣବୀର ସିଂ ମୁଖ୍ୟ ଭୂମିକାରେ ନଜର ଆସିବେ। ଏଥିରେ ରଣବୀର ମୁକେଶ ଖାନ୍ନାଙ୍କ ପରି ସୁପର ହିରୋ 'ଶକ୍ତିମାନ୍' ଭୂମିକାରେ ଅଭିନୟ କରିବେ। ଏହି ଚଳଚ୍ଚିତ୍ରର ଶୁଟିଂ ଆସନ୍ତା ବର୍ଷ ଆରମ୍ଭ ହେବା ନେଇ ସୂଚନା ମିଳୁଛି। ରଣବୀର ସିଂଙ୍କୁ ଶେଷ ଥର ପାଇଁ 'ରକି ଔର ରାନୀ କି ପ୍ରେମ କାହାନି'ରେ ଦେଖିବାକୁ ମିଳିଥିଲା। ତେବେ ରଣବୀରଙ୍କ ଆଗାମୀ ଚଳଚ୍ଚିତ୍ର ମଧ୍ୟରେ ଫରହାନ୍ ଅଖତରଙ୍କ 'ଡନ୍-୩' ଏବଂ ରୋହିତ ଶେଟ୍ଟୀଙ୍କ ଫିଲ୍ମ 'ସିଙ୍ଘମ୍' ରହିଛି। ତେବେ 'ଡନ୍-୩'ର ଶୁଟିଂ ସରିବା ପରେ ରଣବୀର ଶକ୍ତିମାନ୍‌ର ଶୁଟିଂ ଆରମ୍ଭ କରିବା ନେଇ ସୂଚନା ମିଳିଛି।


ରଣବୀର ସିଂ

ଧରିତ୍ରୀ
DHARITRI



## ସ୍ତ୍ରୀଙ୍କ ବିରୋଧରେ ଥାନାରେ ନୀତୀଶ ଭରଦ୍ୱାଜ

ଅଭିନେତା ନୀତୀଶ ଭରଦ୍ୱାଜ ସ୍ତ୍ରୀ ସ୍ମିତାଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି।

୦୩

୦୪

## ଏଲିଟ୍ କ୍ଲବରେ ଜାଡେଜା

ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ତୃତୀୟ ଭାରତୀୟ କ୍ରିକେଟର ଭାବେ ୩୦୦୦ ରନ୍ ଓ ୨୦୦ ଉଇକେଟ ଏଲିଟ୍ କ୍ଲବରେ ସାମିଲ ହୋଇଛନ୍ତି।



# ଉତ୍ତମ ଯୋଗାଯୋଗ ବିକାଶର ଆଧାର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୨(ଅନିଲ ଦାସ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର 'ଆମ ବସ୍‌ଷ୍ଟାଣ୍ଡ' ଯୋଜନାରେ ୧୩ ଜିଲାରେ ୨୦ଟି ନବନିର୍ମିତ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କରିଛନ୍ତି। ଏହି ଜିଲାଗୁଡ଼ିକ ହେଲା- ଅନୁଗୋଳ, ବାଲେଶ୍ୱର, ବୌଦ୍ଧ, ଢେଙ୍କାନାଳ, ଗଜପତି, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁର। ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୋଗାଯୋଗ ହେଉଛି ବିକାଶର ଆଧାର। ଏହା ହେଉଛି ଅର୍ଥନୀତିର ମୁଖ୍ୟ ଶକ୍ତି। ଗାଁରୁ ସହର ସବୁଆଡ଼େ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆମର ଲକ୍ଷ୍ୟ ରହିଛି। ୫-ଟି ଉପକ୍ରମରେ ଯୋଗାଯୋଗ ଭିତ୍ତିଭୂମି ଓ ସାଧାରଣ ପରିବହନ ବ୍ୟବସ୍ଥାର ବିକାଶ କରାଯାଉଛି। ଗାଁକୁ ଲକ୍ଷ୍ମୀ ଯୋଜନାରେ ବ୍ଲକ ସହ ଯୋଡ଼ାଯାଉଛି। ଭୁବନେଶ୍ୱରରେ ମେଟ୍ରୋ ରେଳ ଯୋଜନା ଆରମ୍ଭ ହୋଇଛି। ଯୋଗାଯୋଗରେ ଉନ୍ନତି ହେଲେ ଲୋକଙ୍କ ରୋଜଗାର ବଢ଼ିବା ସହ ଚାଷୀମାନେ ଲାଭବାନ ହେବେ। ପିଲାଙ୍କ ପାଠପଢ଼ାରେ ସୁବିଧା ହେବ ବୋଲି ସେ କହିଛନ୍ତି। ନୂଆ ବସ୍‌ଷ୍ଟାଣ୍ଡଗୁଡ଼ିକ ବ୍ୟବସାୟ କେନ୍ଦ୍ର ଭାବେ ଧୀରେ ଧୀରେ ବିକଶିତ ହେବ। ଏହା ଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇବ। ସାଧାରଣ ପରିବହନ ଭିତ୍ତିଭୂମିକୁ ମଜଭୁତ କରିବା ସହିତ ଲୋକମାନେ ଯେପରି ଏହି ସାଧାରଣ ପରିବହନ ବ୍ୟବସ୍ଥାକୁ ବହୁଳ ଭାବେ ବ୍ୟବହାର କରିବେ ସେଥିପାଇଁ ସମସ୍ତଙ୍କୁ ସଚେତନ କରିବା ଆବଶ୍ୟକ। ନୂଆ ବସ୍‌ଷ୍ଟାଣ୍ଡରେ ଲୋକମାନଙ୍କର ସୁରକ୍ଷା ସହିତ ସେଠାରେ ଉପଲବ୍ଧ ସାଧାରଣ ସୁବିଧା ସୁଯୋଗର ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଗ ନେଇ ତୃତୀୟ ମହଲା କନ୍‌ଫରେନ୍ସ ହଲ୍‌ରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ନୂଆପଡ଼ାଠାରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ମୁନିଗୁଡ଼ାଠାରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ହରଭଙ୍ଗାଠାରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ନୂଆ ବସ୍‌ଷ୍ଟାଣ୍ଡ ମାଧ୍ୟମରେ ଜନସାଧାରଣଙ୍କ ଗମନାଗମନକୁ ସୁବ୍ୟବସ୍ଥିତ କରାଯାଇଛି। ଏହି ବସ୍‌ଷ୍ଟାଣ୍ଡଗୁଡ଼ିକ ରାଜ୍ୟର ପରିବହନ ସେବା କ୍ଷେତ୍ରରେ ମାଇଲଖୁଣ୍ଟ ବୋଲି କହିଛନ୍ତି।

କାର୍ଯ୍ୟକ୍ରମକୁ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଗୋଟିଏ ସହରର ପରିଚୟ ସୃଷ୍ଟି ପାଇଁ ବସ୍‌ଷ୍ଟାଣ୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଏହି ବସ୍‌ଷ୍ଟାଣ୍ଡଗୁଡ଼ିକ ଜନସାଧାରଣଙ୍କ ସମ୍ପତ୍ତି। ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ ବିଭିନ୍ନ ଅଞ୍ଚଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ୫-ଟି ଉପକ୍ରମରେ ନିଆଯାଇଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭୋଗରାଇଠାରେ ବିଧାୟକ ଅନନ୍ତ ଦାସ, ସିମିଳିଗୁଡ଼ାଠାରେ ବିଧାୟକ ରଘୁରାମ ପଡ଼ାଲ, ବୀରମହାରାଜପୁରଠାରେ ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ କହିଛନ୍ତି ଯେ ନୂଆ ବସ୍‌ଷ୍ଟାଣ୍ଡ ଦ୍ୱାରା ସାଧାରଣ ଲୋକଙ୍କର ଗମନାଗମନ ବ୍ୟବସ୍ଥାରେ ଯେଉଁ ଅସୁବିଧା ଥିଲା ତାହା ଦୂର ହୋଇଛି। ଜନସାଧାରଣଙ୍କ ପାଇଁ ଏଭଳି ସୁବିଧାସୁଯୋଗ ଆଣି ଦେଇଥିବା ହେତୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି।

କାର୍ଯ୍ୟକ୍ରମରେ ଗଜପତି ଜିଲା ନୂଆଗଡ଼ 'ଆମ ବସ୍‌ଷ୍ଟାଣ୍ଡ'ରୁ ସ୍ଥାନୀୟ ବାସିନ୍ଦା ଆର୍ମିଏଲ ଏକ୍କା ଏବଂ କେନ୍ଦୁଝର ଜିଲା ହରିଚନ୍ଦନପୁର ଯୁକ୍ତ୩ ଛାତ୍ରୀ ଲକି ସାହୁ ତାଙ୍କ ଅଭିଜ୍ଞତା ବର୍ଣ୍ଣନା କରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଆମ ପାଇଁ ଏଭଳି ବସ୍‌ଷ୍ଟାଣ୍ଡ କରିଛନ୍ତି, ଯାହା ବଡ଼ ବଡ଼ ସହରରେ ଦେଖିବାକୁ ମିଳିଥାଏ। ଏଥିପାଇଁ ଆମେ ବହୁତ ଖୁସି ଓ କୃତଜ୍ଞ। ଲକି ସାହୁ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ଜରିଆରେ ମୋ ଭଳି ଅନେକ ଛାତ୍ରୀଛାତ୍ରଙ୍କର ସ୍କୁଲ, କଲେଜ ଯିବାଆସିବା ସମସ୍ୟା ଦୂର ହୋଇଛି। ଗରିବ ଘରର ଛାତ୍ରୀଛାତ୍ରଙ୍କ ପାଇଁ ଏହା ଏକ ବହୁତ ବଡ଼ ଉପହାର ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ଓଏସ୍‌ଆର୍‌ଟିସିର ସିଏମ୍‌ଡି ଦୀପ୍ତେଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### 'ଆମ ବସ୍‌ଷ୍ଟାଣ୍ଡ' ଯୋଜନା

- ୧୩ ଜିଲାରେ ୨୦ ନୂଆ ବସ୍‌ଷ୍ଟାଣ୍ଡ ଲୋକାର୍ପିତ
- ବସ୍‌ଷ୍ଟାଣ୍ଡଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ପାଇଁ ୫-ଟି ଅଧ୍ୟକ୍ଷଙ୍କ ଅନୁରୋଧ

# ଓଡ଼ିଶା ପାଇଁ ୬, ୬୦୦ କୋଟିର ପ୍ରକଳ୍ପ



କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ (ବାମରୁ), ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ।

ପୁରୀ,୧୫।୨(ଅଜିତ୍ ମହାନ୍ତି)

- ୨୮ ପ୍ରକଳ୍ପର ଶିଳାନ୍ୟାସ ଓ ଭୂମିପୂଜନ କଲେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ୍‌କରୀ
- ସିଦ୍ଧମହାବୀର ରେଳ ଓଭରବ୍ରିଜ, ସାତପଡ଼ା-ଜହ୍ନିକୁଦା ବ୍ରିଜ୍ ନିର୍ମାଣ ହେବ
- ୨୫୦୦୦ କୋଟିରେ ୩ ଇକୋନୋମିକ କରିଡରର ପରିଯୋଜନା

ଓଡ଼ିଶାକୁ ୬ହଜାର ୬ଶହ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି ମୋଦି ସରକାର। ଗୁରୁବାର ପୁରୀ ଶରଧାବାଲିଠାରେ ଆୟୋଜିତ ରାଷ୍ଟ୍ରୀୟ ରାଜମାର୍ଗ ପରିଯୋଜନା କାର୍ଯ୍ୟକ୍ରମ ଅନ୍ତର୍ଗତ ୨୮ଟି ଜାତୀୟ ରାଜପଥ ପ୍ରକଳ୍ପର ଶିଳାନ୍ୟାସ ଓ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ୍‌କରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଡ଼ି ହୋଇ ଏହି ୬୬୦୦ କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ ଓ ଭୂମିପୂଜନ କରିଛନ୍ତି। ଏହା ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ସହ ଓଡ଼ିଶା ସମେତ ଅନ୍ୟ ରାଜ୍ୟର ସଂଯୋଗୀକରଣକୁ ସୁଦୃଢ଼ କରିବା ପାଇଁ ଲାଭଦାୟକ ହେବ ବୋଲି ଗଡ଼କାରୀ ତାଙ୍କ ଅଭିଭାଷଣରେ କହିଛନ୍ତି।

୧୮୬ କି.ମି. ପରିବ୍ୟାପ୍ତ ୨ଟି ପ୍ରକଳ୍ପ ସହ ୩୮୨୮ କୋଟି ଟଙ୍କାର ୨୪୩ କି.ମି. ପରିବ୍ୟାପ୍ତ ୨୬ଟି ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେହିପରି ଦୀର୍ଘଦିନ ଧରି ଲୋକଙ୍କ ପ୍ରମୁଖ ଦାବି ରହିଥିବା ବହୁ ପ୍ରତୀକ୍ଷିତ ସିଦ୍ଧମହାବୀର ରେଳ ଓଭରବ୍ରିଜ ସହ କୃଷ୍ଣପ୍ରସାଦ ବ୍ଲକ୍‌ର ଲକ୍ଷ ଲକ୍ଷ ଲୋକଙ୍କୁ ଯୋଡ଼ିବାକୁ ସାତପଡ଼ା-ଜହ୍ନିକୁଦା ବ୍ରିଜ ନିର୍ମାଣ କରାଯିବ ବୋଲି ଗଡ୍‌କରୀ ଏହି ଅବସରରେ ଘୋଷଣା କରିଛନ୍ତି। ଲୋକାର୍ପିତ ଦୁଇଟି ପ୍ରକଳ୍ପ ମଧ୍ୟରେ ୧୫୨୨ କୋଟିର ୭୪ କି.ମି. ପରିବ୍ୟାପ୍ତ ଏନ୍‌ଏଚ୍-୧୬ର ଚଣ୍ଡିଖୋଲରୁ ଭଦ୍ରକ ଯାଏ ୬ଲେନିଂ ରାସ୍ତା ଏବଂ ୧୧୦୨.୬୩ କୋଟିର ୧୧୧ କି.ମି. ପରିବ୍ୟାପ୍ତ ଏନଏଚ୍-୪୯ର ବାହାରଗୋଡା-ସିଙ୍ଘରା ଯାଏ ୪ ଲେନିଂ ରାସ୍ତା ରହିଛି। ସେହିପରି ୨୬ଟି ପ୍ରମୁଖ ଏନ୍‌ଏଚ୍ ପ୍ରକଳ୍ପ ପାଇଁ ଭୂମି ପୂଜା କରାଯାଇଛି। ଏନ୍‌ଏଚ୍-୧୬ରେ ଛତ୍ରପୁରରୁ ଗୋପାଳପୁର ବନ୍ଦର ଯାଏ ପ୍ରକଳ୍ପ କାମ, ଏନ୍‌ଏଚ୍-୫୭ରେ ନୟାଗଡ଼ ଟାଉନ ବାଇପାସ୍ ନିର୍ମାଣ କାମ, ଖୋର୍ଦ୍ଧା ଟାଉନ ଓ ବାଘମାରୀ ଟାଉନ୍ ବାଇପାସ୍ କାମ, ଏନ୍‌ଏଚ୍-୨୬ରେ ଜୟପୁର ଟାଉନ୍ ଓ ବୋରିଗୁମ୍ମା ଟାଉନ ଖଣ୍ଡର ବାଇପାସ୍ କାମ, ଏନ୍‌ଏଚ୍-୬୩ରେ କୋଟପାଡ଼ ଟାଉନ ବାଇପାସ୍ କାମ, ଏନ୍‌ଏଚ୍-୫୩ରେ ରିଆମାଳ ବାଇପାସ କାମ, ଏନ୍‌ଏଚ୍-୧୫୭ରେ କଳିଙ୍ଗ ଘାଟି ପ୍ରଶସ୍ତୀକରଣ, ଏନ୍‌ଏଚ୍-୨୨୦ରେ କରଞ୍ଜିଆରୁ ପାଟନା ଖଣ୍ଡର ପ୍ରଶସ୍ତୀକରଣ, ଏନ୍‌ଏଚ୍-୨୬ର କୋରାପୁଟ- ସୁନଜୀ ଖଣ୍ଡରେ ୪ଟି କଲଭର୍ଟ ତିଆରି କାମ ଭଳି ମେଗା ପ୍ରକଳ୍ପ ଗୁଡ଼ିକର ଭୂମିପୂଜନ ଅନୁଷ୍ଠିତ ହୋଇଛି। ଏଥିସହିତ ୨୫୦୦୦ କୋଟିରେ ୩ଟି ଇକୋନୋମିକ କରିଡରର ମଧ୍ୟ ପରିଯୋଜନା କରାଯାଇଛି। ଆଗାମୀ ଦିନରେ ମାର୍ଚ୍ଚ ୨୪ରୁ ଭୁବନେଶ୍ୱରରେ ରିଙ୍ଗ ରୋଡ ନିର୍ମାଣ ଆରମ୍ଭ ହେବ। ୬୨୫୩ କୋଟିରେ ୧୧୧ କି.ମି. ପରିବ୍ୟାପ୍ତ ୬ ଲେନିଂ ରାସ୍ତା ନିର୍ମାଣ କରାଯିବ। ଫେଜ୍-୧ରେ ରାମେଶ୍ୱରରୁ ଗୋବିନ୍ଦପୁର ୪୦୨୬ କୋଟି ବ୍ୟୟରେ ୭୧ କି.ମି. ପରିବ୍ୟାପ୍ତ ୬ ଲେନ୍ ଏବଂ ଗୋବିନ୍ଦପୁରରୁ ଟାଙ୍ଗୀ ପ୍ରାୟ ୨୨୨୭ କୋଟିରେ ୪୦ କି.ମି. ୬ଲେନ ରାସ୍ତା ହେବ। ଫଳରେ ଭୁବନେଶ୍ୱର-ଖୋର୍ଦ୍ଧା-କଟକ ସଂଯୋଗୀକରଣ ସହ ଦେଢ଼ ଘଣ୍ଟା ସମୟ ବଞ୍ଚାଯାଇପାରିବ ବୋଲି ଗଡ୍‌କରୀ କହିଥିଲେ। କାର୍ଯ୍ୟକ୍ରମରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର, ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ବରିଷ୍ଠ ନେତା ଶଙ୍କର ପରିଡ଼ା, ମଧୁସୂଦନ ସିଂହାରୀ, ନେତ୍ରୀ ପ୍ରଭାତୀ ପରିଡା, ଉପାସନା ମହାପାତ୍ର ଏବଂ ଯୁବନେତା ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ୱଶୁର ଘରେ ସ୍ୱାଇଁଙ୍କୁ ହତ୍ୟା

ନୟାଗଡ଼/ଓଡ଼ଗାଁ,୧୫।୨
(ଲୋକନାଥ ମିଶ୍ର / ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା କୋମଣ୍ଡ ଛାମୁସାହିରେ ଶ୍ୱଶୁର ଘରର ମାଟି ତଳୁ ଗୁରୁବାର ରାତିରେ ସ୍ୱାଇଁଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ସ୍ୱାଇଁ ରୋହିବାଙ୍କ ନିବାସୀ ପ୍ରକାଶ ନାୟକ। ସେ ନିଖୋଜ ହେବାର ୧୦ ଦିନ ପରେ ମୃତଦେହ ମିଳିଛି। ପରକୀୟା ପ୍ରୀତିକୁ ନେଇ ସ୍ତ୍ରୀ ନିଜ ପ୍ରେମିକ ଓ ମା'ଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିବା ପରେ ଘରେ ପୋତି ଦେଇଥିଲେ। ଅପରାଧ ଲୁଚାଇବା ଓ ପ୍ରମାଣ ନଷ୍ଟ କରିବା ପାଇଁ ପୋତାଯାଇଥିବା ସ୍ଥାନରେ ଶିଳ, ଘୋରଣା ଆଦି କିଛି ଉପକରଣ ରଖାଯାଇଥିଲା। ଖବର ପାଇ ପୋଲିସ ଛାମୁସାହିରେ ପହଞ୍ଚି ଗୁରୁବାର ରାତିରେ ମାଟି ଖୋଳି ମୃତଦେହ ଜବତ କରିଛି। ଏଥିସହ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ, ତାଙ୍କ ପ୍ରେମିକ ପ୍ରତାପ ସାମଲ ଓରଫ ସୋନୁ ଓ ମା'ଉମୁଣି ପ୍ରଧାନଙ୍କୁ ଅଟକ ରଖି ତଦନ୍ତ କରୁଛି।

# ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଘରେ ଇଡି ଚଢ଼ାଉ

ଭଦ୍ରକ/ଭୁବନେଶ୍ୱର, ୧୫।୨
(ସନାତନ ରାଉତ/ ସତ୍ୟଜିତ୍ ରାଉତ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଘରେ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଚଢ଼ାଉ ହୋଇଛି। ଜିଲାର ୬ ଓ ଭୁବନେଶ୍ୱରର ୪ଟି ସ୍ଥାନରେ କେନ୍ଦ୍ରୀୟ ସୁରକ୍ଷା ବଳ ସହଯୋଗରେ ଇଡି ଅଧିକାରୀମାନେ ଏକକାଳୀନ ଯାଞ୍ଚ କରିଛନ୍ତି। ବରପଦା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ଦୁର୍ନୀତି ମାମଲାରେ ଇଡି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି। କଲେଜ ନାଁରେ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ପୂର୍ବରୁ ଅଭିଯୋଗ ରହିଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଭଦ୍ରକ ସହର ନୂଆବଜାରସ୍ଥିତ ବିଧାୟକଙ୍କ ବାସଭବନ, ସାବନ ବଜାରସ୍ଥିତ ଘର, ଭୁବନେଶ୍ୱର ପଳାଶପଲ୍ଲୀସ୍ଥିତ ଘର, ବରପଦା ଇଞ୍ଜିନିୟରିଂ କଲେଜ, ଟ୍ୟାକ୍ସ ଆଡ୍‌ଭୋକେଟ, କଲେଜ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ମନୋଜ ଗୋସ୍ୱାମୀଙ୍କ ଅପର୍ତ୍ତିବିନ୍ଧାସ୍ଥିତ ବାସଭବନ ଏବଂ ଦୁର୍ନୀତି ଲିଙ୍କ୍‌ରେ ଥିବା 'କ୍ରିଷ୍ଣା ସ୍କାଏସ୍କ୍ରାପର୍ ଲିଙ୍କ' କମ୍ପାନୀ ନିର୍ଦ୍ଦେଶକଙ୍କ ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ଘର ଆଦି ରହିଛି। ଯାଞ୍ଚ ସମୟରେ ଇଡି ଅଧିକାରୀମାନେ ମାମଲା ସଂକ୍ରାନ୍ତୀୟ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛନ୍ତି। ପୂର୍ବରୁ ସରକାରୀ ଥିବା ବରପଦା ଇଞ୍ଜିନିୟରିଂ କଲେଜକୁ ପରବର୍ତ୍ତୀ ସମୟରେ ଘରୋଇ କରାଯାଇ ସୋସାଇଟି ଜରିଆରେ ପରିଚାଳନା କରାଯାଉଥିଲା। ୨୦୦୮ରୁ କଲେଜ ପରିଚାଳନା କମିଟିର ସଭାପତି ଦାୟିତ୍ୱ ପ୍ରଫୁଲ୍ଲଙ୍କ ପୁଅ ପ୍ରୟାସକାନ୍ତି ସାମଲ ତୁଲାଉଛନ୍ତି। ତେବେ କଲେଜ ନାଁରେ ଏକାଧିକ ଦାମୀ ଗାଡ଼ି ଓ ଫ୍ଲାଟ୍ କିଣାଯାଇ ବହୁ ଟଙ୍କା ହଡ଼ପ ହୋଇଥିବା ଦର୍ଶାଇ କର୍ମଚାରୀମାନେ ବିଧାୟକ ଏବଂ ତାଙ୍କ ପୁଅଙ୍କ ବିରୋଧରେ ଆନ୍ଦୋଳନ କରିଆସୁଛନ୍ତି। ଏପରି କି କଲେଜର କେତେକ କର୍ମଚାରୀ ବକେୟା ଦରମା ନ ପାଇ ଦୀର୍ଘଦିନ ଧରି କଲେଜ ଗେଟ୍ ଆଗରେ ଆନ୍ଦୋଳନ କରିଥିଲେ। ଗତ ଡିସେମ୍ବର ୨୯ରେ ରାଜ୍ୟପାଳ ରଘୁବର ଦାସ ଭଦ୍ରକ ଗସ୍ତରେ ଯାଇ ବରପଦା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିବା ସମୟରେ କଲେଜର କେତେକ କର୍ମଚାରୀ ତାଙ୍କୁ ଏସଂକ୍ରାନ୍ତରେ ସ୍ମାରକପତ୍ର ଦେବା ସହ ଗୁହାରି ଜଣାଇଥିଲେ। ଏହାପରେ ଇଡି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ଚର୍ଚ୍ଚା ହେଉଛି। ଅପରପକ୍ଷରେ ଭଦ୍ରକ କୋର୍ଟର କେତେଜଣ ଆଇନଜୀବୀ ଓ ସମର୍ଥକ ଚଢ଼ାଉର କାରଣ ସମ୍ପର୍କରେ ଜାଣିବାକୁ ନୂଆବଜାରସ୍ଥିତ ବିଧାୟକଙ୍କ ବାସଭବନ ମଧ୍ୟକୁ ଯିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେମାନଙ୍କୁ ଯିବାକୁ ଦିଆଯାଇ ନ ଥିଲା। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିବା ସହ ରାଜନୈତିକ ଷଡ଼ଯନ୍ତ୍ର କରାଯାଇ ଏହି ଚଢ଼ାଉ କରାଯାଉଥିବା ଗଣମାଧ୍ୟମ ଜରିଆରେ କହିଛନ୍ତି। ଏ ସମ୍ପର୍କରେ ବିଧାୟକ ସାମଲ କହିଛନ୍ତି ଯେ, ଇଡି ପଚାରିଥିବା କେତେକ ପ୍ରଶ୍ନର ଉତ୍ତର ଦେଲି। ଆଗକୁ ନିର୍ବାଚନ ଥିବାରୁ ଆକ୍ରୋଶମୂଳକ ଭାବେ ଚଢ଼ାଉ କରାଯାଇଛି। ଇଞ୍ଜିନିୟରିଂ କଲେଜ ସହ ମୋର ଦୀର୍ଘଦିନ ଧରି କୌଣସି ସମ୍ପର୍କ ନ ଥିବାବେଳେ ପୁରୁଣା କଥାକୁ ନେଇ ଏପରି ଚଢ଼ାଉ କରାଯାଇଛି।



ଭଦ୍ରକର ସାବନ ବଜାରସ୍ଥିତ ଘର।

### ଭଦ୍ରକ, ଭୁବନେଶ୍ୱରର ୧୦ ସ୍ଥାନରେ ଯାଞ୍ଚ




# ଆତଙ୍କବାଦୀଙ୍କଠାରୁ ଦେୟ ସଂଗ୍ରହ କରୁଛି ଏକ୍ସ

ୱାଶିଂଟନ,୧୫।୨

ବିଶ୍ୱର ଦ୍ୱିତୀୟ ଧନୀବ୍ୟକ୍ତି ଏଲନ୍ ମସ୍କଙ୍କ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ' ଆତଙ୍କବାଦୀ ସଙ୍ଗଠନଗୁଡ଼ିକଠାରୁ ଦେୟ ସଂଗ୍ରହ କରୁଥିବା ଟେକ୍ ଟ୍ରାନ୍ସପରେନ୍ସି ପ୍ରୋଜେକ୍ଟ (ଟିଟିପି)ର ଏକ ରିପୋର୍ଟରୁ ଜଣାପଡ଼ିଛି। ଆତଙ୍କବାଦୀ ସଙ୍ଗଠନ ହେଜବୋଲ୍ଲାର ସଦସ୍ୟ ଓ ଅନ୍ୟମାନଙ୍କ ଆକାଉଣ୍ଟକୁ ଏକ୍ସ ବ୍ଲୁ ଚେକ୍ ମାର୍କ ଦେଇଛି। ଏକ୍ସ'ର ୟୁଜରମାନେ ମାସିକ ୮ ଡଲାର ପୈଠ କଲେ ସେମାନଙ୍କୁ ବ୍ଲୁ ଟିକ୍ ମିଳିଥାଏ। ଏହା ସେମାନଙ୍କ ପୋଷ୍ଟଗୁଡ଼ିକ ଭଲ ପ୍ରମୋଶନ କରାଇଥାଏ। ଉକ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ଏକ୍ସ କେତେକ ଟିକ୍‌କୁ ହଟାଇଦେଇଛି। ୨୦୨୨ରେ ମସ୍କ ଟୁଇଟରକୁ କିଣିବା ପରେ ଏହାକୁ ବ୍ୟବସାୟିକ କରିବା ପାଇଁ ବ୍ଲୁ ଟିକ୍ ମାର୍କର ବ୍ୟବସ୍ଥା କରିଥିଲେ। ଏଭଳି ବ୍ୟବସ୍ଥା ଯୋଗୁ ଭୁଲ୍ ପ୍ରଚାର ଅଧିକ ବଢ଼ିବା ସହ ଛଦ୍ମ ନାମଧାରୀମାନଙ୍କ ଦ୍ୱାରା ପ୍ଲାଟ୍‌ଫର୍ମର ଦୁରୁପଯୋଗ ହେବ ବୋଲି ସମାଲୋଚକମାନେ କହିଥିଲେ। ବ୍ଲୁ ବ୍ୟାଜ୍ ପାଇଥିବା ଅଧିକାଂଶ ୟୁଜର ସାମ୍ବାଦିକ, ରାଜନେତା ଓ ସେଲିବ୍ରିଟି। ଏହା ବ୍ୟତୀତ କଟକଣା ବା ଦଣ୍ଡର ସମ୍ମୁଖୀନ ହୋଇଥିବା ବ୍ୟକ୍ତି, ସମାଲୋଚିତ ହୋଇଥିବା କମ୍ପାନୀକୁ ମଧ୍ୟ ବ୍ଲୁ ବ୍ୟାଜ୍ ମିଳିଛି। ଫଳରେ ଭୁଲ୍ ବ୍ୟକ୍ତିଙ୍କୁ ଏକ୍ସରେ ସ୍ଥାନ ମିଳିବା ସହ ଆମେରିକାର କଟକଣା ଆଇନର ଉଲ୍ଲଂଘନ ହେଉଛି। ହୁତି ଆତଙ୍କବାଦୀ ସଙ୍ଗଠନ ଚଳାଉଥିବା ଅନସାର ଆଲ୍ଲାଙ୍କର ସୋସିଆଲ ମିଡିଆରେ ଏକ୍ସ'ରେ ଆକାଉଣ୍ଟ ରହିଛି। ସେ ବ୍ଲୁ ଚେକ୍ ମାର୍କ ପାଇଁ ଦେୟ ପୈଠ କରୁଥିଲେ। ଉକ୍ତ ଆକାଉଣ୍ଟର ୨୩ ହଜାରରୁ ଅଧିକ ଫଲୋର ରହିଥିବାବେଳେ ଏବେ ବ୍ଲୁ ଟିକ୍ ମାର୍କକୁ ହଟାଇ ଦିଆଯାଇଛି। ଲୋହିତ ସାଗରରେ ଅନ୍ତର୍ଜାତୀୟ ଜାହାଜଗୁଡ଼ିକୁ ଆକ୍ରମଣ କରୁଥିବା ହୁତି ବିରୋଧରେ ଆମେରିକା ଏବଂ ବ୍ରିଟେନ୍ କଟକଣା ଲଗାଇଛନ୍ତି। ସେହିପରି ହେଜବୋଲ୍ଲାର ମହାସଚିବ ହାସନ ନସ୍ରଲ୍ଲାଙ୍କ ନାଁ ଏବଂ ପ୍ରୋଫାଇଲ୍ ଥିବା ଏକ୍ସ ଆକାଉଣ୍ଟକୁ ବ୍ଲୁ ଟିକ୍ ମିଳିଥିଲା।






## ସଂକ୍ଷେପରେ

### ୨ ବାଘଛାଲ ଜବତ, ବେପାରୀ ଗିରଫ



**ଭୁବନେଶ୍ୱର,୧୫।୨(ସୂର୍ଯ୍ୟକାନ୍ତ ବେହେରା):** କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ସମ୍ବଲପୁର କୁଚିଣ୍ଡା-ବଣେଇଗଡ ରାସ୍ତାରେ ଚଢ଼ାଉକରି ୨ଟି କଲରାପତରିଆ ବାଘଛାଲ ଜବତ କରିବା ସହ ସମ୍ପୃକ୍ତ ଜଣେ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଦେବଗଡ ରୈମୁରା ଥାନା ଅଞ୍ଚଳର ସଂକୀର୍ତ୍ତନ ମୁଣ୍ଡା। ସେ ବାଘ ଛାଲ ଧରି ଛିଡା ହୋଇଥିବାବେଳେ ପୂର୍ବରୁ ତାଙ୍କ ଉପରେ ନଜର ରଖିଥିବା ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ଧରିଥିଲା। ଯାଞ୍ଚବେଳେ ତାଙ୍କ ନିକଟରୁ ବାଘଛାଲ ମିଳିଥିଲା। ତେବେ ବାଘଛାଲ ସଂକ୍ରାନ୍ତରେ ସେ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଏସ୍‌ଟିଏଫ ଏକ ମାମଲା (ନଂ.୮/୨୦୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଜବତ ବାଘ ଛାଲର ଯାଞ୍ଚ ପାଇଁ ଡେରାଡୁନ୍‌କୁ ପଠାଯିବ। ସେହିପରି ଅଭିଯୁକ୍ତ ଜଣକ ବାଘଛାଲ କେଉଁଠି ଆଣିଲେ,କାହାକୁ ବିକ୍ରି କରିଥାନ୍ତେ ତାହାର ତଥ୍ୟ ଜାଣିବା ପାଇଁ ଏସ୍‌ଟିଏଫ୍ ଅଧିକ ତଦନ୍ତ ଚଳାଇଥିବା ସୂଚନା ଦେଇଛି।

### ମାନସ ବେହେରା ଅଖିଳ ଭାରତ ବିଶ୍ୱବିଦ୍ୟାଳୟ ଓ କଲେଜ ସଂଘର ଜାତୀୟ ଉପସଭାପତି ନିର୍ବାଚିତ

**ଭୁବନେଶ୍ୱର,୧୫।୨(ଶର୍ମିଷ୍ଠା ପାଣିଗ୍ରାହୀ):** ଅଖିଳ ଭାରତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ ସଂଘର ୩୩ତମ ଜାତୀୟ ସମ୍ମିଳନୀ କାନପୁର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ୩ଦିନ ଧରି ଚାଲିଥିବା ଏହି ସମ୍ମିଳନୀକୁ ଉତ୍ତର ପ୍ରଦେଶର ଉପ ମୁଖ୍ୟମନ୍ତ୍ରୀ ବ୍ରଜେଶ୍ ପାଠକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜାତୀୟ ଶିକ୍ଷାନୀତି ଓ ଭାରତର ଉଚ୍ଚଶିକ୍ଷା ବ୍ୟବସ୍ଥା ଉପରେ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିସହ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଓଡ଼ିଶାର ଡ. ମାନସ ବେହେରା ଜାତୀୟ ଉପସଭାପତି ଭାବେ ଆଗାମୀ ୨ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ଓଡ଼ିଶାରୁ ଉମାକାନ୍ତ ପାତ୍ର, ଡ. ଅମିୟ ମହାନ୍ତି, ରମେଶ ହାତୀ, ବଂଶୀଧର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ମାଟ୍ରିକ ପରୀକ୍ଷାରେ ଏଆଇ ସର୍ଭିଲାନ୍ସ

**ଦେଶରେ ପ୍ରଥମ**
- ବୋର୍ଡ ମୁଖ୍ୟାଳୟରେ କଣ୍ଟ୍ରୋଲ ରୁମ୍
- ଗୁରୁତ୍ୱପୂର୍ଣ୍ଣ ୧୫୦ ପରୀକ୍ଷା କେନ୍ଦ୍ର ନଜରରେ ରହିବ
- ନୋଡାଲ କେନ୍ଦ୍ରରେ ଲାଇଭ ସିସି କ୍ୟାମେରା

**କଟକ,୧୫।୨ (କାର୍ତ୍ତିକ ସାହୁ)**

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସର୍ଭିଲାନ୍ସର ଉପଯୋଗ କରାଯାଉଛି। ଏଭଳି ବ୍ୟବସ୍ଥା ଦେଶରେ ପ୍ରଥମଥର ପାଇଁ ହେଉଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ପ୍ରାୟ ୧୫୦ଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କେନ୍ଦ୍ରକୁ ଏଆଇ ସର୍ଭିଲାନ୍ସ ଜରିଆରେ ନିୟନ୍ତ୍ରଣ କରାଯିବ। ଏଥିସହ ପ୍ରଶ୍ନପତ୍ର ଗଚ୍ଛିତ କରାଯାଉଥିବା ନୋଡାଲ କେନ୍ଦ୍ରରେ ୬୦୦ ଲାଇଭ୍ ସିସି କ୍ୟାମେରା ଲାଗିବ। ଏସବୁର ସିଧାସଳଖ ନିୟନ୍ତ୍ରଣ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ମୁଖ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ ବୋଲି ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଚଳିତବର୍ଷ ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ବୋର୍ଡ ପକ୍ଷରୁ ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥର ୫ ଲକ୍ଷ ୫୧ ହଜାର ୬୧୧ ଜଣ ମାଟ୍ରିକ୍, ୭୮୩୧ ଜଣ ମୁକ୍ତ ବିଦ୍ୟାଳୟ ଓ ୩୦୩୭ ଜଣ ମଧ୍ୟମା ପରୀକ୍ଷାର୍ଥୀ ଫର୍ମ ପୂରଣ କରିଛନ୍ତି। ଏତେସଂଖ୍ୟକ ପରୀକ୍ଷାର୍ଥୀଙ୍କ ନିମନ୍ତେ ରାଜ୍ୟରେ ମୋଟ୍ ୩୦୪୭ ପରୀକ୍ଷା କେନ୍ଦ୍ର ଓ ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୩୧୩ ନୋଡାଲ କେନ୍ଦ୍ର କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ୨୨ଟିଥାନାରେ ନୋଡାଲ କେନ୍ଦ୍ର କରାଯାଇଛି। ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ରୋକିବା ପାଇଁ ବୋର୍ଡ ପକ୍ଷରୁ ୪୧ଟି ସ୍କ୍ୱାଡ୍, ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ୭୨ଟି ସ୍କ୍ୱାଡ୍ କରାଯାଇଛି। ଏହାବାଦ୍ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ନୋଡାଲ ଅଧିକାରୀମାନେ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ପରିଚାଳନା ବ୍ୟବସ୍ଥା ତଦାରଖ କରିବେ। ପରୀକ୍ଷା କେନ୍ଦ୍ର ମଧ୍ୟକୁ ମୋବାଇଲ୍ ପ୍ରବେଶ ଉପରେ ରୋକ୍ ଲଗାଯାଇଥିବାବେଳେ ପରିଚାଳନା ବ୍ୟବସ୍ଥାକୁ ପୂର୍ବାପେକ୍ଷା ଅଧିକ କଡ଼ାକଡ଼ି କରାଯାଇଛି। ଏଆଇ ସର୍ଭିଲାନ୍ସ ବ୍ୟବସ୍ଥା ଦ୍ୱାରା ପରୀକ୍ଷା କେନ୍ଦ୍ରର ପରିଚାଳନା ବ୍ୟବସ୍ଥା ସହ ବୋର୍ଡର ମୁଖ୍ୟାଳୟ ସିଧା ସଂଯୋଗରେ ରହିବ। ଲାଇଭ କ୍ୟାମେରା ଲେନ୍ସରେ ନୋଡାଲ କେନ୍ଦ୍ରଗୁଡ଼ିକ ରହିବ। ଏହି ଦୁଇ ବ୍ୟବସ୍ଥାର ସଂଯୋଗୀକରଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। କଣ୍ଟ୍ରୋଲ ରୁମ୍‌ରେ କାର୍ଯ୍ୟ କରିବା ପାଇଁ ୨୦ ଜଣ ଟେକ୍ନିକାଲ କର୍ମଚାରୀଙ୍କୁ ଗୁରୁବାର ତାଲିମ ପ୍ରଦାନ କରାଯାଇଛି। ଏଆଇ ବ୍ୟବସ୍ଥାର କାର୍ଯ୍ୟକାରିତା ଆସନ୍ତା ୧୭ ତାରିଖରେ ବୋର୍ଡ ମୁଖ୍ୟାଳୟରେ ପରୀକ୍ଷାମୂଳକ ଭାବେ କରାଯିବ। ଏଭଳି ଅତ୍ୟାଧୁନିକ ବ୍ୟବସ୍ଥା ଦ୍ୱାରା ମାଟ୍ରିକ ପରୀକ୍ଷାକୁ ଅଧିକ ସ୍ୱଚ୍ଛ, ଶୃଙ୍ଖଳିତ କରାଯିବାକୁ ଉଦ୍ୟମ ହୋଇଥିବା ବୋର୍ଡ ଉପସଭାପତି ମହାନ୍ତି କହିଛନ୍ତି।



ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଆରମ୍ଭ: ଗୁରୁବାର ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୧ କେନ୍ଦ୍ରରୁ ପରୀକ୍ଷା ସାରି ଛାତ୍ରୀଛାତ୍ର ବାହାରୁଛନ୍ତି।

### ୭ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ଗିରଫ

**ଭୁବନେଶ୍ୱର,୧୫।୨(ସୂର୍ଯ୍ୟକାନ୍ତ ବେହେରା):** ତମାଣ୍ଡୋରୁ ବୋଲେରୋରେ କଟକକୁ ଗଞ୍ଜେଇ ଚୋରା ଚାଲାଣ ବେଳେ ଭରତପୁର ଥାନା ପୋଲିସ ତପୋବନ ଛକ ସର୍ଭିସ୍ ରାସ୍ତାରେ ଚଢାଉ କରି ଧରିଛି। ଏଥିରେ ସମ୍ପୃକ୍ତ ୨ଜଣ ନିଶାବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କନ୍ଧମାଳର ବୃଷଭ କହଁର ଓ ମିଲୁ ଦିଗଲ। ଉଭୟଙ୍କଠାରୁ ୭୩ କେଜି ଗଞ୍ଜେଇ ଓ ଅପରାଧରେ ବ୍ୟବହୃତ ବୋଲେରୋ ଜବତ ହୋଇଛି। ଜବତ ଗଞ୍ଜେଇର ମୂଲ୍ୟ ୭ ଲକ୍ଷ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଚଢ଼ାଉ ସମୟରେ ଘଟଣାସ୍ଥଳରୁ ଗାଡି ଡ୍ରାଇଭରଙ୍କ ସମେତ ୨ଜଣ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ପୋଲିସ ଧରିବାକୁ ଉଦ୍ୟମ ଚଳାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁକରି ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲିକୁ



@ ନାରାୟଣ



@ ବିଶାଳ



@ ଶଶୀ



@ ବିଭୂତିଭୂଷଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚନ୍ଦ୍ରଭାଗା ବୁଡ଼ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

**କୋଣାର୍କ,୧୫।୨ (ଜ୍ୟୋତିରାଜ ମହାନ୍ତି)**

ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇବା ପାଇଁ ଗୁରୁବାର ଅପରାହ୍ନରୁ ଚନ୍ଦ୍ରଭାଗା ମେଳା ପଡ଼ିଆରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ପବିତ୍ର ମାଘସପ୍ତମୀ ଦିନ ଚନ୍ଦ୍ରଭାଗା ତୀର୍ଥରେ ସ୍ନାନ କଲେ ସମସ୍ତ ପାପ କ୍ଷୟ ହୋଇ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ଛୋଟ ଛୋଟ କୁଡ଼ିଆ କରି ମାଟିହାଣ୍ଡିରେ ରୋଷେଇ କରୁଥିବା ଦେଖିବାକୁ ମିଳିଥିଲା। ସେମାନେ ରୋଷେଇ ସାରି କୁଡ଼ିଆରେ ଶୁଭ ମୁହୂର୍ତ୍ତ ଅର୍ଥାତ ବୁଡ଼ ପକାଇବାକୁ ଅପେକ୍ଷା କରିଥିଲେ। ଶ୍ରୀଶ୍ରୀ ତ୍ରିବେଣୀଶ୍ୱର, ଈଷାଣେଶ୍ୱର, ଦକ୍ଷିଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ଭୋର ୪ଟା ୩୪ରେ ତୀର୍ଥ ପୁଷ୍କରିଣୀରେ ସ୍ନାନ ପରେ ଅପେକ୍ଷାରତ ଶ୍ରଦ୍ଧାଳୁ ତୀର୍ଥଜଳରେ ବୁଡ଼ ପକାଇବେ। ତେବେ ମେଳାପଡ଼ିଆ ବ୍ୟାରିକେଡ୍ ଯୋଗୁ ଆବଦ୍ଧ ହୋଇଥିବାରୁ ଶ୍ରଦ୍ଧାଳୁମାନେ ନିରାଶ ହୋଇଥିଲେ। ମେଳା ପଡ଼ିଆରେ କୁଡ଼ିଆ କରି ରୋଷେଇ କରୁଥିବା ବେଳେ ଶ୍ରଦ୍ଧାଳୁମାନଙ୍କୁ ପୋଲିସ ପ୍ରଶାସନ ସୁରକ୍ଷା ଆଳ ଦେଖାଇ ସେଠାରୁ ଉଠାଇଦେବା ସହ ଚନ୍ଦ୍ରଭାଗା ବଜାରଠାରୁ ତୀର୍ଥ ପୁଷ୍କରିଣୀ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଥିବା ଦୋକାନ ସମ୍ମୁଖକୁ ବ୍ୟାରିକେଡ୍ ଦ୍ୱାରା ଆବଦ୍ଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଫଳରେ ମେଳା ପଡ଼ିଆକୁ ପ୍ରବେଶ କରିବା ପାଇଁ ଶ୍ରଦ୍ଧାଳୁମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅପରାହ୍ନରେ ତୀର୍ଥ ପୁଷ୍କରିଣୀଠାରୁ ୩ କିମି ଦୂରରେ ପୁରୀ ଓ ଭୁବନେଶ୍ୱର ଆଡୁ ଆସୁଥିବା ସମସ୍ତ ଯାନବାହନ ହେଲିପ୍ୟାଡ୍‌ରେ ପାର୍କିଂ ଫଳରେ ଶ୍ରଦ୍ଧାଳୁମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବରିଷ୍ଠ ନାଗରିକମାନେ ୩ କିମି ଚାଲିଚାଲି ଯିବାକୁ ହଇରାଣ ହୋଇଥିଲେ। ଚନ୍ଦ୍ରଭାଗାରୁ କୋଣାର୍କ ୬ ଲେନ୍ ରାସ୍ତା ହୋଇଥିଲେ ମଧ ଶ୍ରଦ୍ଧାଳୁମାନଙ୍କୁ ହଟହଟା ହେବାକୁ ପଡ଼ିଥିଲା। କୋଣାର୍କ ଏନ୍‌ଏସି ପକ୍ଷରୁ ବାଇକ୍ ପାସ୍ ଦିଆଯାଇଥିବା ଲୋକଙ୍କୁ ମଧ ପୋଲିସ ନ ଛାଡ଼ିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ମେଳାପଡ଼ିଆରେ ସ୍ୱାସ୍ଥ୍ୟସେବା ଶିବିର, ଅସ୍ଥାୟୀ ଶୌଚାଳୟ, ପାନୀୟଜଳ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ବିଭିନ୍ନ ଅନୁଷ୍ଠାନ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ବିଭାଗ ପକ୍ଷରୁ ଗୁରୁବାର ସାରା ରାତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଶାନ୍ତିଶୃଙ୍ଖଳା ନିମନ୍ତେ କୋଣାର୍କ ଓ ଚନ୍ଦ୍ରଭାଗାରେ ୩୩ ପ୍ଲାଟୁନ ପୋଲିସ ଫୋର୍ସ, ୩ଶହ ସ୍ୱେଚ୍ଛାସେବୀ ନିୟୋଜିତ ରହିଛନ୍ତି।



**ହେଲିପ୍ୟାଡ୍‌ରେ ପାର୍କିଂ ଯୋଗୁ ୩ କିମି ଚାଲିଲେ**

# ଡାକ୍ତର କମଳାକାନ୍ତ କରଙ୍କ ପରଲୋକ

**ଭୁବନେଶ୍ୱର, ୧୫।୨ (ବନ୍ଦନା ସେଠୀ)**



ଅଭିନ୍ନଚନ୍ଦ୍ର ହୋମିଓପାଥିକ କଲେଜର ପୂର୍ବତନ ଅଧକ୍ଷ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ହୋମିଓପାଥିକ ଡାକ୍ତର କମଳାକାନ୍ତ କରଙ୍କ ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ଆଇଆର୍‌ସି ଭିଲେଜସ୍ଥିତ ବାସଭବନରେ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ହସ୍ପିଟାଲ ନେବା ବାଟରେ ସେ ଆଖି ବୁଜିଥିଲେ। ତାଙ୍କୁ ୮୭ ବର୍ଷ ହୋଇଥିଲା। ହୋମିଓପାଥିକ ଚିକିତ୍ସା କ୍ଷେତ୍ରରେ ଡାକ୍ତର କରଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଚାକିରିରୁ ଅବସର ନେବାପରେ ନୂଆପଲ୍ଲୀ ଇନ୍ଦ୍ରଧନୁ ମାର୍କେଟରେ ନିଜର କ୍ଲିନିକ ଖୋଲି ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଉଥିଲେ। ଗରିବ ରୋଗୀଙ୍କୁ ମାଗଣାରେ ଔଷଧ ଦେଉଥିଲେ। ବାର୍ଦ୍ଧକ୍ୟ ସତ୍ତ୍ୱେ ସେ ନିୟମିତ ଜନ୍ମମାଟି ମାହାଙ୍ଗା ଯାଇ ମାଗଣାରେ ରୋଗୀ ସେବା କରୁଥିଲେ। ଏଥିସହିତ ସ୍ୱର୍ଗତ କରଙ୍କର ସାହିତ୍ୟ ପ୍ରତି ପ୍ରଗାଢ ଅନୁରକ୍ତି ଥିଲା। ଉଭୟ ଓଡ଼ିଆ ଏବଂ ଇଂଲିଶ ଭାଷାରେ ସେ ଅନେକ ପୁସ୍ତକ ଲେଖିଛନ୍ତି। ତାଙ୍କର ଚର୍ଚ୍ଚିତ ଓଡ଼ିଆ ପୁସ୍ତକ ମଧ୍ୟରେ ରହିଛି ବିବିଧ ପ୍ରସଙ୍ଗ, ହୋମିଓପାଥି ବ୍ୟବସ୍ଥା ଓ ଅବ୍ୟବସ୍ଥା, ସାଉଁଟାଫୁଲ ଓ ବିରିୟାନୀ। ଇଂଲିଶରେ ତାଙ୍କ ଦ୍ୱାରା ରଚିତ 'ହୋମିଓପାଥି ଷ୍ଟେଟ୍ ଆଣ୍ଡ୍ ଆଫାୟାର୍ସ' ପୁସ୍ତକଟି ଦେଶ ବିଦେଶରେ ପାଠକୀୟ ଆଦୃତି ଲାଭ କରିଛି। ଡାକ୍ତର କରଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି।


**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER,CENTRAL IRRIGATION CIRCLE,BHUBANESWAR**

No.A-1507: 'e' Procurement Notice No. ACECIC-40/2023-24

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding From | To | Date of opening of Technical Bid | Period of Completion of work |
|---|---|---|---|---|---|---|---|---|---|---|
| ACECIC, Bhubaneswar | NGR-18/ 2023-24 | Construction of Administrative Building for Chief Construction Engineer, Brutanga & Hadua Irrigation Project, At-Dasapalla Irrigation Colony, Dist-Nayagarh | 364.56 | 364600/- (Online) | 10000/- (Online) | "A" Class | 16.02.2024 At 10.00 Hours | 01.03.2024 At 17.00 Hours | 02.03.2024 At 11.00 Hours | 12 (Twelve Calendar Months) |
| | PRD-18/ 2023-24 | Protection to Scoured Bank of KSDR Embankment from RD 8.940 Km to 9.500 Km and construction of 2 Nos. spur at RD 8.200 Km and 8.350 Km | 677.08 | 677100/- (Online) | 10000/- (Online) | "A" & "Special" Class | 16.02.2024 At 10.00 Hours | 01.03.2024 At 17.00 Hours | 02.03.2024 At 11.00 Hours | 12 (Twelve Calendar Months) |

e-mail Id:secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.
OIPR-32160/11/0049/2324
Sd./- Additional Chief Engineer, Central Irrigation Circle



**RECRUITMENT FOR FACULTY POSITIONS**
**ADVERTISEMENT No: 340 /OUTR/2024, Dated. 12/02/2024**

No. KK: Odisha University of Technology and Research (OUTR), a State Technical Unitary University under the Skill Development and Technical Education Department, Government of Odisha invites online applications for faculty positions at the level of Assistant Professor, Associate Professor and Professor from prospective Indian nationals fulfilling eligibility criteria and possessing excellent academic background, commitment to quality teaching and research in various specializations of Engineering, Architecture and Science. The details of the number of posts including required qualifications, eligibility criteria, specialization, scales of pay, reservations, link for application form and other general information are available at **www.outr.ac.in**. The applicants are required to submit online application which will be opened from **01.03.2024**. The last date for the receipt of applications is **31.03.2024** (link will be closed at 05 PM of **31.03.2024**). The qualifications, eligibility criteria, experience, publications and age limit etc. as on the last date of submission of application only will be considered. **The authority reserves the right to reject any or all the applications or cancel the entire selection process without assigning any reason thereof.**

OIPR-16005/11/0077/2324 Sd./- Registrar



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୩୬ ତା:୦୯।୦୨।୨୦୨୪

**ବିଜ୍ଞାପନ**

No. CAD-4156: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନନ୍ଦନ ଏନ୍‌କ୍ଲେଭ, କଳାରାହାଙ୍ଗ ଗୃହ ନିର୍ମାଣ ପ୍ରକଳ୍ପ ଭୁବନେଶ୍ୱରରେ ପ୍ଲଟ ନଂ. ଏଲ୍.ଆଇ.ଜି.-୧୨୯ (LIG-129) ଟିକୁ ଶ୍ରୀ ମିଥୁନ ପାଣିଗ୍ରାହୀ, ପିତା: ରମାକାନ୍ତ ପାଣିଗ୍ରାହୀ, ସା: ଘର ନଂ. ୭୭, ପ୍ରଥମ ଫ୍ଲୋର, ପଳାସପଲ୍ଲୀ, ପୋ: ପଳାସପଲ୍ଲୀ, ଥାନା: ଏୟାର ଫିଲିଡ୍, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ମିଥୁନ ପାଣିଗ୍ରାହୀ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଉଦୟ ଭାନୁ ବିଶ୍ୱାଳ, ପିତା: ସର୍ବେଶ୍ୱର ବିଶ୍ୱାଳ, ସା: ନହିଡ଼ିଆ, ପୋ: ଦାଣ୍ଡି ସାହି, ଥାନା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0671/2324



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P.H. DIVISION, BALANGIR**
E-mail Id:eephbgr@yahoo.co.in, Ph.No.(06652-234647)
No.C-
NATIONAL COMPETITIVE BIDDING THROUGH e-Procurement
Invitation for Bid (IFB) Dtd.09.02.2024

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of bid Document for Online Bidding | |
|---|---|---|---|---|---|---|---|
| 1 | Supply of ISI Marked DI K7 and K9 Pipes in connection with the work Augmentation of water supply system alongwith ancillary work for Binika Town | SE PH BGR 13/2023-24 Dt. 09.02.2024 | 303.78 | Manufacturer | 1 Month | 14.02.2024 | 28.02.2024 |

Name & Address of Officer Inviting Bid: The Superintending Engineer, Office of the Superintending Engineer, Public Health Division, Balangir, At- Tulasinagar, PO/Dist- Balangir, Pin-767001, Odisha, Phone:06652-234647, E-mail:- eephbgr@yahoo.co.in.
❖Further details can be seen from the e-Procurement portal "https://www.tenderodisha.gov.in. ❖All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updates.
OIPR-13005/11/0017/2324
Sd./- Superintending Engineer, P.H. Division, Balangir



**GOVERNMENT OF ODISHA** No.A-1494:
**E-PROCUREMENT NOTICE**
Bid Identification No.Online Tender/13/GMID-1/2023-24

Name of Work : Civil Construction Works
No. of Work : 01 (One)
Estimated Cost : Rs.53.50 Lakh
Period of Completion : 07 (Seven) Calendar Months
Time for receipt of Bid (online) : From 17.02.2024, 10.00 Hours to 26.02.2024 upto 17.00 Hours.
Date & Time of Opening of Technical Bids (Cover-I) : 27.02.2024 at 11.00 Hours
Name & Address of the Officer Inviting Tender : Superintending Engineer M.I. Division, Ganjam-I,Berhampur

Further details can be seen from the website: https://www.tendersodisha.gov.in. Any Addendum/ Corrigendum/Cancellation of can also be seen in the said website.

Sd./- Superintending Engineer
M.I.Divn., Ganjam-I,
Berhampur
OIPR-32104/11/0032/2324



**Odisha Lift Irrigation Corporation Ltd.**
(A Govt.of Odisha Undertaking)
**OFFICE OF THE EXECUTIVE ENGINEER**
**L.I. DIVISION,BARGARH**
E-Procurement Notice - EE/OLIC/BGH-15/2023-24
E-mail - eeolicbgh@gmail.com, Phone - 06646-246126
No.CAD-4157: No.846/Dated 15.02.2024

1. Name of the Tender Inviting Officer : Executive Engineer, L.I. Division, Bargarh
2. Name of the work : Renovation of head works and distribution system of 1 No. L.I. Project under Attabira Block in Bargarh District
3. No. of Packages : 01 Nos.
4. Tender Amount : Varies from 78.64 Lakhs
5. Date and time of availability of bid documents in the portal for online bidding from 10.00 hrs dated 17.02.2024 to 17.00hrs dated 26.02.2024.
6. Last date and time of receipt of bids in the portal up to 17.00hrs. Dated- 26.02.2024.
7. Last date and time of clarification upto 17.00hrs Dated-26.02.2024.
8. Date of opening of bid at 10.00 hrs. Dated-27.02.2024.
9. Further details can be seen from the e-procurement portal of Govt. of Odisha i.e. www.tendersorissa.gov.in.
10. Subsequent corrigendum / addendum if required shall be available in the above portal.

Sd./- Executive Engineer, LI Division, Bargarh
OIPR-32509/11/0011/2324



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA**
E-mail Id:cceabp@gmail.com/loabpbbsr@gmail.com
No.A-1499: E-Procurement Notice No. CCEABP-13 of 2023-24

| E- Procurement Officer | Name of the Work | Bid Id No. | Tender cost in Lakhs (Appx) | Bid Security (online) | Cost of Bid Document (Online) | Class of Contractor | Period of Completion | Availability of tender online for bidding From | To | Date of Opening of technical Bid (Cover-1) |
|---|---|---|---|---|---|---|---|---|---|---|
| Chief Construction Engineer, A.B Project, Salapada | Rehabilitation of expansion joint and relaying of road surface over deck slab of Anandapur Barrage | ABP-ABD-01/ 13 of 2023-24 | 131.00 | 1,31,000/- | 10,000/- | B & A Class | 3 Calendar Months | 15.02.2024 11.30 AM | 29.02.2024 3.00 PM | 29.02.2024 4.00 PM |

Further details can be seen from the Govt. website www.tendersorissa.gov.in./ www.dowrodisha.gov.in.
Addendum/ Corrigendum/ Cancellation if any required will be published in Govt. website only.
OIPR-32180/11/0015/2324
Sd./- Chief Construction Engineer, Anandapur Barrage Project, Salapada

**ଶ୍ରୀମନ୍ଦିର ଭିତରବେଢ଼ାରେ ପଡ଼ି ଭକ୍ତ ଆହତ**

ପୁରୀ, (ଅଜିତ୍ ମହାନ୍ତି): ଶ୍ରୀମନ୍ଦିର ଭିତରବେଢ଼ାରେ ଜଣେ ବୃଦ୍ଧା ପଡ଼ି ଆହତ ହୋଇଛନ୍ତି। ବୃଦ୍ଧା ଜଣଙ୍କ ହେଉଛନ୍ତି ଗଞ୍ଜାମ ଜିଲା ବ୍ରହ୍ମପୁରର ସୁରେଖା ପଣ୍ଡା(୮୫)। ସୁରେଖା ତାଙ୍କ ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଗୁରୁବାର ଶ୍ରୀମନ୍ଦିରକୁ ଯାଇଥିଲେ। ଏହି ସମୟରେ ପ୍ରବଳ ଭିଡ଼ ଥିବାରୁ ସୁରେଖା ପଡ଼ିଯାଇ ଆହତ ହୋଇଥିଲେ। ତାଙ୍କ ଗୋଡ଼ରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

## ସଂକ୍ଷେପରେ

### ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୫।୨ (ବନ୍ଦନା ସେଠୀ)

ଖୋର୍ଦ୍ଧା ପାଇକ ବିଦ୍ରୋହର ଅନ୍ୟତମ ସେନାପତି ଦାରୁଠେଙ୍ଗ ମାଟିର ବରପୁତ୍ର ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ୨୫୬ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଚନ୍ଦକାସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଚନ୍ଦକା ସରପଞ୍ଚ ଅଜୟ କୁମାର ବେହେରା, ଦାରୁଠେଙ୍ଗ ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବ୍ରହ୍ମାନନ୍ଦ ଶତପଥି, ପଣ୍ଡିତ ବନମାଳୀ ଦାସ, ନିରଞ୍ଜନ ସିଂହ, ସମାଜସେବୀ ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଯୋଗଦେଇ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ସ୍ମୃତିଚାରଣ କରିଥିଲେ। ଏହାପରେ ଶହୀଦଙ୍କ ପୈତୃକ ଗ୍ରାମ ଦାରୁଠେଙ୍ଗସ୍ଥିତ ଶହୀଦ ସ୍ମୃତିସ୍ତମ୍ଭ ଓ ପ୍ରତିମୂର୍ତ୍ତି ସ୍ଥଳୀରେ କଳିଙ୍ଗ ପାଇକ ସଂଗଠନ ପିଣ୍ଡିକି ୟୁଥ୍ କ୍ଳବ, ଦାରୁଠେଙ୍ଗ ଗ୍ରାମବାସୀ, ଧାରା ଶ୍ରୀରାଧା ଟ୍ରଷ୍ଟ, ଦାରୁଠେଙ୍ଗ ଗ୍ରାମ ପଞ୍ଚାୟତ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ରାଜ୍ୟର ସମ୍ମାନ ରକ୍ଷା ପାଇଁ ପିଣ୍ଡିକି ବ୍ରିଟିଶ୍ ଗୁଳିରେ ଶହୀଦ ହୋଇ ଯୁବ ସମାଜ ପାଇଁ ଚିରଦିନ ନିମନ୍ତେ ଆଦର୍ଶ ହୋଇ ରହିଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ 'ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

### ଅଷ୍ଟମ ବାର୍ଷିକ ମାତୃ ସମ୍ମିଳନୀ

ବାଲିଅନ୍ତା୧୫।୨(ନୀଳମାଧବ ସାହୁ)

ଭୁବନେଶ୍ୱର ମହାନଗର ନିଗମର ୧୮ ନଂ. ୱାର୍ଡ ଅଧୀନ ପଳାଶୁଣୀ ପ୍ରାଚୀ ବିହାରସ୍ଥିତ ମା' ସରସ୍ୱତୀ ଶିଶୁ ମନ୍ଦିରର ଅଷ୍ଟମ ବାର୍ଷିକ ମାତୃ ସମ୍ମିଳନୀ ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ଶିକ୍ଷା ବିକାଶ ପରିଷଦ ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ ଅତିଥି ରୂପେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ରୂପେ ଗଢିବାରେ ମା'ମାନଙ୍କ ଗୁରୁ ଦାୟିତ୍ୱ ରହିଛି। ସେମାନେ ଯେମିତି ଚାହିଁବେ ସେମିତି ଭାବେ ସେମାନଙ୍କ ପିଲାଙ୍କୁ ସଂସ୍କାର ଓ ଶିଷ୍ଟାଚାର ଦେଇ ପାରିବେ। ଛାତ୍ରୀଛାତ୍ରଙ୍କୁ କୁସଙ୍ଗ ଓ ଅବାଟରୁ ରୋକିବାରେ ମା'ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ସମ୍ମିଳନୀରେ ବିଦ୍ୟାଳୟ ସଭାପତି ରତ୍ନାକର ମହାନ୍ତି, ଅଧକ୍ଷା ପୁଷ୍ପିତା ପଲେଇ ଓ ଗୁରୁ ମା' ସ୍ମରଣିକା ଶତପଥୀ ପ୍ରମୁଖ ଯୋଗଦେଇ ପିଲାଙ୍କୁ ଭଲ ମଣିଷଟିଏ କରିବାରେ ମା'ମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

### ମେଣ୍ଢାଶାଳରେ କୁମ୍ଭମେଳା ମହୋତ୍ସବ ଉଦ୍‌ଯାପିତ

ବାରଙ୍ଗ,୧୫।୨(ଲିଙ୍ଗରାଜ ରାଉତ)

ମେଣ୍ଢାଶାଳ ଗ୍ରାମର ଇଷ୍ଟଦେବ ଶ୍ରୀଶ୍ରୀ ଭଗବତ ବାସୁଦେବଙ୍କ ମନ୍ଦିର ପ୍ରାଙ୍ଗଣରେ କୁମ୍ଭ ସଂକ୍ରାନ୍ତିରେ କୁମ୍ଭମେଳା ମହୋତ୍ସବ ଆରମ୍ଭ ହୋଇ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଅଙ୍କୁରାରୋପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କୁମ୍ଭମେଳାରେ ୨୩ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଅହୋରାତ୍ର ଭଜନ ପରିବେଷଣ କରିଥିଲେ। ସନ୍ଧ୍ୟାରେ ମହୋତ୍ସବ ଅନୁଷ୍ଠିତ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ମହୋତ୍ସବରେ ବିଭୂତି ବଳବନ୍ତରାୟ, ମନ୍ମଥ ରାଉତରାୟ, ବିଶ୍ୱ ରଞ୍ଜନ ବଡ଼ଜେନା, ଅର୍ଦ୍ଧେନ୍ଦୁ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମନ୍ଦିର କମିଟି ସଞ୍ଚାଳକ ପ୍ରଫୁଲ୍ଲ ଶ୍ରୀଚନ୍ଦନ, ବାଙ୍କବିହାରୀ ଦାସ, ଭାରତ ଭୂଷଣ ମହାରଣା, ଭରତଚନ୍ଦ୍ର ରାଉତରାୟ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ଶୃଙ୍ଖଳିତ, ସ୍ୱଚ୍ଛ, ଅପରାଧମୁକ୍ତ ନିର୍ବାଚନକୁ ଗୁରୁତ୍ୱ




ବରିଷ୍ଠ ପୋଲିସ ଅଧିକାରୀଙ୍କ ଭୂମିକା ସମ୍ପର୍କିତ ଏକ ତାଲିମ ଶିବିରରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ସହ ଡିଜିପି ଓ ଅନ୍ୟ ଅଧିକାରୀମାନେ।

## ତାଲିମ ନେଲେ ପୋଲିସ ଅଧିକାରୀ

ଭୁବନେଶ୍ୱର,୧୫।୨(ସୂର୍ଯ୍ୟକାନ୍ତ ବେହେରା)

ସାଧାରଣ ନିର୍ବାଚନ ପରିଚାଳନାରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଭୂମିକା ସମ୍ପର୍କିତ ଏକ ତାଲିମ ଶିବିର ଗୁରୁବାର ଭୁବନେଶ୍ୱରସ୍ଥିତ ପୋଲିସଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଯୋଗଦେଇ ନିର୍ବାଚନକୁ ଶାନ୍ତିଶୃଙ୍ଖଳା, ସ୍ୱଚ୍ଛତା, ଅପରାଧ ମୁକ୍ତ ସହ ସମାପ୍ତ କରିବାକୁ ପୋଲିସ ପ୍ରଶାସନର ସହଯୋଗ ସଂକ୍ରାନ୍ତରେ ମତବ୍ୟକ୍ତ କରିଥିଲେ। ସେହିପରି ବେଆଇନ ଅର୍ଥ, ଚୋରା ମଦ ଓ ନିଶା କାରବାର ଦମନ କରିବାକୁ ପରାମର୍ଶ ଦେବା ସହ ଶୂନ୍ୟ ପୁନଃ ମତଦାନ ଉପରେ ଆୟୋଗ ଗୁରୁତ୍ୱ ପ୍ରଦାନ କରିଛନ୍ତି ବୋଲି ସେ କହିଥିଲେ। ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ପୋଲିସ ଅଧିକାରୀ ଏବଂ ପୋଲିଂ କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ୮୦ ବର୍ଷରୁ ଉର୍ଦ୍ଧ୍ୱ ତଥା ୪୦% ରୁ ଅଧିକ ଭିନ୍ନକ୍ଷମ ଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବା ସହ ଚଳିତ ବର୍ଷ ପୋଷ୍ଟାଲ ବାଲାଟ ସଂଖ୍ୟା ବୃଦ୍ଧି ହୋଇଛି। ୬୦ରୁ ୭୦ % ବୁଥ୍‌ରେ କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯାଉଥିବାବେଳେ ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ଡ୍ରୋନ ଯୋଗେ ମନିଟରିଂ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଅତିରିକ୍ତ ନିର୍ବାଚନ ଅଧିକାରୀ ଏନ୍. ଥିରୁମାଲା ନାୟକ ଖର୍ଚ୍ଚ ପରିଚାଳନା, ଆଚରଣ ବିଧି ଲାଗୁ ଏବଂ ଭୋଟ ଆରମ୍ଭ ପୂର୍ବର ଗୁରୁତ୍ୱପୂର୍ଣ୍ଣ ୭୨ ଘଣ୍ଟା ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚ୍‌ଆର୍‌ପିସି) ଲଳିତ ଦାସ ନିର୍ବାଚନ ପ୍ରକ୍ରିୟାକୁ ଶୃଙ୍ଖଳିତ ଭାବେ ଶେଷ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ଡିଜିପି ଅରୁଣ କୁମାର ଷଡଙ୍ଗୀ ନିର୍ବାଚନ ପୂର୍ବରୁ ପୋଲିସର ସକ୍ରିୟତା ସମ୍ପର୍କରେ କହିବା ସହ ଉପଯୁକ୍ତ ଯୋଜନା ଏବଂ ରଣନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏନ୍‌ଫୋର୍ସମେଣ୍ଟକୁ ଜୋରଦାର, ଠିକ ସ୍ଥାନରେ ପୋଲିସ କର୍ମଚାରୀଙ୍କୁ ମୁତୟନ, ଗୋଇନ୍ଦା ବିଭାଗକୁ ସକ୍ରିୟ, ରାତ୍ରକାଳୀନ ପାଟ୍ରୋଲିଂକୁ କଡାକଡି, ମାଦକ ଦ୍ରବ୍ୟ ବ୍ୟବସାୟକୁ ଦୃଢହସ୍ତରେ ଦମନ କରିବାକୁ ସେ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରିଶ୍ରମ, ସଚ୍ଚୋଟ ଏବଂ ଶୃଙ୍ଖଳିତ ହୋଇ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବାକୁ ଡିଜିପି ପରାମର୍ଶ ଦେଇଥିଲେ। ପୋଲିସ କମିଶନର ସଞ୍ଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଅପରେଶନ) ଏସ. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ଅରୁଣ ବୋଥ୍ରା, ଆଇଜି (କ୍ରାଇମବ୍ରାଞ୍ଚ) ସଫିନ ଅହମ୍ମଦ କେ ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ପରାମର୍ଶ ଦେଇଥିଲେ। ବିପିଏସ୍‌ପିଏ ଆଇଜି ଏସ. ସାଇନି, ଓସ୍‌ଡମାର ସିଜିଏମ ସବ୍ୟସାଚୀ ହୋତା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ସ୍ୱାଗତ, ରାଜ୍ୟ ପୋଲିସ ମୁଖ୍ୟାଳୟର ଏସ୍‌ପି ବି. ଗଙ୍ଗାଧର, ବରିଷ୍ଠ ପୋଲିସ ଅଧିକାରୀ, ରେଞ୍ଜ ଆଇଜି, ଡିଆଇଜି ଏବଂ ସମସ୍ତ ଜିଲାର ଏସ୍‌ପି ଉପସ୍ଥିତ ଥିଲେ।

# ସ୍ତ୍ରୀଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଲେ ଅଭିନେତା ନୀତୀଶ ଭରଦ୍ୱାଜ

ଭୋପାଳ, ୧୫।୨

ଟିଭି ସିରିଏଲ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ରାଜୁତି କରିଥିବା ଜଣାଶୁଣା ଅଭିନେତା ନୀତୀଶ ଭରଦ୍ୱାଜ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ତାଙ୍କ ଆଇଏଏସ୍ ସ୍ତ୍ରୀ ସ୍ମିତା ଭରଦ୍ୱାଜଙ୍କ ବିରୋଧରେ ଥାନାରେ ଏଫ୍‌ଆଇଆର ରୁଜୁ କରିଛନ୍ତି। ସ୍ମିତା ତାଙ୍କୁ ଦୀର୍ଘ ଦିନ ହେଲା ମାନସିକ ନିର୍ଯାତନା ଦେଇ ଆସୁଥିବା ନେଇ ନିଜ ଅଭିଯୋଗ ପତ୍ରରେ ନୀତୀଶ ଉଲ୍ଲେଖ କରିଛନ୍ତି। ଦୀର୍ଘଦିନ ଧରି ସେ ମାନସିକ ଭାବେ ଭାଙ୍ଗି ପଡ଼ିଥିବା ଏହି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଭୋପାଳ ପୋଲିସ କମିଶନରଙ୍କୁ ଇ ମେଲ ଜରିଆରେ ସହାୟତା ମାଗିଛନ୍ତି ନୀତୀଶ। ନୀତୀଶଙ୍କ ଅଭିଯୋଗ ଆଧାରରେ ଭୋପାଳ ପୋଲିସ କମିଶନର ମାମଲାର ଯାଞ୍ଚ ଆଦେଶ ଦେଇଛନ୍ତି। ଜଣେ ଅତିରିକ୍ତ ଡିସିପିଙ୍କୁ ମାମଲା ଯାଞ୍ଚ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ବି. ଆର. ଚୋପ୍ରାଙ୍କ ନିର୍ଦ୍ଦେଶିତ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ନୀତୀଶ ଘରେ ଘରେ ବେଶ୍ ପରିଚିତ ହୋଇ ପାରିଥିଲେ। ଆଜି ବି ଫ୍ୟାନ୍ସ ତାଙ୍କୁ ଶ୍ରୀକୃଷ୍ଣ ଭୂମିକା ପାଇଁ ମନେ ପକାଉଛନ୍ତି। ୨୦୦୯ ମସିହା ମାର୍ଚ୍ଚ ୧୪ ତାରିଖରେ ଆଇଏଏସ୍ ଅଫିସର ସ୍ମିତାଙ୍କୁ ନୀତୀଶ ଦ୍ୱିତୀୟ ବିବାହ କରିଥିଲେ। ପରେ ୨୦୨୨ରେ ଦୁହେଁ ଉଭୟଙ୍କଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ସ୍ମିତା ତାଙ୍କର କନ୍ୟାଙ୍କ ସହିତ ଇନ୍ଦୋରରେ ରହୁଛନ୍ତି।

## କଳାକାର ସହାୟତା ରାଶି ବୃଦ୍ଧି ପାଇଁ ପାଇକ ମହାସଂଘର କୃତଜ୍ଞତା

ଭୁବନେଶ୍ୱର, ୧୫।୨ (ବନ୍ଦନା ସେଠୀ)

କଳାକାରଙ୍କ ସହାୟତା ରାଶି ବୃଦ୍ଧି ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କ ଏକ ଯୁଗାନ୍ତକାରି ପଦକ୍ଷେପ ବୋଲି ନିଖିଳ ଓଡ଼ିଶା ପାଇକ ମହାସଂଘ କହିଛି। ୨୦୧୭ରେ ଭୁବନେଶ୍ୱରରେ ଏକ ବଡ଼ ସମାବେଶ କରାଯାଇ କଳାକାରଙ୍କୁ 'କଳାକାର ଭତ୍ତା' ପ୍ରଦାନ କରାଯିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମହାସଂଘ ଦାବି ଜଣାଇଥିଲା। ମୁଖ୍ୟମନ୍ତ୍ରୀ ତାହାକୁ ଗ୍ରହଣ କରି ୫୦ହଜାର କଳାକାରଙ୍କୁ ମାସିକ ୧୨ଶହ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଥିଲେ। ପୁନରାୟ ମହାସଂଘ ପକ୍ଷରୁ ଏହି ରାଶିକୁ ୨୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ଅନୁରୋଧ କରାଯାଇଥିଲା। ୫-ଟି ଅଧ୍ୟକ୍ଷ ଏହାକୁ ହୃଦୟଙ୍ଗମ କର ସହାୟତା ରାଶିକୁ ବୃଦ୍ଧି କରି ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ ସ୍ୱରୂପ କଳାକାରମାନଙ୍କୁ ଉଚିତ୍ ସମ୍ମାନ ପ୍ରଦାନ କରିଛନ୍ତି। ପାଇକ ମହାସଂଘ ପକ୍ଷରୁ ଏହାକୁ ସ୍ୱାଗତ କରିବା ସହ କୃତଜ୍ଞତା ଜ୍ଞାପନ କରାଯାଇଥିବା ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ, ରାଜ୍ୟ ସଂଯୋଜକ ଗୁରୁ କେଦାର ଦାସ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫେସର ଡ. ଗାୟନ ସାମଲ ପ୍ରମୁଖ ସୂଚନା ଦେଇଛନ୍ତି।

# ଧନୁଆ ନଦୀରେ ସୁଉଚ୍ଚ ସେତୁ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ




ବାଲିଅନ୍ତା,୧୫।୨(ନୀଳମାଧବ ସାହୁ)

ଜୟଦେବ ନିର୍ବାଚନ ମଣ୍ଡଳୀ ଅଧୀନ ବାଲିଅନ୍ତା ବ୍ଲକର ବଇଁଚୁଆ କାଜ ନିକଟ ଧନୁଆ ନଦୀରେ ଏକ ସୁଉଚ୍ଚ ସେତୁ ନିର୍ମାଣ ପାଇଁ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଧାୟକ ଡ. ଅରବିନ୍ଦ ଢ଼ାଲି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଏହି ସେତୁ ନିର୍ମାଣ ଲାଗି ୪୧ କୋଟି ୪୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଭିତ୍ତିପ୍ରସ୍ତର ସ୍ଥାପନ କରି ମନ୍ତ୍ରୀ ଘଡ଼ାଇ କହିଥିଲେ, ଏହି ନିର୍ବାଚନ ମଣ୍ଡଳୀ ଭୁବନେଶ୍ୱରର ବିକାଶ ସାଙ୍ଗରେ ଯୋଡ଼ି ହୋଇ ରହିଛି। ଏହି ସେତୁ ନିର୍ମାଣ ଯୋଗୁ ଭୁବନେଶ୍ୱର ସହର ତଥା ରାଜ୍ୟକୁ ୨ ପାଦ ଆଗକୁ ନେଇଯିବ। ୧୫ ମାସ ଭିତରେ ସେତୁ କାର୍ଯ୍ୟ ସରିବ। ସେତୁ ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦା ଦୀର୍ଘ ବର୍ଷ ହେଲା ଦାବି କରି ଆସୁଥିବା ଢାଲି କହିଥିଲେ। ଏଥିପାଇଁ ବଇଁଚୁଆର ପୂର୍ବତନ ସରପଞ୍ଚ ସ୍ୱର୍ଗତ ବିଜୟ ସାହୁ ଉଦ୍ୟମ କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ଅଶୋକ ବେହେରା ସେତୁ ବିଷୟରେ କହିଥିଲେ। ଏହି ସେତୁରେ ୧୧ଟି ସ୍ପାନ ରହିଛି। ଉତ୍ସବରେ ସ୍ଥାନୀୟ ସରପଞ୍ଚ ରଶ୍ମିତା ସାହୁ, ସତ୍ୟଭାମାପୁର ସରପଞ୍ଚ ରଶ୍ମିତା ଭୋଇ, ବଇଁଚୁଆ ନାଏବ ସରପଞ୍ଚ ବେଣୁଧର ପରିଡ଼ା, ପୂର୍ବତନ ସମିତି ସଭ୍ୟ ନବୀନ ଚନ୍ଦ୍ର ସାହୁ ଓ ନରେନ୍ଦ୍ର ବେହେରା, ବିଜୟ ନାଥ, ରଘୁନାଥ ଦାସଙ୍କ ସମେତ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ନାୟକ ଓ କନିଷ୍ଠ ଯନ୍ତ୍ରୀ ଚକ୍ରଧର ବେହେରା ଉପସ୍ଥିତ ଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସାହେବ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ।

# 'ନିସ୍'ର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର,୧୫।୨ (ଅନୁରାଧା ମହାରଣା)

ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ. ପ୍ରସନ୍ନ କୁମାର ପାଟଶାଣୀ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ବିଧାୟକ ତଥା ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଗ୍ରୀନ୍ ଆର୍ମିର ମୁଖ୍ୟ ଡ. ଦିଲୀପ ଶ୍ରୀଚନ୍ଦନ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ମନୋରଞ୍ଜନ ମିଶ୍ର ଓ ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡ. ସୁଭାଷ ଚନ୍ଦ୍ର ନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପୋଷ୍ଟର ପ୍ରତିଯୋଗିତା, ଫୁଲତୋଡା ପ୍ରତିଯୋଗିତା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହ ବାୟୋଟେକ୍ନୋଲୋଜି ଛାତ୍ରୀଛାତ୍ରଙ୍କ ପକ୍ଷରୁ ଔଷଧୀୟ ବୃକ୍ଷରୋପଣ କରାଯାଇଥିଲା। ଅନୁଷ୍ଠାନର ସହପ୍ରତିଷ୍ଠାତା ପ୍ରଫେସର ସ୍ମୃତିସୁଧା ନାୟକ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଧକ୍ଷ ଡକ୍ଟର ରାଜେଶ ସ୍ୱାଇଁ, ଜଏଣ୍ଟ ରେଜିଷ୍ଟ୍ରାର ପ୍ରଫେସର ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରିଟିଶ ସାଂସଦଙ୍କୁ 'ସ୍ପ୍ରେଡିଂ ଜୟ୍' ଶୁଣାଇଲେ ଜୟ୍ ଆଲୁକ୍କାସ




ଭୁବନେଶ୍ୱର,୧୫।୨ (ଅନୁରାଧା ମହାରଣା)

ବିଶିଷ୍ଟ ଅଳଙ୍କାର ବ୍ୟବସାୟୀ ଜୟ ଆଲୁକ୍କାସ ନିକଟରେ ଲଣ୍ଡନସ୍ଥିତ ବ୍ରିଟିଶ ସଂସଦଠାରେ ଆୟୋଜିତ ଏକ ସଭାରେ ଉପସ୍ଥିତ ଥିବା ସାଂସଦମାନଙ୍କୁ ନିଜର ଆତ୍ମକଥା 'ସ୍ପ୍ରେଡିଂ ଜୟ' ଭେଟି ଦେଇଛନ୍ତି। ବ୍ରିଟିଶ ଦକ୍ଷିଣ ଏସିଆ ବାଣିଜ୍ୟ ପରିଷଦ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୟ ଆଲୁକ୍କାସଙ୍କ ଉଲ୍ଲେଖନୀୟ ଯାତ୍ରାକୁ ପ୍ରଦର୍ଶିତ କରାଯାଇଥିଲା। ଜୟ ଆଲୁକ୍କାସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଜୟ ଆଲୁକ୍କାସଙ୍କୁ ମାର୍ଟିନ ଡେ, ବୀରେନ୍ଦ୍ର ଶର୍ମା ଓ ଷ୍ଟିଫେନ ଟିମ୍ସଙ୍କ ସମେତ ବହୁ ସାଂସଦ ସ୍ୱାଗତ ଜଣାଇଥିଲେ। ସେମାନେ ଭାରତ ଓ ବ୍ରିଟେନ ମଧ୍ୟରେ ଆର୍ଥିକ ଓ ସାଂସ୍କୃତିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଦିଗରେ ତାଙ୍କର ଭୂମିକାକୁ ପ୍ରଶଂସା କରିଥିଲେ। ବାଂଲାଦେଶୀଙ୍କ ପ୍ରତିନିଧିତ୍ୱ କରୁଥିବା ବେରୋନେସ ଉଦ୍ଦିନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କେରଳର 'ସୁବର୍ଣ୍ଣ ସହର'ରେ ସାଧାରଣ ଭାବେ ଜୀବନ ଆରମ୍ଭ କରି ୧୧ଟି ଦେଶରେ ୧୬୦ରୁ ଅଧିକ ଶୋ'ରୁମ୍ ସହିତ ବିଶ୍ୱସ୍ତରୀୟ ଉପସ୍ଥିତି ଜାହିର କରିବା ପର୍ଯ୍ୟନ୍ତ ଜୟ ଆଲୁକ୍କାସଙ୍କ ଉଦ୍ୟମିତା ଯାତ୍ରା ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଜୟ ଆଲୁକ୍କାସ ଭାରତ ଓ ବ୍ରିଟେନ ମଧ୍ୟରେ ମଜଭୁତ ସମ୍ପର୍କକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ସୂଚନାଯୋଗ୍ୟ, ନିକଟରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିଜ ଆତ୍ମକଥା ଭେଟି ଦେଇଥିଲେ।

DSPL - 568

ଓଡ଼ିଶା ସରକାର

ଉଚ୍ଚ ମାଧ୍ୟମିକ ପରୀକ୍ଷାର୍ଥୀଙ୍କୁ
ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା



ଚଳିତ ବର୍ଷର ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୪ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଏହା ପରିଚାଳିତ ହେଉଛି।

ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ। ସବୁ ପରୀକ୍ଷାର୍ଥୀ ଯେପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ। ବିଶେଷ କରି, ଶିକ୍ଷକ ଶିକ୍ଷୟିତ୍ରୀ ଓ ପିତାମାତାଙ୍କର ଏ ଦିଗରେ ବିଶେଷ ଭୂମିକା ରହିଛି। ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ସମସ୍ତ ଜନସାଧାରଣଙ୍କର ସହଯୋଗ କାମନା କରୁଛି।

ଏହି ଅବସରରେ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର

ବାର୍ତ୍ତା



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ସ୍ରୋତରେ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ସେମାନଙ୍କର ଇପ୍‌ସିତ ସଫଳତା କାମନା କରୁଛି। ଚାପର ବଶବର୍ତ୍ତୀ ନ ହୋଇ ଅଧ୍ୟୟନ, ପରିଶ୍ରମ ଏବଂ ଆତ୍ମବିଶ୍ୱାସକୁ ପାଥେୟ କରି ଛାତ୍ରଛାତ୍ରୀମାନେ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଆଶା ଏବଂ ବିଶ୍ୱାସ। ଉକ୍ତ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସଂପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ପୋଲିସ ଓ ପ୍ରଶାସନର ସହଯୋଗ କାମନା କରୁଛି।

(ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡ଼ିଶା

OIPR-11003/13/0013/2324

**ସଂକ୍ଷେପରେ**

## ୪ବସ୍ତାରୁ ଊର୍ଦ୍ଧ୍ୱ ଅମଳ ଧାନ ଜାଳିଦେଲେ ଦୁର୍ବୃତ୍ତ ଫାଣ୍ଡିରେ ଅଭିଯୋଗ

ସାଲେପୁର,୧୫।୨(ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ଜପକୁଦ ଫାଣ୍ଡି ଓଡ଼ାସିଂହ ପଞ୍ଚାୟତ ଅନ୍ତର୍ଗତ ତିଳିଦା ଗ୍ରାମର ଦିବ୍ୟସିଂହ ପଣ୍ଡାଙ୍କ ୪ ବସ୍ତାରୁ ଊର୍ଦ୍ଧ୍ୱ ଅମଳ ଧାନ ବସ୍ତା ବୁଧବାର ବିଳମ୍ବିତ ରାତିରେ ଜଳି ଯାଇଛି। ଏନେଇ ଦିବ୍ୟସିଂହ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଘର ବାରଣ୍ଡାରେ ନଡ଼ା ଓ ୪/୫ବସ୍ତା ଅମଳ ଧାନ ରଖାଯାଇଥିଲା। କୌଣସି ଦୁର୍ବୃତ୍ତ ସେଥିରେ ନିଆଁ ଲଗାଇଦେଇଥିଲେ। ଅସମୟରେ ଧୂଆଁ ବାହାରିବାରୁ ପଣ୍ଡାଙ୍କ ପରିବାର ଲୋକେ ଦାଣ୍ଡ କବାଟ ଖୋଲି ଦେଖିଥିଲେ। ସେତେବେଳକୁ ଧାନ ବସ୍ତା ସମେତ ନଡ଼ାଗୁଡିକ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଅଭିଯୋଗ ପରେ ଜପକୁଦ ଫାଣ୍ଡି ପୋଲିସ ଘଟଣାର ତଦନ୍ତ କରୁଛି।

## ୫୦ କିଲୋ ଗଞ୍ଜେଇ ଜବତ:୨ ଗିରଫ

ସାଲେପୁର/ କଟକ ସଦର, ୧୫।୨
(ଅରବିନ୍ଦ ଭୂୟାଁ/ ସୁଶାନ୍ତ କୁମାର ଜେନା)

ସାଲେପୁର-କୁଆପାଳ ରାସ୍ତାର ସିମ୍ଳପଡା ଗ୍ରାମ ନିକଟ ଏକ କାର୍‌ରୁ ଗୁରୁବାର ସନ୍ଧ୍ୟାରେ ୩୦ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇଛି। ଏହି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ସମ୍ବଲପୁର ରେଢ଼ାଖୋଲ ଅଞ୍ଚଳର ପ୍ରମୋଦ କୁମାର ସାହୁ। ଏହି ଗଞ୍ଜେଇ କନ୍ଧମାଳରୁ ଆସୁଥିବା ନେଇ ଅବକାରୀ ବିଭାଗକୁ କୌଣସି ସୂତ୍ରରୁ ସୂଚନା ମିଳିଥିଲା। ଏହାପରେ ବିଭାଗ ପକ୍ଷରୁ ସିମ୍ଳପଡ଼ା ଗ୍ରାମ ନିକଟରେ ଚଢ଼ାଉ କରାଯାଇଥିଲା। ଏନେଇ ବିଭାଗ ପକ୍ଷରୁ ମାମଲା ନଂ. ୭୭/୨୩-୨୪ ରୁଜୁ କରାଯାଇଛି। ସେହିପରି ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ ୪୨ମୌଜା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ପୁର ଥାନା ଅନ୍ତର୍ଗତ ପୂର୍ବକଚ୍ଛ ଗ୍ରାମର ମୋହନ ସାହୁ। ତାଙ୍କଠାରୁ ୨୦ କିଲୋ ୫୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ସେ ଏକ ଅଖାରେ ଗଞ୍ଜେଇ ଭର୍ତ୍ତି କରି ୪୨ ମୌଜାକୁ ଆଣିବାବେଳେ ପୋଲିସ ହାବୁଡରେ ପଡିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୫୬/୨୪) ରୁଜୁ ହୋଇଛି।

# ଦ୍ରୁତଗତି ଯୋଗୁ ଦୁର୍ଘଟଣା ଘଟିଥିଲା: ଏଡିସିପି

କଟକ, ୧୫।୨(ଶିଳ୍ପା ପ୍ରିୟଦର୍ଶିନୀ)

**ବସ୍ ଓଲଟିବା ଘଟଣା**
- ଚାଳକଙ୍କ ବିରୋଧରେ ମାମଲା
- ଏସ୍‌ସିବିରୁ ୫ ଡିସ୍‌ଚାର୍ଜ ହେଲେ

କଟକ ଗୋପାଳପୁର ନିକଟରେ ବସ୍ ଦୁର୍ଘଟଣାରେ ଆହତ ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ୫ ଜଣଙ୍କୁ ବୁଧବାର ବିଳମ୍ବିତ ରାତିରେ ଡିସ୍‌ଚାର୍ଜ କରାଯାଇଛି। ସେଠାରେ ଆଉ ୬ ଜଣ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ସର୍ଜରୀ ବିଭାଗରେ ୪ ଜଣ, ନ୍ୟୁରୋସର୍ଜରୀ ବିଭାଗରେ ଜଣେ ଓ ଅର୍ଥୋପେଡିକ ବିଭାଗରେ ଜଣଙ୍କୁ ଚିକିତ୍ସା କରାଯାଉଛି। ଆଉ ୨ ଜଣ ଚିକିତ୍ସିତ ହୋଇ ଘରକୁ ଫେରିଯାଇଛନ୍ତି। ଏବେ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ ସୂଚନା ଦେଇଛନ୍ତି। ଅପରପକ୍ଷରେ ଏହି ଦୁର୍ଘଟଣା ପରେ କମିଶନରେଟ୍ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବସ୍ ଚାଳକ ଫେରାର ଅଛନ୍ତି। ଅତିରିକ୍ତ ଡିସିପି ଅନିଲ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, କୌଣସି ସାଇକେଲ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ବସ୍ ଓଲଟିନାହିଁ। ଗାଡିଟି ଦ୍ରୁତଗତିରେ ଯାଉଥିବାରୁ ଭାରସାମ୍ୟ ହରାଇ ଡିଭାଇଡର ଉପରକୁ ମାଡିଯିବା ସହ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ରାସ୍ତା ଉପରେ ଓଲଟି ପଡିଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ବସ୍ ଚାଳକଙ୍କ ବିରୋଧରେ କଟକ ସଦର ଥାନାରେ ଏକ ମାମଲା(ନଂ.୯୪/୨୪) ରୁଜୁ ହୋଇଛି। ସୂଚନାଯୋଗ୍ୟ, ୧୬ ନମ୍ବର ଜାତୀୟ ରାଜପଥର କଟକ ଗୋପାଳପୁର ନିକଟରେ ବୁଧବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡିଥିଲା। ଏଥିରେ ୧୩ ଜଣ ଆହତ ହୋଇଥିବାବେଳେ ବସ୍ କଣ୍ଡକ୍ଟର କଟକ ସଦର ଥାନା ଅଧୀନ ଖଲର୍ଦ୍ଦା ଅଞ୍ଚଳର ପ୍ରକାଶ କୁମାର ସ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା।



ଆଠଗଡ଼ ବ୍ଲକ ମିଶନ ଶକ୍ତି ପକ୍ଷରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଗୁରୁବାର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବ୍ୟାଙ୍କମିତ୍ର, ଏମ୍‌ବିକେ ଓ ସିଆର୍‌ପିଙ୍କୁ ଲାପ୍‌ଟପ, ମୋବାଇଲ ଫୋନ, ଶାଢ଼ି, ସହାୟତା ରାଶି ଓ ଅନୁବନ୍ଧିତ ସ୍ୱୟଂ ସହାୟିକା ଗୋଷ୍ଠୀକୁ ବିନାସୁଧରେ ଋଣ ବଣ୍ଟନ କରିଛନ୍ତି।

# ୩ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା

ତିଗିରିଆ,୧୫।୨(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ୩ ପଞ୍ଚାୟତରେ ଗୁରୁବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗଦାଧରପୁର ପଞ୍ଚାୟତର ରଘୁନାଥଙ୍କ ମନ୍ଦିର ପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ପୁଷ୍ପିତା ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି,ପ୍ରଦୀପ୍ତ ଦାଶ,ସୁଶୀଲ କୁମାର ମାନସିଂ, ଭୋଲେଶ୍ୱର ସ୍ୱାଇଁ, ରୁପା ଦଳେଇ, ଧନେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ପଞ୍ଚାୟତର ୧୨ଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା ଅନୁଦାନ ରାଜ୍ୟ ସରକାର



ଦେଇଥିବା କହିଥିଲେ। ବିନ୍ଧାଣିମା ପଞ୍ଚାୟତର ଗୋପୀନାଥ ଜୀଉଙ୍କ ମନ୍ଦିରରେ ଆୟୋଜିତ ସଚେତନତା ଶିବିରରେ ସରପଞ୍ଚ ସୁଜାତା ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏଠାରେ ମୁଖ୍ୟଅତିଥିଭାବେ ଡ.ନାରାୟଣ ପଣ୍ଡା,ସମ୍ମାନିତ ଅତିଥିଭାବେ ପୂର୍ବତନ ସମିତି ଅଧ୍ୟକ୍ଷ ଭାଗିରଥି ନନ୍ଦ, ବ୍ଲକ ଉପାଧ୍ୟକ୍ଷ ମାନସ ସାହୁ, ଜିଲାପରିଷଦ ସଭ୍ୟା ସସ୍ମିତା ରାଉତ,ସମିତି ସଭ୍ୟା ସୋନାଲି ସେଠୀ,ମାୟାଧର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବାଲିପୁଟ ପଞ୍ଚାୟତର ବାଣେଶ୍ୱର ଦେବଙ୍କ ମନ୍ଦିରରେ ସରପଞ୍ଚ ରଞ୍ଜନ ସୁତାରଙ୍କ ସଭାପତିତ୍ୱ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ସମ୍ମାନିତ ଅତିଥିଭାବେ ବ୍ଲକ ବିଜେଡି ସଭାପତି ଅଜିତ ଧିର, ପୂର୍ବତନ ସମିତି ଉପାଧ୍ୟକ୍ଷ ଗୌରହରୀ ପରିଡା,ଜିଲା ପରିଷଦସଭ୍ୟ ସଞ୍ଜୟ ମଲ୍ଲିକ,ଯୋଗଦେଇ ପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇଥିଲେ। ଏହି ୩ ପଞ୍ଚାୟତରେ ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ତରଫରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ, ଉତ୍ପାଦିତ ସାମଗ୍ରୀର ଲଗାଯାଇଥିଲା।

# ସ୍ତ୍ରୀଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଲେ ଅଭିନେତା ନୀତୀଶ ଭରଦ୍ୱାଜ

ଭୋପାଳ,୧୫।୨:

ଟିଭି ସିରିଏଲ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ରାଜୁତି କରିଥିବା ଜଣାଶୁଣା ଅଭିନେତା ନୀତୀଶ ଭରଦ୍ୱାଜ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ତାଙ୍କ ଆଇଏଏସ୍ ସ୍ତ୍ରୀ ସ୍ମିତା ଭରଦ୍ୱାଜଙ୍କ ବିରୋଧରେ ଥାନାରେ ଏଫ୍ଆଇଆର ରୁଜୁ କରିଛନ୍ତି। ସ୍ମିତା ତାଙ୍କୁ ଦୀର୍ଘ ଦିନ ହେଲା ମାନସିକ ନିର୍ଯାତନା ଦେଇ ଆସୁଥିବା ନେଇ ନିଜ ଅଭିଯୋଗ ପତ୍ରରେ ନୀତୀଶ ଉଲ୍ଲେଖ କରିଛନ୍ତି। ଦୀର୍ଘଦିନ ଧରି ସେ ମାନସିକ ଭାବେ ଭାଙ୍ଗି ପଡ଼ିଥିବା ଏହି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଭୋପାଳ ପୋଲିସ କମିଶନରଙ୍କୁ ଇ ମେଲ ଜରିଆରେ ସହାୟତା ମାଗିଛନ୍ତି ନୀତୀଶ। ନୀତୀଶଙ୍କ ଅଭିଯୋଗ ଆଧାରରେ ଭୋପାଳ ପୋଲିସ କମିଶନର ମାମଲାର ଯାଞ୍ଚ ଆଦେଶ ଦେଇଛନ୍ତି । ଜଣେ ଅତିରିକ୍ତ ଡିସିପିଙ୍କୁ ମାମଲା ଯାଞ୍ଚ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ବି. ଆର. ଚୋପ୍ରାଙ୍କ ନିର୍ଦ୍ଦେଶିତ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ନୀତିଶ ଘରେ ଘରେ ବେଶ୍ ପରିଚିତ ହୋଇ ପାରିଥିଲେ। ଆଜି ବି ଫ୍ୟାନ୍ସ ତାଙ୍କୁ ଶ୍ରୀକୃଷ୍ଣ ଭୂମିକା ପାଇଁ ମନେ ପକାଉଛନ୍ତି ।୨୦୦୯ ମସିହା ମାର୍ଚ୍ଚ ୧୪ ତାରିଖରେ ଆଇଏଏସ୍ ଅଫିସର ସ୍ମିତାଙ୍କୁ ନୀତୀଶ ଦ୍ୱିତୀୟ ବିବାହ କରିଥିଲେ । ପରେ ୨୦୨୨ରେ ଦୁହେଁ ଉଭୟଙ୍କଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ସ୍ମିତା ତାଙ୍କର କନ୍ୟାଙ୍କ ସହିତ ଇନ୍ଦୋରରେ ରହୁଛନ୍ତି।

# ପ୍ରତି ପରିବାରକୁ ପାନୀୟ ଜଳ ଯୋଗାଣ ପାଇଁ ସରକାର ସଙ୍କଳ୍ପବଦ୍ଧ

ନିଶ୍ଚିନ୍ତକୋଇଲି,୧୫।୨
(ଅଶୋକ କୁମାର ମହାପାତ୍ର)

**କଲ୍ୟାଣ ମଣ୍ଡପ, ସ୍ୱାସ୍ଥ୍ୟକେନ୍ଦ୍ର, ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ**

କୌଣସି ବି ଲୋକ ଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହେବେ ନାହିଁ। ପ୍ରତି ପରିବାରକୁ ପାଇପ ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ରାଜ୍ୟ ସରକାର ବଦ୍ଧପରିକର। ସରକାର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପକୁ ତ୍ୱରାନ୍ୱିତ ଓ କ୍ରିୟାଶୀଳ କରିବା ପାଇଁ ଯୋଜନା କରିଛନ୍ତି ବୋଲି ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଏକ ପାନୀୟ ଜଳ ପ୍ରକଳ୍ପର ଲୋକାର୍ପଣ କରି ମତବ୍ୟକ୍ତ କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ପଞ୍ଚାୟତରେ ୮୩ ଲକ୍ଷ ୯୦ ହଜାର ଟଙ୍କା ବିନିମୟରେ ଏକ ପାନୀୟ ଜଳ ପ୍ରକଳ୍ପର ଲୋକାର୍ପଣ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ରମ ହେବା ପରେ ବୁହାଲୋ ଓ ସୁନାଇଲୋ ଗ୍ରାମର ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ପରିବାର ସ୍ୱଚ୍ଛ ପାନୀୟ ଜଳ ପାଇପାରିବେ। ସେହିପରି ଭାବେ ଏହି ପଞ୍ଚାୟତର ୨୫ ଲକ୍ଷ ଟଙ୍କା ବିନିମୟରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ମଧ୍ୟ ଲୋକାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ରମାକାନ୍ତ ମହାନ୍ତି, ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ବିଭାଗୀୟ ଯନ୍ତ୍ରୀ ଚିନ୍ମୟୀ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଅମିତ ଜେନା,ସ୍ୱାସ୍ଥ୍ୟକର୍ମୀ ତଡିତ ମଲିକ,ମାନସୀ ପଣ୍ଡା, ଏନଆର୍‌ଏଚ୍‌ଏମ୍ ଯନ୍ତ୍ରୀ ଚନ୍ଦନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହାଛଡ଼ା ରାମକୃଷ୍ଣପୁର ପଞ୍ଚାୟତର ନବନିର୍ମିତ କଲ୍ୟାଣ ମଣ୍ଡପ ଲୋକାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ଧର୍ମରଞ୍ଜନ ପଣ୍ଡା ଯୋଗ ଦେଇଥିବା ବେଳେ ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତର ବହୁ ଲୋକପ୍ରତିନିଧି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ଅଲେଖ ଧର୍ମର ରୀତିନୀତି ଅନୁଯାୟୀ ଭୂମି ପୂଜନ କରାଯାଉଛି।

# ସ୍ୱାମୀ ବିବେକାନନ୍ଦ ପାଠାଗାର ପାଇଁ ଭୂମି ପୂଜନ

କୁଜଙ୍ଗ/କଟକ,୧୫।୨
(ମନୋଜ ପ୍ରଧାନ/ଶିଳ୍ପା ପ୍ରିୟଦର୍ଶିନୀ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମରେ ସ୍ୱାମୀ ବିବେକାନନ୍ଦ ପାଠାଗାର ପ୍ରତିଷ୍ଠା ନିମନ୍ତେ ମହିମା ଅଲେଖ ଧର୍ମର ରୀତିନୀତି ଅନୁଯାୟୀ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ପାଠାଗାର ୨୦୧୮-୧୯ରେ ପଞ୍ଜୀକୃତ ହୋଇଥିଲା। ଏହା ପ୍ରତିଷ୍ଠା ହେବା ଫଳରେ ଶିକ୍ଷା ସମାପ୍ତପରେ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ବିଦ୍ୟାର୍ଥୀ ସହରାଭିମୁଖୀ ନ ହୋଇ ଏହି ପାଠାଗାର ପ୍ରକୋଷ୍ଠରେ ନିଜକୁ ପ୍ରସ୍ତୁତ କରିପାରିବେ। ଏଥିସହ ନିଜର ସ୍ଥିତିକୁ ସୁଦୃଢ଼ କରିପାରିବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି। ଏମିତି ଏକ ସୁନ୍ଦର ଓ ଅଭିନବ ପ୍ରୟାସକୁ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍ ଓ ଯୁବଗୋଷ୍ଠୀ ପ୍ରଶଂସା କରିଛନ୍ତି ।

# ବିକଶିତ ଓଡ଼ିଶା ଗଠନରେ କୃଷକଙ୍କ ଭୂମିକା ସ୍ୱତନ୍ତ୍ର

**୨ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ**

ନିଶ୍ଚିନ୍ତକୋଇଲି ୧୫।୨(ଅଶୋକ କୁମାର ମହାପାତ୍ର)

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। କୃଷି କୃଷକର ଉନ୍ନତି ପାଇଁ ରାଜ୍ୟ ସରକାର ବହୁ କୃଷକ କଲ୍ୟାଣ ଯୋଜନା ହାତକୁ ନେଇଛନ୍ତି। କାଳିଆ ଯୋଜନା ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୪ ହଜାର ଟଙ୍କା ସହାୟତା, ଭୂମିହୀନ ଚାଷୀଙ୍କୁ ୩ କିସ୍ତିରେ ୧୨ ହଜାର ଟଙ୍କା ସହାୟତା,ଗ୍ରାମାଞ୍ଚଳ ଚାଷୀଙ୍କ ପାଇଁ ବିନା ସୁଧରେ ଏକଲକ୍ଷ ଟଙ୍କା ଋଣ, ୬୧.୮୮ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଏବଂ ଭୂମିହୀନ ଚାଷୀଙ୍କୁ ୧୨ହଜାର କୋଟି ଟଙ୍କାର ସହାୟତା, ବୃତ୍ତିଗତ ଓ ବୈଷୟିକ ଶିକ୍ଷା ନିମନ୍ତେ ଛାତ୍ରବୃତ୍ତି ପ୍ରଦାନ କରି ରାଜ୍ୟ ସରକାର ଚାଷୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଯୋଜନା କରିଛନ୍ତି। କାରଣ ବିକଶିତ ଓଡ଼ିଶା ଗଠନରେ ଚାଷୀଙ୍କ ଭୂମିକା ସ୍ୱତନ୍ତ୍ର। ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଓ ରାମକୃଷ୍ଣପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେବା ସହ ରାଜ୍ୟ ସରକାର ପଞ୍ଚାୟତକୁ ସ୍ୱତନ୍ତ୍ର କ୍ଷମତା ଦେଇ ସିଧାସଳଖ ଲୋକଙ୍କୁ ସରକାରୀ ଯୋଜନା ମାଧ୍ୟମରେ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇପାରିଛନ୍ତି




କାର୍ଯ୍ୟକ୍ରମରେ ବିଧାୟକ ପ୍ରତାପ ଜେନା ବକ୍ତବ୍ୟ ଦେଉଛନ୍ତି।

ବୋଲି ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ବିଡିଓ ଧର୍ମରଞ୍ଜନ ପଣ୍ଡା,ସିଡିପିଓ ସତ୍ୟଭାମା ବିଶୋଇ, ଜିଲା ପରିଷଦ ସଭ୍ୟ ବିପ୍ଳବ କାପ, ଜସ୍ମିତା ସେଠୀ ,ପ୍ରାକ୍ତନ ଅଧ୍ୟକ୍ଷା ସବିତା ଓଝା ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ମହିଳାମାନଙ୍କ ପାଇଁ ୫ଟି ଉପହାର ଯଥା ଲକ୍ଷ୍ମୀ ବସ୍, ମମତା ଯୋଜନା, ମିଶନ ଶକ୍ତି ଓ ବିଏସ୍‌କେୱାଇ ଯୋଜନା କରିଥିବା କରିଥିଲେ। ରାମକୃଷ୍ଣପୁର ପଞ୍ଚାୟତରେ ସରପଞ୍ଚ ଭାରତୀ ସ୍ୱାଇଁଙ୍କ ସଭାପତିତ୍ୱରେ ସମିତି ସଭ୍ୟ ନର୍ମଦା ରାଉତ, ପ୍ରାକ୍ତନ ସରପଞ୍ଚ ମନୋରଞ୍ଜନ ସ୍ୱାଇଁ, ଗଙ୍ଗାଧର ବସ୍ତିଆ, ମହମ୍ମଦ ଅଜିମ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ କବି ତଥା ଶିକ୍ଷାବିତ୍ ଶ୍ୟାମସୁନ୍ଦର ଲେଙ୍କାଙ୍କ ସ୍ୱରଚିତ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏଥିସହ ରାଶନକାର୍ଡ ହିତାଧିକାରୀଙ୍କୁ ବ୍ୟାଗ୍ ଓ ୧ହଜାର୍ ଲେଖାଏ ଟଙ୍କା ପ୍ରଦାନ କରାଯାଇଛି। ସେହିଭଳି ବୁହାଲୋ ପଞ୍ଚାୟତରେ ସରପଞ୍ଚ ରମାକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ନାଏବ ସରପଞ୍ଚ ସ୍ୱର୍ଣ୍ଣଲତା ମହାନ୍ତି, ଗଗନ ବିହାରୀ ବରାଳ, ପୂର୍ବତନ ସରପଞ୍ଚ ସାଧୁଚରଣ ସେଠୀ, ମାୟାଧର ପରିଡା, ବିମ୍ବାଧର ମଳିକ, ଆଶିଷ ସାହୁ, ଅଚ୍ୟୁତାନନ୍ଦ ସାହୁ ଓ ଚକ୍ରଧର ପଲେଇ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ,ବରିଷ୍ଠ ନାଗରିକ,ବୁଦ୍ଧିଜୀବୀ, ସାହିତ୍ୟିକ ଓ ଶିକ୍ଷାବିତମାନଙ୍କୁ ପଞ୍ଚାୟତ ପକ୍ଷରୁ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସରକାରୀ ଯୋଜନା ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି।

DSPL - 568

ଓଡ଼ିଶା ସରକାର

**ଉଚ୍ଚ ମାଧ୍ୟମିକ ପରୀକ୍ଷାର୍ଥୀଙ୍କୁ**
**ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା**



ଚଳିତ ବର୍ଷର ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୪ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଏହା ପରିଚାଳିତ ହେଉଛି।

ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ। ସବୁ ପରୀକ୍ଷାର୍ଥୀ ଯେପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ବିଶେଷ କରି, ଶିକ୍ଷକ ଶିକ୍ଷୟିତ୍ରୀ ଓ ପିତାମାତାଙ୍କର ଏ ଦିଗରେ ବିଶେଷ ଭୂମିକା ରହିଛି । ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ସମସ୍ତ ଜନସାଧାରଣଙ୍କର ସହଯୋଗ କାମନା କରୁଛି ।

ଏହି ଅବସରରେ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର

**ବାର୍ତ୍ତା**



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ସ୍ରୋତରେ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ସେମାନଙ୍କର ଇପ୍ସିତ ସଫଳତା କାମନା କରୁଛି । ଚାପର ବଶବର୍ତ୍ତୀ ନ ହୋଇ ଅଧ୍ୟୟନ, ପରିଶ୍ରମ ଏବଂ ଆତ୍ମବିଶ୍ୱାସକୁ ପାଥେୟ କରି ଛାତ୍ରଛାତ୍ରୀମାନେ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଆଶା ଏବଂ ବିଶ୍ୱାସ । ଉକ୍ତ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସଂପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ପୋଲିସ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡ଼ିଶା

OIPR-11003/13/0013/2324

## ସଂକ୍ଷେପରେ

### ସ୍ତ୍ରୀଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଲେ ଅଭିନେତା ନୀତୀଶ ଭରଦ୍ୱାଜ

ଭୋପାଳ: ଟିଭି ସିରିଏଲ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ରାଜୁତି କରିଥିବା ଜଣାଶୁଣା ଅଭିନେତା ନୀତୀଶ ଭରଦ୍ୱାଜ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ତାଙ୍କ ଆଇଏଏସ୍ ସ୍ତ୍ରୀ ସ୍ମିତା ଭରଦ୍ୱାଜଙ୍କ ବିରୋଧରେ ଥାନାରେ ଏଫ୍‌ଆଇଆର ରୁଜୁ କରିଛନ୍ତି। ସ୍ମିତା ତାଙ୍କୁ ଦୀର୍ଘ ଦିନ ହେଲା ମାନସିକ ନିର୍ଯାତନା ଦେଇ ଆସୁଥିବା ନେଇ ନିଜ ଅଭିଯୋଗ ପତ୍ରରେ ନୀତୀଶ ଉଲ୍ଲେଖ କରିଛନ୍ତି। ଦୀର୍ଘଦିନ ଧରି ସେ ମାନସିକ ଭାବେ ଭାଙ୍ଗି ପଡ଼ିଥିବା ଏହି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଭୋପାଳ ପୋଲିସ କମିଶନରଙ୍କୁ ଇ ମେଲ ଜରିଆରେ ସହାୟତା ମାଗିଛନ୍ତି ନୀତୀଶ । ନୀତୀଶଙ୍କ ଅଭିଯୋଗ ଆଧାରରେ ଭୋପାଳ ପୋଲିସ କମିଶନର ମାମଲାର ଯାଞ୍ଚ ଆଦେଶ ଦେଇଛନ୍ତି । ଜଣେ ଅତିରିକ୍ତ ଡିସିପିଙ୍କୁ ମାମଲା ଯାଞ୍ଚ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ବି. ଆର. ଚୋପ୍ରାଙ୍କ ନିର୍ଦ୍ଦେଶିତ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ନୀତିଶ ଘରେ ଘରେ ବେଶ୍ ପରିଚିତ ହୋଇ ପାରିଥିଲେ। ଆଜି ବି ଫ୍ୟାନ୍ସ ତାଙ୍କୁ ଶ୍ରୀକୃଷ୍ଣ ଭୂମିକା ପାଇଁ ମନେ ପକାଉଛନ୍ତି। ୨୦୦୯ ମସିହା ମାର୍ଚ୍ଚ ୧୪ ତାରିଖରେ ଆଇଏଏସ୍ ଅଫିସର ସ୍ମିତାଙ୍କୁ ନୀତୀଶ ଦ୍ୱିତୀୟ ବିବାହ କରିଥିଲେ । ପରେ ୨୦୨୨ରେ ଦୁହେଁ ଉଭୟଙ୍କଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ସ୍ମିତା ତାଙ୍କର କନ୍ୟାଙ୍କ ସହିତ ଇନ୍ଦୋରରେ ରହୁଛନ୍ତି।

### ଡକାୟତି ଯୋଜନା ପଣ୍ଡ: ୫ ଗିରଫ

ପୁରୀ, ୧୫।୨ (ଅଜିତ୍ ମହାନ୍ତି)

ଡକାୟତି ଯୋଜନାବେଳେ ତାଳବଣିଆ ଥାନା ପୋଲିସ ୫ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ରାମମନ୍ଦିର ଛକ ତେଲୁଗୁ ସାହିର ଆର୍. କଣ୍ଟାରୀ ପ୍ରଧାନ, ସାଲବେଗ ସାହିର ବି.ପୁରୁଷୋତ୍ତମ ରେଡ୍ଡୀ, କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଷ୍ଟେଶନ ରୋଡ ଘୋଡ଼ାବଜାର ଅଞ୍ଚଳର କାର୍ତ୍ତିକ ମହାନ୍ତି, ବାଲି ଉପରର ଶଙ୍କର ଦାସ ଓ ରାମଚଣ୍ଡୀ ସାହି ବାଲିକୁଦ ଅଞ୍ଚଳର ଲୋକନାଥ ନନ୍ଦ। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ୪ଟି ଲୁହାରଡ୍ ଓ ଗୋଟିଏ ଖଣ୍ଡା ଜବତ କରିଛି। ପୋଲିସ ଏ ନେଇ ଏକ କେସ୍ (ନଂ. ୧୭/୨୪) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, କେତେଜଣ ବ୍ୟକ୍ତି ଆଖଣ୍ଡଳମଣି ମନ୍ଦିର ନିକଟରେ ବିଭିନ୍ନ ମାରଣାସ୍ତ୍ର ଧରି ଡକାୟତି ପାଇଁ ଯୋଜନା କରୁଥିଲେ। ପୋଲିସ ଖବର ପାଇ ଉକ୍ତ ଅଞ୍ଚଳରେ ଚଢାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବସୁଧା ଯୋଜନାରେ ଟାଙ୍କି, ଘର ପାଚେରି କାର୍ଯ୍ୟ ନିମ୍ନମାନର

ଚାରିଛକ, ୧୫।୨ (ଶିଶିର ସ୍ୱାଇଁ):



ବସୁଧା ଯୋଜନାରେ ନିର୍ମାଣ କାର୍ଯ୍ୟ ଚାଲିଛି ।

କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ସାଧାରଣ ଲୋକଙ୍କ ପାଇଁ ପାନୀୟ ଜଳ ପ୍ରକଳ୍ପରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ପୁରୀ ଜିଲା ଚାରିଛକ ଥାନା ଅଧୀନ ତୁଳସୀପୁର ପଞ୍ଚାୟତର ଦଣ୍ଡିକିରା ଗ୍ରାମରେ କୋଟି କୋଟି ଟଙ୍କା ବିନିମୟରେ ନିର୍ମାଣ ହେଉଥିବା ଘର, ପାଚେରି ଓ ପାଣିଟାଙ୍କି ଅତି ନିମ୍ନମାନର କାର୍ଯ୍ୟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିମ୍ନମାନର କାର୍ଯ୍ୟ ଦେଖି ଗ୍ରାମବାସୀ ଭଲ କାମ କରିବାକୁ ଦାବି କରିଥିଲେ। ତେବେ କୌଣସି ଅଧିକାରୀଙ୍କ ଅନୁପସ୍ଥିତିରେ କାମ କରାଯାଉଛି। ଫଳରେ ଠିକାଦାର, ସୁପରଭାଇଜର ମନଇଚ୍ଛାରେ କାମ କରୁଛନ୍ତି। ଏନେଇ ଗ୍ରାମର ରାଜେଶ ବେହେରା, ସୁନୀଲ ପରିଡ଼ାଙ୍କ ସମେତ ଶତାଧିକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାମ ଖରାପ ହେଉଥିବା ଅଭିଯୋଗ କଲେ ଦାୟିତ୍ୱରେ ଥିବା କର୍ମଚାରୀ ଧମକ ଦେଉଛନ୍ତି। ଏ ବାବଦରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ, କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଫୋନ କଲେ ମଧ୍ୟ ସେ ଫୋନ ଉଠାଉ ନ ଥିବା ଜଣାପଡ଼ିଛି। ଏଥିରୁ ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତୁରନ୍ତ କାର୍ଯ୍ୟର ମାନ ଯାଞ୍ଚ କରି ଠିକ କାମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ଦିଗରେ ପୁରୀ ଜିଲାପାଳ, ୫-ଟି ଅଧକ୍ଷ ଓ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଅଞ୍ଚଳରେ ଦାବି ହେଉଛି।

# ପାତ୍ରପଡ଼ା ଖାଦାନରୁ ଗଳିତ ମୃତଦେହ ଜବତ

ଡେଲାଙ୍ଗ, ୧୫।୨ (ରଶ୍ମିରଞ୍ଜନ ପ୍ରଧାନ):

**ହତ୍ୟା ଅଭିଯୋଗ ଆଣିଲା ପରିବାର**

ଡେଲାଙ୍ଗ ଥାନା ଅଧୀନ ମାନପୁର ସନ୍ନିକଟ ପାତ୍ରପଡ଼ାସ୍ଥିତ ଏକ ପଥର ଖାଦାନରେ ଥିବା ପାଣିରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହକୁ ଡେଲାଙ୍ଗ ପୋଲିସ ଗୁରୁବାର ଜବତ କରିଛି। ମୃତକ ହେଲେ ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅଧୀନ ସିକିରି ଗ୍ରାମର ଭଗବାନ ପଣ୍ଡା (୫୨)। ତାଙ୍କ ପରିବାର ଲୋକେ ଜାଣି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପରିବାରର ଅଭିଯୋଗ ଅନୁଯାୟୀ ପୋଲିସ ୬୧/୨୪ରେ ଏକ ହତ୍ୟା ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ମୃତଦେହରୁ ଦୁର୍ଗନ୍ଧ ବାହାରିବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତି ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ନିକଟରୁ ଏକ ମୋବାଇଲ୍ ଫୋନ ପୋଲିସ ଜବତ କରିଛି। ପୋଲିସ ଫୋନ କଲ ରେକର୍ଡରୁ ତାଙ୍କ ପରିବାର ସହିତ ଯୋଗାଯୋଗ କରିଥିଲା। ଭଗବାନ ଗତ ୬ ତାରିଖରେ ପୁଅ ରାକେଶ ପଣ୍ଡାଙ୍କୁ ଫୋନ କରି ଏକ କାମରେ ଭୁବନେଶ୍ୱର ଯାଉଛି ବୋଲି କହିଥିଲେ। ତା' ପରଦିନଠାରୁ ତାଙ୍କ ଫୋନ ଲାଗୁ ନ ଥିଲା। ଏଠାରେ ତାଙ୍କୁ ହତ୍ୟା କରାଯାଇଥିବା ପୁଅ ରାକେଶ ଥାନାରେ ଅଭିଯୋଗ କରିଛନ୍ତି। ମୃତଦେହଟି ପଚି ଯାଇଥିବାବେଳେ ଶରୀରରେ କୌଣସି କ୍ଷତ ଚିହ୍ନ ଥିବା ଜଣାପଡ଼ିନି।

# ଆଜି ଲକ୍ଷ୍ମୀ ବସ୍ ଲୋକାର୍ପଣ

ପୁରୀ, ୧୫।୨ (ଅଜିତ୍ ମହାନ୍ତି)

ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଶୁକ୍ରବାର ଅପରାହ୍ନ ୪.୩୦ରେ ପୁରୀ ଜିଲା ପାଇଁ ଲକ୍ଷ୍ମୀ ବସ୍ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଜିଲା ପାଇଁ ୨୩ଟି ବସ୍ ଲୋକାର୍ପଣ କରାଯିବ। ଏ ସମ୍ପର୍କରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ ଏବଂ ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଗୋରୁ ବୋଝେଇ ଗାଡ଼ିକୁ ପୋଲିସ ଜିମା ଦେଲା ବଜରଙ୍ଗ ଦଳ

ଅସ୍ତରଙ୍ଗ, ୧୫।୨ (ପ୍ରଦୀପ୍ତ କୁମାର ଦୀକ୍ଷିତ):

ଅସ୍ତରଙ୍ଗ ଥାନା ଅଧୀନ ଆଇସିଣିଆ ଏକ ଫାର୍ମରୁ ଏକ ଆଇଚରରେ ଗୋରୁ ଚାଲାଣବେଳେ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ କର୍ମକର୍ତ୍ତା ଉକ୍ତ ଗାଡ଼ିକୁ ପୋଲିସ ଜିମା ଦେଇଛନ୍ତି। ବଜରଙ୍ଗ ଦଳ ପକ୍ଷରୁ ହୋଇଥିବା ଅଭିଯୋଗରେ ପୋଲିସ ଏକ ମାମଲା ରୁଜୁ କରି ଦତନ୍ତ ଚଳାଇଛି। ପ୍ରକାଶ ଯେ, ଗ୍ରାମର ଜଣେ ଚାଷୀଙ୍କ ଘରୁ ଏକ ଗାଡ଼ି ଅନ୍ୟତ୍ର ଯାଉଥିବାବେଳେ ଅସ୍ତରଙ୍ଗ କୁହୁଡ଼ି ଛକ ନିକଟରେ ବଜରଙ୍ଗ ଦଳ କର୍ମକର୍ତ୍ତା ଉକ୍ତ ଗାଡ଼ି ଚାଳକଙ୍କୁ ଏ ବାବଦରେ ପଚାରିଥିଲେ। ଏହି ଘଟଣାକୁ ନେଇ ଦୀର୍ଘ ସମୟ ଧରି ଉତ୍ତେଜନା ଦେଖାଦେଇଥିଲା। ପରେ ଥାନାଧିକାରୀ ରାଜେଶ ବଳିୟାରସିଂ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିଟିକୁ ଥାନାକୁ ଆଣିଥିଲେ।

# ପ୍ରେମୀଯୁଗଳଙ୍କ ବିବାହ କରାଇଲା ପୋଲିସ



ଗୋପ, ୧୫।୨ (ଭାରତୀ ଭୂଷଣ ଉପାଧ୍ୟାୟ):

ପ୍ରେମ ସମ୍ପର୍କକୁ ନେଇ ଘରୁ ଫେରାର ହୋଇଥିବା ଯୁବତୀ ଯୁବକଙ୍କ ବିବାହ ଗୁରୁବାର ଗୋପ ପୋଲିସ ଉପସ୍ଥିତିରେ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି। ଏହି ପ୍ରେମ ବିବାହକୁ ନେଇ ଗୋପ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ପ୍ରକାଶ ଯେ, ଗୋପ ଥାନା ଅଞ୍ଚଳର ଯୁବତୀ ସସ୍ମିତା ପାତ୍ର କଟକ ଜିଲା ଗୋବିନ୍ଦପୁର ଥାନା ଅଧୀନ ବାରସାଇଲୋ ଗ୍ରାମର ହେମନ୍ତ କାଣ୍ଡି (୩୦)ଙ୍କ ମଧ୍ୟରେ ୨ ବର୍ଷ ହେବ ପ୍ରେମ ସମ୍ପର୍କ ଥିଲା। ମାତ୍ର ଦୁହିଁଙ୍କ ବିବାହ ପାଇଁ ପରିବାରର ସମ୍ମତି ମିଳୁ ନ ଥିଲା। ୨ ଦିନ ତଳେ ଦୁହେଁ କେଉଁଆଡ଼େ ପଳାଇଯାଇଥିଲେ। ବୁଧବାର ରାତି ୧୧ଟାରେ ଉଭୟଙ୍କୁ ଆଣି ପରିବାରର ସଦସ୍ୟ ଗୋପ ପୋଲିସ ଜିମା ଦେଇଥିଲେ। ପୋଲିସ ଗୁରୁବାର ସକାଳୁ ଉଭୟଙ୍କ ପରିବାରକୁ ଡାକି ଦୁହିଁଙ୍କ ବିବାହ ବୟସ ହୋଇଯାଇଥିବାରୁ ବିବାହ କରାଇବାକୁ କହିଥିଲେ। ଶେଷରେ ନିକଟ ଜଗନ୍ନାଥ ଟ୍ରଷ୍ଟ ବୋର୍ଡ (ରାଜାରାମ ମଠ)ରେ ବିବାହ ପ୍ରମାଣ ପତ୍ର ନଂ. ୫୫୪ରେ ପୋଲିସ ଉପସ୍ଥିତିରେ ବିବାହ ସମ୍ପନ୍ନ ହୋଇଛି। ଗୋପ ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କ ଏପରି ଏକ ମହତ୍ କାର୍ଯ୍ୟକୁ ସାଧାରଣରେ ସାଧୁବାଦ ଦିଆଯାଇଥିବାବେଳେ ଥାନା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସେଠୀଙ୍କୁ ପଚାରିବାରେ, ସରକାରୀ ନିୟମ ମୁତାବକ ଉଭୟଙ୍କ ବିବାହ ବୟସ ହେବା ସହ ଉଭୟ ଯୁବତୀ ଯୁବକ ବିବାହ ଲାଗି ରାଜି ଥିବାରୁ ଏପରି ଏକ ପଦକ୍ଷେପ ନିଆଯାଇଥିବା କହିଥିଲେ।

# ଲୋକନାଥ ସୁଆରଙ୍କୁ ଶ୍ରବଣ କୁମାର ସମ୍ମାନ




ପିତୃ ମାତୃ ଦିବସ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

ପୁରୀ, ୧୫।୨ (ଅଜିତ୍ ମହାନ୍ତି)

ଆଶ୍ୱସ୍ତି ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ମଙ୍ଗଳାଘାଟଠାରେ ପିତୃ ମାତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପିତୃମାତୃ ଏବଂ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପୁଲଓ୍ୱାମା ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ରାଜଶେଖର ପାଢ଼ୀ, ସମ୍ମାନିତ ଅତିଥି ଭାବେ ସେବାୟତ ବାମନ ପଣ୍ଡା, ଓଡ଼ିଶା ମୋ ପରିବାର ସହସଂଯୋଜକ ଭଗବାନ ପଢ଼ିଆରୀ, ସମାଜସେବୀ ପ୍ରତିମା ଦାସ ଏବଂ ନିଶିଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବୃଦ୍ଧାଶ୍ରମ ଅନ୍ତେବାସୀ, ବୟୋଜ୍ୟେଷ୍ଠ ବ୍ୟକ୍ତି ଏବଂ ପିତାମାତାଙ୍କୁ ଅନୁଷ୍ଠାନର ସଦସ୍ୟା ସଦସ୍ୟମାନେ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଂଘର ସମ୍ପାଦିକା ଗିରିଜା ମଞ୍ଜରୀ ପଣ୍ଡାଙ୍କ ଦ୍ୱାରା ଶହୀଦମାନଙ୍କ ଆମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଲୋକନାଥ ସୁଆରଙ୍କୁ ଶ୍ରବଣ କୁମାର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଶିଶୁ କଳାକାର ସମୃଦ୍ଧିପଣ୍ଡା ଏବଂ ହର୍ଷାଲିପଣ୍ଡା ନୃତ୍ୟ ପରିବେଷଣ କରିଥିଲେ। ପରିଚାଳନା କମିଟି ସଦସ୍ୟା ରାଜଶ୍ରୀ କହଁର ମଞ୍ଚ ପରିଚାଳନା କରିଥିଲେ। ରଞ୍ଜନ ଭୋଇ, ସତ୍ୟରଞ୍ଜନ ସାହୁ, ଦୁର୍ଗାପ୍ରସାଦ ପ୍ରଧାନ, କିରଣ ମିଶ୍ର, ସଂଘମିତ୍ରା ପଣ୍ଡା, ସ୍ୱପ୍ନା ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମଳିନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଗ୍ରାମ୍ୟ କୃଷି କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ପୁରୀ, ୧୫।୨ (ଅଜିତ୍ ମହାନ୍ତି)

ଜିଲା ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାର ୩ୟ ଦିନରେ ପହଞ୍ଚିଛି। ସଂଘର ଜିଲା ସଭାପତି ଜୀବନ ଜ୍ୟୋତି ଦାସ ଓ ଜିଲା ସମ୍ପାଦକ ମାନସ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଧାରଣାରେ ୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, ଦୀର୍ଘ ମାସ ଧରି ଅବହେଳିତ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଦାବି ପୂରଣ କ୍ଷେତ୍ରରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଉଦାସୀନ ହେଉଛନ୍ତି। ଏପରିକି କ୍ୟାଡର ପୁନର୍ଗଠନ ଦାବି ପ୍ରତି ଅଣଦେଖା କରୁଛନ୍ତି। ତେଣୁ ଓଡ଼ିଶା ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ଆହ୍ୱାନ ତଥା ନିଷ୍ପତ୍ତି କ୍ରମେ ପୁରୀ ଜିଲାର ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ଗତ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ବିଭାଗୀୟ ସେବାରୁ ନିବୃତ୍ତ ରହିଥିଲେ। ଏହା ସତ୍ତ୍ୱେ ଦାବି ପୂରଣ ନ ହେବାରୁ ୧୩ରୁ ୧୯ ତାରିଖ ପର୍ଯ୍ୟନ୍ତ ମୋବାଇଲ ଯୋଗେ ପ୍ରଦତ୍ତ ସେବା ବନ୍ଦ ସହ ମୁଖ୍ୟ ଜିଲା କୃଷିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଉଛି। ସରକାର ଦାବି ପୂରଣ ନ କଲେ ୨୦ ତାରିଖଠାରୁ ରାଜ୍ୟ ମୁଖ୍ୟ ଦପ୍ତର କୃଷିଭବନ ସମ୍ମୁଖରେ ସମୂହ ଗଣ ଧାରଣା ଦିଆଯିବ।

# ସେମିଫାଇନାଲରେ ମା'ତାରିଣୀ ଏଫ୍‌ସି

ନିମାପଡ଼ା, ୧୫।୨ (ରଞ୍ଜନ ପଟ୍ଟନାୟକ):

୯ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଶାନ ଏଫ୍‌ସି ଭୁବନେଶ୍ୱରକୁ ହରାଇ ମା'ତାରିଣୀ ଏଫ୍‌ସି କେଉଁଝରରେ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧ ଖେଳର ୭ ମିନିଟ୍ ସମୟରେ ଶାନ୍ ଏଫ୍‌ସିର ଖେଳାଳି ମୁନ୍ନା କୁମାର ଗୋଲ ଦେଇ ଦଳକୁ ୧- ୦ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧ ଖେଳର ୬୯ ମିନିଟ୍ ସମୟରେ ମା'ତାରିଣୀ ଏଫ୍‌ସିର ଖେଳାଳି ବାପୁନି ମାରାଣ୍ଡି ଗୋଲ ଦେଇ ସ୍ଥିତି ବରାବର କରିଥିଲେ। ଖେଳ ୧- ୧ରେ ଅମୀମାଂସିତ ରହିବାରୁ ଶେଷରେ ଟାଏବ୍ରେକର ପଦ୍ଧତିର ସହାୟତା ନିଆଯାଇଥିଲା। ମା'ତାରିଣୀ ଏଫ୍‌ସି ୭- ୬ ଗୋଲରେ ଶାନ୍ ଏଫ୍‌ସିକୁ ହରାଇ ସେମିଫାଇନାଲରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ମା'ତାରିଣୀ ଏଫ୍‌ସିର ଖେଳାଳି ଗୋଲକିପର ରାମସିଂ ଟୁଡୁ ଶ୍ରେଷ୍ଠ ଖେଳାଳି ଭାବେ ଆସୋସିଏଶନର ଉପଦେଷ୍ଟା ମେଜର ଅମରେଶ ନନ୍ଦନ ସାହୁଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଉପନଗରପାଳ ସନ୍ତୋଷ ଦାଶ ଏବଂ ସମ୍ମାନିତ ଅତିଥି ଭାବେ ଏବିଓ ସୌଦାମିନୀ ଦାସ ଯୋଗ ଦେଇଥିଲେ। ରାଜେନ୍ଦ୍ର ବାରିକ୍ ମ୍ୟାଚ ପରିଚାଳନା କରିଥିଲେ। ସୁଦୀପ୍ତ ଦାଶ, ଗୁଟୁ ବାହିନୀପତି ଓ ନିର୍ମଳ ମିଶ୍ର ଏଥିରେ ସହଯୋଗ କରିଥିଲେ। ଆଥ୍‌ଲେଟିକ ଆସୋସିଏଶନ ଉପଦେଷ୍ଟା ମହେନ୍ଦ୍ର ସିଂ ଭାଟିଆ ଉପସଭାପତି ଦୋଳଗୋବିନ୍ଦ ସେଠୀ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ବିଶ୍ୱଜିତ୍ ମଲ୍ଲିକ, ପ୍ରକାଶ ବରାଳ, ଜିତେଶ କାନୁନ୍‌ଗୋ, ଜ୍ୟୋତିରଞ୍ଜନ ସାହୁ, ଅକ୍ଷୟ ପାତ୍ର, ଅଜୟ ପାଣି, ପ୍ରକାଶ ସ୍ୱାଇଁ ଏବଂ କ୍ରୀଡ଼ା ଶିକ୍ଷକ ରଞ୍ଜିତ କେଶରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ମା' ତାରିଣୀ ଏଫ୍‌ସି କେଉଁଝର ଏବଂ ଭଞ୍ଜନଗର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ।



ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

DSPL - 568

ଓଡ଼ିଶା ସରକାର

**ଉଚ୍ଚ ମାଧ୍ୟମିକ ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା**



ଚଳିତ ବର୍ଷର ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୪ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଏହା ପରିଚାଳିତ ହେଉଛି ।

ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ । ସବୁ ପରୀକ୍ଷାର୍ଥୀ ଯେପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ବିଶେଷ କରି, ଶିକ୍ଷକ ଶିକ୍ଷୟିତ୍ରୀ ଓ ପିତାମାତାଙ୍କର ଏ ଦିଗରେ ବିଶେଷ ଭୂମିକା ରହିଛି । ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ସମସ୍ତ ଜନସାଧାରଣଙ୍କର ସହଯୋଗ କାମନା କରୁଛି ।

ଏହି ଅବସରରେ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର

**ବାର୍ତ୍ତା**



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ସ୍ରୋତରେ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ସେମାନଙ୍କର ଇପ୍‌ସିତ ସଫଳତା କାମନା କରୁଛି । ଚାପର ବଶବର୍ତ୍ତୀ ନ ହୋଇ ଅଧ୍ୟୟନ, ପରିଶ୍ରମ ଏବଂ ଆତ୍ମବିଶ୍ୱାସକୁ ପାଥେୟ କରି ଛାତ୍ରଛାତ୍ରୀମାନେ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଆଶା ଏବଂ ବିଶ୍ୱାସ । ଉକ୍ତ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସଂପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ପୋଲିସ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡ଼ିଶା

OIPR-11003/13/0013/2324

## ସଂକ୍ଷେପରେ

### ୧୦ ଲକ୍ଷର ସୁନାଗହଣା, ୫୫ ହଜାର ଟଙ୍କା ଚୋରି ଅଭିଯୋଗ

**ଗମ୍ଭାରୀମୁଣ୍ଡା, ୧୫।୨ (ଦିଲୀପ ସ୍ୱାଇଁ)**

ବାଣପୁର ଥାନା କୁମାରଙ୍ଗ ଛକଠାରେ ବୁଧବାର ରାତିରେ ଏକ ବଡ଼ଧରଣର ଚୋରି ହୋଇଛି। କୁମାରାଙ୍ଗ ଛକରେ ଭଡା ଘରେ ରହୁଥିବା ସନ୍ତୋଷ ରାମ ସ୍ତ୍ରୀଙ୍କ ସହ ପୁରୀ ଯାଇଥିବାବେଳେ ରାତି ୨ଟାରେ ଘରକୁ ଫେରିଥିଲେ। ଘରର ଦୁଇଟି କବାଟର ତାଲା ଭଙ୍ଗାଯିବା ସହ ୧୦ ଲକ୍ଷ ଟଙ୍କାର ସୁନାଗହଣା ଓ ୫୫ ହଜାର ଟଙ୍କା ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସନ୍ତୋଷ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୮୯ / ୨୪) ରୁଜୁକରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଉକ୍ତ ଅଞ୍ଚଳରେ ଏକ ମାସ ମଧ୍ୟରେ ଦୁଇ ଥର ଚୋରି ହୋଇଥିବା ଅଭିଯୋଗ ହୋଇଛି।

### ରତ୍ନମାଳା ଦେବୀଙ୍କ ସ୍ମୃତିଚାରଣ, ସମ୍ବର୍ଦ୍ଧନା ଉତ୍ସବ

**ଜଟଣୀ, ୧୫।୨ (ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁରସ୍ଥିତ ବରିଷ୍ଠ ନାଗରିକ ସେବା ସଂଘ ଆନୁକୂଲ୍ୟରେ ସମାଜସେବୀ ରତ୍ନମାଳା ଦେବୀଙ୍କ ଚତୁର୍ଥ ବାର୍ଷିକ ସ୍ମୃତିଚାରଣ ସଭା ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ଜଟଣୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଜଟଣୀ ବ୍ୟବସାୟ ମହାସଂଘ ସଭାପତି ସୁଦର୍ଶନ ସୁନ୍ଦରାୟ, ଡେଲାଙ୍ଗ ବ୍ଲକ ଉପାଧ୍ୟକ୍ଷ ଦୁର୍ବସା ନିଶଙ୍କ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ସେବା ସଙ୍ଘ ସଭାପତି ଅବନୀ ରାଉତରାୟ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ନେତା ଜବାହାରଲାଲ ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ରତ୍ନାମଣୀ ଦେବୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସାମ୍ବାଦିକ ଅବନୀ ରାଉତରାୟଙ୍କୁ ଲାଇଭ ଟାଇମ ଆଚିଭମେଣ୍ଟ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଅଙ୍ଗନୱାଡି କର୍ମୀ ଜୟଶ୍ରୀ ସାହୁ, ଆଶା କର୍ମୀ ସବିତା ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାଧବ ଚନ୍ଦ୍ର ଦାସ, ବୈକୁଣ୍ଠ ନାଥ ମାଝି, ପ୍ରତିଭା ପଟ୍ଟନାୟକଙ୍କୁ ଉଲ୍ଲେଖନୀୟ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଜବାହାର ଲାଲ ସୁବୁଦ୍ଧି, ପ୍ରସନ୍ନ ମହାରଥୀ, ଶଶାଙ୍କ ଶେଖର ରାୟ, ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ, ତ୍ରିନାଥ ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜୟ କେତନ ଜେନା ଧନ୍ୟବାଦ ଦେଇଥିଲେ।

### ଡକାୟତି ଯୋଜନା ପଣ୍ଡ: ୫ ଗିରଫ

**ପୁରୀ, ୧୫।୨ (ଅଜିତ୍ ମହାନ୍ତି)**

ଡକାୟତି ଯୋଜନାବେଳେ ତାଳବଣିଆ ଥାନା ପୋଲିସ ୫ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଆର୍. କଣ୍ଟାରୀ ପ୍ରଧାନ, ବି.ପୁରୁଷୋତ୍ତମ ରେଡ୍ଡୀ, କାର୍ତ୍ତିକ ମହାନ୍ତି, ଶଙ୍କର ଦାସ ଓ ଲୋକନାଥ ନନ୍ଦ। ଏମାନଙ୍କ ନିକଟରୁ ୪ଟି ଲୁହାରଡ୍ ଓ ଗୋଟିଏ ଖଣ୍ଡା ଜବତ କରିଛି।

# ପାଠ୍ୟପୁସ୍ତକରେ ସଂଗ୍ରାମୀ, ଶହୀଦଙ୍କୁ ସ୍ଥାନ ଦିଆଯାଉ



ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଖୋର୍ଦ୍ଧା, ୧୫।୨ (ପ୍ରଭାତ ପାଣିଗ୍ରାହୀ)**

ପାଇକ ବିଦ୍ରୋହର ମହାନ୍ ସଂଗ୍ରାମୀ ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ୨୫୬ତମ ଜୟନ୍ତୀ ଉତ୍ସବ ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟି, ଧାରା ଶ୍ରୀରାଧାଟ୍ରଷ୍ଟ, କଳିଙ୍ଗ ପାଇକ ସଙ୍ଗଠନ ମିଳିତ ଆନୁକୂଲ୍ୟରେ ଦାରୁଠେଙ୍ଗସ୍ଥିତ ପିଣ୍ଡିକି ସ୍ପୋର୍ଟ୍ସ କ୍ଲବ ପ୍ରାଙ୍ଗଣରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ କବିରାଜ ବିଧାରଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ହୋଇଥିଲା। କଳିଙ୍ଗ ପାଇକ ସଙ୍ଗଠନର ମୁଖ୍ୟ ସଞ୍ଚାଳକ ଇଂ. ଶିଶିର କୁମାର ନାୟକ, ସଭାପତି ଭୀମସେନ ପ୍ରଧାନ, ସ୍ଥାନୀୟ ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀ, ଅବସରପ୍ରାପ୍ତ ପ୍ରଶାସକ ସହଦେବ ଜୟସିଂହ, ଶିକ୍ଷାବିତ ସତ୍ୟବାଦୀ ବଳିୟାରସିଂହ, ରାମଚଣ୍ଡୀ ଦଳବେହେରା, ମୃତ୍ୟୁଞ୍ଜୟ ଛୋଟରାୟ, ପୂର୍ବତନ ଲୋକସମ୍ପର୍କ ଉପନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରମୁଖ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ଜୀବନର ଶୌର୍ଯ୍ୟଗାଥା ଉପରେ ଆଲୋକପାତ କରିଥିଲେ। ଦେଶମାତୃକା ପାଇଁ ତାଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ସ୍ୱାଧୀନତା ସଂଗ୍ରାମରେ ତାଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଇନାହିଁ। ପାଠ୍ୟ ପୁସ୍ତକରେ ସଂଗ୍ରାମୀ ଶହୀଦମାନଙ୍କ ଜୀବନ ଗାଥା ସ୍ଥାନ ଦେବା ପାଇଁ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ କୁମାର ମାଝି, କବି ମଙ୍ଗଳାପ୍ରସାଦ ପ୍ରଧାନ, ବସନ୍ତ କୁମାର ମହାପାତ୍ର, କବି ଶରତ କୁମାର ରଥ, କ୍ଷୀରୋଦ ଚନ୍ଦ୍ର ପାତ୍ର, ରମେଶ ଚନ୍ଦ୍ର ପାତାଳସିଂହ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଶ୍ୱ ଜୀବନ ସେବା ସଂଘର ସମ୍ପାଦକ ବୈଦ୍ୟନାଥ ବରାଳ, ସାହିତ୍ୟିକ କୃପାସିନ୍ଧୁ ବିଶ୍ୱାଳ ଓ ଗିରିଙ୍ଗାପୁଟର ଶ୍ରୀନିବାସ ମାନସିଂହଙ୍କୁ 'ପିଣ୍ଡିକି ବାହୁବଳେନ୍ଦ୍ର ଶୌର୍ଯ୍ୟ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ପିଣ୍ଡିକି ସ୍ମୃତି କମିଟିର ଉପସଭାପତି ଅମରେନ୍ଦ୍ର ମହାପାତ୍ର ଅତିଥି ପରିଚୟ ଓ କଳିଙ୍ଗ ପାଇକ ସଙ୍ଗଠନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

# ପଲିଥିନ୍ ମୁକ୍ତ ସ୍ୱଚ୍ଛ ବଣଭୋଜି ପାଇଁ ଆହ୍ୱାନ



ରାମଚଣ୍ଡୀ ପୀଠ ସଫେଇ ଅବସରରେ ଆତ୍ମା ଭଗବାନ ସେବା ସମିତି ସଭ୍ୟମାନେ।

**ଖୋର୍ଦ୍ଧା, ୧୫।୨ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ରାମଚଣ୍ଡୀଙ୍କ ପୀଠରେ ଶ୍ରୀ ଆତ୍ମା ଭଗବାନ ସେବା ସମିତି ପୁରୀ ଶାଖା ଆନକୂଲ୍ୟରେ ପଲିଥିନ, ପ୍ଲାଷ୍ଟିକ ମୁକ୍ତ ବଣଭୋଜି ଆୟୋଜିତ ହୋଇଯାଇଛି। ପ୍ରାରମ୍ଭରେ ସମିତିର ସଦସ୍ୟା,ସଦସ୍ୟମାନେ ପୀଠ ପରିସର ସଫେଇ କରିଥିଲେ। ପୀଠ ପରିସର ସ୍ୱଚ୍ଛତା, ପ୍ଲାଷ୍ଟିକ ପଲିଥିନ ମୁକ୍ତ ପାଇଁ ଭକ୍ତମାନଙ୍କୁ ସଚେତନ କରିଥିଲେ। ମନ୍ଦିର ପରିସରରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ଏଠାରେ ବଣଭୋଜି ପରେ ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ଡଷ୍ଟବିନ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ମିଳିମିଶି ବଣଭୋଜିର ମଜା ନେବା ସହ ଭକ୍ତି ସଙ୍ଗୀତ, ଆଧ୍ୟାତ୍ମିକ ଚର୍ଚ୍ଚା ଆଲୋଚନା କରିଥିଲେ। ସାମୁହିକଭାବେ ମା'ରାମଚଣ୍ଡୀଙ୍କ ସ୍ତୁତିଗାନ ସହ ଦୀପଜାଳି ବିଶ୍ୱର କଲ୍ୟାଣ କାମନା କରିଥିଲେ। ସେବା ସମିତିର ସଂଯୋଜକ ପ୍ରତାପ ନାୟକ କହିଥିଲେ, ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ବଣଭୋଜି ଆୟୋଜନ ସହ ସେଠାକାର ପରିବେଶକୁ ସ୍ୱଚ୍ଛ ଏବଂ ପ୍ଲାଷ୍ଟିକ ପଲିଥିନ ମୁକ୍ତ ବାର୍ତ୍ତା ଦିଆଯାଇଥାଏ।

### ସ୍ତ୍ରୀଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଲେ ଅଭିନେତା ନୀତୀଶ ଭରଦ୍ୱାଜ

ଭୋପାଳ, ୧୫।୨: ଟିଭି ସିରିଏଲ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ରାଜୁତି କରିଥିବା ଜଣାଶୁଣା ଅଭିନେତା ନୀତୀଶ ଭରଦ୍ୱାଜ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ତାଙ୍କ ଆଇଏଏସ୍ ସ୍ତ୍ରୀ ସ୍ମିତା ଭରଦ୍ୱାଜଙ୍କ ବିରୋଧରେ ଥାନାରେ ଏଫ୍ଆଇଆର ରୁଜୁ କରିଛନ୍ତି। ସ୍ମିତା ତାଙ୍କୁ ଦୀର୍ଘ ଦିନ ହେଲା ମାନସିକ ନିର୍ଯାତନା ଦେଇ ଆସୁଥିବା ନେଇ ନିଜ ଅଭିଯୋଗ ପତ୍ରରେ ନୀତୀଶ ଉଲ୍ଲେଖ କରିଛନ୍ତି। ଦୀର୍ଘଦିନ ଧରି ସେ ମାନସିକ ଭାବେ ଭାଙ୍ଗି ପଡ଼ିଥିବା ଏହି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଭୋପାଳ ପୋଲିସ କମିଶନରଙ୍କୁ ଇ ମେଲ ଜରିଆରେ ସହାୟତା ମାଗିଛନ୍ତି ନୀତୀଶ । ନୀତୀଶ ଙ୍କ ଅଭିଯୋଗ ଆଧାରରେ ଭୋପାଳ ପୋଲିସ କମିଶନର ମାମଲାର ଯାଞ୍ଚ ଆଦେଶ ଦେଇଛନ୍ତି । ଜଣେ ଅତିରିକ୍ତ ଡିସିପିଙ୍କୁ ମାମଲା ଯାଞ୍ଚ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ବି. ଆର. ଚୋପ୍ରାଙ୍କ ନିର୍ଦ୍ଦେଶିତ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ନୀତିଶ ଘରେ ଘରେ ବେଶ୍ ପରିଚିତ ହୋଇ ପାରିଥିଲେ। ଆଜି ବି ଫ୍ୟାନ୍ସ ତାଙ୍କୁ ଶ୍ରୀକୃଷ୍ଣ ଭୂମିକା ପାଇଁ ମନେ ପକାଉଛନ୍ତି । ୨୦୦୯ ମସିହା ମାର୍ଚ୍ଚ ୧୪ ତାରିଖରେ ଆଇଏଏସ୍ ଅଫିସର ସ୍ମିତାଙ୍କୁ ନୀତୀଶ ଦ୍ୱିତୀୟ ବିବାହ କରିଥିଲେ ।

## ବଢୁଛି କଫସିରପ ବେପାର : ୩୫ ବୋତଲ ଜବତ, ଯୁବକ ଗିରଫ

**ଖୋର୍ଦ୍ଧା, ୧୫।୨ (ପ୍ରଭାତ ପାଣିଗ୍ରାହୀ)**

ବ୍ରାଉନ୍ସୁଗାର ପରେ ଖୋର୍ଦ୍ଧାରେ କଫସିରାପ(କୋରାକ୍ସ) ବିକ୍ରି ବଢ଼ିଚାଲିଛି। କମ୍ ବୟସର ଯୁବକମାନେ ଅଧିକ ରୋଜଗାର ଲାଳସାରେ ଏହି କାରବାରରେ ସମ୍ପୃକ୍ତ ରହି ବିପଦଗାମୀ ହେଉଛନ୍ତି। ଗୁରୁବାର ବେଆଇନଭାବେ କଫସିରପ ବିକ୍ରି ନେଇ ଜଣେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପୁରୁସାହିର ରବୀନ୍ଦ୍ର ସୁନ୍ଦରାୟ। ତାଙ୍କଠାରୁ ୩୫ ବୋତଲ କଫସିରପ ଜବତ କରିଛି। ଗୁରୁଜଙ୍ଗ ଦେୱାନ ସାହିରେ ବିକ୍ରି କରୁଥିବା ଖବରପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୭୪/୨୪) ରୁଜୁ ହୋଇଛି। ବାରମ୍ବାର ଚଢ଼ାଉ ସତ୍ତ୍ୱେ ବ୍ରାଉନସୁଗାର କାରବାର ଥମୁନଥିବା ବେଳେ ଏବେ କୋରାକ୍ସ ବିକ୍ରି ପୋଲିସର ମୁଣ୍ଡବ୍ୟଥା ବଢାଇଛି। ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାକୁ ପେଟି ପେଟି କୋରାକ୍ସ ଆସୁଛି। ବିଭିନ୍ନ ପାନଦୋକାନ, କେତେକ ଔଷଧ ଦୋକାନାରେ ବେଧଡକ ଭାବେ ବିକ୍ରି ଚାଲିଛି। ତେବେ ଏତେ ପରିମାଣର କୋରାକ୍ସ କେଉଁଠି ଆସୁଛି, କିଏ ଏହା ପଛର ମାଷ୍ଟରମାଇଣ୍ଡ ରହିଛି, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ବ୍ରାଉନସୁଗାର କାରବାର ରିଙ୍ଗ ମାଷ୍ଟର କୁହାଯାଉଥିବା କେତେଜଣ ବେପାରୀ ଏବେ ଏହି କାରବାରରେ ମାତିଛନ୍ତି। ଭୁବନେଶ୍ୱର, କଟକ ଟୁଇନ ସିଟିରେ କମିଶନରେଟ ପୋଲିସ ବାରମ୍ବାର ଚଢ଼ାଉ ପରେ ବେପାରୀମାନେ ଖୋର୍ଦ୍ଧାକୁ ସୁରକ୍ଷିତ ଜାଗା ଭାବେ ବାଛି ନେଇଛନ୍ତି। ବାହାର ରାଜ୍ୟରୁ ବିପୁଳ ପରିମାଣର କୋରାକ୍ସ ଆଣି ଏଠାରୁ ବିଭିନ୍ନ ଗ୍ରାମାଞ୍ଚଳ ପଡୋଶୀ ଜିଲାକୁ ପଠାଉଥିବା ଜଣାପଡିଛି। ନିଶା କାରବାରକୁ ସମ୍ପୂର୍ଣ୍ଣ ମୁକ୍ତ ପାଇଁ ସାଧାରଣରେ ଦାବି ହୋଇଥିବା ବେଳେ ପୋଲିସ ପକ୍ଷରୁ ନିଶାମୁକ୍ତ ଅଭିଯାନ ଜାରି ରହିଛି ବୋଲି ଏସ୍ପି ସିଦ୍ଧାର୍ଥ କଟାରିଆ କହିଛନ୍ତି। ନିଶାମୁକ୍ତି ଅଭିଯାନର ଆବାହକ ରାମଶଙ୍କର କହିଛନ୍ତି, ନିଶା ଯୁବପିଢିଙ୍କୁ ନାଶ କରିଦେବ। ଦେଶର ଆଗାମୀ ଭବିଷ୍ୟତ ବିପଦଗାମୀ ହେବାରେ ଲାଗିଛନ୍ତି। ପୋଲିସକୁ ଦୋଷ ଦେଲେ ହେବନି ବରଂ ଏଥିପ୍ରତି ପରିବାର ଅଭିଭାବକମାନେ ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି।

## କୋଲୁହାପାଟଣା ଫୁଟ୍ବଲ ଟୁର୍ନାମେଣ୍ଟ, କରଡ଼ାପଲ୍ଲୀ ଫାଇନାଲରେ

**ବେଗୁନିଆ, ୧୫।୨ (ହର ପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମସ୍ଥିତ ଖେଳପଡିଆରେ ଚାଲିଥିବା ଫୁଟ୍ବଲ ଟୁର୍ନାମେଣ୍ଟର ଗୁରୁବାର ଥିଲା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍। ମା' ତାରିଣୀ ଫୁଟ୍ବଲ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ କରଡାପଲ୍ଲୀ କ୍ଲବ ଓ ଜଟଣୀର ଟାଇଗର କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ୨-୦ ଗୋଲରେ କରଡାପଲ୍ଲୀ ନ୍ୟୁ ୟୁଥ କ୍ଲବ(ଭୁବନେଶ୍ୱର) ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଚିତ୍ତରଞ୍ଜନ ପରିଡା ମ୍ୟାଚ ପରିଚାଳନା କରିଥିବା ବେଳେ ରାଘବ ନାୟକ ଓ ପ୍ରକାଶ ନାୟକ ଲାଇନ୍ସରେ ସହଯୋଗ କରିଥିଲେ। ଶନିବାର ଅନ୍ତିମ ମ୍ୟାଚ ଭୁବନେଶ୍ୱରର କରଡାପଲ୍ଲୀ ନ୍ୟୁ ୟୁଥ କ୍ଲବ ଓ ମହାବୀର କ୍ଲବ ଭୁବନେଶ୍ୱର ମଧ୍ୟରେ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

# ଶୃଙ୍ଖଳିତ, ସ୍ୱଚ୍ଛ, ଅପରାଧମୁକ୍ତ ନିର୍ବାଚନକୁ ଗୁରୁତ୍ୱ

**ତାଲିମ ନେଲେ ପୋଲିସ ଅଧିକାରୀ**

**ଭୁବନେଶ୍ୱର, ୧୫।୨ (ସୂର୍ଯ୍ୟକାନ୍ତ ବେହେରା)**




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ସାଧାରଣ ନିର୍ବାଚନ ପରିଚାଳନାରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଭୂମିକା ସମ୍ପର୍କିତ ଏକ ତାଲିମ ଶିବିର ଗୁରୁବାର ଭୁବନେଶ୍ୱରସ୍ଥିତ ପୋଲିସଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଯୋଗଦେଇ ନିର୍ବାଚନକୁ ଶାନ୍ତିଶୃଙ୍ଖଳା, ସ୍ୱଚ୍ଛତା, ଅପରାଧ ମୁକ୍ତ ସହ ସମାପ୍ତ କରିବାକୁ ପୋଲିସ ପ୍ରଶାସନର ସହଯୋଗ ସଂକ୍ରାନ୍ତରେ ମତବ୍ୟକ୍ତ କରିଥିଲେ। ସେହିପରି ବେଆଇନ ଅର୍ଥ, ଚୋରା ମଦ ଓ ନିଶା କାରବାର ଦମନ କରିବାକୁ ପରାମର୍ଶ ଦେବା ସହ ଶୂନ୍ୟ ପୁନଃ ମତଦାନ ଉପରେ ଆୟୋଗ ଗୁରୁତ୍ୱ ପ୍ରଦାନ କରିଛନ୍ତି ବୋଲି ସେ କହିଥିଲେ। ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ପୋଲିସ ଅଧିକାରୀ ଏବଂ ପୋଲିଂ କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ୮୦ ବର୍ଷରୁ ଊର୍ଦ୍ଧ୍ୱ ତଥା ୪୦% ରୁ ଅଧିକ ଭିନ୍ନକ୍ଷମ ଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବା ସହ ଚଳିତ ବର୍ଷ ପୋଷ୍ଟାଲ ବାଲାଟ ସଂଖ୍ୟା ବୃଦ୍ଧି ହୋଇଛି। ୬୦ରୁ ୭୦ % ବୁଥ୍‌ରେ କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯାଉଥିବାବେଳେ ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ଡ୍ରୋନ ଯୋଗେ ମନିଟରିଂ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଅତିରିକ୍ତ ନିର୍ବାଚନ ଅଧିକାରୀ ଏନ୍. ଥିରୁମାଲା ନାୟକ ଖର୍ଚ୍ଚ ପରିଚାଳନା, ଆଚରଣ ବିଧି ଲାଗୁ ଏବଂ ଭୋଟ ଆରମ୍ଭ ପୂର୍ବର ଗୁରୁତ୍ୱପୂର୍ଣ୍ଣ ୭୨ ଘଣ୍ଟା ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚ୍ଆର୍‌ପିସି) ଲଳିତ ଦାସ ନିର୍ବାଚନ ପ୍ରକ୍ରିୟାକୁ ଶୃଙ୍ଖଳିତ ଭାବେ ଶେଷ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଡିଜିପି ଅରୁଣ କୁମାର ଷଡଙ୍ଗୀ ନିର୍ବାଚନ ପୂର୍ବରୁ ପୋଲିସର ସକ୍ରିୟତା ସମ୍ପର୍କରେ କହିବା ସହ ଉପଯୁକ୍ତ ଯୋଜନା ଏବଂ ରଣନୀତଉପରେ ଗୁରୁତ୍ୱାରୋପ କରିଥିଲେ। ଏନ୍‌ଫୋର୍ସମେଣ୍ଟକୁ ଜୋରଦାର, ଠିକ ସ୍ଥାନରେ ପୋଲିସ କର୍ମଚାରୀଙ୍କୁ ମୁତୟନ, ଗୋଇନ୍ଦା ବିଭାଗକୁ ସକ୍ରିୟ, ରାତ୍ରକାଳୀନ ପାଟ୍ରୋଲିଂକୁ କଡାକଡି, ମାଦକ ଦ୍ରବ୍ୟ ବ୍ୟବସାୟକୁ ଦୃଢହସ୍ତରେ ଦମନ କରିବାକୁ ସେ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରିଶ୍ରମ, ସଚ୍ଚୋଟ ଏବଂ ଶୃଙ୍ଖଳିତ ହୋଇ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବାକୁ ଡିଜିପି ପରାମର୍ଶ ଦେଇଥିଲେ। ପୋଲିସ କମିଶନର ସଞ୍ଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଅପରେଶନ) ଏସ. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ଅରୁଣ ବୋଥ୍ରା, ଆଇଜି (କ୍ରାଇମବ୍ରାଞ୍ଚ) ସଫିନ ଅହମ୍ମଦ କେ ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ପରାମର୍ଶ ଦେଇଥିଲେ। ବିପିଏସ୍‌ପିଏ ଆଇଜି ଏସ. ସାଇନି, ଓସ୍‌ଡମାର ସିଜିଏମ ସବ୍ୟସାଚୀ ହୋତା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ସ୍ୱାଗତ, ରାଜ୍ୟ ପୋଲିସ ମୁଖ୍ୟାଳୟର ଏସ୍‌ପି ବି. ଗଙ୍ଗାଧର, ବରିଷ୍ଠ ପୋଲିସ ଅଧିକାରୀ, ରେଞ୍ଜ ଆଇଜି, ଡିଆଇଜି ଏବଂ ସମସ୍ତ ଜିଲାର ଏସ୍‌ପି ଉପସ୍ଥିତ ଥିଲେ।

DSPL - 568

ଓଡ଼ିଶା ସରକାର



**ଉଚ୍ଚ ମାଧମିକ ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା**

ଚଳିତ ବର୍ଷର ବାର୍ଷିକ ଉଚ୍ଚ ମାଧମିକ ପରୀକ୍ଷା ୨୦୨୪ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ରାଜ୍ୟ ଉଚ୍ଚ ମାଧମିକ ଶିକ୍ଷା ପରିଷଦ ଦ୍ୱାରା ଏହା ପରିଚାଳିତ ହେଉଛି ।

ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ । ସବୁ ପରୀକ୍ଷାର୍ଥୀ ଯେପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ବିଶେଷ କରି, ଶିକ୍ଷକ ଶିକ୍ଷୟିତ୍ରୀ ଓ ପିତାମାତାଙ୍କର ଏ ଦିଗରେ ବିଶେଷ ଭୂମିକା ରହିଛି । ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ସମସ୍ତ ଜନସାଧାରଣଙ୍କର ସହଯୋଗ କାମନା କରୁଛି ।

ଏହି ଅବସରରେ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର



**ବାର୍ତ୍ତା**

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ସ୍ରୋତରେ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ସେମାନଙ୍କର ଇପ୍ସିତ ସଫଳତା କାମନା କରୁଛି । ଚାପର ବଶବର୍ତ୍ତୀ ନ ହୋଇ ଅଧ୍ୟୟନ, ପରିଶ୍ରମ ଏବଂ ଆତ୍ମବିଶ୍ୱାସକୁ ପାଥେୟ କରି ଛାତ୍ରଛାତ୍ରୀମାନେ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଆଶା ଏବଂ ବିଶ୍ୱାସ । ଉକ୍ତ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସଂପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ପୋଲିସ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡ଼ିଶା

OIPR-11003/13/0013/2324

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୬/୨୦୨୪ Bhubaneswar, Friday, February 16/ 2024

# ରୋହିତ, ଜାଡେଜାଙ୍କ ଶତକ



ଶତକ ହାସଲ ପରେ ରୋହିତ ଶର୍ମା।

**ରାଜକୋଟ,୧୫।୨(ପି.ଟି.)**

ଅଧିନାୟକ ରୋହିତ ଶର୍ମା ଓ ଲୋକାଲ ବୟ ରବୀନ୍ଦ୍ର ଜାଡେଜାଙ୍କ ଶତକ ଏବଂ ପଦାର୍ପଣକାରୀ ସର୍ଫରାଜ ଖାଁଙ୍କ ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଦୃଢ ସ୍ଥିତିରେ ରହିଛି ଭାରତ। ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୫ ଉଇକେଟ ହରାଇ ୩୨୬ ରନ୍ ସଂଗ୍ରହ କରିଛି। ଭାରତ ପକ୍ଷରୁ ଏହି ମ୍ୟାଚରେ ୨ ଜଣ ଖେଳାଳି ପଦାର୍ପଣ କରିଥିଲେ। ଆହତ ଥିବା ଲୋକେଶ ରାହୁଲଙ୍କ ସ୍ଥାନରେ ସର୍ଫରାଜ ଖାଁ ଓ ଶ୍ରୀକର ଭରତଙ୍କ ସ୍ଥାନରେ ଧ୍ରୁବ ଜୁରେଲ ନିଜର ଟେଷ୍ଟ ପଦାର୍ପଣ କରିଥିଲେ।

**ଭାରତର ବ୍ୟାଟିଂ ବିପର୍ଯ୍ୟୟ:** ରାଜକୋଟରେ ଭାରତ ଟସ୍ ଜିତି ବ୍ୟାଟିଂ ନେଇଥିଲା। ତେବେ ଦୁଇ ଇନଫର୍ମ ବ୍ୟାଟର ତଥା ବିଶାଖାପାଟଣାରେ ଶତକ ହାସଲ କରିଥିବା ଯଶସ୍ୱୀ ଜୟସ୍ୱାଲ(୧୦) ଓ ଖାତା ଖୋଲିବା ପୂର୍ବରୁ ଶୁବମନ

## ଦୃଢ଼ ସ୍ଥିତିରେ ଭାରତ

ଗିଲ ଆଉଟ ହୋଇଥିଲେ। ରଜତ ପଟିଦାର(୫) ମଧ୍ୟ ଶସ୍ତାରେ ଆଉଟ ହେବା କାରଣରୁ ଭାରତ ୩୩ ରନ୍‌ରେ ୩ ଉଇକେଟ ହରାଇଥିଲା। ମାର୍କ ଉଡ୍ ମାତ୍ର ୨ ଓଭର ମଧ୍ୟରେ ଜୟସ୍ୱାଲ ଓ ଗିଲ୍‌ଙ୍କ ଉଇକେଟ ହାସଲ କରିଥିବା ବେଳେ ପଟିଦାରଙ୍କ ଉଇକେଟ ନେଇଥିଲେ ଟମ୍ ହାର୍ଟଲେ।

**ରୋହିତ-ଜାଡେଜାଙ୍କ ଦ୍ୱିଶତକ:** ଭାରତ ୩୩ ରନ୍‌ରେ ୩ ଉଇକେଟ ହରାଇ ସଙ୍କଟରେ ପଡିଥିଲେ ମଧ୍ୟ ରୋହିତ ଶର୍ମା ଓ ରବୀନ୍ଦ୍ର ଜାଡେଜା ଶତକ ହାସଲ କରିବା ସହ ଭାରତକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଉଭୟ ଦ୍ୱିଶତକୀୟ ଭାଗୀଦାରି କରିବା ସହ ୨୦୪ ରନ୍ ଯୋଡିଥିଲେ। ରୋହିତ ଶର୍ମା ନିଜ ଟେଷ୍ଟ କ୍ୟାରିୟରର ୧୧ତମ ଶତକ ହାସଲ କରିଥିବା ବେଳେ ରବୀନ୍ଦ୍ର ଜାଡେଜା ଚତୁର୍ଥ ଟେଷ୍ଟ ଶତକ ହାସଲ କରିଥିଲେ। ରୋହିତ ଶର୍ମା ୧୯୬ ବଲ୍ ଖେଳି ୧୩୧ ରନ୍ ସ୍କୋର କରିଥିଲେ। ରୋହିତଙ୍କ ଇନିଂସରେ ୧୪ ଚୌକା ଓ ୩ ଛକା ସାମିଲ ଥିଲା। ପ୍ରଥମ ଦିନର ଖେଳ ଶେଷ ହେବା ଯାଏ ଅପରାଜିତ ରହିଥିବା ରବୀନ୍ଦ୍ର ଜାଡେଜା ୧୧୦ ରନ୍ କରି ଅପରାଜିତ ରହିଛନ୍ତି। ୨୧୨ ବଲ୍‌ର ଏହି ଇନିଂସରେ ୯ ଚୌକା ଓ ୨ ଛକା ସାମିଲ ଥିଲା। ଉଭୟ ଖେଳାଳି ୩୨୦ ବଲ୍‌ର ସମ୍ମୁଖୀନ ହୋଇ ୨୦୪ ରନ୍ ସ୍କୋର କରିଥିଲେ। ଇଂଲଣ୍ଡ ବିପକ୍ଷରେ ଭାରତର ଏହା ତୃତୀୟ ଦ୍ୱିଶତକ ପାର୍ଟନରଶିପ୍।

**ସର୍ଫରାଜଙ୍କ ୬୨:** ଦୀର୍ଘ ଦିନର ସଂଘର୍ଷ ପରେ ଭାରତୀୟ ଦଳରେ ସ୍ଥାନ ପାଇଥିବା ସର୍ଫରାଜ ଖାଁ ସୁଯୋଗର ସଦ୍‌ବ୍ୟବହାର କରି ୬୨ ରନ୍‌ର ଇନିଂସ ଖେଳିଥିଲେ। ୬୬ ବଲର ଇନିଂସରେ ସର୍ଫରାଜ ୯ ଚୌକା ଓ ୧ ଛକା ମାରିଥିଲେ। ପଦାର୍ପଣରେ ଯୁଗ୍ମ ଭାବେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଥିଲେ। ରବୀନ୍ଦ୍ର ଜାଡେଜା ୯୯ ରନ୍‌ରେ ବ୍ୟାଟିଂ କରୁଥିବା ବେଳେ ଦ୍ରୁତ ସିଙ୍ଗିଲ ନେବାକୁ ଯାଇ ସର୍ଫରାଜଙ୍କୁ କଲ୍ କରିଥିଲେ। ଫଳରେ ମାର୍କ ଉଡ୍‌ଙ୍କ ଡାଇରେକ୍ଟ ଥ୍ରୋରେ ସର୍ଫରାଜ ରନ୍ ଆଉଟ ହୋଇଥିଲେ। ଆଉ ୫ ଓଭର ଖେଳ ବାକି ରହିଥିବା ବେଳେ କୁଲଦୀପ ଯାଦବ ନାଇଟ ୱାଚମ୍ୟାନ ଭାବରେ ଆସିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ରବୀନ୍ଦ୍ର ଜାଡେଜା ୧୧୦ ଓ କୁଲଦୀପ ଯାଦବ ୧ ରନ୍ କରି ବ୍ୟାଟିଂ କରୁଛନ୍ତି। ଇଂଲଣ୍ଡ ପକ୍ଷରୁ ମାର୍କ ଉଡ୍ ୩ ଓ ଟମ୍ ହାର୍ଟଲେ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ୮୬ ଓଭରରେ ୩୨୬/୫ (ରୋହିତ ଶର୍ମା-୧୩୧, ରବୀନ୍ଦ୍ର ଜାଡେଜା-୧୧୦*, ସର୍ଫରାଜ ଖାଁ-୬୨, ମାର୍କ ଉଡ୍-୩/୬୯, ଟମ୍ ହାର୍ଟଲେ-୧/୮୧)।



## ଏଲିଟ୍ କ୍ଲବ୍‌ରେ ଜାଡେଜା

ଟେଷ୍ଟରେ ଏକ ନମ୍ବର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ପୂର୍ବତନ ଭାରତୀୟ ଅଧିନାୟକ କପିଳ ଦେବଙ୍କ ସହ ଏଲିଟ୍ କ୍ଲବରେ ସାମିଲ ହୋଇଛନ୍ତି। ତୃତୀୟ ଭାରତୀୟ ଖେଳାଳି ଭାବରେ ଜାଡେଜା ୩୦୦୦ ରନ୍ ସ୍କୋର କରିବା ସହ ୨୦୦ ଉଇକେଟ କ୍ଲବରେ ସାମିଲ ହୋଇଛନ୍ତି। କପିଳ ଦେବ ୫୨୪୮ ରନ୍ ସ୍କୋର କରିବା ସହ ୪୩୪ ଉଇକେଟ ନେଇଛନ୍ତି। ଅନ୍ୟପକ୍ଷରେ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ରବିଚନ୍ଦ୍ରନ ଅଶ୍ୱିନ ବ୍ୟାଟ ଜରିଆରେ ୩୨୭୧ ରନ୍ ସ୍କୋର କରିଥିବା ବେଳେ ବଲ୍ ଜରିଆରେ ୪୯୯ ଉଇକେଟ ନେଇଛନ୍ତି। ଦିନର ଅନ୍ତିମ ଓଭରରେ ଜେମ୍ସ ଆଣ୍ଡରସନ୍‌ଙ୍କୁ ଚୌକା ମାରିବା ସହ ଟେଷ୍ଟ କ୍ରିକେଟରେ ୩ ହଜାର ରନ୍ ପୂରଣ କରିଥିଲେ। ଜାଡେଜା ୩୦୦୩ ରନ୍ ସ୍କୋର କରିବା ସହ ୨୮୦ ଉଇକେଟ ଅକ୍ତିଆର କରିଛନ୍ତି।

## କ୍ଷମା ମାଗିଲେ ଜାଡେଜା

**ରାଜକୋଟ, ୧୫।୨ (ପି.ଟି.)**

ଇଂଲଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟର ପ୍ରଥମ ଦିବସରେ ସର୍ଫରାଜ ଖାଁଙ୍କ ରନ୍ ଆଉଟ ପାଇଁ ନିଜକୁ ଦାୟୀ କରିଛନ୍ତି ଭାରତୀୟ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା। ଏଥିପାଇଁ ସେ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ କରିଥିବା ଏକ ପୋଷ୍ଟରେ କ୍ଷମା ପ୍ରାର୍ଥନା ମଧ୍ୟ କରିଛନ୍ତି। ମ୍ୟାଚରେ ଜାଡେଜା ଶୀଘ୍ର ଏକ ସିଙ୍ଗଲ ରନ ନେବା ଲାଗି ସର୍ଫରାଜଙ୍କୁ ଡାକିଥିଲେ। ମାତ୍ର ଭୁଲ ବୁଝାମଣା ଯୋଗୁ ନନ୍ ଷ୍ଟ୍ରାଇକର ଏଣ୍ଡରେ ଥିବା ତାଙ୍କ ବ୍ୟାଟିଂ ପାର୍ଟନର ସର୍ଫରାଜ ରନ ଆଉଟ ହୋଇଥିଲେ। ସର୍ଫରାଜ ସେତେବେଳକୁ ୬୬ବଲ୍‌ରୁ ୬୨ ରନ କରିଥିଲେ। ପ୍ରଥମ ଦିବସ ଖେଳ ଶେଷ ବେଳକୁ ଭାରତ ୫ଉଇକେଟରେ ୩୨୬ ରନ କରିଥିବା ବେଳେ ଜାଡେଜା ୨୧୨ ବଲ୍‌ରୁ ୧୧୦ରନ କରି ଅପରାଜିତ ରହିଥିଲେ।

## ସୂର୍ଯ୍ୟକୁମାରଙ୍କ ପାଇଁ ଷ୍ଟାଡିୟମରେ ନୌସାଦ



ସ୍ତ୍ରୀ ରୋମାନା ଓ ପିତା ନୌସାଦ୍‌ଙ୍କ ସହ ସର୍ଫରାଜ ଖାଁ।

**ରାଜକୋଟ,୧୫।୨(ପି.ଟି.)**

ଭାରତ ଓ ଇଂଲଣ୍ଡ ମ୍ୟାଚ୍‌ରେ ସର୍ଫରାଜ ଖାଁ ପଦାର୍ପଣ କରିଥିବା ବେଳେ ଷ୍ଟାଡିୟମରେ ଉପସ୍ଥିତ ଥିଲେ ପିତା ନୌସାଦ୍ ଖାଁ। ତେବେ ଭାରତୀୟ କ୍ରିକେଟର ସୂର୍ଯ୍ୟକୁମାର ଯାଦବଙ୍କ ପାଇଁ ଏହା ସମ୍ଭବ ହୋଇ ପାରିଥିବା କହିଛନ୍ତି ନୌସାଦ। କିମ୍ବଦନ୍ତୀ ଅନୀଲ କୁମ୍ବଲେଙ୍କଠାରୁ ସର୍ଫରାଜ ଟେଷ୍ଟ କ୍ୟାପ୍ ନେଉଥିବା ବେଳେ ପାର୍ଶ୍ୱରେ ଛିଡା ହୋଇଥିବା ନୌସାଦ ଭାବବିହ୍ୱଳ ହୋଇ ଯାଇଥିଲେ। ତେବେ ଆରମ୍ଭରୁ ନୌସାଦଙ୍କର ରାଜକୋଟ ଯିବାର କୌଣସି ଯୋଜନା ନ ଥିଲା। ଏହା ସର୍ଫରାଜଙ୍କ ଉପରେ ଅଧିକ ଚାପ ପକାଇବ ବୋଲି ସେ ଭାବୁଥିଲେ। ତେବେ ସୂର୍ଯ୍ୟକୁମାର ଯାଦବ ତାଙ୍କୁ ମେସେଜ କରିବା ସହ ଷ୍ଟାଡିୟମରେ ଉପସ୍ଥିତ ରହିବାକୁ ଅନୁରୋଧ କରିଥିଲେ। 'ସେ କହିଥିଲେ ନାଗପୁରରେ ମୁଁ ଯେତେବେଳେ ଟେଷ୍ଟ କ୍ୟାପ୍ ପାଇଲି, ମାତା ପିତା ପାଖରେ ଛିଡା ହୋଇଥିଲେ। ଏହା ସେମାନଙ୍କ ପାଇଁ ଓ ମୋ ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ ଥିଲା।' ସମାନ ଭାବରେ ଆପଣ ମଧ୍ୟ ସର୍ଫରାଜ ପାଇଁ ଉପସ୍ଥିତ ରୁହନ୍ତୁ ବୋଲି ସୂର୍ଯ୍ୟ ମେସେଜରେ ଲେଖିଥିଲେ। ଏହାପରେ ନୌସାଦ ଷ୍ଟାଡିୟମରେ ଉପସ୍ଥିତ ରହିଥିଲେ। ଟେଷ୍ଟ କ୍ୟାପ ମିଳିବା ପରେ ପିତା ପୁତ୍ର ଯୋଡି ଭାବବିହ୍ୱଳ ହୋଇ ପଡିଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ